76th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
# The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୧୪ ● କଟକ ● ମଙ୍ଗଳବାର ● ୨୧ ମାର୍ଚ୍ଚ-୨୦୨୩ ● ତୁଳା ୧୫ ● ସାଲ୍ ୧୪୩୦
CUTTACK ● TUESDAY ● 21 MARCH-2023 ● RNI Regd.No.4001/57
ମୂଲ୍ୟ : ₹୫ ଟଙ୍କା

## ୧୪ ଦିନିଆ ବିଚାର ବିଭାଗୀୟ ହେପାଜତକୁ ଗଲେ ସିସୋଦିଆ

ନୂଆଦିଲ୍ଲୀ : ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ରୌଜ୍ ଏଭିନ୍ୟୁ କୋର୍ଟ ସିବିଆଇ ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଏଏପି ନେତା ମନୀଷ ସିସୋଦିଆଙ୍କ ନ୍ୟାୟିକ ହେପାଜତକୁ ୧୪ ଦିନ ବୃଦ୍ଧି କରିଛନ୍ତି। ବର୍ତ୍ତମାନ ସେ ଏପ୍ରିଲ ୩ ପର୍ଯ୍ୟନ୍ତ ନ୍ୟାୟିକ ହେପାଜତରେ ରହିବେ।



ମନୀଷ ସିସୋଦିଆ ବର୍ତ୍ତମାନ ଇଡିଙ୍କ ହେପାଜତରେ ଅଛନ୍ତି ଏବଂ ଭିଡିଓ କନଫରେନ୍ସିଂ ମାଧ୍ୟମରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଅବକାରୀ ଦୁର୍ନୀତି ମାମଲାରେ ଆଜି ସିସୋଦିଆଙ୍କ ନ୍ୟାୟିକ ହେପାଜତ ଅବଧି ଶେଷ ହୋଇଥିବା ବେଳେ ତାଙ୍କୁ ରାଉସ୍ ଆଭେନ୍ୟୁ କୋର୍ଟରେ ହାଜର କରିଥିଲା ସିବିଆଇ। ହାଜର କରି ତଦନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଅଛି ବୋଲି କହି ସିବିଆଇ ଆହୁରି ୧୪ଦିନ ପାଇଁ ସିସୋଦିଆଙ୍କୁ ହେପାଜତକୁ ନେବା ପାଇଁ କୋର୍ଟରୁ ଅନୁମତି ମାଗିଥିଲା। ଏବେ କୋର୍ଟ ସିବିଆଇକୁ ଏପ୍ରିଲ ୩ପର୍ଯ୍ୟନ୍ତ ସିସୋଦିଆଙ୍କୁ ହେପାଜତକୁ ନେବା ପାଇଁ ଅନୁମତି ଦେଇଛନ୍ତି। ଏହା ସହ ଏପ୍ରିଲ ୩ରେ ଭର୍ଚୁଆଲି ହାଜର ହେବାକୁ ଚାହୁଁଥିଲେ ଏଥିପାଇଁ ଆବେଦନ କରିବାକୁ କୋର୍ଟ ସିସୋଦିଆଙ୍କୁ କହିଛନ୍ତି।

# ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ହଟ୍ଟଗୋଳ

ଭୁବନେଶ୍ୱର(ପିପିଏସ୍): ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ ହେବା ପ୍ରସଙ୍ଗକୁ ନେଇ ଆଜି ବିଧାନସଭାରେ ବିରୋଧୀ ଦଳର ବିଧାୟକ ମାନେ ହଟ୍ଟଗୋଳ କରିବା କାରଣରୁ ପ୍ରଥମାର୍ଦ୍ଧ ବୈଠକରେ କୌଣସି କାମ ହୋଇ ପାରି ନାହିଁ । ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ସ୍ଥଗିତ ରଖିଛନ୍ତି । ଏହି କାରଣରୁ ଆଜି ଗୃହରେ ପ୍ରଶ୍ନୋତର କାର୍ଯ୍ୟକ୍ରମ, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ଆଦି କାର୍ଯ୍ୟକ୍ରମ ହୋଇ ପାରି ନାହିଁ ।

ସୋମବାର ସକାଳେ ଶୋକ ପ୍ରସ୍ତାବ ପାରିତ ହେବା ପରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ପ୍ରଶ୍ନୋତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ହେଲେ ବିରୋଧୀ ବିଜେପି ଓ କଂଗ୍ରେସର ବିଧାୟକ ମାନେ ମେଟ୍ରିକ ପରୀକ୍ଷାରେ ପ୍ରଶ୍ନ ପତ୍ର ଲିକ ହେବା ପ୍ରସଙ୍ଗ ଉଠାଇଥିଲେ । ସେମାନେ ଏହି ପ୍ରସଙ୍ଗରେ ଗୃହର



ମଧ୍ୟ ଭାଗକୁ ଆସି ହଟ୍ଟଗୋଳ କରିଥିଲେ । ଏହି ପ୍ରସଙ୍ଗରେ ସେମାନେ ରାଜ୍ୟ ସରକାର ଓ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀଙ୍କ ବିରୁଦ୍ଧରେ ନାରାବାଜୀ କରିଥିଲେ । ବାଚସ୍ପତି ବିକ୍ରମ କେଶରୀ ଆରୁଖ ବିରୋଧୀ ଦଳର ବିଧାୟକ ମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ତେବେ ଏହାର ପ୍ରଭାବ ବିରୋଧୀ ଦଳର ବିଧାୟକ ମାନଙ୍କ ଉପରେ ପଡି ନ ଥିଲା । ସେମାନେ ହଟ୍ଟଗୋଳ ଜାରୀ ରଖିଥିଲେ । ଏହା ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

### ପ୍ରତ୍ୟେକ ଦିନ ପ୍ରଶ୍ନପତ୍ର ଲିକ୍ ହୋଇଛି – କଂଗ୍ରେସ

ଭୁବନେଶ୍ୱର: ରାଜ୍ୟରେ ମାଟ୍ରିକ ପରୀକ୍ଷାରେ ପ୍ରତ୍ୟେକ ଦିନ ପ୍ରଶ୍ନ ପତ୍ର ଲିକ ହେଉଛି ବୋଲି ଅଭିଯୋଗ କରିଛି କଂଗ୍ରେସ । ଏହି ମାମଲାରେ ଗୃହରେ ହଟ୍ଟଗୋଳ ପରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଗୃହ ବାହାରେ ସାମ୍ବାଦିକ ମାନଙ୍କୁ ଏହା କହିଛନ୍ତି . ସେ କହିଛନ୍ତି ଯେ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ରାଜ୍ୟ ସରକାର ଖେଳୁଛନ୍ତି । ଘରୋଇ ଓ ବିଜେଡି ନେତାଙ୍କ ଦ୍ୱାରା ପରିଚାଳିତ ସ୍କୁଲ ପାଇଁ ହେଉଛି । ସେ କହିଛନ୍ତି ଯେ ରାଜ୍ୟ ସାରା ରାକେଟ୍ ଚାଲିଛି । ଏନେଇ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ସେ ଦାବି କରିଛନ୍ତି ।

### ଲିକ୍ ନୁହେଁ, କେବଳ ମୁଦ୍ରଣଜନିତ ତ୍ରୁଟି -ମନ୍ତ୍ରୀ

ଭୁବନେଶ୍ୱର: ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ବିରୋଧୀ ଦଳ ପକ୍ଷରୁ କରାଯାଇଥିବା ଅଭିଯୋଗକୁ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଖଣ୍ଡନ କରିଛନ୍ତି ।

ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତରରେ ଶ୍ରୀ ଦାଶ କହିଛନ୍ତି ଯେ ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇନି । ମୁଦ୍ରଣଜନିତ ତ୍ରୁଟି ଥିଲା ବୋଲି ଗତକାଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କାରଯାଇଥିଲା । ଏଥିପାଇଁ ଛାତ୍ରଛାତ୍ରୀ କି ଅଭିଭାବକ ବ୍ୟସ୍ତ ହେବା ଦରକାର ନାହିଁ । ମାର୍କିଂ ସମୟରେ ପିଲାମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯିବ । ଆଜି ମାଟ୍ରିକ ପରୀକ୍ଷାର ଶେଷ ଦିନ ଥିଲା । ତେବେ ସକାଳୁ ପୁରୀରେ ପ୍ରଶ୍ନପତ୍ର ଲିକ୍ ନେଇ ବିରୋଧୀଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ମନ୍ତ୍ରୀ କହିଛନ୍ତି ।

# ସହଜରେ ଖସିଯିବ ଗୋପାଳ !

## ନବଦାସ ହତ୍ୟାକାଣ୍ଡ ସସ୍‌ପେନ୍ସ ବଢ଼ିଲା

ଭୁବନେଶ୍ୱର (ପିପିଏସ୍): ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ହତ୍ୟାର ୫୨ଦିନ ପରେ ବି ତଦନ୍ତକୁ ନେଇ ନିରବ ଥିବା କ୍ରାଇମବ୍ରାଂଚ ପାଇଁ ଅଭିଯୁକ୍ତ ପୁଲିସ ଏଏସଆଇକୁ ଦୋଷୀ ସାବ୍ୟସ୍ତ କରିବା ସହଜ ହେବନାହିଁ ବୋଲି ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡୁଛି । କୋର୍ଟରେ ଗୋପାଳ ବିରୁଦ୍ଧରେ ବଳିଷ୍ଠ ତଥ୍ୟପ୍ରମାଣ ଦାଖଲ କରିବାରେ କ୍ରାଇମବ୍ରାଂଚ ସକ୍ଷମ ହେବନି ଓ ଏହାର ସୁଯୋଗ ନେଇ ଗୋପାଳ ନିଜର ପୂର୍ବ ଚିକିତ୍ସା ରିପୋର୍ଟ ଆଧାରରେ ନିଜକୁ ମାନସିକ ରୋଗୀ ବୋଲି ପ୍ରମାଣିତ କରାଇ ସହଜରେ ଦୋଷମୁକ୍ତ ହୋଇଯିବାର ସମ୍ଭାବନା ଅଧିକ । ଆଜି ବିଧାନସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଯେଉଁ ଲିଖିତ ଉତ୍ତର ଦେଇଛନ୍ତି ସେଥିରୁ ଏହା ସ୍ପଷ୍ଟ ହୋଇଛି । ନବ ଦାସ ହତ୍ୟା ପଛର ରହସ୍ୟ ଓ ଷଡ଼ଯନ୍ତ୍ରକୁ ଉନ୍ମୋଚନ କରିବାରେ କ୍ରାଇମବ୍ରାଂଚ ଏପର୍ଯ୍ୟନ୍ତ ସଫଳ ହୋଇନଥିବାବେଳେ ଗୋପାଳକୁ ପାଗଳ ଦର୍ଶାଇବା ନେଇ



ରାଜ୍ୟ ସରକାର ଯୋଜନା କରୁଥିବା ନେଇ ବିରୋଧୀ ଦଳର ଆଶଙ୍କା ବି ସତ ପ୍ରମାଣିତ ହେବାକୁ ବସିଛି । ୨୦୧୪ ଫେବୃୟାରୀରୁ ୨୦୧୫ ଜୁନ୍ ମଧ୍ୟରେ ଗୋପାଳ ୧୭୯ଦିନ ଅନଧିକୃତ ଛୁଟି ଓ ୨୮ଦିନ ଅଧିକୃତ ଛୁଟିରେ ରହିଥିଲା । ଆଉ ଗୋପାଳର ଏହି ଅନଧିକୃତ ଛୁଟି ହିଁ ତାକୁ ନବ ଦାସ ହତ୍ୟା ମାମଲାରୁ ଖସାଇବାରେ ସହାୟକ ହେବ ବୋଲି ଜଣାପଡ଼ିଛି । ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ୨୦୧୪ ଫେବୃୟାରୀ ୩ରୁ ଏପ୍ରିଲ ୩ ଏବଂ ୨୦୧୫ ଫେବୃୟାରୀ ୨୦ରୁ ଜୁନ୍ ୨୮ତାରିଖ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଗୋପାଳ ନିଜର ମାନସିକ ରୋଗ (ବାଇପୋଲାର ଇଫେକ୍ଟିଭ ଡିସଅର୍ଡର) ପାଇଁ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡିକାଲ କଲେଜର ମାନସିକ ରୋଗ ବିଶେଷଜ୍ଞଙ୍କ ପାଖରେ ଚିକିତ୍ସିତ ହେଉଥିବାର ଡାକ୍ତରୀ କାଗଜପତ୍ର ନିଜର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିଥିବା ନେଇ ଝାରସୁଗୁଡ଼ା ପୁଲିସ ଏସପି ସୂଚନା ଦେଇଛନ୍ତି । ଏହି ଦୁଇଟି ପର୍ଯ୍ୟାୟରେ ବର୍ଷକ ମଧ୍ୟରେ ଗୋପାଳ ମୋଟ ୧୭୯ଦିନ(ପ୍ରାୟ ୬ମାସ) କାହାକୁ କିଛି ନଜଣାଇ ଅନଧିକୃତ ଛୁଟିରେ ରହିଥିଲା । କେବଳ ସେତିକି ନୁହେଁ ବିଭିନ୍ନ କାରଣ ଦର୍ଶାଇ ଗୋପାଳ ୨୦୧୪ ମସିହାରେ ୧୯ଦିନ ଓ ୨୦୧୫ ମସିହାରେ ୨୨ଦିନ ଅଧିକୃତ ଛୁଟି ନେଇଥିଲା ।

# ସରିଲା ମାଟ୍ରିକ ପରୀକ୍ଷା, ଏପ୍ରିଲ୍ ୩ରୁ ଖାତା ମୂଲ୍ୟାୟନ

କଟକ:ସୋମବାର ଦିନ ରାଜ୍ୟରେ ମାଟ୍ରିକ ପରୀକ୍ଷା ଶେଷ ହୋଇଛି । ଏପ୍ରିଲ୍ ୩ ତାରିଖରୁ ମାଟ୍ରିକ ଖାତା ମୂଲ୍ୟାୟନ ଆରମ୍ଭ ହେବ । ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ ଅଫ ଓଡିଶା ପକ୍ଷରୁ ଏହି ସୂଚନା ଦିଆଯାଇଛି। ବୋର୍ଡ ସଭାପତି ରାମାଶିଷ ହାଜରାଙ୍କ ସୂଚନା ଦେଇ କହିଛନ୍ତି ଯେ ୫୬ଟି ମୂଲ୍ୟାୟନ କେନ୍ଦ୍ରରେ ମାଟ୍ରିକ ଖାତା ମୂଲ୍ୟାୟନ କରାଯିବ। ପରୀକ୍ଷା କେନ୍ଦ୍ରରୁ ମୂଲ୍ୟାୟନ କେନ୍ଦ୍ରକୁ ଖାତାଗୁଡ଼ିକ ସୁରକ୍ଷାରେ ଯିବ। ଆସନ୍ତା ୪୫ ଦିନ ମଧ୍ୟରେ ସଂପୂର୍ଣ୍ଣ ମୂଲ୍ୟାୟନ ପ୍ରକ୍ରିୟା ଶେଷ ହୋଇ ପରୀକ୍ଷା



ଫଳ ପ୍ରକାଶ ପାଇବ। ସୂଚନାଯୋଗ୍ୟ, ୧୦ ତାରିଖରୁ ରାଜ୍ୟରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ପରୀକ୍ଷାର୍ଥୀମାନେ ମାତୃଭାଷା ପରୀକ୍ଷା ଦେଇଥିଲେ। ଆଜି ଶେଷଦିନରେ ଗଣିତ ପରୀକ୍ଷା ଥିଲା। ରାଜ୍ୟର ମୋଟ ୩୨୧୮ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା କରାଯାଇଥିଲା।

# ନବ ଦାସ ହତ୍ୟା ମାମଲାରେ ସୁଶାନ୍ତ ସିଂଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ: କଂଗ୍ରେସ

ଭୁବନେଶ୍ୱର: ବହୁ ଚର୍ଚ୍ଚିତ ନବ ଦାସ ହତ୍ୟା ପ୍ରସଙ୍ଗରେ ଭଟଲି ବିଧାୟକ ସୁଶାନ୍ତ ସିଂହଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରିଛି ଛାତ୍ର କଂଗ୍ରେସ ।ଏହା ଆଗରୁ ବିଧାୟକ ସୁଶାନ୍ତ ସିଂହଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନ ଘେରିଥିଲା ଛାତ୍ର କଂଗ୍ରେସ ।ଏନେଇ ବିଧାନସଭା ସମ୍ମୁଖରେ ଛାତ୍ର କଂଗ୍ରେସର ବିକ୍ଷୋଭ ବେଳେ ପୁଲିସ- ଛାତ୍ର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି । ବିଧାନସଭା ଘେରାଉ ପାଇଁ ଯିବା ବେଳେ ପୁଲିସ ସହ କିଛି ଛାତ୍ର କଂଗ୍ରେସ କର୍ମୀ ଧସ୍ତାଧସ୍ତି ହୋଇଥିଲା ।ନବ ଦାସ ହତ୍ୟା ମାମଲାରେ ସୁଶାନ୍ତଙ୍କୁ ତଦନ୍ତ ପରିସରଭୁକ୍ତ ଦାବି କରିବା ସହ ସୁଶାନ୍ତଙ୍କ ଘର ଉପରକୁ ଟମାଟୋ ମାଡ଼ କରିଥିଲେ ଛାତ୍ର କଂଗ୍ରେସର ସଦସ୍ୟ ।ନବ ଦାସଙ୍କୁ ବିଚ୍ ? ରାସ୍ତାରେ ଗୁଳି କରି ହତ୍ୟା କରାଯାଇଥିବା ବେଳେ ପୁଲିସ୍ ? କେବଳ ଗୋପାଳ ଦାସଙ୍କୁ ଗିରଫ କରି ବସି ରହିଛି। ପୁଲିସ୍ ଏହା ପଛର କାରଣ ଜାଣିବାକୁ ତତ୍ପରତା ପ୍ରକାଶ କରୁନି ବୋଲି କହିଛି ଛାତ୍ର କଂଗ୍ରେସ ।ଉଭୟ ନବ ଦାସ ଓ ସୁଶାନ୍ତ ସିଂ ପଶ୍ଚିମ ଓଡ଼ିଶାର ବାହୁବଳୀ ନେତା। ଉଭୟଙ୍କ ମଧ୍ୟରେ ବ୍ୟବସାୟିକ ଶତ୍ରୁତା ଥିଲା। ଏହାକୁ ନେଇ ବିଧାନସଭାରେ ପ୍ରଶ୍ନ ଉଠି ସାରିଥିବା ବେଳେ ଗଣମାଧ୍ୟମରେ ବି ଚର୍ଚ୍ଚା ହେଉଛି। ଏହା ସତ୍ତ୍ୱେ ପୁଲିସ୍ ? କାହିଁକି ସୁଶାନ୍ତ ସିଂଙ୍କୁ ତଦନ୍ତ ପରିସରଭୁକ୍ତ କରୁନି ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ସୁଶାନ୍ତଙ୍କ ମୋବାଇଲ ଜବତ କରି ତଦନ୍ତ କରିବାକୁ ଦାବି କରିଛି ଛାତ୍ର କଂଗ୍ରେସ ।ଆଜି ଛାତ୍ର କଂଗ୍ରେସ କର୍ମୀମାନେ ସୁଶାନ୍ତଙ୍କ ବାସଭବନ ଘେରାଉ କରିବା ସହିତ ଅଣ୍ଡା ଓ ଟମାଟୋ ମାଡ଼ କରିଥିଲେ। ସେମାନେ ସୁଶାନ୍ତଙ୍କ ବାସଭବନକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ତେବେ ଉପସ୍ଥିତ ପୁଲିସ୍ କର୍ମଚାରୀମାନେ ସେମାନଙ୍କୁ ବାଧା ଦେଇଥିଲେ। ଫଳରେ ମୁହାଁମୁହିଁ ସ୍ଥିତି ଉତ୍ପନ୍ନ ହୋଇ ?ଥିଲା। ପରେ କଂଗ୍ରେସ କର୍ମୀଙ୍କୁ ପୁଲିସ୍ ଗାଡ଼ିରେ ଭର୍ତ୍ତି କରି ସେଠାରୁ ନେଇ ଯାଇଥିଲା।

## ୩ ଶକ୍ତିପୀଠର ହେବ ନବକଳେବର

ଭୁବନେଶ୍ୱର (ପିପିଏସ୍): ରାଜ୍ୟର ୩ ପ୍ରମୁଖ ଶକ୍ତି ପୀଠର ନବକଳେବର ହେବ । କାକଟପୁରର ମା' ମଙ୍ଗଳା, ଭୂଷଣ୍ଡପୁରର ମା' ଉଗ୍ରତାରା ଓ ବାଣପୁରର ମା' ଭଗବତୀ ପୀଠର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ପ୍ରସ୍ତୁତ ମାଷ୍ଟର ପ୍ଲାନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି । ପୂର୍ତ୍ତ ବିଭାଗର ପର୍ଯ୍ୟଟନ ସ୍ଥଳ ଓ ଐତିହ କିର୍ତ୍ତିରାଜୀର ସମ୍ବନିତ ବିକାଶ ଯୋଜନାରେ ଏହାକୁ ସାମିଲ କରାଯାଇଛି । ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) ଉପରେ ଏହି ବିକାଶ ଦାୟିତ୍ୱ ନ୍ୟସ୍ତ କରାଯାଇଥିବାବେଳେ ୫ଟି ଉପକ୍ରମରେ ଏହି ଯୋଜନା କାର୍ଯ୍ୟକାରୀ ହେବ । ଓଡିଶା ସେତୁ ନିର୍ମାଣ ନିଗମ ଦ୍ୱାରା ୧୮ ମାସ ମଧ୍ୟରେ କାମ ଶେଷ କରାଯିବ ।

## ନିଃଶୁଳ୍କ ରୋଗ ନିରୂପଣ ପରୀକ୍ଷା ପରିସର ୨୨୧ କୁ ବୃଦ୍ଧି

ଭୁବନେଶ୍ୱର: ରାଜ୍ୟ ସରକାର ଜିଲ୍ଲାସ୍ତରରେ ମିଳୁଥିବା ନିଶୁଳ୍କ ରୋଗ ନିରୂପଣ ପରୀକ୍ଷା ପରିସର ୧୪୬ କୁ ବୃଦ୍ଧି କରିଛନ୍ତି। ମେଡ଼ିକାଲ କଲେଜ ଓ ହସ୍ପିଟାଲ ସ୍ତରରେ ୨୨୧ ପ୍ରକାର ଟେଷ୍ଟର ସୁବିଧା ମିଳିବ । ସ୍ୱାସ୍ଥ୍ୟ ସବ୍-ସେଂଟର୍ ଠାରୁ ଆରମ୍ଭ କରି ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ପର୍ଯ୍ୟନ୍ତ ସ୍ତରଓ୍ୱାରୀ ତାଲିକା ଅନୁସାରେ ଏହି ସବୁ ପରୀକ୍ଷା ସୁବିଧା ମିଳିପାରିବ । ନିଦାନ ଯୋଜନାରେ ଏହି ସବୁ ସୁବିଧା ମିଳିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଅର୍ଥ ବିଭାଗ ମନ୍ତ୍ରୀ ନିରଞ୍ଜନ ପୁଜାରୀ କହିଛନ୍ତି । ମେଡ଼ିକାଲ କଲେଜ ଓ ହସ୍ପିଟାଲ ସ୍ତରରେ ୨୨୧ ପ୍ରକାର ପରୀକ୍ଷା ସୁବିଧା ମିଳିବ ।

## ଅତାବିରା ଏନଏସି ନିର୍ବାଚନ : ମିଥ୍ୟା ଜାତି ପ୍ରମାଣ ପତ୍ର ଦେଇଛନ୍ତି ବିଜେଡି ପ୍ରାର୍ଥୀ

ଭୁବନେଶ୍ୱର: ଅତାବିରା ଏନ୍ଏସି ନିର୍ବାଚନରେ ଓ୍ୱାର୍ଡ ନଂ ୫ରୁ ବିଜୁ ଜନତା ଦଳର ପ୍ରାର୍ଥୀ ରାଜୀବ କହର ମିଥ୍ୟା ଜାତିଗତ(ଅନୁସୂଚିତ ଜାତି) ପ୍ରମାଣ ପତ୍ର ଦେଇ ମନୋନୟନ ପତ୍ର ଦାଖଲ କରିଛନ୍ତି। ଯାହାକୁ କି ପ୍ରତିପକ୍ଷ ପ୍ରାର୍ଥୀ ଶକ୍ତିଦେବ ସାହୁ ପ୍ରାର୍ଥପତ୍ର ଯାଂଚ ସମୟରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଆପତି ଅଭିଯୋଗ କରିଥିଲେ, କିନ୍ତୁ ନିର୍ବାଚନ ଅଧିକାରୀ ତାହାକୁ ବିଚାରକୁ ନନେଇ ରାଜୀବଙ୍କ ପ୍ରାର୍ଥୀପତ୍ରକୁ କାୟମ ରଖିଛନ୍ତି। ଏହା ନିର୍ବାଚନ ଆଇନର ବିରୁଦ୍ଧାଚରଣ କରୁଛି ବୋଲି ବିଜେପି ଅଭିଯୋଗ କରିଛି। ଏ ମର୍ମରେ ଆଜି ରାଜ୍ୟ ନିର୍ବାଚନ କମିଶନଙ୍କୁ ବିଜେପି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏଥିରୁ ପ୍ରତିୟମାନ ହେଉଛି ଯେ, ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀମାନେ ଶାସକ ଦଳର ହାତବାରିସ ହୋଇ କାର୍ଯ୍ୟ କରୁଛନ୍ତି ଯାହା ଗଣତନ୍ତ୍ର ପ୍ରତି ବିପଦ। ଶାସକ ବିଜୁ ଜନତା ଦଳ ଅନୈତିକ ଉପାୟରେ କ୍ଷମତା ଦଖଲ କରିବା ପାଇଁ ପ୍ରଶାସକ ଓ ସରକାରୀ ଅଧିକାରୀଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରୁଛି। ଯେଉଁଥିରେ ଅବାଧ, ମୁକ୍ତ ଓ ନୀରପେକ୍ଷ ନିର୍ବାଚନ ହେବା ନେଇ ସନ୍ଦେହ ପ୍ରକାଶ ପାଉଛି ବୋଲି ଶ୍ରୀ ମହାପାତ୍ର ନିର୍ବାଚନ କମିଶନଙ୍କୁ ଅଭିଯୋଗ କରିଛନ୍ତି।

## ପୂରଣ ହେବ ୨୦୬୪ ଶିକ୍ଷକ ପଦବୀ

ଭୁବନେଶ୍ୱର(ପିପିଏସ୍): ପୂର୍ଣ୍ଣ ଅନୁଦାନପ୍ରାପ୍ତ ୬୯୧ଟି ଉଚ୍ଚ ବିଦ୍ୟାଳୟମାନଙ୍କରେ ଖାଲିଥିବା ୨୦୬୪ ଜଣ ଶିକ୍ଷକଙ୍କୁ ନିଯୁକ୍ତି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱଥୀ ଏସ୍.ଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ପ୍ରବରଣ ଆୟୋଗ (ଏସଏସବି)ର ଅଧକ୍ଷ ପ୍ରଫେସର ଦକ୍ଷପ୍ରସାଦ ନନ୍ଦ ଏବଂ ସଂପାଦକ ମଧୁସୂଦନ ମିଶ୍ର, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଏହି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ପ୍ରବରଣ ଆୟୋଗ ତରଫରୁ ଖୁବ୍ ଶୀଘ୍ର ବିଜ୍ଞାପନ ପ୍ରକାଶ ପାଇବ ।

## ରାଜ୍ୟରେ ଆତଙ୍କିତ ହେବା ଭଳି କୋଭିଡ ସ୍ଥିତି ନାହିଁ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର (ପିପିଏସ୍): ରାଜ୍ୟରେ କୋଭିଡ ସ୍ଥିତି ସଂପର୍କରେ ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର। ସେ କହିଛନ୍ତିରବିବାର ରାଜ୍ୟରେ ୧୦ଜଣ କୋଭିଡ ରୋଗୀ ଚିହ୍ନଟ ହୋଇଛନ୍ତି। ଏବେ ଦୈନିକ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ୧୨ରୁ ତଳେ ରହିଛି । ରାଜ୍ୟରେ ମୋଟ ସକ୍ରିୟ ରୋଗୀ ସଂଖ୍ୟା ୫୩ ରହିଛି। ଏଣେ ଓଡ଼ିଶାରେ ଜଣେ କୋଭିଡ ରୋଗୀ ହସ୍ପିଟାଲରେ ଆଡମିସନ ହୋଇଛନ୍ତି ।ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଆହୁରି କହିଛନ୍ତି, ଗତ କିଛି ଦିନ ହେବ ଦେଶର ବିଭିନ୍ନ ରାଜ୍ୟରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଘଟିଛି। କେରଳ, ମହାରାଷ୍ଟ୍ର, ତାମିଲନାଡୁ ଓ ରାଜ୍ୟସ୍ଥାନରେ ମଧ୍ୟ କିଛି ପଜିଟିଭ କେସ ସାମ୍ନାକୁ ଆସିଛି। ସାରା ଦେଶରେ ୬ ହଜାର ୩୦୦ ଆକ୍ଟିଭ କେସ ରହିଛି। ଏବେ ଆତଙ୍କିତ ହେଲା ଭଳି ସ୍ଥିତି ନାହିଁ। ସମସ୍ତ ଜିଲ୍ଲାକୁ ଚିଠି ମାଧ୍ୟମରେ ସଜାଗ କରାଯାଇଛି। ଅଧିକ ଥଣ୍ଡା, କାଶ ଓ ଜ୍ୱର ରୋଗୀମାନଙ୍କର କୋଭିଡ ପରୀକ୍ଷା କରିବାକୁ ମଧ୍ୟ ଜିଲ୍ଲା ଅଧିକାରୀମାନଙ୍କୁ କୁହାଯାଇଛି।

## ଜାଳେଣି କାଠ ପାଇଁ ଯାଇଥିଲେ ବୃଦ୍ଧା ଟାଣି ନେଇ ଖାଇଗଲା ମହାବଳ

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ ଅଧୀନ କୋମନା ଥାନା ଜଳମଡେଇ ଗାଁରେ ଜଣେ ବୃଦ୍ଧାଙ୍କୁ ଘର ପଛପଟୁ ମହାବଳ ବାଘ ଘରୁ ଟାଣି ନେଇ ଖାଇ ଯାଇଥିବା ସୂଚନା ମିଳିଛି। ବୃଦ୍ଧାଙ୍କ ନାଁ ସାନମତି ବାରିକ(୬୫) ବୋଲି ଜଣା ପଡ଼ିଛି। ସୂଚନା ଅନୁଯାୟୀ, ଗତକାଲି ସନ୍ଧ୍ୟାରେ ଜଳମଡେଇ ଗାଁର ସାନମତି ଘର ପଛପଟ ବାରିକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ। ଏହି ସମୟରେ ଏକ ମହାବଳ ବାଘ ଆସି ବୃଦ୍ଧାଙ୍କୁ ଟାଣି ନେଇ ଖାଇ ଯାଇଥିଲା। ବିଳମ୍ବ ରାତି ପର୍ଯ୍ୟନ୍ତ ସେ ଘରକୁ ଫେରିନଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ବି କୌଣସି ପତ୍ତା ମିଳିନଥିଲା।

ସୋମବାର ସକାଳୁ ଜଙ୍ଗଲ ଭିତରେ ବୃଦ୍ଧାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିଥିବାର ଦେଖିବାକୁ ପାଇଥିଲେ ସ୍ଥାନୀୟ ଲୋକେ। ବୃଦ୍ଧାଙ୍କର ରକ୍ତକୁ ଶୋଷି ଦେବା ସହ ଅଧା ଶରୀରକୁ ବାଘ ଖାଇ ଯାଇଛି। ଏହା ମହାବଳ ବାଘର କାମ ହୋଇଥିବା ଅନୁମାନ କରୁଛୁ ବୋଲି ସୁନାବେଡ଼ା ବନ୍ୟା ପ୍ରାଣୀ ବିଭାଗ ରେଞ୍ଜର ଶିବ ପ୍ରସାଦ ଖମାରୀ ସୂଚନା ଦେଇଛନ୍ତି।

### ସମ୍ପାଦକୀୟ

ଯୁଦ୍ଧରେ ଆହତ ବିଜ୍ଞାନ

### ବାଟେଘାଟେ



କଟକର ବଡ଼ ମେଡ଼ିକାଲ ଏବେ
ହେଲାଣି ଶୁଖୁଆ ହାଟ
ରୋଗୀ ବିଚରାଟି କୁଆଡ଼କୁ ଯିବ
ଖୋଜି ପାଉ ନାହିଁ ବାଟ
ଦଲାଲ କରନ୍ତି ନାଟ
ବାରଟା ପରେ ଡାକ୍ତରମାନଙ୍କ
ମିଳେ ନାହିଁ ଆଉ ଭେଟ
ନର୍ସିଂହୋମକୁ ରୋଗୀ ବୁହା କାମ
ଚାଲେ ଏଠି ଫଟା ଫଟ
କିଏ କରିବ ଆକଟ
ନିରୀହ ରୋଗୀ ଏ ବାରଣ୍ଡାରେ ପଡ଼ି
ହେଉଛନ୍ତି ଛଟପଟ ।

-ରାହୀ

# ଜଗଦୀଶ ମୃତ୍ୟୁ ପାଇଁ ପ୍ରଶାସନ ଦାୟୀ : ବିଜେପି

ଭୁବନେଶ୍ୱର(ପିପିଏସ୍): ନୂଆପଡାରେ ତହସିଲ ଅଫିସ୍ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବା ଘଟଣାରେ ପ୍ରତିକ୍ରିୟା ରଖିଛି ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା। ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡ.ବିଭୁପ୍ରସାଦ ତରାଇ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନୂଆପଡା ଜିଲ୍ଲା କଲ୍ୟାଣପୁର ଗସ୍ତ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିଥିଲା । ସ୍ୱର୍ଗତଃ ଜଗଦିଶ୍ ଚୌହ୍ୱାନ ନିଜର ପୈତୃକ ସମ୍ପତି ୧୬ ଡିସିମିଲ ଜମି ବିକ୍ରି କରିବା ପାଇଁ ସବ୍‌କଲେକ୍ଟରଙ୍କ ଦ୍ୱାରସ୍ଥ ହୋଇଥିଲେ। ସ୍ଥାନୀୟ ତହସିଲଦାରଙ୍କ ରିପୋର୍ଟ ଆଧାରରେ ସବକଲେକ୍ଟର ଅନୁମତି ପ୍ରଦାନ କରିବେ ବୋଲି ତାଙ୍କୁ କହିଥିଲେ। ଦୀର୍ଘ ୧୫ମାସ ବିତିଥିଲେ ମଧ୍ୟ ତହସିଲଦାର ରିପୋର୍ଟ ପୈଠ କଲେ ନାହିଁ କି ସବକଲେକ୍ଟର ମଧ୍ୟ କୌଣସି ଅନୁମତି ଦେଲେ ନାହିଁ । ଜଗଦିଶ୍ ଓ ତାଙ୍କ ବୃଦ୍ଧା ମାଁ ତହସିଲ କାର୍ଯ୍ୟାଳୟ ବାରମ୍ବାର ଯାଇ ତହସିଲଦାରଙ୍କୁ କହିବା ସତ୍ୱେ କୌଣସି ସୁଫଳ ମିଳିଲା ନାହିଁ, ବରଂ ମାନସିକ ଯନ୍ତ୍ରଣା ଦେଇଚାଲିଲେ । ପ୍ରଶାସନ ନିକଟରୁ ନିରାଶ ହୋଇ ଶେଷରେ ଜଗଦୀଶ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ । ବୁର୍ଲା ସ୍ଥାନାନ୍ତରିତ ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହା କୌଣସି ମୃତ୍ୟୁ କି ଅପମୃତ୍ୟୁ ନୁହେଁ ବରଂ ହତ୍ୟା । ଏଥିପାଇଁ ସଂପୂର୍ଣ୍ଣ ଭାବେ ଜିଲ୍ଲା ପ୍ରଶାସନ ଦାୟୀ ବୋଲି ଡ.ତରାଇ କହିଛନ୍ତି। ଦୀର୍ଘ ୨୩ବର୍ଷର ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଚାଲିଥିବା ସରକାର ଓ ପ୍ରଚାର କରୁଥିବା ୫ଟି ସରକାର ଟ୍ରାନ୍ସଫରେନ୍ସିର କଥା କହୁଛନ୍ତି। ପ୍ରକୃତରେ ଓଡ଼ିଶାର ଗଣତାନ୍ତ୍ରିକ ବ୍ୟବସ୍ଥା ସମ୍ପୂର୍ଣ୍ଣଭାବେ ଭୁଷୁଡି ଗଲାପରେ ଅମଲାତନ୍ତ୍ରିକ ଶାସନ ଚାଲିଛି। ଏହି ଅମଲାତନ୍ତ୍ରିକ ବ୍ୟବସ୍ଥାରେ ଆଜି ସରକାରୀ ଅଫିସର ଓ କର୍ମଚାରୀ ସର୍ବତ୍ର ଦୁର୍ନୀତିରେ ବୁଡି ରହୁଛନ୍ତି। ପ୍ରଶାସନିକ ସ୍ତରରେ ଟାଳଟୁଳନୀତି ଅବଲମ୍ବନ କରାଯାଏ ଯାହାର ଉଦାହରଣ ଜଗଦିଶ୍ ବୋଲି ଡ.ତରାଇ କହିଛନ୍ତି। ଓଡ଼ିଶାରେ ଦୁର୍ନୀତି ସର୍ବବ୍ୟାପି ଓ ସର୍ବସ୍ପର୍ଶୀ ହୋଇଛି। ସରକାରୀ ଅଫିସରମାନେ ଅହଂକାରୀ ହେବା ସହ ବିଜୁ ଜନତା ଦଳର ହାତବାରିସ ସାଜିଛନ୍ତି। ଓଡ଼ିଶାର ରାଜ୍ୟ ରାଜନୀତି ଅମଲାତାନ୍ତ୍ରିକ ବ୍ୟବସ୍ଥାରେ ଚାଲିଛି। ଜିଲ୍ଲାପାଳ, ତହସିଲଦାର ଓ ବିଡିଓମାନେ ନେତାଙ୍କୁ ନିୟନ୍ତ୍ରଣରେ ରଖିବା ସହ ଛତ୍ରଛାୟା ତଳେ ରହି ଦୁର୍ନୀତି କରୁଛନ୍ତି। ଓଡ଼ିଶାର ଗରୀବ ଲୋକ ଯଦି ସରକାରୀ ଅଫିସକୁ କିଛି କାର୍ଯ୍ୟରେ ଯାଉଛନ୍ତି ସେମାନଙ୍କ କାମ ମାସ ମାସ ବିତିଯାଉଛି, କିନ୍ତୁ ଧନୀ ଓ ଲାଂଚ ଦେଉଥିବା ବ୍ୟକ୍ତିଙ୍କ କାମ କରୁଛନ୍ତି ସରକାରୀ ଅଫିସର। ଫଳରେ ଗରୀବ, ଦଳୀତ ଓ ଆଦିବାସୀ ଲୋକେ ସରକାରୀ ଅଫିସରରେ ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି। ଓଡ଼ିଶା ସରକାର ଗରିବ, ଦଳୀତ ଓ ଆଦିବାସୀ ବିରୋଧୀ ବୋଲି ଡ. ତରାଇ କହିଛନ୍ତି। ଜଗଦିଶଙ୍କ ମୃତ୍ୟୁ ପାଇଁ ପ୍ରଶାସନ ଏବଂ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ। ତୁରନ୍ତ ନ୍ୟାୟ ପ୍ରଦାନ କରାଯାଇ ଜଗଦିଶ୍ ଚୌହାନଙ୍କ ବିଧବା ପତ୍ନୀ ଓ ଦୁଇଟି ସନ୍ତାନ, ବୁଢ଼ା ବାପ, ମାଁ ବଂଚିବା ପାଇଁ କ୍ଷତିଗ୍ରସ୍ତ ପରିବାରକୁ ୩୦ଲକ୍ଷ କ୍ଷତିପୂରଣ ଦିଆଯାଉ। ପରିବାର ବଂଚିବା ପାଇଁ ଜଗଦିଶ ଚୌହାନଙ୍କ ସ୍ତ୍ରୀକୁ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ସରକାରୀ ଚାକିରୀ ଦିଆଯାଉ ଓ ଦୁଇଟି ପିଲା ପଢ଼ିବା ପାଇଁ ବ୍ୟବସ୍ଥା କରନ୍ତୁ ରାଜ୍ୟ ସରକାର। ରାଜ୍ୟ ସରକାର ଏଥିପ୍ରତି ତୁରନ୍ତ ପଦକ୍ଷେପ ନନେବେ ତାହାଲେ ଭାରତୀୟ ଜନତା ପାର୍ଟି ଆଗାମୀ ଦିନରେ ଗରୀବ ଲୋକଙ୍କ ସ୍ୱାର୍ଥ ରଖିବା ପାଇଁ ଆନ୍ଦୋଳନ କରିବ ବୋଲି ଡ.ତରାଇ କହିଛନ୍ତି।

## ଜିଲ୍ଲାପାଳଙ୍କୁ ଆମ ହସ୍ପିଟାଲ ଯୋଜନାର ଦାୟିତ୍ୱ

ଭୁବନେଶ୍ୱର(ପିପିଏସ୍): ଆମ ହସ୍ପିଟାଲ ଯୋଜନା ଅନ୍ତର୍ଭୁକ୍ତ ହସ୍ପିଟାଲ ଗୁଡିକର ରୂପାନ୍ତରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଆରୋପ କରିଛନ୍ତି। ଏଥିପାଇଁ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ କ୍ଷମତା ସଂପୃକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଫଳରେ ଏଥିପାଇଁ ହେଉଥିବା ବିଳମ୍ବ ଏଡାଯାଇ ପାରିବ ଏବଂ କ୍ଷେତ୍ରସ୍ତରୀୟ ଆବଶ୍ୟକତା ଅନୁସାରେ ପ୍ରକଳ୍ପରେ ଛୋଟ ମୋଟ ପରିବର୍ତନ କରାଯାଇ ପାରିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। ପ୍ରକଳ୍ପର ପ୍ରସ୍ତୁତି, ଏହାର ଅନୁମୋଦନ, କାର୍ଯ୍ୟାୟନ ସଂସ୍ଥା ଚୟନ, କ୍ଷେତ୍ରସ୍ତରୀୟ ଅନୁଧ୍ୟାନ, ଅଗ୍ରଗତି ସମୀକ୍ଷା ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଆଦି କ୍ଷମତା ଜିଲ୍ଲାସ୍ତରୀୟ କମିଟିକୁ ପ୍ରଦାନ କରାଯାଇଛି । ଏ ବିଷୟରେ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ କାର୍ଯ୍ୟାଳୟ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଗଞ୍ଜେଇ ଚାଲାଣ ମାମଲାରେ ପୁଲିସ କନେଷ୍ଟବଳ ଗିରଫ

ମାଲକାନଗିରି: ମାଲକାନଗିରି ଥାନା ଅନ୍ତର୍ଗତ ମାର୍କାପଲୀ ଛକରେ ଗତକାଲି ରାତିରେ ଗଞ୍ଜେଇ ଚାଲାଣ କରୁଥିବା ମାମଲାରେ ପୁଲିସ ଜଣେ କନେଷ୍ଟବଳଙ୍କ ସମେତ ୨ ଜଣ ଅଭିଯୁକ୍ତକୁ ଗିରଫ କରିଛି। ସୂଚନା ଅନୁଯାୟୀ, ଗତକାଲି ରାତିରେ ମାର୍କାପଲୀ ଛକଠାରେ ଗୋଟିଏ ବୋ?ଲେରୋ ଗାଡିରେ ଗଞ୍ଜେଇ ଲୋଡ କରାଯାଉଥିଲା। ଗଞ୍ଜେଇ ବାହାର ରାଜ୍ୟକୁ ଯିବା ପାଇଁ ପ୍ରସ୍ତୁତି କରାଯାଉଥିଲା। ବିଶେଷ ସୁତ୍ରରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲା। ପୁଲିସ ଗାଡିକୁ ଦେଖି ଡ୍ରାଇଭର ବୋଲେରୋ ନେଇ ଚମ୍ପଟ ମାରିଥିବାବେଳେ ୩ରୁ ଅଧିକ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। କିନ୍ତୁ ପୁଲିସ କବଳରେ ମାର୍କାପଲୀ ଗ୍ରାମର ଶରତ ଚନ୍ଦ୍ର ହନ୍ତାଳ ଧରାପଡିଯାଇଥିଲେ। ଘଟଣାସ୍ଥଳରୁ ପୁଲିସ ୨୧ କିଲୋ



ଗଞ୍ଜେଇ ଜବତ କରିଥିଲା। ଏନେଇ ମାଲକାନଗିରି ଥାନାରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାର ତଦନ୍ତ କରି ଶରତକୁ ପଚରାଉଚୁରା କରିଥିବା ବେଳେ ପୁଲିସ କନେଷ୍ଟବଳ ମନୋଜ ମୁଦୁଲି ଏହି ମାମଲାରେ ସମ୍ପୃକ୍ତି ରହିଥିବା ନେଇ ଜାଣିବାକୁ ପାଇଥିଲା। ଏହି ମାମଲାରେ ପୁଲିସ ଶରତ ଚନ୍ଦ୍ର ହନ୍ତାଳ ଓ ମନୋଜ ମୁଦୁଲିକୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି।




## ଥାଇରଏଡରେ ବଢୁଥିବା ଓଜନକୁ କିପରି କରିବେ ନିୟନ୍ତ୍ରଣ ?

ପ୍ରତି ୧୦ ଜଣ ମହିଳାଙ୍କ ମଧ୍ୟରୁ ୬ ଜଣ ହାଇପୋଥାଇରଏଡ୍ ହେତୁ ଓଜନ ବଢୁଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାହା ହ୍ରାସ କରିବା କଷ୍ଟକର କିନ୍ତୁ ଅସମ୍ଭବ ନୁହେଁ । ତେବେ ଚାଲନ୍ତୁ ଜାଣିବା ଥାଇରଏଡରେ କ୍ରମାଗତ ବଢୁଥିବା ଓଜନକୁ ହ୍ରାସ କରିବାର କିଛି ଟିପ୍ସ । ଖାଦ୍ୟ ପ୍ରତି ଧ୍ୟାନ ଦେବା: ଥାଇରଏଡ୍ ରୋଗୀଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଖାଦ୍ୟ-ପାନୀୟ ପ୍ରତି ବିଶେଷ ଧ୍ୟାନ ଦେବା । ତେଲ ଜାତୀୟ ଖାଦ୍ୟ କମ୍ ଖାଇବା । ଥାଇରଏଡ୍ ରୋଗୀଙ୍କ ପାଇଁ ଖାଦ୍ୟ ହଜମ କରିବା ଟିକେ କଷ୍ଟସାଧ୍ୟ, ତେଣୁ ଖାଦ୍ୟ ଖାଇବା ପରେ ହାଲୁକା ଚାଲିବା ଆବଶ୍ୟକ, ଯାହାଦ୍ୱାରା ଖାଇଥିବା ଖାଦ୍ୟ ଶୀଘ୍ର ହଜମ ହୋଇଯିବ । ଗ୍ରୀନ୍ ଟି ପିଇବା: ଯଦି ଆପଣ ଥାଇରଏଡରେ ଗ୍ରୀନ୍ ଟି ବ୍ୟବହାର କରୁଛନ୍ତି, ତେବେ ଏହା ଆପଣଙ୍କ ଓଜନ ହ୍ରାସ କରିବାର ଏକ ଉତ୍କୃଷ୍ଟ ଉପାୟ ହେବ । ଦିନକୁ ୨ ରୁ ୩ ଥର ଗ୍ରୀନ୍ ଟି ପିଅନ୍ତୁ, ଆପଣ ଗ୍ରୀନ୍ ଟି ବଦଳରେ ଲେମ୍ବୁ ଚା ମଧ୍ୟ ପିଇପାରିବେ । ରସୁଣ ଖାଇବା: ସକାଳେ ଖାଲି ପେଟରେ ରସୁଣ ଖାଇବା ଦ୍ୱାରା ଥାଇରଏଡରେ ବୃଦ୍ଧି ହୋଇଥିବା ଓଜନ ମଧ୍ୟ କମିଯାଏ । ଯଦି ଆପଣ ଚାହାଁନ୍ତି, ଆପଣ ରସୁଣ ଭେଜିଟେବଲ୍ ସୁପ୍ ପିଇପାରିବେ । ଭୋଜନ ପୂର୍ବରୁ ଏହି ସୁପ୍ ପିଇବା ଆପଣଙ୍କ ପାଇଁ ବହୁତ ଲାଭଦାୟକ ହେବ । ଚାଲିବା: ଥାଇରଏଡ୍ ରୋଗୀଙ୍କ ପାଇଁ ସକାଳେ, ସନ୍ଧ୍ୟାରେ ଚାଲିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି କାରଣରୁ, ଥାଇରଏଡ୍ ଗ୍ରନ୍ଥି ସଠିକ୍ ଭାବରେ କାମ ନକରିବା ସହିତ ଶରୀରର ହଜିଯାଇଥିବା ଏନର୍ଜି ମିଳେ ଏବଂ ଓଜନ ନିୟନ୍ତ୍ରଣରେ ରହେ । ଆପଣ ଚାଲିବା ସହିତ ଯୋଗ ମଧ୍ୟ କରିପାରିବେ । ଯୋଗ କେବଳ ଆପଣଙ୍କ ଓଜନ ନିୟନ୍ତ୍ରଣ କରିବ ନାହିଁ ବରଂ ଥାଇରଏଡ ସମସ୍ୟାକୁ ମଧ୍ୟ ବଢିବାକୁ ଦେବ ନାହିଁ ।

## ହନି ଚିଲି ପଟାଟୋଜ୍

ଆବଶ୍ୟକ ସାମଗ୍ରୀ: ଆଳୁ, କର୍ଣ୍ଣଫ୍ଲୋ ମଇଦା, କ୍ୟାପ୍ସିକମ, କଟା ପିଆଜ, କଟା ରସୁଣ, ସୋୟା ସସ୍, ଅଦା,ରସୁଣ ପେଷ୍ଟ, ଚିଲି ସସ୍, ଟମାଟୋ ସସ୍, ଭିନେଗାର, ରିଫାଇନ ତେଲ, ଲୁଣ, ମହୁ । ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଆଳୁକୁ ଲମ୍ବା କରି କାଟି ଧୋଇ ଏକ ପାତ୍ରରେ ରଖନ୍ତୁ । ପରେ କର୍ଣ୍ଣଫ୍ଲୋ, ମଇଦା, ଅଦା,ରସୁଣ ପେଷ୍ଟ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଘୋଳ ପ୍ରସ୍ତୁତ କରନ୍ତୁ । ସେଥିରେ କଟା ଆଳୁକୁ ପକାଇ ତେଲରେ ଛାଣନ୍ତୁ । ଆଳୁର ରଙ୍ଗ ଟିକେ ଲାଲ ହୋଇଆସିଲେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ସେଥିରେ କଟା ପିଆଜ, କଟା କ୍ୟାପସିକମ, କଟା ରସୁଣ, କଟା କଞ୍ଚା ଲଙ୍କା ପକାଇ ଭାଜନ୍ତୁ । ତା'ପରେ ସେଥିରେ ଟମାଟୋ ସସ୍, ଶୋୟା ସସ୍, ଚିଲି ସସ୍, ଭିନେଗାର ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ । କିଛି ସମୟ ପରେ ଛାଣି ରଖିଥିବା ଆଳୁକୁ ପକାଇ ଗୋଳାଇ ଦିଅନ୍ତୁ । ପରେ ସେଥିରେ ଅଳ୍ପ ମହୁ ପକାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ହନି ଚିଲି ପଟାଟୋଜ୍ ।

## ମୁହଁରେ ନବଜାତକଙ୍କୁ ଅକ୍ସିଜେନ୍ ଦେଲେ ଡାକ୍ତର



ଡାକ୍ତରଙ୍କୁ କୁହାଯାଏ ଦ୍ୱିତୀୟ ଭଗବାନ । ଭଗବାନ ଜନ୍ମ ସହ ଦିଅନ୍ତି ଜୀବନ । ଡାକ୍ତର ବଞ୍ଚାଇ ଦିଇନ୍ତି ଜୀବନ । ଏମିତି ଜଣେ ଡାକ୍ତର ଉତ୍ତର ପ୍ରଦେଶ ଆଗ୍ରାର । ନାଁ ତାଙ୍କର ସୁରେଖା । ତାଙ୍କୁ ନେଇ ଏବେ ସବୁଠି ଚର୍ଚ୍ଚା । କାରଣ ସେ ୭ମିନିଟ୍‌ରେ ଜଣେ ନବଜାତଙ୍କୁ ମରଣ ମୁହଁରୁ ଫେରାଇ ଆଣିଛନ୍ତି । ଦେଇଛନ୍ତି ନୂଆ ଜୀବନ । ୭ମିନିଟ୍ ପର୍ଯ୍ୟନ୍ତ ସୁରେଖା ଶିଶୁଟିକୁ ପାଟିରେ ପବନ ଦେଇ ତାଙ୍କ ଜୀବନ ବଞ୍ଚାଇଛନ୍ତି । ନିରନ୍ତର ଚେଷ୍ଟା ଏବଂ ସେବାରୁ ଫେରିଛି ଜୀବନ । ବଞ୍ଚିଯାଇଛି ଜୀବନ । ନବଜୀବନ ପାଇ ହସୁଛି ନବଜାତ । ଉତ୍ତରପ୍ରଦେଶର ଆଗ୍ରାସ୍ଥିତ ଏତ୍ମାଦପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଘଟଣା । ଖୁସ୍‌ବୁ ନାମକ ଜଣେ ମହିଳା ଏବେ ଶିଶୁକୁ ଜନ୍ମଦେଲେ । ଜନ୍ମ ହେବାପରେ ନବଜାତକକୁ ନିଶ୍ୱାସ ନେବାରେ ସମସ୍ୟା ହେଲା । ଡାକ୍ତର ସୁରେଖା ତାଙ୍କୁ ଅକ୍ସିଜେନ୍ ଦେଲେ । ସେଥିରେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ହେଲାନାହିଁ । ସ୍ୱାସ୍ଥ୍ୟ ଆହୁରି ବିଗିଡିବାରେ ଲାଗିଲା । ନବଜାତଙ୍କୁ ଗୁରୁତର ହେବାର ଦେଖି ଶେଷରେ ଅକ୍ସିଜେନ୍ ମାସ୍କକୁ ହଟାଇ ସୁରେଖା ତାଙ୍କ ପାଟିକୁ ନବଜାତଙ୍କ ପାଟିରେ ଲଗାଇ ପବନ ଛାଡିଲେ । ପିଠିକୁ ଘସି ଚିକିତ୍ସା କଲେ । ଏସବୁ ଦେଖି ଆଖ ପାଖରେ ଥିବା ଲୋକେ ଏକଦମ୍ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଶେଷରେ ଡାକ୍ତର ସୁରେଖାଙ୍କର ସମସ୍ତ ଚେଷ୍ଟା ସଫଳ ହେଲା । ସେ ନବଜାତକୁ ଜୀବନ ଦେବାରେ ସଫଳ ହେଲେ । ୭ମିନିଟ୍ ଧରି ସୁରେଖା ନବଜାତଙ୍କୁ ଏମିତି ପବନ ଦେଇଚାଲିଲେ । ଏହି ସମୟର ଏକ ୫୦ସେକେଣ୍ଡର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ସୁରେଖାଙ୍କ କିହିବା ଅନୁଯାୟୀ, ପ୍ରାଥମିକ ପର୍ଯ୍ୟାୟରେ ନର୍ସ ଶିଶୁଟିର ଚିକିତ୍ସା କଲେ । କିନ୍ତୁ ତାଙ୍କ ସ୍ୟାସ୍ଥ୍ୟବସ୍ଥାରେ ସୁଧାର ଆସିଲାନି । ତେଣୁ ମୁଁ ନବଜାତକୁ ୭ମିନିଟ୍ ଧରି ପାଟି ମାଧ୍ୟମରେ ପବନ ଦେଲି ଏବଂ ଶେଷରେ ସେ ନିଶ୍ୱାସ ନେବାରେ ସକ୍ଷମ ହେଲା । ମୃତ୍ୟୁ ମୁହଁରୁ ଫେରିଆସିଲେ । ମୃତ୍ୟୁର ହାର୍ ଆଉ ଡାକ୍ତରଙ୍କ ଜିତ୍ । ଡାକ୍ତର ସୁରେଖାଙ୍କର ଏଭଳି ସେବାକୁ ସୋସିଆଲ୍ ମିଡିଆରେ ବେଶ୍‌ପ୍ରଶଂସା କରାଯାଇଛି । ଡାକ୍ତର ଯେ ଭଗବାନ, ସୁରେଖା ତାହା ପ୍ରମାଣ କରି ଦେଖାଇଥିବା କହୁଛନ୍ତି ଲୋକେ । ସୁରେଖାଙ୍କ ପରି ଡାକ୍ତର ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ରୁହନ୍ତି ବୋଲି କହୁଛନ୍ତି । ସାବାସ୍ ଡାକ୍ତର ସୁରେଖା ।

## ବେକର କଳା ଦାଗକୁ ଛଡାଇବା ପାଇଁ ଆପଣାନ୍ତୁ ଘରୋଇ ଟିପ୍ସ



ମହିଳା ଏବଂ ଝିଅମାନେ ପ୍ରାୟତଃ ସେମାନଙ୍କ ଚେହେରାର ସୌନ୍ଦର୍ଯ୍ୟ ପ୍ରତି ଧ୍ୟାନ ଦେଇଥାନ୍ତି । କିନ୍ତୁ ଅନେକ ଥର ସେମାନେ ନିଜ ଶରୀରର ଅଙ୍ଗଗୁଡ଼ିକର ଯତ୍ନ ନେବାକୁ ଅସମର୍ଥ ହୋଇଥାନ୍ତି , ଯାହାକି ଅଧିକ ଯତ୍ନ ଆବଶ୍ୟକ କରିଥାଏ । ସେଥିମଧ୍ୟରୁ ଗୋଟିଏ ହେଉଛି ବେକର କଳାଦାଗ । ଅନେକ ମହିଳା ଏହା ପାଇଁ ଚିନ୍ତିତ ରହିଥାନ୍ତି । ଚାଲନ୍ତୁ ଜାଣିବା ଘରୋଇ ଉପଚାର ଗ୍ରହଣ କରି ବେକର କଳାଦାଗକୁ କିପରି ଦୂରକରିବା ।ଲେମ୍ବୁ: ଅଧା ଚାମଚ ଲେମ୍ବୁ ରସ ଏବଂ ସେଥିରେ ଗୋଲାପ ଜଳ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ . ଏବେ ଏହାକୁ ଗଳାରେ ଭଲ ଭାବେ ଲଗାଇ ରାତିସାରା ଛାଡ଼ିଦିଅନ୍ତୁ । ସକାଳୁ ଉଠି ପାଣିରେ ଧୋଇ ଦିଅନ୍ତୁ । କିଛି ଦିନ ମଧ୍ୟରେ ଆପଣ ଏକ ପାର୍ଥକ୍ୟ ଦେଖିପାରିବେ । ମହୁ: ଗୋଟିଏ ଚାମଚ ଲେମ୍ବୁ ରସ ନେଇ ସେଥିରେ କିଛି ମହୁ ମିଶାନ୍ତୁ । ଏବେ ଏହି ମିଶ୍ରଣକୁ ଅଧା ଘଣ୍ଟା ପାଇଁ ବେକରେ ଲଗାଇ ରଖନ୍ତୁ । ବେକ ଧୋଇବାବେଳେ, ମାଲିସ୍ କରି ଆଖପାଖର ମଇଳା ସଫା କରନ୍ତୁ । ଦହି: ଏକ ବଡ ଚାମଚ ଦହି ନିଅନ୍ତୁ । ଏଥିରେ ହଳଦୀ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହାକୁ ବେକରେ ମାଲିସ୍ କରନ୍ତୁ । କିଛି ଦିନ ଏହି ମିଶ୍ରଣ ସହିତ ମସାଜ୍ କରନ୍ତୁ । ଆପଣ ନିଜେ ପାର୍ଥକ୍ୟ ଅନୁଭବ କରିବେ । ବେକିଂ ସୋଡା: ଏକ ପାତ୍ରରେ ଅଳ୍ପ ବେକିଂ ସୋଡା ଏବଂ ପାଣି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ବେକରେ ଲଗାନ୍ତୁ । ୧୫ ମିନିଟ୍ ପରେ ପାଣିରେ ସଫା ଦିଅନ୍ତୁ । ପ୍ୟାଚି ସ୍କିନ୍ ଏବଂ ହାଇପର ପିଗମେଣ୍ଟେସନ୍ ସଫା ହୋଇଯିବ ।

## ଆଜିର ରାଶିଫଳ

**ମେଷ** ସାମୂହିକ ଗତିବିଧି ଦ୍ୱାରା ଆପଣ ସଫଳତା ହାସଲ କରିପାରିବେ । ବ୍ୟବସାୟରେ ଅଚାନକ ଭାବରେ ପରିବର୍ତ୍ତନ ହୋଇପାରେ ଓ ଉଚିତ ଲାଭ ମଧ୍ୟ ପ୍ରାପ୍ତି ହେବ ।

**ବୃଷ** ସରକାରୀ ସାହାଯ୍ୟ ପାଇବାର ସୁଯୋଗ ହାତ ପାହାନ୍ତାରେ ପହଞ୍ଚିବ । ଶତ୍ରୁମାନଙ୍କୁ ମିତ୍ର କରିବାପାଇଁ ପ୍ରୟାସରତ ରହିବେ । ସରକାରୀ କର୍ମଚାରୀମାନେ ଉତ୍ତମ କାର୍ଯ୍ୟ କରି ପ୍ରଶଂସା ପାଇବେ ।

**ମିଥୁନ** ସରକାରୀ କ୍ଷେତ୍ରରେ ଯଶ, କୀର୍ତ୍ତି, ମାନସମ୍ମାନ ମିଳିବ । ନୂତନ ଦ୍ରବ୍ୟ କ୍ରୟବିକ୍ରୟ କରି ଆଶାତୀତ ଲାଭ ପାଇବେ । ଧୈର୍ଯ୍ୟ ଓ ସାହସ ଦ୍ୱାରା ସମସ୍ତ କାର୍ଯ୍ୟରେ ସଫଳତା ମିଳିବ ।

**କର୍କଟ** ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ । କୌଣସି ମହତ୍ତ୍ୱପୂର୍ଣ୍ଣ ସୂଚନା ପାଇପାରନ୍ତି । ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ଭେଟ ହୋଇ ଆଗକୁ ବଢ଼ିବାରେ ସହାୟତା ମିଳିବ । ୪

**ସିଂହ** ସାମ୍ବାଦିକମାନେ ନିଜ କାର୍ଯ୍ୟରେ କୃତିତ୍ୱ ଲାଭ କରିବେ । କାହାକୁ ଉଧାର ଦେଇଥିବା ବା ଅଟକିଥିବା ଟଙ୍କା ମିଳିଯିବ । ନୂଆ ଜ୍ଞାନର ବୃଦ୍ଧି ହେତୁ ପ୍ରଚୁର ଧନଲାଭ ହେବ ।

**କନ୍ୟା** ଭାଗିଦାରୀଙ୍କ ସହିତ ଲାଗି ରହିଥିବା ବିବାଦ ବା ମତଭେଦର ନିରାକରଣ ହାଇଯିବା ଯୋଗେ ବ୍ୟାପାର ବା କାରବାରରେ ବହୁତ ଭଲ ଲାଭ ହେବ । ଗୁରୁଗୁରୁଜନଙ୍କ ଆଶୀର୍ବାଦ ସ୍ନେହପ୍ରାପ୍ତ ହେବ ।

**ତୁଳା** ସନ୍ତାନଙ୍କ ପାଇଁ କୌଣସି ମହତ୍ତ୍ୱପୂର୍ଣ୍ଣ କାମ ହୋଇପାରେ । ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ମନ ବଳାଇବେ । ବହୁତ କଷ୍ଟ ଓ କଠିନ କଲେ ପୂର୍ଣ୍ଣ ସଫଳତା ପ୍ରାପ୍ତ ହେବ ।

**ବିଛା** ସମାଜ ସେବା ଫଳରେ ସନାମ ଅର୍ଜନ କରିପାରିବେ । ପରୋପକାର ବା ଲୋକ କଲ୍ୟାଣ କାମରେ ବ୍ୟସ୍ତ ରହିବେ । ଶତ୍ରୁ ଓ ବିରୋଧୀମାନେ ଯେତେ ଚାହିଁଲେ ଆପଣଙ୍କର କିଛି ଅହିତ ସାଧନ କରିପାରିବେ ନାହିଁ ।

**ଧନୁ** ସରକାରୀ କାମରେ ପରିଶ୍ରମର ପରିଣାମ ମିଳିବ । ଶୁଭ ସମାଚାର ଶୁଣି ମାନସିକ ଚିନ୍ତା ଦୂର ହେବ । କାମ କାର୍ଯ୍ୟରେ ଗମ୍ଭୀରତା ପୂର୍ବକ ଧ୍ୟାନ ଦେଇ ବହୁତ ପଇସା ଇନକମ୍ କରିବେ ।

**ମକର** ସନ୍ତାନଙ୍କର ଉନ୍ନତିରେ ଖୁସି ହେବେ । ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ । ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ସହ ସମ୍ପର୍କ ସ୍ଥାପନ ହୋଇ ପ୍ରତିଷ୍ଠା, ପ୍ରତିପତ୍ତି ମାନସମ୍ମାନ ଅତୁଟ ରହିବ ।

**କୁମ୍ଭ** ସାମାଜିକ ପତିଆରା ଅମଳିନ ରହିବ । ଅନେକ କ୍ଷେତ୍ରରେ ସ୍ୱାଭିମାନ ରକ୍ଷା ହେବ । ବ୍ୟବସାୟରେ ସଫଳତା ଅର୍ଜନ କରିବେ ଓ ପନିପରିବା ବ୍ୟବସାୟୀମାନେ ବିଶେଷ ଲାଭାନ୍ୱିତ ହେବେ ।

**ମୀନ** ଶାରୀରିକ କଷ୍ଟ ଦୂର ହେବ । ସାମାଜିକ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ । ସାମ୍ବାଦିକମାନେ ଜନ ସମର୍ଥନ ପାଇ ସଫଳ ହେବେ ।

## ଲୋକଙ୍କ ପାଖରେ ଆଦୃତ ହେଉଛି ଏଲ୍‌ଜି ଉତ୍ପାଦ

ପୁଣିଥରେ ଲୋକଙ୍କ ଦ୍ୱାରା ଭାରତର ଏକ ବଡ଼ ବ୍ରାଣ୍ଡ ଭାବେ ଆଦୃତ ହୋଇଛି ଏଲଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆ । ବ୍ୟବହାରକାରୀ ଏଲ୍‌ଜି ଉତ୍ପାଦର ପ୍ରଦର୍ଶନ, ନୂଆ ଡିଜାଇନ୍ ଏବଂ ଷ୍ଟାଇଲକୁ ଅଧିକ ପସନ୍ଦ କରିଛନ୍ତି । କମ୍ପାନୀ ଏହାର ଉତ୍ପାଦରେ ବ୍ୟବହାରକାରୀଙ୍କ ସ୍ୱାସ୍ଥ୍ୟ ପ୍ରତି କ୍ଷତି ପହଞ୍ଚାଉନଥିବା କୌଶଳର ପ୍ରୟୋଗ କରିଛି । ଏଲ୍‌ଜିର ଫ୍ରିଜ୍ ଏବଂ ୱାଶିଂ ମେସିନ୍ ସବୁଠାରୁ ଭରଷା ଯୋଗ୍ୟ ବ୍ରାଣ୍ଡ ଭାବେ ଟିର୍ଆଏ ଦ୍ୱାରା ପୁରସ୍କୃତ ହୋଇଛି । ବହୁ ବର୍ଷ ଧରି ଫ୍ରିଜ୍‌ଏବଂ ୱାଶିଂ ମେସିନ୍ କ୍ୟାଟେଗୋରୀରେ ଏହା ଲୋକଙ୍କ ନିକଟରେ ଅଗ୍ରଣୀ ହୋଇ ରହିଛି । ଏହି ଦୁଇ ପ୍ରଡକ୍ଟ ସହିତ ଏୟାର କଣ୍ଡିସର୍ନ ଏବଂ ମାଇକ୍ରୋ ଓଭେନ୍‌କୁ ମଧ୍ୟ ଲୋକଙ୍କ ଭରଷା ଯୋଗ୍ୟ କରାଇପାରିଛି । ଟିର୍ଆଏ ଏନେଇ ଏକ ସର୍ଭେ କରିଥିଲା । ଯେଉଁଥିରେ ୧୬୧୦ ଜଣ ଲୋକ ସେମାନଙ୍କର ମତାମତ ଦେଇଥିଲେ । ଏହାକୁ ବିଚାରକୁ ନେଇ ମୋଷ୍ଟ ଟ୍ରଷ୍ଟେଡ୍ ବ୍ରାଣ୍ଡ ୨୦୨୩ ଆୱାର୍ଡରେ ଏଲ୍‌ଜିକୁ ସମ୍ମାନିତ କରାଯାଇଛି । ଏଲ୍‌ଜି ଫ୍ରିଜ୍, ଏଲ୍‌ଜି ଏୟାର କଣ୍ଡିସନ, ଏଲ୍‌ଜି ୱାଶିଂ ମେସିନ୍ ଏବଂ ଏଲ୍‌ଜି ମାଇକ୍ରୋ ଓଭେନ୍ ଏହି ଆୱାର୍ଡ ଜିତିଛନ୍ତି । ଏହି ସର୍ଭେ ଭାରତର ୧୬ ସହରରେ ହୋଇଥିଲା । ଦେଶରେ ୮ ହଜାର ୟୁନିକ୍ ବ୍ରାଣ୍ଡ ରହିଛନ୍ତି । ସେମାନଙ୍କ ମଧ୍ୟରୁ ୧ହଜାର ଟପ୍ ବ୍ରାଣ୍ଡକୁ ବିଚାରକୁ ନିଆଯାଇଥିଲା । ଏନେଇ ଟିର୍ଆଏ ଏହାର ରିପୋର୍ଟରେ ପ୍ରକାଶ କରିଛି । ଟିର୍ଆଏ ହେଉଛି ଏକ ତଥ୍ୟ ଅନୁଶୀଳନକାରୀ କମ୍ପାନୀ । ଯାହାକି ମାର୍କେଟ୍‌ରୁ ତଥ୍ୟ ସଂଗ୍ରହ କରି ଏହାକୁ ସରଳୀକରଣ କରିବା ସହିତ ଏହା ଉପରେ ଅନୁସନ୍ଧାନ କରି ଏକ ବ୍ରାଣ୍ଡର ଭାଲ୍ୟୁକୁ ନିରୁପଣ କରିଥାଏ । ଏହା ବ୍ୟବହାରକାରୀଙ୍କୁ ଉକ୍ତ ବ୍ରାଣ୍ଡର ଭରଷା ଯୋଗ୍ୟତାକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ୧୨ ବର୍ଷ ଧରି ବ୍ରାଣ୍ଡ ରିପୋର୍ଟ ପ୍ରକାଶ କରୁଛି । ତେବେ ଏଲ୍‌ଜି କମ୍ପାନୀର ଏହି ଆଚିଭ୍‌ମେଣ୍ଟକୁ ନେଇ କମ୍ପାନୀର ଉପ-ସଭାପତି ଦୀପକ ବଂଶଲ୍ କୃତଜ୍ଞତା ଜ୍ଞାପନ କରିଛନ୍ତି ।




## ଛିଡା ହୋଇ ପାଣି ପିଉଛନ୍ତି କି ?



ସୁସ୍ଥ ରହିବା ପାଇଁ ପାଣି ପିଇବା ଅତ୍ୟନ୍ତ ଜରୁରୀ । ଏହା ଶୋଷ ମେଣ୍ଟାଇବା ସହିତ ଶରୀରକୁ ପୁଷ୍ଟିକର କରିଥାଏ । ଶରୀରରେ ଥିବା ମଇଳାକୁ ବାହାରକରିବାରେ ସାହାଯ୍ୟ କରିଥାଏ । ଏଥିଲାଗି ସୁସ୍ଥ ଏବଂ ସତେଜ ଅନୁଭବ ହୋଇଥାଏ । ତେଣୁ ପ୍ରତିଦିନ ଅତି କମରେ ୮ ଗ୍ଲାସ୍ ପାଣି ପିଇବା ଉଚିତ୍ । କିନ୍ତୁ ସଠିକ୍ ପରିମାଣର ପାଣି ପିଇବା ସହିତ ଏହାକୁ ସଠିକ୍ ଭାବରେ ମଧ୍ୟ ପିଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅଧିକାଂଶ ଲୋକ ଶୀଘ୍ର ଠିଆ ହୋଇ ପାଣି ପିଇଥାନ୍ତି । ଏହି କାରଣରୁ ହଜମ ଶକ୍ତି ଦୁର୍ବଳ ହେବା ସହିତ ଅନେକ ରୋଗ ହେବାର ଆଶଙ୍କା ମଧ୍ୟ ରହିଥାଏ । ତେବେ ଚାଲନ୍ତୁ ଜାଣିବା ଏହା ବିଷୟରେ ବିସ୍ତୃତ ଭାବରେ..ପାଣି ପିଇବାର ସଠିକ୍ ଉପାୟ: ସର୍ବଦା ପାଣିକୁ ଆରାମରେ ଧିରେ ଧିରେ ପିଇବା ଉଚିତ୍ । ଛିଡା ହୋଇ ପାଣି ପିଇବାରେ କ'ଣ ହୋଇଥାଏ କ୍ଷତି : ଛିଡା ହୋଇ ପାଣି ପିଇବା ଦ୍ୱାରା ଶରୀରକୁ ସମ୍ପୂର୍ଣ୍ଣ ପୋଷଣ ମିଳିନଥାଏ । ଏହି ସମୟରେ ଶରୀରର ଖାଦ୍ୟ ଏବଂ ବାୟୁ ନଳୀରେ ଅକ୍ସିଜେନ୍ ସପ୍ଲାଇରେ ବାଧା ସୃଷ୍ଟି ହୋଇଥାଏ । ଏହାର ପ୍ରଭାବ ଫୁସଫୁସରୁ ନେଇ ହୃଦୟ ପର୍ଯ୍ୟନ୍ତ ପଡିଥାଏ । ଏହିପରି, ପାଣି ପିଇବା ଦ୍ୱାରା ହଜମ ପ୍ରକ୍ରିୟା ଦୁର୍ବଳ ହୋଇ ପେଟ ଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ଚାପ ବଢିଥାଏ: ଛିଡା ହୋଇ ପାଣି ପିଇବା ଦ୍ୱାରା ଚାପ ବଢିଥାଏ । ଏହିପ୍ରକାର ପିଇଥିବା ପାଣି ସିଧାସଳଖ ସ୍ନାୟୁ ପ୍ରଣାଳୀକୁ ପ୍ରଭାବିତ କରିଥାଏ । ଏପରି ପରିସ୍ଥିତିରେ ପାଣିରୁ ପୋଷକ ତତ୍ତ୍ୱ ପାଇବା ପରିବର୍ତ୍ତେ ଶରୀରରେ ଚାପ ବଢିଥାଏ । କିଡ୍ନୀ ଉପରେ ପ୍ରଭାବ ପଡିଥାଏ: ଛିଡା ହୋଇ ପାଣି ପିଇବା ଦ୍ୱାରା, ଏହା ଫିଲ୍ଟର ନହୋଇ ଶୀଘ୍ର ତଳ ପେଟରେ ପହଞ୍ଚିଯାଏ । ଏହା ପାଣିରେ ଥିବା ମଇଳାକୁ ଗାଲ୍ ବ୍ଲାଡରରେ ସଂଗ୍ରହ କରିଥାଏ ।। ଏହା କିଡ୍ନୀରେ କ୍ଷତି ପହଞ୍ଚାଇଥାଏ ।

## କଦଳୀ ପରି ତାହାର ଚୋପା ମଧ୍ୟ ହୋଇଥାଏ ଅତ୍ୟନ୍ତ ଲାଭ ଦାୟକ

ଯେତେବେଳେ ବି ଆମେ କଦଳୀ ଖାଇଥାଉ, ତାହାର ଚୋପାକୁ ଅଳିଆ ବାକ୍ସରେ ପକାଇ ଦେଇଥାଉ । କିନ୍ତୁ କଦଳୀ ଚୋପା ଏହାର ଫଳ ପରି ଲାଭଦାୟକ ମଧ୍ୟ ଅଟେ । କଦଳୀ ଚୋପାକୁ ଅନେକ ଉପାୟରେ ବ୍ୟବହାର କରାଯାଇପାରେ । ଏହାର ଲାଭ ଜାଣି ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । -ପ୍ରତ୍ୟେକ ଦିନ ଦାନ୍ତରେ କଦଳୀ ଚୋପାକୁ ଘଷିବା ଦ୍ୱାରା ଦାନ୍ତ ଉଜ୍ୱଳ ହୋଇଥାଏ । କାରଣ କଦଳୀରେ ଥିବା ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଏବଂ ମାଙ୍ଗାନିଜ୍ ଦାନ୍ତରେ ଥିବା ହଳଦିଆ ରଙ୍ଗକୁ ହଟାଇବାରେ ବହୁତ ସାହାଯ୍ୟ କରିଥାଏ । – ଯଦି ଆପଣଙ୍କର ପାଦ କିମ୍ବା ହାତରେ କଳା ଦାଗ ରହିଥାଏ, ତେବେ କଦଳୀ ଚୋପାକୁ ଘଷିବା ଅତ୍ୟନ୍ତ ଲାଭଦାୟକ ହେବ । ଏଥିପାଇଁ କଦଳୀ ଚୋପାକୁ ଘଷନ୍ତୁ ଏବଂ ରାତିସାରା ଛାଡିଦିଅନ୍ତୁ । – କଦଳୀ ଚୋପା ରେ ଏପରି ଅନେକ ଉପାଦାନ ମିଳିଥାଏ, ଯାହା ଦ୍ୱାରା ବ୍ରଣ ସମସ୍ୟା ମଧ୍ୟ ଦୂର ହୋଇଥାଏ । ତ୍ୱଚାରେ କଦଳୀ ଚୋପା ଲଗାଇବା ଦ୍ୱାରା ତ୍ୱଚା ନରମ ହୋଇଥାଏ । – କଦଳୀ ଚୋପା ସାହାଯ୍ୟରେ ଆପଣ ଜୋତା ଏବଂ ଚମଡ଼ାରେ ତିଆରି ଅନ୍ୟାନ୍ୟ ଜିନିଷକୁ ମଧ୍ୟ ଉଜ୍ଜ୍ୱଳ କରିପାରିବେ । – କଦଳୀ ଚୋପା ଚର୍ମରେ ଜଳର ଅଭାବକୁ ସମ୍ପୂର୍ଣ୍ଣ କରିଥାଏ । କଦଳୀ ଚୋପାକୁ ଗ୍ରାଇଣ୍ଡ କରି ଅଣ୍ଡାର କେଶରରେ ମିଶାଇ ମୁହଁରେ ଲଗାଇବା ଦ୍ୱାରା ମୁହଁର କୁଞ୍ଚନ ଦୁର ହୋଇଥାଏ ।

ଫିଲ୍ମ ଟକ୍

## ଦକ୍ଷିଣ ଆଫ୍ରିକାରେ କରୀନା କପୁର ଖାନ



ବଲିଉଡ୍‌ର ବେବୋ କରୀନା କପୁର ଖାନ । ବର୍ତ୍ତମାନ ସେ ତାଙ୍କ ପରିବାର ସହିତ ଦକ୍ଷିଣ ଆଫ୍ରିକାରେ ଛୁଟି କାଟୁଛନ୍ତି । କରୀନା ଏବଂ ସୈଫ ଅଲିଙ୍କ ଫଟୋ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି । ନିକଟରେ ତୈମୁର ସହ ସୈଫଙ୍କ ଏକ ଫଟୋ ଦେଖିବାକୁ ମିଳିଥିଲା । ଯେଉଁଥିରେ ଉଭୟ ଜିପ୍ ସହିତ ପୋଜ୍ କରୁଥିବା ନଜର ଆସିଥିଲେ । ଏଥି ସହିତ କରୀନା ତାଙ୍କର ଏକ ନୂଆ ଫଟୋ ସେୟାର କରିଛନ୍ତି, ଯେଉଁଥିରେ ତାଙ୍କୁ ଥଣ୍ଡା ଲାଗୁଛି । ଏହି ଫଟୋ ସେୟାର କରିବା ସହିତ କରୀନା ମଧ୍ୟ ଏକ ଆକର୍ଷଣୀୟ କ୍ୟାପସନ ଦେଇଛନ୍ତି । ଫଟୋ ସେୟାର କରି ଅଭିନେତ୍ରୀ ଲେଖିଛନ୍ତି, "ତୁମେ କଣ କରୁଛ କିଛି ନୁହେଁ ... କେବଳ ମୋର ନୂଆ ସାଙ୍ଗମାନଙ୍କ ସହିତ ଉପଭୋଗ କରୁଛି" । ବେବୋଙ୍କର ଏହି କ୍ୟାପସନ୍ ପରେ, ଲୋକମାନେ ତାଙ୍କର ଏହି ନୂଆ ବନ୍ଧୁ କିଏ ବୋଲି ଅନୁମାନ କରିବାକୁ ଚେଷ୍ଟା କରୁଛନ୍ତି । କରୀନା କ୍ୟାପସନ୍ ସହିତ ଇମୋଜି ମଧ୍ୟ ବ୍ୟବହାର କରିଛନ୍ତି । ଏହି ଇମୋଜି ମଧ୍ୟରୁ ଗୋଟିଏ ହେଉଛି ଜେବ୍ରାର, ଯାହା ଦର୍ଶାଏ ଯେ ଏମାନେ ତାଙ୍କର ନୂତନ ବନ୍ଧୁ । କରୀନାଙ୍କ ଏହି ପୋଷ୍ଟକୁ ୩ଲକ୍ଷରୁ ଅଧିକ ଲାଇକ୍ ମିଳିଛି । ଏହି ଫଟୋରେ ଡେନିମ୍ ଲୁକରେ କରୀନା କପୁର ବହୁତ ସୁନ୍ଦର ଦେଖାଯାଉଛନ୍ତି । ଫଟୋ ଉପରେ ମନ୍ତବ୍ୟ ଦେଇ ଜଣେ ୟୁଜର୍ସ ଲେଖିଛନ୍ତି, "ହେ ଭଗବାନ । ତୁମେ ବହୁତ ସୁନ୍ଦର ଦେଖାଯାଉଛ" । ତେଣୁ ସେଠାରେ ଆଉ ଜଣେ ଲେଖିଛନ୍ତି, "ଆପ୍ ଜେବ୍ରା କି ବାତ୍ କର ରହୀ ହୋ ନା ମ୍ୟାମ୍" ।ଅନ୍ୟ ଜଣେ ଲେଖିଛନ୍ତି, "ଆପଣ ସୈଫଙ୍କୁ ଅପେକ୍ଷା କରିଛନ୍ତି" । ଯେତେବେଳେ କି ଅଧିକାଂଶ ଲୋକ ତାଙ୍କୁ ନା ନା କମେଣ୍ଟ କରିବା ସହ ଫଟୋକୁ ଖୁବ୍ ଲାଇକ୍ ସେୟାର କରିଛନ୍ତି ।






# ମୋଦି-କିଶିଦା ଭେଟ: ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା



ନୂଆଦିଲ୍ଲୀ : ଜାପାନର ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଏହି ସମୟରେ ଦୁଇ ଦେଶର ନେତାଙ୍କ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ପ୍ରତିରକ୍ଷା, ବାଣିଜ୍ୟ, ପୁଞ୍ଜି ବିନିଯୋଗ ଏବଂ ଉଚ୍ଚ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଏବଂ ଜାପାନ ମଧ୍ୟରେ ସହଯୋଗ ବୃଦ୍ଧି ଉପରେ ଆଲୋଚନା ହୋଇଥିବା କୁହାଯାଉଛି। ଏହା ସହିତ ସହିତ ଚାଇନା କାର୍ଯ୍ୟକଳାପ ଉପରେ ଗୁରୁତ୍ୱାରୋପ କରାଯାଇଥିବା କୁହାଯାଉଛି। ଭାରତ ଏବଂ ଜାପାନ ଚାଇନାର ବଢୁଥିବା ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ଲଦାଖ ଏବଂ ଅରୁଣାଚଳ ପ୍ରଦେଶରେ ଏଲଏସି ଉପରେ ଚାଇନ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରୁଛି। ଏଥି ସହିତ ଚାଇନା ମଧ୍ୟ ସେନକାକୁ ଦ୍ୱୀପପୁଞ୍ଜ ଉପରେ ନିଜର ଅଧିକାର ଜାହିର କରିଛି, ଯେଉଁଥିପାଇଁ ଜାପାନ ସହ ବିବାଦ ଲାଗି ରହିଛି। ଏଭଳି ସ୍ଥଳେ ଭାରତ ଏବଂ ଜାପାନ ମଧ୍ୟରେ ସହଯୋଗ ବୃଦ୍ଧିର ଆବଶ୍ୟକତା ରହିଛି। ସୂଚନାଯୋଗ୍ୟ, ଜାପାନର ପ୍ରଧାନମନ୍ତ୍ରୀ ଭାରତରେ ପ୍ରାୟ ୨୭ ଘଣ୍ଟା ବିତାଇବେ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବା ପରେ ସେ ଏକ ଥିଙ୍କ ଟ୍ୟାଙ୍କ ଇଭେଣ୍ଟରେ ମଧ୍ୟ ଯୋଗଦେବେ। ଯେଉଁଠାରେ ସେ ତାଙ୍କ ଭାଷଣ ମାଧ୍ୟମରେ ଏକ ମୁକ୍ତ ଇଣ୍ଡୋ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଯୋଜନା ପ୍ରସ୍ତୁତ କରିବେ। ଚାଇନା କ୍ରମାଗତ ଭାବରେ ଭାରତ ପ୍ରଶାନ୍ତ ମହାସାଗରରେ ନିଜର ଶକ୍ତି ବୃଦ୍ଧି କରୁଛି।

ଏହି କାରଣରୁ ଭାରତ, ଜାପାନ, ଆମେରିକା ଏବଂ ଅଷ୍ଟ୍ରେଲିଆ କ୍ୱାଡ ଗଠନ କରି ଚାଇନା ଆହ୍ୱାନର ମୁକାବିଲା କରିବାକୁ ଯୋଜନା କରିଛନ୍ତି। ମୁକ୍ତ ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଭାରତର ବଢୁଥିବା ଭୂମିକା ଉପରେ ସେ ମଧ୍ୟ ନିଜର ମତ ଦେବେ। ମୁକ୍ତ ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଭାରତ ଏବଂ ଜାପାନ ମଧ୍ୟରେ ପାଟ୍ରୋଲିଂ ବୃଦ୍ଧି, ସାମୁଦ୍ରିକ ଆଇନ, ସାଇବର ସୁରକ୍ଷା, ଡିଜିଟାଲ ଏବଂ ସବୁଜ ଶକ୍ତି ପାଳନ କରିବାର କ୍ଷମତା ବୃଦ୍ଧି କରିବା ଅପରିହାର୍ଯ୍ୟ ହୋଇପଡ଼ିଛି।

## ବ୍ୟାଙ୍କକ-ମୁମ୍ବାଇ ବିମାନରେ ଯାତ୍ରୀ ମୃତ

ନୂଆଦିଲ୍ଲୀ : ପୁଣି ବିମାନରେ ଅଘଟଣ। ବ୍ୟାଙ୍କକରୁ ମୁମ୍ବାଇକୁ ଆସୁଥିବା ଇଣ୍ଡିଗୋ ବିମାନରେ ହଠାତ୍ ଜଣେ ବ୍ୟକ୍ତିଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି। ତେବେ ମେଡିକାଲ ଏମରଜେନ୍ସିଂରେ ବିମାନକୁ ମ୍ୟାନ୍ମାରକୁ ଡାଇଭର୍ଟ କରାଯାଇଥିଲା। ସୂଚନାଯୋଗ୍ୟ, ଇଣ୍ଡିଗୋ ବିମାନ ୬ଇ-୫୭ ଅପରାହ୍ନ ୪ଟାରେ ବ୍ୟାଙ୍କକରୁ ଉଡାଣ ଭରିଥିଲା। ତେବେ ବିମାନ ଉଡିବାର ପ୍ରାୟ ଏକ ଘଣ୍ଟା ପରେ ମଝି ଆକାଶରେ ଯାତ୍ରୀଙ୍କର ହୃଦଘାତରେ ମୃତ୍ୟୁ ହୋଇଥିଲା। ଫଳରେ ବିମାନକୁ ମ୍ୟାନ୍ମାରକୁ ଡାଇଭର୍ଟ କରାଯାଇଥିଲା। ପ୍ରାୟ ପାଞ୍ଚ ଘଣ୍ଟା ପରେ ବିମାନଟି ୟାଙ୍ଗନକୁ ଉଡାଣ ଭରିଥିଲା। ଏହାପୂର୍ବରୁ ଦିଲ୍ଲୀ-ଦୋହା ବିମାନରେ ମଧ୍ୟ ଜଣେ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା।

# 'ମୋଦୀ ଲାଓକ୍ସିଆନ': ଚୀନ୍ ନେଟିଜେନ୍‌ଙ୍କ ଭିତରେ ପ୍ରଧାନମନ୍ତ୍ରୀ ମୋଦୀ ଲୋକପ୍ରିୟ



ବେଜିଂ : ଚୀନ୍ ନେଟିଜେନ୍ (ଇଣ୍ଟରନେଟ୍ ବ୍ୟବହାରକାରୀ)ଙ୍କ ମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅତ୍ୟନ୍ତ ଲୋକପ୍ରିୟ। ସେମାନେ ମୋଦୀଙ୍କୁ ଶ୍ରଦ୍ଧାର ସହ 'ମୋଦୀ ଲାଓକ୍ସିଆନ୍' (ମୋଦୀ ଦ ଇମୋର୍ଟାଲ) ଭାବରେ ସମ୍ବୋଧିତ କରନ୍ତି। ଭାରତ-ଚୀନ୍ ସୀମା ବିବାଦ ସତ୍ତ୍ୱେ ଚୀନ୍‌ବାସୀଙ୍କ ମନରେ ମୋଦୀଙ୍କ ପ୍ରତି ଶଦ୍ଧା ରହିଥିବା ଆମେରିକାରୁ ପ୍ରକାଶିତ ପତ୍ରିକା 'ଦ ଡିପ୍ଲୋମାଟ୍'ରେ ଏକ ନିବନ୍ଧରେ ପ୍ରକାଶ ପାଇଛି। ନିବନ୍ଧର ଶୀର୍ଷକ ହେଉଛି 'ହାଓ ଇଜ୍ ଇଣ୍ଡିଆ ଭିଉଡ୍ ଇନ୍ ଚାଇନା ?' (ଭାରତକୁ ଚୀନ୍ରେ କିଭଳି ଦୃଷ୍ଟିରେ ଦେଖାଯାଏ)। ଚୀନ୍ ସୋସିଆଲ ମିଡ଼ିଆର ବିଶ୍ଳେଷକ ଭାବେ ଜଣାଶୁଣା ସାମ୍ବାଦିକ ମୁ ଚୁନସାନଙ୍କ କହିବା ଅନୁସାରେ ଅନେକ ଚୀନ୍‌ବାସୀ ଭାବନ୍ତି ମୋଦୀଙ୍କ ନେତୃତ୍ୱାଧୀନ ଭାରତ ବିଶ୍ୱର ଅନେକ ଦେଶ ସହ ସନ୍ତୁଳନ ରକ୍ଷା କରିପାରିବ। ଚାଇନିଜ୍ ଇଣ୍ଟରନେଟ୍ରେ ମୋଦୀଙ୍କର ଏକ ବିରଳ ନିକ୍ନେମ୍ ରହିଛି 'ମୋଦୀ ଲାଓକ୍ସିଆନ'। ଲାଓକ୍ସିଆନ ମାନେ ବିରଳ କ୍ଷମତା ବିଶିଷ୍ଟ ବୟସ୍କ ବ୍ୟକ୍ତି ଯାହାଙ୍କର ମୃତ୍ୟୁ ନାହିଁ ବା ଯଶୋଦେହରେ ଯେ ଅମର। ଚାଇନିଜ୍ ନେଟିଜେନଙ୍କ ଦୃଷ୍ଟିରେ ମୋଦୀ ହେଉଛନ୍ତି ଜଣେ ବିରଳ ଭିନ୍ନ ମଣିଷ, ଅନ୍ୟ ନେତାଙ୍କଠାରୁ ଭଲ। ତାଙ୍କର ବେଶପୋଷାକ ଅଲଗା। ତାଙ୍କର ନୀତି ପୂର୍ବ ସରକାର ତଥା ଅନ୍ୟ ନେତାମାନଙ୍କଠାରୁ ଅଲଗା। ବିଶ୍ୱର ପ୍ରମୁଖ ଦେଶଗୁଡ଼ିକ ସହ ଭାରତର ସମ୍ପର୍କ ବିଷୟରେ ସେମାନେ କହନ୍ତି, ରୁଷ୍ ହେଉ ବା ଆମେରିକା ବା ଦକ୍ଷିଣର ଯେକେ ?ଣସି ଦେଶ, ଭାରତ ସମସ୍ତଙ୍କ ସହ ବନ୍ଧୁତାପୂର୍ଣ୍ଣ ସମ୍ପର୍କ ରଖିପାରିଛି, ଯାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ସେ କହିଛନ୍ତି।

# ମାନବ ବୋମା ପ୍ରସ୍ତୁତ କରୁଥିଲା ଅମୃତପାଲ୍



ଚଣ୍ଡିଗଡ଼: ଖଲିସ୍ତାନ ସମର୍ଥକ ପ୍ରଚାରକ ଅମୃତପାଲ ସିଂହ ସଂପର୍କରେ କେତେକ ଚାଞ୍ଚଲ୍ୟକର କଥା ଜାଣିବାକୁ ପାଇଛନ୍ତି ତଦନ୍ତକାରୀ ଦଳ । ସେ ଆଇଏସଆଇ ସଂପର୍କରେ ଥିଲା ଓ ସେଠାରୁ ଅସ୍ତ୍ରଶସ୍ତ୍ର ଓ ଅର୍ଥ ପାଉଥିଲା । ନିଶାମୁକ୍ତି କେନ୍ଦ୍ର ଓ ଗୁରୁଦ୍ୱାରକୁ ବ୍ୟବହାର କରି ସେଠାରେ ଅସ୍ତ୍ରଶସ୍ତ୍ର ମହଜୁଦ ରଖିବା ସହ ଯୁବକମାନଙ୍କୁ ଆତ୍ମଘାତୀ ଆକ୍ରମଣ ପାଇଁ ପ୍ରସ୍ତୁତ କରୁଥିଲା । ସୁରକ୍ଷା ବଳ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଦାବି କରାଯାଇଛି ଯେ ସିଂହ ମୁଖ୍ୟତଃ ଯୁବକମାନଙ୍କୁ 'ଖଡ଼କୁସ' ବା ମାନବ ବୋମା ତିଆରି କରିବାକୁ ପ୍ରସ୍ତୁତ କରୁଥିଲା । ପାକିସ୍ତାନର ଗୁଇନ୍ଦା ଏଜେନ୍ସି ଆଇଏସଆଇ ଏବଂ ବିଦେଶରେ ରହୁଥିବା ଖଲିସ୍ତାନୀ ସମର୍ଥକଙ୍କ ନିର୍ଦ୍ଦେଶରେ ସେ ଗତବର୍ଷ ଦୁବାଇରୁ ଭାରତ ଫେରିଥିଲା । ଶନିବାର ପଞ୍ଜାବ ସରକାର ତାଙ୍କ 'ୱାରିସ୍ ପଞ୍ଜାବ ଦେ' ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରଠାରୁ ଏହି ସ୍ୱୟଂଘୋଷିତ ପ୍ରଚାରକ ଫେରାର ଅଛି । ତେବେ ତା' ସଂଗଠନର ୭୮ ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି । ପୁଲିସ ପକ୍ଷରୁ ଯାଞ୍ଚ ବେଳେ ଅମୃତପାଲ୍ ଦ୍ୱାରା ଗଠିତ ତଥାକଥିତ ଆନନ୍ଦପୁର ଖାଲସା ଫ୍ରଣ୍ଟ (ଏକେଏଫ୍) ପାଇଁ ଅଣାଯାଇଥିବା ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ଏହା ସହିତ ପୁଲିସ ୟୁନିଫର୍ମ ଓ ଜ୍ୟାକେଟ୍ ମଧ୍ୟ ଜବତ କରିଛି । ପୁଲିସ କହିବା ଅନୁଯାୟୀ କେତେକ ଉଗ୍ରବାଦୀ ଶିଖ୍ ପ୍ରଚାରକଙ୍କ କାରରୁ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ କରାଯାଇଛି, ଯେଉଁଥିରେ 'ଏକେଏଫ୍' ଚିହ୍ନ ରହିଛି ।

## ଇଡିରେ ହାଜର ହେଲେ କବିତା

ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଜଡିତ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ଝିଅଙ୍କୁ ଆଜି ପୁଣି ଜେରା କରିଛୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଦ୍ୱିତୀୟ ପର୍ଯ୍ୟାୟ ଜେରା ପାଇଁ ବିଆରଏସ୍ ନେତ୍ରୀ କେ.କବିତା ଇଡିରେ ହାଜର ହୋଇଛନ୍ତି। କେ.କବିତାଙ୍କୁ ଏହି ମାମଲାରେ ପ୍ରଥମେ ମାର୍ଚ୍ଚ ୧୧ ତାରିଖ ଦିନ ଜେରା କରାଯାଇଥିଲା। ଏହାପରେ ପୁଣି ମାର୍ଚ୍ଚ ୧୬ ତାରିଖରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ହାଜର ହେବାକୁ ସମନ୍ ଜାରି କରାଯାଇଥିଲା। କିନ୍ତୁ, ଏହି ମାମଲାରେ ଇଡିର କାର୍ଯ୍ୟାନୁଷ୍ଠାନକୁ ଚାଲେଞ୍ଜ କରି ସେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏଥିସହ ଏହି ଆବେଦନ ଅଦାଲତାରେ ବିଚାରାଧିନ ଥିବା ଦର୍ଶାଇ କବିତା ଇଡିରେ ହାଜର ହୋଇନଥିଲେ। ଏହାପରେ ଇଡି କବିତାଙ୍କ ଆବେଦନକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଯାଇଥିଲା। ବିନା ଶୁଣାଣିରେ କୌଣସି ରାୟ ନ ଦେବାକୁ ଇଡି ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଥିଲା। ଏଥିସହ କେ.କବିତାଙ୍କୁ ମାର୍ଚ୍ଚ ୨୦ରେ ଆସି ହାଜର ହେବାକୁ କହିଥିଲା ଇଡି। ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତିର ମନିଲଣ୍ଡରିଂ ମାମଲା ସହ ଜଡିତ ଥିବା ଅଭିଯୋଗରେ କେ.କବିତାଙ୍କୁ ମାର୍ଚ୍ଚ ୧୧ ତାରିଖ ଦିନ ଇଡି ୯ ଘଣ୍ଟା ଜେରା କରାଯାଇଥିଲା। ତାଙ୍କୁ ହାଇଦ୍ରାବାଦର ବ୍ୟବସାୟୀ ଅରୁଣ ରାମଚନ୍ଦ୍ରନ୍ ପିଲ୍ଲାଇ ଦେଇଥିବା ବୟାନର ସମ୍ମୁଖୀନ କରାଯାଇଥିଲା।

## ଲିଭ ଇନ୍ ପାଇଁ ପଞ୍ଜୀକରଣ ବ୍ୟବସ୍ଥା ପ୍ରଶ୍ନବାଣରେ ଆବେଦନକାରୀଙ୍କୁ ଘାଇଲା କଲେ ସୁପ୍ରିମକୋର୍ଟ



ପ୍ରେମୀ ଯୁଗଳ ଲିଭ ଇନ ସମ୍ପର୍କରେ ରହିବା ପୂର୍ବରୁ ପଞ୍ଜୀକରଣ କରିବା ଉଚିତ। ଏନେଇ ଆଇନର ବ୍ୟବସ୍ଥା କରାଯାଉ ବୋଲି ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି। ଏହି ସମୟରେ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ଏପରି ଆବେଦନକୁ ତ୍ରୁଟି ଯୁକ୍ତି ଚିନ୍ତାଧାରା ବୋଲି କହି କଡ଼ା ଟିପ୍ପଣୀ କରିଛନ୍ତି। ଏଥିସହ ପ୍ରଶ୍ନବାଣରେ ଆବେଦନକାରୀଙ୍କୁ ଘାଇଲା କରିଛନ୍ତି। ଯୁବକ-ଯୁବତୀ ଲିଭ ଇନ ସମ୍ପର୍କରେ ରହିବା ପୂର୍ବରୁ ସେମାନଙ୍କ ପାଇଁ ପଞ୍ଜୀକରଣ ବ୍ୟବସ୍ଥା ବାଧ୍ୟତାମୂଳକ କରାଯାଉ। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର ଦେଶରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରନ୍ତୁ। ଏଥିସହ ଏକାଠି ରହୁଥିବା ପ୍ରେମୀ ଯୁଗଳଙ୍କ ପାଇଁ ସାମାଜିକ ସୁରକ୍ଷାର ବ୍ୟବସ୍ଥା କରିବାକୁ ଦାବି କରି ଜଣେ ଆଇନଜୀବୀ ସୁପ୍ରିମକୋର୍ଟରେ ପିଆଇଏଲ ଦାଖଲ କରିଥିଲେ। ଲିଭ ଇନ ସମ୍ପର୍କକୁ ନେଇ ଦେଖାଯାଉଥିବା ଅପରାଧକୁ ନିୟନ୍ତ୍ରଣ ଓ ହ୍ରାସ କରିବା ଉଦ୍ଦେଶ୍ୟରେ ସେ ଏପରି ଆବେଦନ କରିଥିବା କହିଥିଲେ। ଆଜି ଉକ୍ତ ଆବେଦନକୁ ଦେଖି ସିଜେଆଇ ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି, "ଏହା କ'ଣ ? ଏଠାକୁ ଲୋକମାନେ ଯାହା ମନ ସେଇଆ ନେଇ ଆସୁଛନ୍ତି। ଏପରି ଆବେଦନ ଉପରେ ଏଣିକି ଆମେ ଜୋରିମାନା ଲଗାଇବା ଆରମ୍ଭ କରିବୁ। କେଉଁଠି ପଞ୍ଜୀକରଣ ହେବ ? କ'ଣ କେନ୍ଦ୍ର ସରକାରଙ୍କ ପାଖରେ ? ଲିଭ ଇନରେ ରହୁଥିବା ଲୋକଙ୍କ ସହ କେନ୍ଦ୍ରର କ'ଣ ସମ୍ପର୍କ ? ଆପଣ ସେମାନଙ୍କ ସୁରକ୍ଷା ଚାହୁଁଛନ୍ତି ନା ଲୋକମାନେ ଲିଭ ଇନରେ ରୁହନ୍ତୁ ବୋଲି ଚାହୁଁ ନାହାନ୍ତି ? ଦୟା କରି ଆବେଦନକାରୀଙ୍କ ଉପରେ ଯେମିତି ହେଲେ ଜୋରିମାନ ଲାଗୁ କରାଯାଉ। ଏହା ଏକ ଭୁଲ ଚିନ୍ତାଧାରା। ଏହାକୁ ଅଗ୍ରାହ୍ୟ କରାଯାଉଛି।" ଆବେଦନକାରୀ କେନ୍ଦ୍ର ସରକାର ଲିଭ ଇନ ସମ୍ପର୍କର ପଞ୍ଜୀକରଣ ବ୍ୟବସ୍ଥା କରନ୍ତୁ ବୋଲି କହିଥିଲା। ଏହା ଶୁଣି ସିଜେଆଇ କହିଥିଲେ, "କେଉଁ ସ୍ତରରେ ଆପଣ ସୁରକ୍ଷା ଦେବାକୁ ଚାହୁଁଛନ୍ତି ?" ଏହାର ଜବାବରେ ଆଇନଜୀବୀ ଜଣଙ୍କ ସାମାଜିକ ସୁରକ୍ଷା କଥା କହିଥିଲେ। ପୁଣି ଏହା ଶୁଣି ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ପ୍ରକାଶ କରିଥିଲେ।

## ବନ୍ଦ ଲଫାପା କାରବାର ଶେଷ କର: ପ୍ରଧାନ ବିଚାରପତି

ନୂଆଦିଲ୍ଲୀ: ଅଦାଲତରେ ବନ୍ଦ ବା ମୁଦା ଲଫାପାରେ ଦଲିଲ ଦାଖଲ ବନ୍ଦ କରାଯାଉ ବୋଲି ଆଜି 'ୱାନ୍ ରାଙ୍କ୍ ୱାନ୍ ପେନ୍‌ସନ୍' (ଓଆର୍ଓପି) ମାମଲାର ଶୁଣାଣି କରିବା ବେଳେ ଭାରତର ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ପେନ୍ସନ୍ ପେମେଣ୍ଟ ସମ୍ବନ୍ଧରେ ପ୍ରତିରକ୍ଷା ମନ୍ତ୍ରାଳୟର ନିଷ୍ପତ୍ତି ଉଲ୍ଲେଖ ଥିବା କାଗଜପତ୍ରଗୁଡ଼ିକୁ ଭାରତର ଆଟର୍ଣ୍ଣି ଜେନେରାଲ୍ ଏକ ମୁଦା ଲଫାପାରେ ଦାଖଲ କରିଥିଲେ। କିନ୍ତୁ, ତାହା ଗ୍ରହଣ କରିବାକୁ ଅଗ୍ରାହ୍ୟ କରି ପ୍ରଧାନ ବିଚାରପତି କହିଲେ ଯେ, ଏହାକୁ ପଢ଼ି ଶୁଣାଅ ନଚେତ ଫେରାଇ ନେଇଯାଅ। ପ୍ରଧାନ ବିଚାରପତି କହିଲେ, ଆମେ କୌଣସି ଗୋପନୀୟ ଦଲିଲ ମୁଦା ଲଫାପା ଗ୍ରହଣ କରୁନା। ମୁଁ ବ୍ୟକ୍ତିଗତ ଭାବେ ମଧ୍ୟ ଏହାକୁ ବିରୋଧ କରେ। ଅଦାଲତରେ ସାଧୁତା ରକ୍ଷା କରାଯିବା ବିଧେୟ। ଏଇଟା ତ ଆଦେଶ ଲାଗୁ ହେବା ପ୍ରସଙ୍ଗସମ୍ବଳିତ ଦଲିଲ। ଏଥିରେ କ'ଣ ଗୋପନ ଥାଇ ପାରେ ? ମୁଁ ମୁଦା ଲଫାପା କାରବାର ବନ୍ଦ କରିବାକୁ ଚାହେଁ। ଆଟର୍ଣ୍ଣି ଜେନେରାଲ୍‌ଙ୍କୁ ସେ ଆହୁରି ମଧ୍ୟ କହିଲେ, ସୁପ୍ରିମ୍ କୋର୍ଟ ଏମିତି କଲେ, ହାଇକୋର୍ଟମାନେ ବି ଏମିତି କରିବେ। ମୁଦା ଲଫାପା ସମ୍ପୂର୍ଣ୍ଣ ନ୍ୟାୟିକ ନୀତି ବିରୋଧୀ। କୌଣସି ବ୍ୟକ୍ତିବିଶେଷଙ୍କ ଜୀବନ ପ୍ରତି ବିପଦ ଥିବା କ୍ଷେତ୍ରରେ ହିଁ ମୁଦା ଲଫାପାରେ ଦଲିଲ୍ ଦାଖଲ କରାଯାଇପାରିବ। ଏକଥା ଶୁଣି ଆଟର୍ଣ୍ଣି ଜେନେରାଲ୍ ଉକ୍ତ ରିପୋର୍ଟକୁ ପଢ଼ି ଶୁଣାଇଲେ। ସେ କହିଲେ ଯେ, ଥରକରେ ଏତେ ପରିମାଣର ଅର୍ଥ ଦେବାକୁ ବଜେଟ୍ ଅଟକଳ ସମର୍ଥ ନୁହେଁ। ସମ୍ବଳ ସୀମିତ ଏବଂ ବ୍ୟୟ ନିୟନ୍ତ୍ରଣ କରାଯିବା ଆବଶ୍ୟକ। ଥରକରେ ଏତେ ଅର୍ଥ ଦେବାକୁ ଅସମର୍ଥ ବୋଲି ଅର୍ଥ ମନ୍ତ୍ରାଳୟ କହିଛି। ସୂଚନାଯୋଗ୍ୟ, 'ଓଆରଓପି' ବକେୟା ଦେୟ ଉପରେ ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ ଏବଂ ବିଚାରପତି ପି.ଏସ୍. ନରସିଂହ ଓ ଜେ.ବି. ପାର୍ଦ୍ଦିୱାଲା ସମ୍ପ୍ରତି ଏହି ଆବେଦନର ଶୁଣାଣି କରୁଛନ୍ତି।

## ୱାନ ର୍ୟାଙ୍କ ୱାନ ପେନସନ ମାମଲା: ସିଲ କଭର ରିପୋର୍ଟକୁ ମନା କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ୱାନ ର୍ୟାଙ୍କ ୱାନ ପେନସନ (ଓଆରଓପି) ନୀତି ଅନୁଯାୟୀ ପେନସନ ଦେୟ ମାମଲାରେ ସୁପ୍ରିମକୋର୍ଟ ପ୍ରତିରକ୍ଷା ମନ୍ତ୍ରଣାଳୟର ଏସମ୍ପର୍କିତ ସିଲ ହୋଇଥିବା କଭର୍ ରିପୋର୍ଟ ଗ୍ରହଣ କରିବାକୁ ମନା କରି ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଆମେ ସିଲ ହୋଇଥିବା କଭର କିମ୍ବା ଗୋପନୀୟ ରିପୋର୍ଟ ଗ୍ରହଣ କରିବୁ ନାହିଁ। ପ୍ରଧାନ ବିଚାରପତି ଡି.ୱାଇ.ଚନ୍ଦ୍ରଚୂଡ ଏଜି ଭେଙ୍କଟରମଣିଙ୍କୁ କହିଛନ୍ତି ଯେ ସେ ସିଲ ହୋଇଥିବା ରିପୋର୍ଟ ଗ୍ରହଣ କରିବା ସିଦ୍ଧାନ୍ତକୁ ବିରୋଧ କରନ୍ତି। ଏହା ନ୍ୟାୟର ମୌଳିକ ନୀତି ବିରୁଦ୍ଧ ଅଟେ। ଆମେ ସୁପ୍ରିମକୋର୍ଟରେ ସିଲ ହୋଇଥିବା କଭର ପ୍ରକ୍ରିୟାକୁ ଶେଷ କରିବାକୁ ଚାହୁଁଛୁ, କାରଣ ଏହାଦ୍ୱାରା ହାଇକୋର୍ଟ ମଧ୍ୟ ଏହାକୁ ବ୍ୟବହାର କରିବା ଆରମ୍ଭ କରିବେ। ଏହାର ଏକ କପି ବିପକ୍ଷ ପକ୍ଷଙ୍କୁ ଦିଅନ୍ତୁ କିମ୍ବା ଚ୍ୟାମ୍ବରକୁ ନେଇ ସେମାନଙ୍କୁ ଜଣାନ୍ତୁ। ଏହି କ୍ଷେତ୍ରରେ କେଉଁ ଗୋପନୀୟତା ରହିଛି ? ଆମେ ବକେୟା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛୁ। ଯାହା କାର୍ଯ୍ୟକାରୀ ହେଉଛି ।

## ଜାତୀୟ ପତାକାକୁ ଖଲିସ୍ଥାନ ସମର୍ଥକଙ୍କ ଅପମାନ



ନୂଆଦିଲ୍ଲୀ: ସୁଧୁରୁ ନାହାନ୍ତି ଖଲିସ୍ଥାନ ସମର୍ଥକ। ବ୍ରିଟେନର ଲଣ୍ଡନରେ ଥିବା ଭାରାତୀୟ ହାଇ କମିଶନରେ ଲାଗିଥିବା ତ୍ରିରଙ୍ଗା ପତକାକୁ ଅପମାନ କରାଯାଇଛି। ଖଲିସ୍ତାନୀ ସମର୍ଥକଙ୍କ ଦ୍ୱାରା ଉକ୍ତ ତ୍ରିରଙ୍ଗା ପତକାକୁ କାଢି ଖଲିସ୍ତାନୀ ପତକା ଲଗାଯାଇଛି। ଏହାକୁ ନେଇ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଅସନ୍ତୋଷ ବ୍ୟକ୍ତ କରିଛି। ଭାରତ ଜଣେ ବରିଷ୍ଠ ବ୍ରିଟିଶ କୂଟନୀତିଜ୍ଞଙ୍କୁ ଡକାଇ ଏହି ଘଟଣାରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିବୃତ୍ତିରେ ବ୍ରିଟେନକୁ ହାଇ କମିଶନ ବାହାରେ ସୁରକ୍ଷା ଯୋଗାଇ ଦିଆ ନ ଯିବାର କାରଣ ସମ୍ପର୍କରେ ଜବାବ ଦେବାକୁ କୁହାଯାଇଛି। ମନ୍ତ୍ରଣାଳୟ କହିଛି ଯେ, ବ୍ରିଟେନରେ ଭାରତୀୟ କୂଟନୀତିଜ୍ଞଙ୍କ ସୁରକ୍ଷା ମଧ୍ୟରେ ଭେଦଭାବ ରହିଛି, ଯାହା ସମ୍ପୂର୍ଣ୍ଣ ଗ୍ରହଣୀୟ ନୁହେଁ। ସୂଚନାଯୋଗ୍ୟ, ରବିବାର ବିଳମ୍ବିତ ରାତିରେ ଖଲିସ୍ତାନ ସମର୍ଥକମାନେ ଲଣ୍ଡନ ସ୍ଥିତ ଭାରତୀୟ ହାଇ କମିଶନଙ୍କୁ ଟାର୍ଗେଟ କରିଥିଲେ। ଏହି ସମୟରେ ତ୍ରିରଙ୍ଗାକୁ ଅପମାନିତ କରାଯାଇଥିଲା ଏବଂ କ୍ୟାମ୍ପସ ପରିସରରେ ଭଙ୍ଗାରୁଜା ମଧ୍ୟ କରାଯାଇଥିଲା। ପଞ୍ଜାବରେ ଖଲିସ୍ତାନୀ ନେତା ଅମ୍ରିତପାଲଙ୍କୁ ଧରିବା ପାଇଁ ଯେଉଁ ପଦକ୍ଷେପ ନିଆଯାଇଛି ତାକୁ ବିରୋଧ କରି ଖଲିସ୍ତାନ ସମର୍ଥକମାନେ ଏଭଳି କରିଥିବା କୁହାଯାଇଛି।

# ଲୋକସଭାରେ କହିବାକୁ ଅନୁମତି ମାଗିଲେ ରାହୁଲ



ନୂଆଦିଲ୍ଲୀ : କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିବୃତ୍ତିକୁ ନେଇ ରାଜନୀତି ସରଗରମ ରହିଛି। ବିଦେଶୀ ମାଟିରେ ଦେଶକୁ ଅପମାନିତ କରିଥିବା ଭାଜପା ଅଭିଯୋଗ କରିବା ସହ ରାହୁଲ ଗାନ୍ଧୀ କ୍ଷମା ମାଗିବାକୁ ଦାବି କରିଛି। ଏପରିକି ରାହୁଲଙ୍କୁ ଲୋକ ସଭାରେ କିଛି କହିବାକୁ ଅନୁମତି ନ ମିଳୁ ବୋଲି ଭାଜପା ଜିଦ୍ ଧରିଥିଲା। ଏହି ସମୟରେ ରାହୁଲ ଲୋକ ସଭା ବାଚସ୍ପତି ଓମ ବିର୍ଲାଙ୍କୁ ଏକ ଚିଠି ଲେଖି ଗୃହରେ କହିବାକୁ ଅନୁମତି ମାଗିଥିଲେ।

କଂଗ୍ରେସ ସୂତ୍ର ଅନୁଯାୟୀ ରାହୁଲ ଗାନ୍ଧୀ ୩୫୭ ନିୟମ ଅନୁଯାୟୀ ମାର୍ଚ୍ଚ ୧୮ ଲୋକ ସଭା ବାଚସ୍ପତିଙ୍କୁ ଏକ ଚିଠି ଲେଖିଥିଲେ। ଏହାପୂର୍ବରୁ ଗୁରୁବାର ରାହୁଲ ଲୋକ ସଭା ବାଚସ୍ପତିଙ୍କୁ ଭେଟି ଗୃହରେ କହିବା ପାଇଁ ଅନୁରୋଧ କରିଥିଲେ। ରାହୁଲ କହିଥିଲେ, ସରକାରଙ୍କ ମନ୍ତ୍ରୀମାନେ ତାଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି, ଏଭଳି ପରିସ୍ଥିତିରେ ତାଙ୍କର କହିବାର ଅଧିକାର ଅଛି। ସୂଚନାଯୋଗ୍ୟ, ରାହୁଲଙ୍କ ଲଣ୍ଡନ ବିବୃତ୍ତିକୁ ନେଇ ସଂସଦରେ ଉତ୍ତେଜନା ଦେଖାଦେଇଛି। ଉଭୟ ଗୃହରେ ଭାରତୀୟ ଜନତା ଦଳର ଏମ୍ପିମାନେ ରାହୁଲ ଗାନ୍ଧୀ କ୍ଷମା ମାଗନ୍ତୁ ବୋଲି ଜିଦ୍ ଧରିଥିବା ବେଳେ ଏପଟେ ବିରୋଧୀ ଆଦାନୀ ପ୍ରସଙ୍ଗରେ ହଟ୍ଟଗୋଳ କରୁଛନ୍ତି। ଏହି କ୍ରମାଗତ ଉତ୍ତେଜନା ହେତୁ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ଗୋଟିଏ ଦିନ ବି ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରୁନାହିଁ।

# ରାହୁଲଙ୍କ ନେତୃତ୍ୱକୁ କେହି ଗ୍ରହଣ କରିବେ ନାହିଁ : ବିଜେପି ସାଂସଦ



ନୂଆଦିଲ୍ଲୀ: ବିରୋଧୀ ଦଳର ରାଜନୈତିକ ଦଳ ମଧ୍ୟରେ ଏକତା ପାଇଁ କରାଯାଉଥିବା ପ୍ରୟାସ ବର୍ତ୍ତମାନଠାରୁ ମରୁଥିବା ଜଣାପଡିଛି। ଏହି ସମୟରେ ବିଜେପିର ରାଜ୍ୟସଭା ସାଂସଦ ହରନାଥ ସିଂ ଯାଦବ ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ବିରୋଧୀ ଦଳର ନେତା ଭାବରେ ନିଯୁକ୍ତ କରିବା ସମ୍ପର୍କରେ ଏକ ବିବୃତ୍ତି ଦେଇଛନ୍ତି। ସେ କହିଛନ୍ତି ଯେ ରାଷ୍ଟ୍ର ବିରୋଧୀ କାର୍ଯ୍ୟକଳାପରେ ଜଡିତ ଥିବାରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ କେହି ଗ୍ରହଣ କରିବେ ନାହିଁ। ରାଜ୍ୟସଭା ସାଂସଦ ହରନାଥ ସିଂ ଯାଦବ କହିଛନ୍ତି ଯେ ରାହୁଲ ଗାନ୍ଧୀ ଦେଶର ଶତ୍ରୁମାନଙ୍କ ଭାଷା କୁହନ୍ତି ଏବଂ ସେମାନଙ୍କୁ ସମର୍ଥନ କରନ୍ତି। ରାହୁଲ ଗାନ୍ଧୀଙ୍କ ସଂସଦ ସଦସ୍ୟତା ମଧ୍ୟ ବାତିଲ କରାଯିବା ଉଚିତ ବୋଲି ସେ କହିଛନ୍ତି। କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଦେଇଥିବା ବିବୃତ୍ତି ପାଇଁ ବିଜେପି କ୍ରମାଗତ ଭାବେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଉପରେ ଆକ୍ରମଣ କରୁଛି। ଗତ କିଛି ଦିନ ହେବ ପ୍ରତିଦିନ ବିଜେପିର ବଡ ନେତାମାନେ ତାଙ୍କ ବିରୋଧରେ ସାମ୍ବାଦିକ ସମ୍ମିଳନୀ କରୁଛନ୍ତି। ଏହାପୂର୍ବରୁ ମାର୍ଚ୍ଚ ୧୮ ରେ, ଭାରତର ଏ୨୦ ରାଷ୍ଟ୍ରପତିଙ୍କ ଉପରେ ବ ସ୍ୱରକ୍ଷଭବକ୍ଷ ଦେଶିକ ବ୍ୟାପାର ମନ୍ତ୍ରଣାଳୟର ଏକ ବ ଙ୍କରରସ୍ପ- ସଭଶ ଠକରେ ରାହୁଲ ଗାନ୍ଧୀ ଲଣ୍ଡନରେ ଦେଇଥିବା ବିବୃତ୍ତିକୁ ସ୍ପଷ୍ଟ କରିବାକୁ ଚେଷ୍ଟା କରିଥିଲେ। ସେ କହିଛନ୍ତି ଯେ ତାଙ୍କ ବିବୃତ୍ତି ଜଣେ ବ୍ୟକ୍ତିଙ୍କ ବିଷୟରେ। ଏହା ସରକାର କିମ୍ବା ଦେଶ ବିଷୟରେ ନୁହେଁ। ତେବେ ଏହି ସଭାରେ ତାଙ୍କ ବିବୃତ୍ତି ସ୍ପଷ୍ଟ କରିବାକୁ ବିଜେପି ସାଂସଦମାନେ ତାଙ୍କୁ ପ୍ରଶ୍ନ କରିଛନ୍ତି। ଏଥି ସହ ଟିଏମସି ସୁପ୍ରିମୋ ତଥା ପଶ୍ଚିମବଙ୍ଗର ସିଏମ ମମତା ବାନାର୍ଜୀ ମାର୍ଚ୍ଚ ୧୯ ରେ କଂଗ୍ରେସ ଉପରେ ଆକ୍ରମଣ କରି ବିଜେପିକୁ ଅଭିଯୋଗ କରିଥିଲେ। ମମତା ବାନାର୍ଜୀ କହିଛନ୍ତି ଯେ ବ୍ରିଟେନରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିବୃତ୍ତିର ଏକ ପ୍ରସଙ୍ଗ କରି ବିଜେପି ସଂସଦର ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛି ଏବଂ ଜଳୁଥିବା ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ତାଙ୍କୁ 'ହିରୋ' କରିବାକୁ ଚେଷ୍ଟା କରୁଛି। ସେ କହିଛନ୍ତି ଯେ ଯଦି ରାହୁଲ ଗାନ୍ଧୀ ବିରୋଧୀ ଦଳର ନେତା ରୁହନ୍ତି ତେବେ କେହି ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରିପାରିବେ ନାହିଁ। ଟିଏମସି ସାଂସଦ ଅବୁ ତାହିର କହିଛନ୍ତି ଯେ ରାହୁଲ ଗାନ୍ଧୀଙ୍କୁ ବିରୋଧୀ ଶିବିରର ହିରୋ କରିବାକୁ ବିଜେପି ଚାହୁଁଛି।

## ଆତ୍ମସମର୍ପଣ କଲେ ଅମ୍ରିତପାଲର ଦାଦା ଓ ଡ୍ରାଇଭର

ନୂଆଦିଲ୍ଲୀ: ଧରାପଡୁନି ଖଲିସ୍ତାନୀ ସମର୍ଥକ ଆମ୍ରିତପାଲ ସିଂହ। ତାକୁ ଧରିବା ପାଇଁ ପଞ୍ଜାବ ପୁଲିସ ହେଲାଣି ନାକେଦମ୍। ଚାରିଆଡେ ହାଇଆଲର୍ଟ ଜାରି ରହିଛି। ଘନ ଘନ ଚେକିଂ ଓ ଚଢ଼ାଉ ବି ଜାରି ରଖିଛି ପୁଲିସ ତଥାପି ୱାରିସ ପଞ୍ଜାବ ଦେ' ମୁଖ୍ୟ ପୁଲିସକୁ ଚକ୍କା ଦେଇ ଖସି ପଳାଇବାରେ ହୋଇଛି ସଫଳ। ଏହାରି ଭିତରେ ଅମ୍ରିତ ପାଲ ସିଂହର ଡ୍ରାଇଭର ଓ ଦାଦା ଆସି ଆଜି ପୁଲିସରେ ଆତ୍ମସମର୍ପଣ କରିଛନ୍ତି। ସୂଚନା ମୁତାବକ, ସୋମବାର ଅମ୍ରିତପାଲର ଦାଦା ହରଜିତ ସିଂହ ଓ ଡ୍ରାଇଭର ହରପ୍ରିତ ମେହତପୁର ଥାନା ଆସି ସରେଣ୍ଡର କରିଥିବା ଜଣାପଡିଛି। ଉଭୟଙ୍କ ପାଖରୁ ପୁଲିସ ଏକ ମର୍ସିଡିଜ କାର୍ ମଧ୍ୟ ଜବତ କରିଛି। ଏହି ଗାଡିରେ ହିଁ ଅମ୍ରିତପାଲ ଓ ତା' ଦାଦା ଓ ଡ୍ରାଇଭର ଫେରାର ହୋଇଥିଲା। ଦାଦା ହରିଜିତ ସିଂହ ହେଉଛନ୍ତି ଅମ୍ରିତପାଲଙ୍କ ପରାମର୍ଶଦାତା। ତାଙ୍କ କହିବା ମୁତାବକ, ଯେତେବେଳେ ପଞ୍ଜାବ ପୁଲିସ ତାଙ୍କ ପିଛା କରିଥିଲା ସେତେବେଳେ ସେ ଆଉ ଅମ୍ରିତପାଲ ଭିନ୍ନ ହୋଇଯାଇଥିଲେ। ପୁଲିସ ଠାରୁ ବର୍ତ୍ତିବା ପାଇଁ ସେ ଗୋଟିଏ ରାସ୍ତାରେ ଯାଇଥିଲେ ଓ ଅମ୍ରିତପାଲ ଗାଡିରୁ ଓହ୍ଲାଇ ଆଉ ଏକ ରାସ୍ତାରେ ଯାଇଥିଲା। ପୁଲିସ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅମ୍ରିତପାଲ ସିଂହର ୧୧୨ ଜଣ ସମର୍ଥକଙ୍କୁ ଗିରଫ ସାରିଲାଣି।

## ରୁଷ ଗସ୍ତରେ ସି ଜିନ୍‌ପିଙ୍ଗ୍

ବେଜିଂ : ରୁଷିଆ ପ୍ରଧାନମନ୍ତ୍ରୀ ଭ୍ଲାଡିମିର ପୁଟିନଙ୍କ ନିମନ୍ତ୍ରଣରେ ମାର୍ଚ୍ଚ ୨୦ରୁ ୨୨ପର୍ଯ୍ୟନ୍ତ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ ରୁଷିଆ ଗସ୍ତ କରିବେ। ଏହା ବନ୍ଧୁତ୍ୱର ଯାତ୍ରା, ସହଯୋଗର ଯାତ୍ରା ଏବଂ ଶାନ୍ତିର ଯାତ୍ରା, ଯାହା ଚାଇନା ଏବଂ ରୁଷିଆ ମଧ୍ୟରେ ବ୍ୟାପକ ରଣନୈତିକ ସହଯୋଗୀ ଭାଗିଦାରୀର ଏକ ନୂତନ ଯୁଗ ଆରମ୍ଭ କରିବ। ୟୁକ୍ରେନରୁ ହଜାର ହଜାର ଶିଶୁ ଅପହରଣ ପାଇଁ ପୁଟିନ ବ୍ୟକ୍ତିଗତ ଭାବେ ଦାୟୀ ବୋଲି ଅନ୍ତର୍ଜାତୀୟ ଅପରାଧିକ କୋର୍ଟ (ଆଇସିସି) ଘୋଷଣା କରିଛି। ୟୁକ୍ରେନକୁ ଯୁଦ୍ଧ ଅପରାଧରେ ଦୋଷୀ ସାବ୍ୟସ୍ତ କରିବା ପରେ ଚାଇନା ନେତା ସି ଜିନପିଙ୍ଗ ମସ୍କୋରେ ପୁଟିନଙ୍କୁ ଭେଟିବେ।

## ପ୍ରଗତି ମହିଳା ସଂଗଠନ ପକ୍ଷରୁ

# ପାରଳାଖେମୁଣ୍ଡିରେ ବିଶ୍ୱ ପଖାଳ ଦିବସ




ପାରଳାଖେମୁଣ୍ଡି, (ପିପିଏସ) : ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ୟୁଟେକ କମ୍ପ୍ୟୁଟର କେନ୍ଦ୍ର ପରିସରରେ ପ୍ରଗତି ମହିଳା ସଙ୍ଗଠନ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଏସବିଆଇର ଅବସରପ୍ରାପ୍ତ ଅଧିକାରୀ ହରୀମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ଏହି ପଖାଳ ଦିବସରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି କାରାଗାର ଅଧିକାରୀ ହନୁ ସେଠୀ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବିନୋଦିନୀ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ମନୋଜ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କାଲଚୁରାଲ ଅଧିକାରୀଣୀ ଅର୍ଚ୍ଚନା ମଙ୍ଗରାଜ, ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା, ପ୍ରଗତି ମହିଳା ସଂଗଠନ ଅଧକ୍ଷା ତନୁଜା ଶତପଥୀ, ୟୁଟେକ୍ କମ୍ପ୍ୟୁଟର କେନ୍ଦ୍ରର ଅଧକ୍ଷ ଲୋକନାଥ ମିଶ୍ର ପ୍ରମୁଖ ମଞ୍ଚାସିନ ଥିଲେ। ସେମାନେ ସେମାନଙ୍କ ଉଦବୋଧନରେ ବିଶ୍ୱ ପଖାଳ ଦିବସ ପାଳନର ଉଦେଶ୍ୟ ନେଇ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଗରୁଡ଼ ଧ୍ୱଜ ଚୌଧୁରୀ, ଭାଗବତ ପାଢ଼ୀ, ଛାତ୍ରୀ ପ୍ରିୟା ପ୍ରଧାନ, ନରସିଂହ ପଟ୍ଟନାୟକ, ଯୁକ୍ତ ଦୁଇ ବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ନରସିଂହ ଗୌଡ,ଡ: ମୁର୍ମୁ ପ୍ରମୁଖ ବିଶ୍ୱ ପଖାଳ ଦିବସର ତାତ୍ପର୍ଯ୍ୟ ନେଇ କହିଥିଲେ। ବିଶ୍ୱ ପଖାଳ ଦିବସ ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ସମେତ ଗୃହିଣୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା ପରିଶେଷରେ ଭାଗବତ ପାଢ଼ୀ ଧନ୍ୟବାଦ ଜଣାଇଥିଲେ।

## ଖେଳୁଥିବାବେଳେ ଆର୍ଥିଙ୍ଗ ତାର ଲାଗି ୩ ବର୍ଷ ଶିଶୁର ମୃତ୍ୟୁ




ଭଦ୍ରକ, (ପିପିଏସ) : ବିଦ୍ୟୁତ୍ ଆଘାତରେ ୩ ବର୍ଷ ଶିଶୁର ମୃତ୍ୟୁ। ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଷ୍ଟେ ତାର ଲାଗି ମୃତ୍ୟୁ ହୋଇଥିବାର ଜଣାପଡିଛି। ପ୍ରାପ୍ତ ଖବରରୁ ସୂଚନା ଅନୁସାରେ ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ମୁଲାସାହି ୮ନଂ ୱାର୍ଡର ସେକ୍ ଜୁମା ନାୟକ ୩ ବର୍ଷର ଛୋଟ ପିଲାଟିଏ ଖେଳୁଥିବା ସମୟରେ ଘର ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଆର୍ଥିଙ୍ଗ ବା ଷ୍ଟେ କୁ ଧରିଦେବାରୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ସଂଗେ ସଂଗେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଭଦ୍ରକ ମେଡିକାଲରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଛନ୍ତି। ତେବେ ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ତେବେ ବିଦ୍ୟୁତ୍ ବିଭାଗର ଖାମଖିଆଲି ପାଇଁ ଆମ ପିଲାଙ୍କ ମୃତ୍ୟୁ ହୋଇଛି ବୋଲି ସଂପର୍କୀୟ ଅଭିଯୋଗ ଆଣିଛନ୍ତି।

## ଶିକ୍ଷକ ଅଭାବ ପାଇଁ ତୁଳସୀପୁର ଉପ୍ରା ସ୍କୁଲ ଛାତ୍ରଛାତ୍ରୀଙ୍କ ଧାରଣା

ଭଦ୍ରକ, (ପିପିଏସ) : ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ସରସଦା ପଞ୍ଚାୟତ ଅନ୍ତର୍ଗତ ତୁଳସୀପୁର ଉପ୍ରା ସ୍କୁଲର ଛାତ୍ରଛାତ୍ରୀମାନେ ଆଜି ଶିକ୍ଷକ ଅଭାବ ପ୍ରତିବାଦରେ ଧାରଣା ଦେଇଥିବା ଜଣାଯାଇଛି। ଏହି ସ୍କୁଲରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯୫ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ମୋଟ ୮ଟି ଶ୍ରେଣୀ ପାଇଁ ପ୍ରଧାନଶିକ୍ଷକ ସମେତ ୫ଜଣ ଶିକ୍ଷକ ଶିକ୍ଷାଦାନ କରୁଥିଲେ। ସେଥିମଧ୍ୟରୁ ଜଣେ ଶିକ୍ଷକ ସହମତି ଆଧାରରେ ଆନ୍ତଃଜିଲ୍ଲା ବଦଳି ହୋଇ ପୁରୀ ଜିଲ୍ଲାରେ ଅବସ୍ଥାପିତ ହୋଇଥିଲେ। ମାତ୍ର ବଦଳ ଶିକ୍ଷକ ତୁଳସୀପୁର ସ୍କୁଲରେ ଯୋଗ ଦେଇନଥିଲେ। ଫଳରେ ଶିକ୍ଷକ ସଂଖ୍ୟା ୪କୁ କମିଯାଇଥିଲା। ଏବେ ପରୀକ୍ଷା ସମୟ ଆସିଯାଇଥିବାରୁ ଦୀର୍ଘ ଦିନ ଅପେକ୍ଷା ପରେ ଅଭିଭାବକଙ୍କ ବିରକ୍ତି ଭାବ କ୍ରମେ ଆନ୍ଦୋଳନର ରୂପ ନେଇଥିଲା। ସୋମବାର ସ୍କୁଲ ଫାଟକରେ ତାଲା ପକାଇ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଧାରଣା ଦେଇଥିଲେ।

# ମାଟ୍ରିକ୍ ପ୍ରଶ୍ନପତ୍ରରେ ତ୍ରୁଟି ବିରୁଦ୍ଧରେ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ବିକ୍ଷୋଭ




କଟକ, (ପିପିଏସ) : ଦଶମ ଶ୍ରେଣୀ ସମେଟିଭ-୨ ପରୀକ୍ଷାରେ ତ୍ରୁଟିପୂର୍ଣ୍ଣ ପ୍ରଶ୍ନପତ୍ର ପ୍ରକାଶନରେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ତ୍ରୁଟିପୂର୍ଣ୍ଣ ପ୍ରଶ୍ନପତ୍ର ପାଇଥିବା ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା ଖାତାର ସଠିକ ମୂଲ୍ୟାୟନ କରି ଫଳ ପ୍ରକାଶନ କରିବା, ବୋର୍ଡର ପ୍ରଶ୍ନପତ୍ର ପ୍ରକାଶନ ଓ ସମ୍ପୂର୍ଣ୍ଣ ପରୀକ୍ଷା ପରିଚାଳନାରେ ଆଉଟ ସୋର୍ସିଙ୍ଗ ବନ୍ଦ କରିବା ଓ ବୋର୍ଡ କର୍ତ୍ତୃପକ୍ଷ ନିଜର ଖାମଖିଆଲି ମନୋବୃତ୍ତିରୁ ନିବୃତ୍ତ ରହିବା ଦାବିରେ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ବୋର୍ଡ ଅଫିସ୍ ସମ୍ମୁଖରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ଏ.ଆଇ.ଡି.ଏସ୍.ଓ ଓଡିଶା ରାଜ୍ୟ କମିଟି ସଂପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ, ସଂଗଠନର କଟକ ଜିଲ୍ଲା କମିଟି ସଭାପତି ଇଶା ଧର, ଉପ-ସଭାପତି ଶିବାନୀ ସାହୁ, ସଂପାଦକ ତରୁଣସେନ ନାୟକ, ଛାତ୍ରନେତା ଶୁଭସ୍ମିତା ସାହୁ, ଅମରେନ୍ଦ୍ର ନାୟକ, ଜ୍ୟୋସ୍ନାରଣୀ ଦାସ, ସରୋଜ ମାନସିଂ, ସତ୍ୟବ୍ରତ ମୁଦୁଲି, ରଶ୍ମି ନାଏକ ପ୍ରମୁଖଙ୍କ ଏହାର ନେତୃତ୍ୱ ନେଇଥିଲେ। ସୂଚନାଯୋଗ୍ୟ ଯେ, ଗତ ଶନିବାର ଦିନ ସାମାଜିକ ବିଜ୍ଞାନର ପ୍ରଶ୍ନ ପତ୍ରରେ ୫୦ ସଂକ୍ଷିପ୍ତ ପ୍ରଶ୍ନ ବଦଳରେ ୪୯ଟି ପ୍ରଶ୍ନ ରହିଥିଲା। ତନ୍ମଧ୍ୟରୁ ୧୮ଟି ପ୍ରଶ୍ନ ଏକାଧିକ ଥର ହୋଇଛି। ଏହି ଘଟଣାର ପ୍ରତିଉତ୍ତରରେ ବୋର୍ଡ କର୍ତ୍ତୃପକ୍ଷ ଅତ୍ୟନ୍ତ କହିଛନ୍ତି ଯେ, ଏହା ମୁଦ୍ରଣ ଜନିତ ତ୍ରୁଟି। ଯାହାକି କର୍ତ୍ତୃପକ୍ଷଙ୍କର ଦାୟିତ୍ୱହୀନ ମାନସିକତାକୁ ପ୍ରଦର୍ଶିତ କରୁଛି। ଅନ୍ୟ ଦିଗରେ ପରୀକ୍ଷା ପରିଚାଳନା, ପ୍ରଶ୍ନପତ୍ର ଓ ଫଳ ପ୍ରକାଶନରେ ତ୍ରୁଟି ତଥା ପ୍ରଶ୍ନପତ୍ର ପ୍ରଘଟ ଦଶମ ଶ୍ରେଣୀ ପରୀକ୍ଷାର ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଫଳରେ ଗୋଟିଏ ପଟେ ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦିଆଯାଉଛି। ବୋର୍ଡ ଅଫିସରେ ବ୍ୟାପକ ସଂଖ୍ୟାରେ ଖାଲି ପଡିଥିବା ପଦବୀଗୁଡିକୁ ପୂରଣ ନକରି ଘରୋଇ ସଂସ୍ଥାମାନଙ୍କୁ ପୋଷିବା ପାଇଁ ଆଉଡସୋର୍ସିଂ ବ୍ୟବସ୍ଥା କରାଯାଇଛି। ଯୋଜନାବଦ୍ଧଭାବେ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରି ଘରୋଇ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଉଛି। ଏହି ସମସ୍ତ ଅବ୍ୟବସ୍ଥାର ସ୍ଥାୟୀ ସମାଧାନ କରାନଗଲେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ଦୁର୍ବାର ରୂପ ନେବବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ପଚିଶି ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ବାରୁଣୀ ମହୋତ୍ସବ



କଟକ, (ପିପିଏସ) : ରବିବାର ସଂଧ୍ୟାରେ ସ୍ଥାନୀୟ ରାଉସାପାଟଣାସ୍ଥିତ ଶ୍ରୀ ଶ୍ରୀ ରାଧାଗୋବିନ୍ଦଜୀଉ ମନ୍ଦିର ସମ୍ମୁଖରେ ପଚିଶି ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ବାରୁଣୀ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ଦିଗଭାଗର ସମସ୍ତ ସଂକୀର୍ତ୍ତନ ମଣ୍ଡଳୀ ଏକ ଶୋଭାଯାତ୍ରାରେ ରାଉସାପାଟଣା ଶିବବଜାରରୁ ବାହାରି ଗ୍ରାମ ପରିକ୍ରମା କରି ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ସମସ୍ତ ମଣ୍ଡଳୀ ପର୍ଯ୍ୟାୟକ୍ରମେ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ସମସ୍ତ ରାଉସାପାଟଣାର ଅଧିକାରୀ, ମହନ୍ତ, ଗ୍ରାମ ପୂଜାକମିଟିର ପୌରହିତ୍ୟ ଓ ଦିଗଭାଗର ସର୍ବାଧିକାରୀ ସୁରେଶ କୁମାର ସାହୁ ଓ ସର୍ବମହନ୍ତ ରବିନ୍ଦ୍ର ବସ୍ତିଆଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଏହି ସଂକୀର୍ତ୍ତନ କାର୍ଯ୍ୟକ୍ରମରେ ରାଉସାପାଟଣା, ବଙ୍ଗାଳିସାହି, ଭଗତପୁର, ଝାଞ୍ଜିରିମଙ୍ଗଳା, ରାଜାବଗିଚା, ବାର୍ମ୍ଫିସାହି, ତେଲେଙ୍ଗା ବଜାର, ବାଖରାବାଦ, ଭଣ୍ଡାରୀ ସାହି, ଭଞ୍ଜମଠ, ଥୋରିଆ ସାହି, ହରିପୁର, ଝୋଲ୍ଲାସାହି, ନିମସାହି ଓ ଦରଘା ବଜାରର ଅଧିକାରୀ, ମହନ୍ତ, କଟୁଆଳଙ୍କ ସହିତ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଏହି ମହୋତ୍ସବରେ କଟକ ମହାନଗର ନିଗମର ମେୟର ସୁବାସ ସିଂ, କର୍ପୋରେଟର ଇତିଶ୍ରୀ ଦାସ, ସୁମିତ୍ରା ବସ୍ତିଆ, ଓଡ଼ିଆ ସ୍ୱାଭିମାନ ମଞ୍ଚ ସଭାପତି ମହମ୍ମଦ ସକିଲ, ବାସ୍ତରୀ ସଂକୀର୍ତ୍ତନ ମଣ୍ଡଳୀ ଆବାହକ ତଥା ଶାନ୍ତିକମିଟି ସଭାପତି ଦେବେନ୍ଦ୍ର ସାହୁ ଶାନ୍ତିକମିଟି ସଂପାଦକ ଭିକାରୀ ଦାସ, ଗୋପୀନାଥଜୀଉ ମନ୍ଦିର ଟ୍ରଷ୍ଟି ନରେଶ କୁମାର ସାହୁ, ବିଶିଷ୍ଟ ଆଇନଜୀବି ଆଲୋକ ମହାପାତ୍ର, ମହିଳାମୋର୍ଚ୍ଚା ସଭାପତି ଶ୍ରୀମତୀ ସ୍ମୃତି ପଟ୍ଟନାୟକ, ବାଇଶି ଦିଗଭାଗ କାର୍ଯ୍ୟକାରୀ ସର୍ବାଧିକାରୀ ସୁବାଷ କୁମାର ସାହୁ, ଉଣେଇଶି ଦିଗଭାଗ ସର୍ବାଧିକାରୀ ବୀରେନ୍ଦ୍ର କୁମାର ସାହୁ, ଷୋହଳ ଦିଗଭାଗ ମୁଖ୍ୟ ପରିଚାଳକ ପ୍ରଦୀପ କୁମାର ସାହୁଙ୍କ ସମେତ ସେମାନଙ୍କର ସଦସ୍ୟବୃନ୍ଦ ଯୋଗ ଦେଇଥିଲେ । ପରିଶେଷରେ ପଚିଶି ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ସୁରେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ମହାସଭା ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ସର୍ବ କଟୁଆଳ ରଶ୍ମି ରଞ୍ଜନ ବେହେରା ପ୍ରଦୀପ ପ୍ରଜ୍ୱଳନ କରି ସଭା ସଞ୍ଚୋଳନା କରିଥିଲେ । ପରେ ସମସ୍ତ ସଦସ୍ୟ ଗୀତଗୋବିନ୍ଦ ଗାନ କରିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ରବିନ୍ଦ୍ର ବସ୍ତିଆ ରାଉସା ପାଟଣା ଗ୍ରାମର ଅଧିକାରୀ, ମହନ୍ତ, ସଭାପତି, ସଂପାଦକ ଓ ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଥିଲେ। ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

## ଯାଜପୁର ଜିଲ୍ଲା ମଧୁ ବୈଶ୍ୟ ସମାଜର ପ୍ରଥମ ସାଧାରଣ ବୈଠକ

ବରୀ, (ପିପିଏସ୍) : ଯାଜପୁର ଜିଲ୍ଲା ମଧୁ ବୈଶ୍ୟ ସମାଜର ପ୍ରଥମ ସାଧାରଣ ବୈଠକ ବ୍ୟାସନଗରର ସ୍ଥିତ ନନ୍ଦିଘୋଷ ଟ୍ରେଡର ପରିସରରେ ଅନୁଷ୍ଠିତ ହୋଇଯାଇଛି, ଆରାଧ୍ୟ ଦେବତା ବିଘ୍ନ ବିନାଶକ ଶ୍ରୀଗଣେଶଙ୍କ ନିକଟରେ ହୃଷୀକେଶ ପୃଷ୍ଟି ପ୍ରଦୀପ ପ୍ରଜ୍ୱଳନ କରି ଗଣେଶ ବନ୍ଦନା କରି ବୈଠକକୁ ଉଦଘାଟନ କରିଥିଲେ, ସଂଘ ଗଠନର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ବନ୍ଧରେ ପୃଷ୍ଟି ଉପସ୍ଥିତ ସମାଜର ସମସ୍ତ ବନ୍ଧୁ ବର୍ଗଙ୍କୁ ସୂଚନା ପ୍ରଦାନ କରିଥିଲେ, ବ୍ୟାସନଗରର ବରିଷ୍ଠ ନାଗରିକ ବସନ୍ତ କୁମାର ପାତ୍ର ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତି ଭାଇ ମାନଙ୍କ ମଧ୍ୟରେ ସୁସମ୍ପର୍କ, କୁସଂସ୍କାର, ଅନ୍ଧବିଶ୍ୱାସ, ଓ ସଙ୍କୀର୍ଣ୍ଣ ମନୋଭାବ ଦୂର କରି ସମାଜର ଉନ୍ନତି ଓ ଚଳଣି ରେ ପରିବର୍ତ୍ତନ, ଶିକ୍ଷା ର ସମ୍ପ୍ରସାରଣ, ନାରୀ ଶିକ୍ଷା ପ୍ରତି ଗୁରୁତ୍ୱ ,ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ,,ବାଣିଜ୍ୟ, ପରିବେଶ, ଆଦି ବିଭିନ୍ନ ସାମାଜିକ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା ,ଦଶ ଗୋଟି ବ୍ଲକ, ଦୁଇ ଗୋଟି ମୁନିସିପାଲିଟି ରୁ ମଧୁ ବୈଶ୍ୟ ସମାଜ ର ପ୍ରାୟ ୮୦ ରୁ ଉର୍ଦ୍ଧ ବ୍ୟକ୍ତି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ, ନିଜ, ନିଜ ର ପରିଚୟ ପ୍ରଦାନ କରି ଭାବର ଆଦାନ ପ୍ରଦାନ କରିଥିଲେ, ଦାନଗଦି ରୁ ରଙ୍ଗବଲ୍ଲଭ ସାହୁ, ବ୍ୟାସନଗର ରୁ ଡ଼ାକ୍ତର, ଅନ୍ତର୍ଯ୍ୟାମି ସାହୁ, ଧର୍ମଶାଳା ରୁ ସୁନାକର ସାହୁ ,କବାଟ ବନ୍ଧ ରୁ କାହ୍ନୁଚରଣ ସାହୁ, ବରୀ ରୁ ବାଞ୍ଛାନିଧି ସାହୁ, ଯାଜପୁର ରୁ ଅଞ୍ଜନ ସାହୁ, ରସୁଲପୁର ରୁ ଜନାର୍ଦ୍ଦନ ସାହୁ, ବିଜୟ କୁମାର ସାହୁ, କୈଳାଶ ଚନ୍ଦ୍ର ସାହୁ, ମାର୍ଥାପୁର ରୁ ହୃଷୀକେଶ ପୃଷ୍ଟି, ଭୀମସେନ୍ ସାହୁ ସୁଶିଲ କୁମାର ବେହେରା, ବୀର କିଶୋର ସାହୁ, ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ, ଆସନ୍ତା ଏପ୍ରିଲ ୯ ତାରିଖ ରେ ଜାରକା ସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଦ୍ୱିତୀୟ ସାଧାରଣ ବୈଠକ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା ବୋଲି କୁହାଯାଉଛି, ଶେଷରେ ବୈରାଗୀ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପିପୁଲ୍ସ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର




ବୁଗୁଡ଼ା, (ପିପିଏସ) : ସ୍ଥାନୀୟ ପିପୁଲ୍ସ କଲେଜ ପରିସରସ୍ଥ ସମ୍ମିଳନୀ କକ୍ଷରେ ଉଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଶୀର୍ଷକ ଦ୍ୱୟ 'ରୋଲ୍ ଅଫ୍ ଆନ୍ସିଏଣ୍ଟ୍ ସିଭିଲାଇଜେସନ୍ ଇନ୍ ପ୍ଲାଣ୍ଟ୍ ସାଇନ୍ସ' ଏବଂ 'ଏଣ୍ଡୋସ୍ପର୍ମ ଏ ବିଲ୍ଡିଂ ବ୍ଲକ୍ ଅଫ୍ ହିଉମାନ୍ ବଡି' ଉପରେ ଏକ ରାଜ୍ୟ ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜର ଆଇକ୍ୟୁଏସି ସହବନ୍ଧିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ ରଜନୀ କାନ୍ତ ଦାଶ ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ନାକ୍ ମେଣ୍ଟର ଭାବେ ଗଜପତି ଜିଲ୍ଲା ଚାନ୍ଦିପୁଟ କଲେଜ ପ୍ରିନ୍ସିପାଲ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ କୋଦଳା ଡିଗ୍ରୀ କଲେଜ ଅଧ୍ୟାପକ ବିଷ୍ଣୁ ନାରାୟଣ ସେଠୀ, ସାଧନ କର୍ମୀ ଭାବେ କନ୍ଧମାଳ ଜିଲ୍ଲା ଟିକାବାଲି କଲେଜ ଅଧ୍ୟାପକ ସନ୍ତୋଷ କୁମାର ରଥ ପ୍ରମୁଖ ଯୋଗ ଦେଇ ପାଠଚକ୍ରର ଉଭୟ ଶୀର୍ଷକର ସାରଗର୍ଭକ ବିଷୟବସ୍ତୁ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସେମିନାର କୋ-ଅଡିନେଟର ଅଧ୍ୟାପିକା ଅନୀତା ଦେବୀ ସ୍ୱାଗତ ସମ୍ଭାଷଣ ଏବଂ ସେମିନାର କନଭରନର୍ ତଥା ବିଭାଗୀୟ ମୁଖ୍ୟ ଅଧ୍ୟାପକ ଜୟରାମ ବିଷୋୟୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏ ଅବସରରେ ପୃଥକ୍ ଶୀର୍ଷକ ସମ୍ବଳିତ ଦୁଇଟି ସନ୍ଦର୍ଭ ପୁସ୍ତିକା ଉନ୍ମୋଚନ କରାଯାଇଥିବା ବେଳେ ଦୁଇ ଛାତ୍ରୀ ମୋନାଲିସା ସାହୁ ଓ ପ୍ରଯୁକ୍ତା ନାୟକ ସନ୍ଦର୍ଭ ପାଠ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ଏଥି ସହ ପିପୁଲ୍ସ କଲେଜର ଆଇକ୍ୟୁଏସି ସହ-ସଂଯୋଜକ ଅଧ୍ୟାପକ ଆମ୍ ପ୍ରକାଶ ନାୟକ ଓ ସଦସ୍ୟ ଅଧ୍ୟାପକ ପ୍ରଭଞ୍ଜନ ମୁନି ପ୍ରମୁଖ ଆଲୋଚ୍ୟ ବିଷୟବସ୍ତୁ ଉପରେ ନିଜ ନିଜର ଦୃଷ୍ଟିଭଙ୍ଗୀକୁ ବ୍ୟକ୍ତ କରିଥିଲେ । ଉକ୍ତ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ ସହ ସନ୍ଦର୍ଭ ପାଠିକା ଦ୍ୱୟ ଏବଂ ମଞ୍ଚାସୀନ ସମ୍ମାନିତ ବ୍ୟକ୍ତିଗଣଙ୍କୁ ମାନପତ୍ର ଓ ଉପଢ୍ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ବିଭାଗୀୟ ଅଧ୍ୟାପକ ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରଲର ଧକ୍କାରେ ପରୀକ୍ଷାର୍ଥୀ ଛାତ୍ରୀ ଆହତ, ରାସ୍ତାରୋକୋ



ଚୌଦ୍ୱାର,(ପିପିଏସ୍):୫୫ନଂ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟର ଅହେତୁକ ବିଳମ୍ବ ହେତୁ ଚୌଦ୍ୱାର ସହରରେ ଛୋଟମୋଟ ଦୁର୍ଘଟଣା ଘଟିବା ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି । ସୋମବାର ଦିନ ଏକ ଟ୍ରଲର ଧକ୍କାରେ ଜଣେ ମ୍ୟାଟ୍ରିକ୍ ପରୀକ୍ଷାର୍ଥୀ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଟାଙ୍ଗୀ ଥାନା ସର୍ଦ୍ଦୋଳା ଗ୍ରାମର ତପସ୍ୱିନୀ ସାହୁ ବ୍ରାହ୍ମଣଭୋଗ ବିଦ୍ୟାପୀଠରେ ପାଠ ପଢୁଥିବା ବେଳେ ଚଳିତବର୍ଷ ଚୌଦ୍ୱାର କଳିଙ୍ଗ ବିଦ୍ୟାପୀଠରେ ମ୍ୟାଟ୍ରିକ୍ ପରୀକ୍ଷା ଦେଉଥିଲା । ପରୀକ୍ଷା ଶେଷ ହେବାପରେ ସେ ବାପାଙ୍କ ସହିତ ମଟରସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଓଟିଏମ ଦୁର୍ଗାବଜାର ନିକଟ ସର୍ଭିସ ରୋଡରେ ଏକ ଟ୍ରେଲର ତାଙ୍କୁ ସାଇଡ଼ ମାରିଦେବା ଫଳରେ ଟ୍ରେଲରର ଆଗଚକା ତାଙ୍କ ଗୋଡରେ ଲାଗି ଯିବାରୁ ତପସ୍ୱିନୀ ଗାଡିରୁ ଖସି ପଡିଥିଲେ । ଫଳରେ ଗୁରୁତର ଆହତ ହୋଇଥିଲେ । ହେଲେ ସୌଭାଗ୍ୟବସତଃ ସେ ବଞ୍ଚି ଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ଘରୋଇ ଚିକିତ୍ସାଳୟକୁ ପଠାଇ ଦେଇଥିଲେ । ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇବା ସହ ଲୋକେ ରାସ୍ତା ଅବରୋଧ କରିବାରୁ ରାଜରାସ୍ତାରେ ୧ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ଆଜକୁ ୪ବର୍ଷ ଧରି ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ଜାତୀୟ ରାଜପଥ ମୁଖ୍ୟରସ୍ତା ଅବସ୍ଥା ଖରାପ ଥିବା ହେତୁ ସର୍ଭିସ ରୋଡରେ ଭାରିଯାନ ଓ ଯାତ୍ରବାହୀ ବସ୍ ଗୁଡିକ ଚଳାଚଳ କରୁଛନ୍ତି । ଫଳରେ ଦୈନନ୍ଦିନ ଦୁର୍ଘଟଣା ମାନ ଘଟୁଛି । ସର୍ଭିସ୍ ରେଡ଼ରେ ଭାରିଯାନ ଚଳାଚଳ ଉପରେ ରୋକ ଲଗାଇବା ପାଇଁ ପୋଲିସକୁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁ ପାରୁନାହିଁ । ଚୌଦ୍ୱାର ପୋଲିସ ଘଟଣସ୍ଥଳରେ ପହଞ୍ଚିଟ୍ରେଲରକୁ ଜବତ କରି ଥାନାକୁ ଆଣଇବା ସହିତ ଲୋକ ମାନଙ୍କୁ ବୁଝା ସୁଝା କରିଥିଲେ । ରାସ୍ତାରେ ଗାଡ଼ି ଚଳାଚଳ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ଆଇଆଇସି ବିରଞ୍ଚି ନାରାୟଣ ପତି ପ୍ରତିଶୃତି ଦେବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା

# ବାସନ୍ତୀ ଦୁର୍ଗାପୂଜା ଓ ଭଷାଣୀ ଉତ୍ସବ ପ୍ରସ୍ତୁତି ସଭା

କଟକ, (ପିପିଏସ) : ଫିରିଙ୍ଗିବଜାରସ୍ଥିତ ମା' ବୈଷ୍ଣଦେବୀ ପରିବାର ନିମନ୍ତ୍ରଣକ୍ରମେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ବାସନ୍ତୀ ଦୁର୍ଗାପୂଜା ଓ ଭଷାଣୀ ଉତ୍ସବ ପ୍ରସ୍ତୁତି ସଭା ମାଣିକଘୋଷ ବଜାରସ୍ଥିତ ମାରୱାଡ଼ି କ୍ଲବଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରା ଯାଇଥିଲା। ମା'ବୈଷ୍ଣଦେବୀ ପରିବାରର ସଭାପତି ଶ୍ରୀକାନ୍ତ ସାହୁ ମଞ୍ଚାସୀନ ଅତିଥି ଓ ଉପସ୍ଥିତ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଏବଂ ସମ୍ପାଦକ ନରେଶଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ ଚଳିତ ବର୍ଷ ବାସନ୍ତୀ ଦୁର୍ଗାପୂଜା ଓ ଭଷାଣୀ ଉତ୍ସବ ସଂକ୍ରାନ୍ତୀୟ ଏକ ପ୍ରସ୍ତାବ ଆଗତ କରିଥିଲେ । ଏହା ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା । ମାର୍ଚ୍ଚ ୨୬ ତାରିଖ ମହାଷଷ୍ଠୀରୁ ବାସନ୍ତୀ ଦୁର୍ଗା ପୂଜା ଆରମ୍ଭ ହୋଇ ୩୧ ଓ ୧ ଦୁଇ ଦିନ ବ୍ୟାପୀ ଭଷାଣୀ ଉତ୍ସବ ଅନୁଷ୍ଠିତ ହେବ। ଭଷାଣୀ ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରିବାକୁ ନିବେଦନ କରାଯାଇଥିଲା। ଭଷାଣୀ ଶୋଭାଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛଡାଳ କାଟିବା ସହ ସ୍କାଏଲ୍ଭୁ-ବିଦ୍ୟୁତ-ଟେଲିଫୋନ ତାରଗୁଡିକ ଅପସାରଣ କରିବାକୁ ଏବଂ ଆବଶ୍ୟକ ସ୍ଥଳେ ରାସ୍ତାଘାଟ ମରାମତି ଓ ଶୋଭାଯାତ୍ରା ଯାଉଥିବା ରାସ୍ତାରେ ଜାଇକା କାମକୁ ଦୁଇ ଦିନ ପାଇଁ ବନ୍ଦ ରଖିବା ପାଇଁ ଜିଲ୍ଲା ପ୍ରଶାସନ ଓ କଟକ ମହାନଗର ନିଗମକୁ ଅନୁରୋଧ କରାଗଲା । ପୁରାଘାଟସ୍ଥିତ ଦେବୀଗଡାର ଉଭୟ ପାର୍ଶ୍ୱ ରାସ୍ତାର ମରାମତି, ପରିଷ୍କାର ପରିଚ୍ଛନ୍ନ କରିବା ସହ ସମ୍ପୂର୍ଣ୍ଣ ଅଞ୍ଚଳକୁ ଆଲୋକୀକରଣ ଏବଂ ୩୧ ଓ ୧ ଦୁଇ ଦିନ ବ୍ୟାପୀ ମୂର୍ତ୍ତି ବିସର୍ଜନ ନିମନ୍ତେ ଦୁଇଟି କୃତ୍ରିମ ପୋଖରୀ ଖୋଲି ଜଳ ଭର୍ତ୍ତି କରିବାକୁ କଟକ ମହାନଗର ନିଗମକୁ ନିବେଦନ କରାଗଲା । ମାର୍ଚ୍ଚ ୨୭ ମହାସପ୍ତମୀ ଓ ୨୮ ମହାଷ୍ଟମୀ ତିଥିରେ ଶାନ୍ତି କମିଟି କର୍ମକର୍ତ୍ତାମାନେ ବିଭିନ୍ନ ବାସନ୍ତୀ ଦୁର୍ଗା ମଣ୍ଡପ ପରିଦର୍ଶନ କରିବେ । ଏହି ସଭାରେ କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତକୁମାର ତ୍ରିପାଠୀ, କଟକ ମହାନଗର ନିଗମ ମେୟର ସୁବାସ ସିଂହ, ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ୍, କଟକ ଉପ-ଜିଲ୍ଲାପାଳ କମଳଜିତ ଦାସ, ଏ.ଡ଼ି.ସି.ପି. ଅନିଲ ମିଶ୍ର ଓ କର୍ପୋରେଟର ଲକ୍ଷ୍ମୀଧର ବେହେରା ପ୍ରମୁଖ ସଭାର ଉପସ୍ଥିତ ରହି ଉଦବୋଧନ ଦେଇଥିଲେ । ବିଭିନ୍ନ ବାସନ୍ତୀ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ସର୍ବଶ୍ରୀ - ପୃଥ୍ୱୀରାଜ ସାହୁ, ପୂର୍ଣ୍ଣଚନ୍ଦ୍ର ସିଂହ, ନୃସିଂହ ସାହୁ, ବିଶ୍ୱନାଥ ଦାସ, କ୍ଷୀରୋଦ ସାହୁ, ଜ୍ୟୋତିପ୍ରକାଶ ଘୋଷ, ଗୋପୀନାଥ ସାହୁ ଓ ସମ୍ପଦ ମଲ୍ଲିକ୍ ଏବଂ ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ବିଜୟ ଦାଶ ଓ ପ୍ରଦୀପ ସିହ୍ନା, ଉପସଭାପତି ଧର୍ମେଶ ନାୟକ ପ୍ରମୁଖ ଭାଷଣ ଦେଇଥିଲେ । ଶେଷରେ ଉପସଭାପତି ତାପସ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ ।



# ୮୦ବର୍ଷର ବୃଦ୍ଧା ଆବାସ ଯୋଜନାରେ ପକ୍କାଘର ପାଇବାରୁ ବଞ୍ଚିତ

ବାଙ୍କୀ, (ପିପିଏସ) : ଦିନେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ବରପୁତ୍ର ସ୍ୱର୍ଗତ ବିଜୁପଟ୍ଟନାୟକ ଓଡ଼ିଶାବାସୀଙ୍କୁ ଉଦବୋଧନ ଦେଇ କହିଥିଲେ ଓଡ଼ିଶା ମାଟିରେ ଚାଳଘରଟିଏ ରହିବ ନାହିଁ। ସେହି ମହାପୁରୁଷଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟ ସରକାର ତଥା କେନ୍ଦ୍ର ସରକାର ଗରିବ ବାସହୀନ ଲୋକଙ୍କୁ ପକ୍କାଘରଟିଏ ଯୋଗାଇ ଦେବାପାଇଁ ଯୋଜନା ପରେ ଯୋଜନା କରିଚାଲିଛନ୍ତି। ମାତ୍ର ଦେଖାଯାଏ ଯେ କେତେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହୋଇ ଗୃହଶୂନ୍ୟ ହୋଇ ପରଦ୍ୱାରରେ ମୁଣ୍ଡ ଗୁଞ୍ଜୁଛନ୍ତି। ବାଙ୍କୀ ଏନ୍.ଏ.ସି ଅନ୍ତର୍ଗତ ୫ନମ୍ବର ୱାର୍ଡ ବେଦପୁର ଗ୍ରାମରେ ବାସକରୁଥିବା ଏକ ବାସହରା ୮୦ବର୍ଷର ବିଧବା କମଳା ଦେବୀଙ୍କ କ୍ଷେତ୍ରରେ ଘଟିଛି। ସେ ଜଣେ ନିସହାୟ, ବିଧବା, ବୃଦ୍ଧା ହୋଇଥିବା ହେତୁ ପକ୍କାଘରଟିଏ ପାଇବା ପାଇଁ ଦରଖାସ୍ତ ଦେଇ ବାରମ୍ବାର ଦୌଡାଧପଡ଼ କରିଆସୁଥିଲେ ମଧ୍ୟ ସେ ପକ୍କାଘରଟିଏ ପାଇପାରୁନାହାଁନ୍ତି। ଶ୍ୱଶୁର ଅମଳରୁ ଥିବା ଦୁଇବଖରା ଚାଳଛପର ମାଟିଘର ଭାଙ୍ଗି ବର୍ତ୍ତମାନ ମାଟିରେ ମିଶିଗଲାଣି। ମୁଣ୍ଡଗୁଞ୍ଜିବା ପାଇଁ ବାରମ୍ବାର ସେ ବାରଦ୍ୱାର ଶୁଣ୍ଡିପିଣ୍ଡା ହେଉଛନ୍ତି। ପାଉଥିବା ବାର୍ଦ୍ଧକ୍ୟ ଭତ୍ତା ମାସକୁ ୫ଶହ ଟଙ୍କା ସମୁଦ୍ରକୁ ଶଙ୍ଖେ। ଏହି ଘଟଣା ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘର ସଭାପତି ତଥା ଆଇନଜୀବୀ ବିରଞ୍ଚି ଦାସଙ୍କ ଦୃଷ୍ଟିକୁ ଆସିବା ପରେ ସେ ଓଡ଼ିଶା ସରକାରଙ୍କ ଗୃହ ଓ ସହରାଞ୍ଚଳ ଉନ୍ନୟନ ବିଭାଗର ନିର୍ଦ୍ଦେଶକ , କଟକ ଜିଲ୍ଲାପାଳ ଓ ବାଙ୍କୀ ଏନ୍.ଏ.ସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପତ୍ରଲେଖି ଉପରୋକ୍ତ ବାସଶୂନ୍ୟ ବିଧବା ବୃଦ୍ଧାଙ୍କୁ ଅଗ୍ରାଧିକାର ଭିତ୍ତିରେ ପକ୍କାଘରଟିଏ ଯୋଗାଇ ଦେବାପାଇଁ ଅନୁରୋଧ କରିଛନ୍ତି।

## ନୟାଗଡ଼ ବିକାଶର ନୂଆ ଦିଗନ୍ତ

# ପ୍ରତାପପ୍ରସାଦ ଦର୍ପନାରାୟଣପୁର ରାସ୍ତା ଉନ୍ନତି କରଣର ଭିତ୍ତି ପ୍ରସ୍ତର ସ୍ଥାପନ, ହଜାର ହଜାର ବାଇକ ସାମିଲ




ନୟାଗଡ଼, (ପିପିଏସ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୟାଗଡ଼ ପାଇଁ ଅନନ୍ୟ ଅବଦାନ। ନୟାଗଡ଼ ବିକାଶର ନୂଆ ଦିଗନ୍ତ । ଗମନା ଗମନ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅବଦାନ। ନୟାଗଡ଼ ବ୍ଲକ ଅନ୍ତର୍ଗତଃ ପ୍ରତାପପ୍ରସାଦ ଠାରୁ ଦର୍ପନାରାୟଣପୁର ୧୩ କିଲୋମିଟର ପୂର୍ତ୍ତବିଭାଗ ରାସ୍ତାର ନବୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅବଦାନ । ଉକ୍ତ ୧୩ କିଲୋମିଟର ରାସ୍ତାକୁ ନବୀକରଣ କରିବା ପାଇଁ ୩ କୋଟି ୯୨ ଲକ୍ଷ ଟଙ୍କାର ଅନୁଦାନ । ସଡ଼କ ସୁରକ୍ଷାରୁ ରକ୍ଷା ପାଇବା ତଥା ଗମନା ଗମନରେ ଅଧିକ ଉନ୍ନତି ଆଣିବା ପାଇଁ ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁଙ୍କ ନୂଆ ପ୍ରୟାସ । ରାସ୍ତାର ତଦାରଖ ତଥା ସ୍ଥାୟୀତ୍ୱର ଦାଇତ୍ୱ ଆମ ସମସ୍ତଙ୍କର ବୋଲି ସେହି ବାର୍ତ୍ତା ସମସ୍ତଙ୍କୁ ଦେଇଛନ୍ତି । ଏହି ରାସ୍ତା ଉନ୍ନତି କରଣ ହେଲେ ନୟାଗଡ଼ ନିର୍ବାଚନ ମଣ୍ଡଳୀ, ରଣପୁର ନିର୍ବାଚନ ମଣ୍ଡଳୀ, ଖୋର୍ଦ୍ଧା ଜିଲ୍ଲା ଓ ବ୍ରହ୍ମପୁର ପାଇଁ ଉତମ ଗମନା ଗମନର ସୁବିଧା ସାଧାରଣ ଜନତା ପାଇପାରିବେ । ଏତଦବ୍ୟତିତ ନୟାଗଡ଼ ନିର୍ବାଚନ ମଣ୍ଡଳୀର ଇଟାମାଟି ଗ୍ରାମ ପଞ୍ଚାୟତ, ଲାଠିପଡା, କେନ୍ଦୁଝିପି, ନୋଡର, ଗମ୍ଭାରିଡିହି ଓ ଇକିରି ପଞ୍ଚାୟତର ଜନସାଧାରଣ ଗମନା ଗମନର ଅଧିକ ସୁଯୋଗ ପାଇବେ । ଏହି ଅବସରରେ ପ୍ରତାପପ୍ରସାଦ ଠାରୁ କେନ୍ଦୁଝିପି ପର୍ଯ୍ୟନ୍ତ ନିର୍ଭର କରୁଥିବା ୬ ଗୋଟି ପଞ୍ଚାୟତର ହଜାର ହଜାର ଜନତା ଆଜି ଏକ ବାଇକ ରାଲିର ଆୟୋଜନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାଧୁବାଦ ଦେବା ସହ ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁଙ୍କ ବିକାଶ ମୁଳକ କାର୍ଯ୍ୟକୁ ସମସ୍ତ ଉତ୍ସାହି କର୍ମୀମାନେ ସାଧୁବାଦ ଜଣାଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକର ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସରୋଜ ରଣସିଂ, କ୍ଷୀରୋଦ ମହାପାତ୍ର, ସୁବାଷ କଅଁର, ଆଶିଷ ଅଗ୍ରୱାଲ, ନୟାଗଡ଼ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ସଭାପତି ଗଙ୍ଗାଧର ପଣ୍ଡା, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବିନ୍ଦ୍ର କୁମାର ସାହୁ ପ୍ରମୁଖ ନେତୃତ୍ୱ ନେଉଛନ୍ତି । ସମସ୍ତ ପଞ୍ଚାୟତର ସରପଞ୍ଚ ସମିତି ସଭଞ୍ଜ ସମେତ ବିଭିନ୍ନ ଜନପ୍ରତିନିଧି ମାନେ ଏହି ବାଇକ ରାଲିରେ ସାମିଲ ହୋଇଛନ୍ତି । ବିଭିନ୍ନ ସ୍ଲୋଗାନରେ ରାସ୍ତାଘାଟ କମ୍ପମାନ ହେଉଛି ।

## ରାଜୀବ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅନୁଷ୍ଠାନ ପକ୍ଷରୁ ରଜତ ଜୟନ୍ତୀ ମହୋତ୍ସବ

ବାଙ୍କୀ, (ପିପିଏସ) : ବାଙ୍କୀ ବ୍ଲକ ରଜୀବ ଗ୍ରାମରେ ଥିବା ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରଜତ ଜୟନ୍ତୀ ମହୋତ୍ସବ ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର୍ ଡକ୍ଟର ପ୍ରତିଭା ମହାରଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ କଳାପଥର ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ଯାଜ୍ଞସିନୀ ଭଉଣୀ ସମ୍ମାନୀତ ଅତିଥି ଏବଂ ବାଙ୍କୀର ସଞ୍ଚାଳିକା ରୀନା ଭଉଣୀ ବିଶେଷ ଅତିଥି ଭାବରେ ଯୋଗଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ଟଙ୍କଧର କର, ଗୁରୁଚରଣ ବଳିୟାର ସିଂହ, ବିଶିଷ୍ଟ ସଂକୀର୍ତ୍ତନ ଗାୟକ କବିର ବେହେରା, ପୂର୍ବନ ସୈନିକ ଶରତ ଚନ୍ଦ୍ର ସ୍ୱାଇଁ, ଫିରୋଜ କୁମାର ବରାଳ ପ୍ରମୁଖ କାର୍ଯ୍ୟରେ ସହଯୋଗ କରି ସଂପାଦନା କରିଥିଲେ। ୨୫ବର୍ଷ ପୂର୍ତ୍ତି ଅବସରରେ ୩୦ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଯାତ୍ରା ସାହିତ୍ୟର କିମ୍ବଦନ୍ତୀ ପୁରୁଷଙ୍କୁ ରାଜ୍ୟ ସରକାରଙ୍କ ଅଣଦେଖା

# ପୁଣ୍ୟ ତିଥିରେ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳିରେ ମତ



ଧାମନଗର, (ପିପିଏସ) : ଓଡ଼ିଆ ଯାତ୍ରା ସାହିତ୍ୟର ପ୍ରଚଣ୍ଡ ବିଦ୍ୱାନ, ନାଟ୍ୟ ଜଗତର ପିତାମହ ଭୀଷ୍ମ, ଗଣ ନାଟ୍ୟକାର, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ଓଡ଼ିଶା ସମେତ ବଙ୍ଗ,ବିହାର ଇତ୍ୟାଦି ରାଜ୍ୟରେ ଚିର ପରିଚିତ। ଅର୍ଦ୍ଧ ଶତାବ୍ଦୀ ଧରି ଲେଖନୀ ମୁନରେ ଓଡ଼ିଆ ଯାତ୍ରା ସାହିତ୍ୟର ପ୍ରଚାର ପ୍ରସାର ସହ ନାଟ୍ୟ ପରମ୍ପରାର ବୈପ୍ଳବିକ ବିକାଶରେ ତାଙ୍କର ଦାନ ଅତୁଳନୀୟ ଓ ଅବର୍ଣ୍ଣନୀୟ।ବିଂଶ ଶତାବ୍ଦୀର ଶେଷ ଅର୍ଦ୍ଧଶତ ବର୍ଷ ସମୟରେ ଓଡ଼ିଆ ଯାତ୍ରା ଜଗତର ତ୍ରିଦେବ ଥିଲେ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ଭଗବାନ ମହାନ୍ତି ଓ ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର। ଏମାନଙ୍କ ମଧ୍ୟରୁ ଯାତ୍ରା ସାହିତ୍ୟକୁ ପ୍ରାୟ ୮୦ ଖଣ୍ଡରୁ ଊର୍ଦ୍ଧ୍ୱ ନାଟକ ରଚନା କରି ପରିପୁଷ୍ଟ କରିଥିଲେ ସମସ୍ତଙ୍କ ଆଦରର 'ପଣ୍ଡା ମାଷ୍ଟ୍ରେ'। ସେଥି ମଧ୍ୟରୁ ଶକୁନ୍ତଳା, ଛତ୍ରପତି ଶିବାଜୀ, ଅସ୍ତରାଗ, ରୋହିଲାର ନବାବ, ରାମରାଜ୍ୟ, ଅନାରକଲି, ପଞ୍ଜାବ କେଶରୀ, ମରଣ ଆଖିରେ ଲୁହ, କାଳିଆ ଆଖିରେ ଲୁହ, ଦୁଃଖ ନଦୀର ତୀରେ, ଅଙ୍ଗାର,ଏ ଯୁଗର କାହ୍ନୁ ଅନ୍ୟତମ। 'ଯୋଗଜନ୍ମା ରାବଣ' ନାଟକରେ ରାବଣ ଭୂମିକାରେ ତାଙ୍କ ଅଭିନୟ ଅତି ଉଚ୍ଚକୋଟିର। ତାଙ୍କ ରଚିତ 'କଳାପାହାଡ଼' ନାଟକ ଐତିହାସିକ, ସାଂସ୍କୃତିକ ଓ ପୌରାଣିକ ତତ୍ତ୍ୱ ସମାହିତ ତଥା ଶିକ୍ଷଣୀୟ ଅଟେ। ତାଙ୍କ ସୃଷ୍ଟ ପ୍ରଥମ ନାଟକ ଶକୁନ୍ତଳା ଓ ପ୍ରିୟ ନାଟକ ରାମରାଜ୍ୟ ବୋଲି ତାଙ୍କ ସମସାମୟିକ ସଙ୍ଗୀତକାର କରୁଣାକର ଦାଶଙ୍କ ଠାରେ ପ୍ରକାଶ କରିଥିଲେ। ତାଙ୍କ ଗଠିତ ନୀଳଚକ୍ର ଅପେରା ସପ୍ତ ମାତୃକା ଅପେରାର ପରବର୍ତ୍ତୀ ରୂପଶବ୍ଦ । ସେ ଭଦ୍ରକ କଲେଜରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ତତ୍କାଳୀନ ଜିଲ୍ଲାପାଳ ବି.ଏନ.ମହାନ୍ତିଙ୍କ ଠାରୁ ନାଟ୍ୟାଚାର୍ଯ୍ୟ ଉପାଧି ଗ୍ରହଣ କରିଥିବା ବେଳେ ସ୍ୱ-ରଚିତ ୧୦୦ ସଙ୍ଗୀତର ସମାହାର 'ରଘୁନାଥ ସଙ୍ଗୀତାବଳୀ' ପୁସ୍ତିକାରେ ସ୍ୱର ସଂଯୋଜନା ପାଇଁ ମାଷ୍ଟର କରୁଣାକର ଦାଶଙ୍କୁ ସଙ୍ଗୀତାଚାର୍ଯ୍ୟ ଉପାଧି ପ୍ରଦାନ କରିଥିଲେ। ତାଙ୍କ ସମସାମୟିକ ନାଟ୍ୟକାର ଗଣେଶ ପ୍ରସାଦ ଦାଶଙ୍କ ଅଭିନୟକୁ ସେ ପସନ୍ଦ କରୁଥିଲେ। ବୈଦ୍ୟନାଥ ଆରଣ, ଗୁରୁଚରଣ ପଣ୍ଡା, ଦୀନବନ୍ଧୁ ମାଠିଆ, ବିଷ୍ଣୁ ପତି, ନିତ୍ୟାନନ୍ଦ ପାଢ଼ୀ, ଦେବ ମଲ୍ଲିକ, ଗୋପାଳ ଗୋସ୍ୱାମୀ, ଦୁଃଶାସନ ପଣ୍ଡା, ବାସୁ ପଣ୍ଡା, ଦଇତାରୀ ପଣ୍ଡା, ବ୍ରଜ ପାଣି, ସୁରେଶ ପଣ୍ଡା, ପରିମଳ ପାତ୍ର ପ୍ରମୁଖ ତାଙ୍କ ସୃଷ୍ଟ ସଫଳ ଯାତ୍ରାଭିନେତା। ଏହି ଅନନ୍ୟ ପ୍ରତିଭାଧାରୀ ଗଣ ନାଟ୍ୟକାର ଭଦ୍ରକ ଜିଲ୍ଲା ବିଷ୍ଣୁପୁରବିନ୍ଧା ପଞ୍ଚାୟତ ଗଞ୍ଜାମାଳ ଗ୍ରାମରେ ୧୯୧୬ ମସିହା କାର୍ତ୍ତିକ ପୂର୍ଣ୍ଣମାରେ ଜନ୍ମ ଗ୍ରହଣ କରିଥିଲେ। ବାଲ୍ୟ କାଳରୁ କଳାପ୍ରତି ରୁଚି ରଖିଥିବା କବି ତଥା ପ୍ରଚଣ୍ଡ ପ୍ରତିଭା ଧାରୀ ଗଣନାଟ୍ୟର କିମ୍ବଦନ୍ତୀ ପୁରୁଷଙ୍କ ୧୯୯୦ ମସିହା ମାର୍ଚ୍ଚ ୧୯ ତାରିଖର ମହାପ୍ରୟାଣ ଘଟିଥିଲା। ତାଙ୍କ ସ୍ୱର୍ଗାରୋହଣକୁ ୩୩ ବର୍ଷ ବିତଯାଇଥିଲେ ମଧ୍ୟ ଏଭଳି ଏକ ପ୍ରତିଭାଙ୍କୁ ରାଜ୍ୟ ସରକାର ଏଯାଏଁ ଉଚିତ ସମ୍ମାନ ନଦେଇ ପୂଜ୍ୟପୂଜା ପ୍ରତି ଅବହେଳା କରିଛନ୍ତି ବୋଲି ଆଜି ତାଙ୍କ ପୁଣ୍ୟ ତିଥିରେ ଜନ୍ମମାଟି ଗଞ୍ଜମାଳ ଠାରେ ଫୋଟୋ ଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅବସରରେ ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ସୁଧାକର ଦାଶ, ସନ୍ତୋଷ ଦାସ, ସାମ୍ବାଦିକ ତଥା ଭଗବାନପୁର ପଞ୍ଚାୟତ ନାଏବ ସରପଞ୍ଚ ଗୌରାଙ୍ଗ ଦାଶ, ସ୍ୱର୍ଗତ ପଣ୍ଡାଙ୍କ କନ୍ୟା ଶଶିପ୍ରଭା ପଣ୍ଡା, ଜ୍ୱାଇଁ ମହେନ୍ଦ୍ର ପଣ୍ଡା, ନାତି କବି ତଥା ସଙ୍ଗୀତକାର ମନୋଜ ପଣ୍ଡା, ପୁତ୍ରବଧୂ ଧୀରାମଣି ପଣ୍ଡା ପ୍ରମୁଖ ଦାବି କରିଛନ୍ତି। ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଥିବା ହେତୁ ଏହି ବିଦ୍ୟାଳୟ ପରିସରରେ ଏବଂ ଭଦ୍ରକ ସହରରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସରକାର ଯତ୍ନବାନ ହେବାକୁ ଯାତ୍ରାପ୍ରେମୀ ସାହିତ୍ୟିକ, କବି ଓ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।

### ପଥର ଚୋରାଚାଲାଣ ଅଭିଯୋଗ

# ଜେସିବି ବୋଝେଇ ଟ୍ରକ ଜବତ, ୧ ଲକ୍ଷ ଜରିମାନା ଆଦାୟ





ପାଟଣାଗଡ (ପିପିଏସ୍): ପାଟଣାଗଡ ସରକାରୀ ଜମିରୁ ବେଆଇନ ପଥର ଚୋରାଚାଲାଣ ଅଭିଯୋଗରେ ରାଜସ୍ୱ ବିଭାଗ ଏକ ଜେସିବି ବୋଝେଇ ଟ୍ରକ ଜବତ କରିଛି । ଏଥିସହ ପଥର ଚୋରାଚାଲାଣକାରୀଙ୍କ ଠାରୁ ୧ ଲକ୍ଷ ୧ହଜାର ଟଙ୍କା ଜରିମାନା ଆଦାୟ କରିଥିବା ତହସିଲଦାର ଲକ୍ଷ୍ମଣ ମାଝୀ ସୂଚନା ଦେଇଛନ୍ତି । ସୂଚନାନୁଯାୟୀ ପାଟଣାଗଡ ବ୍ଲକ କେନ୍ଦୁମୁଣ୍ଡି ପଞ୍ଚାୟତ ଗଡିଆଜୋର ଗ୍ରାମ ପୋଖରୀ ତଳମୁଣ୍ଡରେ ଥିବା ଏକ ସରକାରୀ ଜମିରୁ ପାଟଣାଗଡ ଅଞ୍ଚଳର ଜନୈକ ଠକାଦାର ପଥର ଚୋରାଚାଲାଣ କରୁଥିଲେ। ସ୍ଥାନୀୟ ତହସିଲଦାର ଓ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଜେସିବି ଓ ହେମର ମାଧ୍ୟମରେ ପଥର ଫଟାଇ ଚାଲାଣ କରୁଥିବାର ଅଭିଯୋଗ ତହସିଲଦାରଙ୍କ ପାଖରେ ପହଞ୍ଚିଥିଲେ । ପରେ ତଦର୍ଙ୍କ କରି ଯୋଗୀମୁଣ୍ଡା ଓ କେନ୍ଦୁମୁଣ୍ଡି ରାଜସ୍ୱ ନିରୀକ୍ଷକ ମିଶି ଚଢାଉ କରିଥିଲେ। ସେମାନେ ପହଞ୍ଚି ଜେସିବି, ହେମର ସହ ୧ ଲକ୍ଷ ୧ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ ଓ ପଥର ମାଫିଆଙ୍କୁ ଉକ୍ତ ପଥରର ରାଜସ୍ୱ ଦେଇ ତାକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

# ଦେବଭୂମିରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନୀ ସମାରୋହ



ନରସିଂହପୁର (ପିପିଏସ୍): ନରସିଂହପୁର ବ୍ଲକ୍ ଅନ୍ତର୍ଗତ ଦେବଭୂଇଁ ପଞ୍ଚାୟତରେ ସାଂସଦ ଓ ବିଧାୟକଙ୍କ ଦ୍ୱାରା ୭ଟି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ବିଜୁ ଜନତା ଦଳର ବ୍ଲକ୍ ସଭାପତି ନିର୍ମଳ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଉଦ୍‌ଘାଟକ ଭାବେ କଟକ ସାଂସଦ ଭର୍ତ୍ତୃହରି ମହତାବ, ସମ୍ମାନିତ ଅତିଥି କଟକ ଜିଲ୍ଲା ପରିଷଦ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର, ବ୍ଲକ୍ ଅଧ୍ୟକ୍ଷା ସସ୍ମିତା ଜେନା, ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ନାୟକ, ସରପଞ୍ଚ ଲିଳି ସାହୁ, ଜିଲ୍ଲା ପରିଷଦ ସଭ୍ୟ ଅଜୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ନୂଆଗଡ଼ ଡାକବଙ୍ଗଳା ପରିସରରେ ୫୬ ଲକ୍ଷ ବ୍ୟୟରେ ନିର୍ମାଣ ହୋଇଥିବା ପର୍ଯ୍ୟଟନ ସୁବିଧା କେନ୍ଦ୍ର ଉଦ୍‌ଘାଟନ, ଦେବଭୂଇଁ ପଞ୍ଚାୟତର ୨୭ଟି ସ୍ଥାନରେ ୧ କୋଟି ୮୯ ଲକ୍ଷ ବ୍ୟୟରେ ନିର୍ମାଣ ହେବାକୁ ଥିବା ୨୭ଟି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ, ଭୁସ୍କା, ବାହାଡ଼ା, ନୂଆଗାଁକୁ ପାନୀୟ ଜଳ ଯୋଗାଣ ନିମନ୍ତେ ୧କୋଟି ୧୬ଲକ୍ଷ ବ୍ୟୟରେ ନିର୍ମାଣ ହୋଇଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ, କଣ୍ଢାଳ ଗ୍ରାମରେ ୩୫ ଲକ୍ଷ ବ୍ୟୟରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରାଯାଇଥିଲା। ସେହିପରି ଦେବଭୂମି, ନୀଳକଣ୍ଠପୁର, କୋଠଘର ବାହାଡ଼ା କୋଠଘର, ଭୁସ୍କା କାଳୁଆ ମଣ୍ଡପ ଉଦ୍‌ଘାଟନ ସହିତ ଦେବଭୂଇଁ ପଞ୍ଚାୟତ ଆଦିବାସୀ ସମାଜ ଗୃହର ଶିଳାନ୍ୟାସ କରାଯାଇଥିଲା। ବ୍ଲକ୍ ସହକାରୀ ଯନ୍ତ୍ରୀ ଦିଲ୍ଲୀପ କୁମାର ବେହେରା, ଗ୍ରାମ୍ୟ ଜଳଯୋଗାଣ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଚର୍ଚ୍ଚିନ୍ ମିଶ୍ର, ବ୍ଲକ୍ ସହକାରୀ ଯନ୍ତ୍ରୀ ସୁଜୟ କୁମାର ରଣା, ପଞ୍ଚାୟତ ନିର୍ବାହୀ ଅଧିକାରୀ, ନରେଶ ସିଠ, ଜିଆର୍ଏସ୍ ଗୌରାଙ୍ଗ ଚରଣ ରାଉତ ପ୍ରମୁଖଙ୍କ ସମେତ ବିଜୟ କୁମାର ସାହୁ, ସତେଜ କୁମାର ସାହୁ, ଭୁଧର ସାହୁ, ଶୁଭ୍ରାଂଶୁ ଭୂଷଣ ମହାପାତ୍ର, ପବିତ୍ର ମଲ୍ଲିକ, ସରୋଜ ସେଠୀ, ବିନାୟକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

ପ୍ରକାଶ ଯେ ନରସିଂହପୁର ବ୍ଲକ୍‌ର ଉପାନ୍ତ ଅଞ୍ଚଳ କୁହାଯାଉଥିବା ଦେବଭୂମି ପଞ୍ଚାୟତରେ ଗୋଟିଏ ବିଏସ୍‌ଏନ୍‌ଏଲ୍ ମୋବାଇଲ୍ ଟାୱାର ଥିଲେ ମଧ୍ୟ ନେଟ୍‌ୱର୍କ ସମସ୍ୟା ରହୁଥିଲା। ଲୋକମାନେ ହଇରାଣ ହେଉଥିଲେ। ଏପରିକି ରାସନ୍ ସାମଗ୍ରୀ ଆଣିବା ପାଇଁ ଆଇ ସ୍କାନ୍ ହୋଇପାରିନାହିଁ। ଏହି ପଞ୍ଚାୟତର ଲୋକମାନେ ରାସନ୍ ପାଇଁ ଢେଙ୍କାନାଳ ହିନ୍ଦୋଳ ସୀମାକୁ ଯାଇଥାନ୍ତି। କିନ୍ତୁ ଏବେ ଆଉ ସେ ସମସ୍ୟା ରହିବନି ବୋଲି ଶ୍ରୀ ମିଶ୍ର କହିଥିଲେ। ଏହି ପଞ୍ଚାୟତରେ ୩ ମାସ ମଧ୍ୟରେ ଏକାଧିକ ମିନି ମୋବାଇଲ୍ ଟାୱାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସାଂସଦ ଶ୍ରୀ ମହତାବ ସୂଚନା ଦେଇଥିଲେ।

# ରାମ ନବମୀ ମହୋତ୍ସବ ପାଇଁ ଚାନ୍ଦା ଦେଇ ଚର୍ଚ୍ଚାରେ ଚାହା ଦୋକାନୀ



କଣ୍ଟାବାଞ୍ଜି (ପିପିଏସ୍): ଶ୍ରୀ ରାମ ନବମୀ ମହୋତ୍ସବ ପାଇଁ ଏଗାରହ ହଜାର ଏକ ଟଙ୍କା ଚାନ୍ଦା ଦେଇ ଚର୍ଚ୍ଚାରେ ଜଣେ ଉଠା ଚାହା ଦୋକାନୀ, ସହର ମୁଖ୍ୟ ହନୁମାନ ଛକ ଠାରେ ଦିଗେଶ୍ୱର ଠେଲାଙ୍କ କାଂହା ଟି ଷ୍ଟାଲ, ଦିଗେଶ୍ୱର ଜଣେ ୨୬ ବର୍ଷୀୟ ଯୁବକ। ସହରରେ ରାମ ନବମୀ ମହାସବ ପାଇଁ ସମିତିକୁ ସ୍ୱଇଚ୍ଛାରେ ଏଗାରହ ହଜାର ଏକ ଟଙ୍କା ସହଯୋଗ ପ୍ରଦାନ କରିଛନ୍ତି। ସମ୍ମାନ ପୂର୍ବକ ସଦସ୍ୟଙ୍କୁ ଚାହା ମଧ୍ୟ ପିଲାଇଛନ୍ତି, ଦୋକାନୀ ଦିଗେଶ୍ୱର ଠେଲାଙ୍କ ଭକ୍ତି ଭାବନା ପ୍ରତି ସମ୍ମାନ ବ୍ୟକ୍ତ କରିବା ସହିତ ଧନ୍ୟବାଦ ଜଣେଇଛନ୍ତି ରାମ ନବମୀ ସମିତି।

### ସରିଳା ଦଶମ ଶ୍ରେଣୀ ପରୀକ୍ଷା

# ୩୫ଟି କେନ୍ଦ୍ରରେ ପରୀକ୍ଷା ଦେଲେ ୭୦୬୭ ଜଣ ପରୀକ୍ଷାର୍ଥୀ



ପାରଳାଖେମୁଣ୍ଡି, (ପିପିଏସ୍): ଆଜିଠାରୁ ସରିଳା ଦଶମ ଶ୍ରେଣୀ ପରୀକ୍ଷା. ଗଜପତି ଜିଲ୍ଲାରେ ମୋଟ ୩୫ ଗୋଟି ପରୀକ୍ଷା କେନ୍ଦ୍ରରେ ୭୦୬୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ସୂଚନା ମିଳିଛି. ଗଜପତି ଜିଲ୍ଲା ରେ ଦଶମ ଶ୍ରେଣୀ ୫ଇ-୨ ପରୀକ୍ଷା ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରୋଦୋଷ କୁମାର ନାଇକ ଙ୍କ ପ୍ରତକ୍ଷ ତତ୍ତ୍ୱାଧୀନରେ ଶାନ୍ତି ଶୃଙ୍ଖଳା ସହ ସମାପନ ହୋଇଛି ୧ ଜିଲ୍ଲାର ଚାରୋଟି ନୋଡାଲ କେନ୍ଦ୍ରରୁ ପ୍ରଶ୍ନ ପତ୍ର ପରୀକ୍ଷା ଦିନ ଗୁଡିକରେ ଜିଲ୍ଲା ପ୍ରଶାସକ ଙ୍କ ଦ୍ୱାର ନିୟୋଜିତ ରଘରମଙ୍କସ୍ୱସଙ୍ଗର ମାଜିଷ୍ଟ୍ରେଟ ମାନଙ୍କ ଉପସ୍ଥିତିରେ ଓ ପୋଲିସ ପ୍ରୋଟେକ୍ସନ ସହ ନିର୍ଧାରଣ ସମୟ ମଧ୍ୟରେ ୩୫ ଗୋଟି ପରୀକ୍ଷା କେନ୍ଦ୍ରରେ ଡିସ୍ପାଚ ଟିମ ଦ୍ୱାରା ପହଂଚି ପାରିଥିଲା ୧ ଉକ୍ତ ୩୫ ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବା ପାଇଁ ୭୩୧୨ ଛାତ୍ରୀ / ଛାତ୍ର ଫୋରମ ପୂରଣ କରିଥିବା ବେଳେ ୭୦୬୭ ଜଣ ପରୀକ୍ଷାରେ ଉପସ୍ଥିତ ଥିଲେ ଓ ୨୪୫ ଜଣ ଅନୁପସ୍ଥିତ ରହିଛନ୍ତି ୧ ଠିକ ସେହିପରି ୫ଙ୍ଗ୫ଉ ପରୀକ୍ଷା ଦେବାପାଇଁ ୧୦୪ ଜଣ ଫୋରମ ପୂରଣ କରିଥିବା ବେଳେ ୯୫ ଜଣ ପରୀକ୍ଷା ଦେଇଛନ୍ତି ଓ ୯ ଜଣ ଅନୁପସ୍ଥିତ ରହିଛନ୍ତି ୧ମହାରାଜା ଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ସହିତ ୧୫ ଟି ପରୀକ୍ଷା କେନ୍ଦ୍ର କୁ ପ୍ରଶ୍ନ ପତ୍ର ଯୋଗାଇବା ପାଇଁ ସଲଗ୍ନ କରାଯାଇଥିଲା ୧ ଏହି ନୋଡାଲ କେନ୍ଦ୍ରର ସେଣ୍ଟର ସୁପେରିଣ୍ଟାଣ୍ଡେଣ୍ଟ ଡ଼ି. ଶ୍ରୀରାମ ମୂର୍ତ୍ତି, ଡେପୁଟି ନୋଡାଲ ସୁପେରିଣ୍ଟେଣ୍ଡେଣ୍ଟ ୟ. ଧର୍ମା ରାଓ, ଡେପୁଟି ସେଣ୍ଟରେ ସୁପେରିଣ୍ଟାଣ୍ଡେଣ୍ଟ ଏମ. ସତ୍ୟ ନାରାୟଣା ଓ ଅବଜେରବେର ତଥା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଯାଜପୁର ର ପ୍ରଧାନ ଶିକ୍ଷକ ସାମ୍ରିକ କୁମାର ପଟନାୟକ ନିଜର କାର୍ଯ୍ୟ ତୁଲାଇ ଥିବାବେଳେ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ର ପରୀକ୍ଷା ପରିଚାଳନା ଦାୟିତ୍ୱ ରେ ରହି ଥିଲେ ଗୌରୀ ଶଙ୍କର ଚୌଧୁରୀ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଆମ୍ପୋଲୁ ରବି କୁମାର।

# ସୁନାଫୁଲ ସାହିତ୍ୟ ସଂସଦର ବସନ୍ତ କବିତା ଆସର

ରାଉରକେଲା, (ପିପିଏସ):ବସନ୍ତ ଏକ ସାଧାରଣ ଋତୁ ନୁହେଁ,ଏହା ପ୍ରେମ ପ୍ରଣୟର ଋତୁଟିଏ, ଉତ୍ସାହ ଉଦ୍ଦୀପନାର ଋତୁଟିଏ, ଜୀବନକୁ ରଙ୍ଗମୟ ଆଉ ସ୍ୱପ୍ନମୟ କରୁଥିବା ଋତୁଟିଏ। କବିମାନଙ୍କ ପାଇଁ ଖାସ୍ ବସନ୍ତ ଋତୁ ହିଁ ମରୁଭୂମିରେ ମରୁଝର ପରି ପ୍ରତୀୟମାନ ହୋଇଥାଏ । ଏହାଥିଲା ବସନ୍ତ କବିତା ଆସରରେ ମୁଖ୍ୟବକ୍ତା ଡ.ସୁବାସ ଚନ୍ଦ୍ର ଲେଙ୍କାଙ୍କର ଅଭିଭାଷଣ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାଜସେବୀ ସୁରଥ ଚନ୍ଦ୍ର ଜୟସିଂହ ବସନ୍ତର ବୈର୍ଣ୍ଣବିଭା ଉପରେ ପୁରାତନ କବି ଏବଂ ଆଧୁନିକ କବିମାନଙ୍କ ମଧ୍ୟରେ ଏକ ତୁଳନାତ୍ମକ ଅଭିଭାଷଣ ରଖି ଥିଲେ। ଅନ୍ୟତମ ବରେଣ୍ୟ ଅତିଥି ଅନିଲ କୁମାର ଦାଶ ତାଙ୍କ ଅଭିଭାଷଣରେ କହିଲେ ବସନ୍ତ ଋତୁ ଆଉ ଆଗଭଳି ହେଉନାହିଁ । ସଭାପତି ବିଜୟ କୁମାର ସାହୁ ସଂସଦର ଆଗାମୀ କାର୍ଯ୍ୟକ୍ରମ ବିଷୟରେ ସମ୍ୟକ ସୂଚନା ଦେଇ ସଭ୍ୟ ମାନଙ୍କୁ ବିଭିନ୍ନ ଦାୟିତ୍ୱ ଅର୍ପଣ କରିଥିଲେ, ଏହି କ୍ରମରେ ଉପ ସଭାପତି ରମେଶ ଚନ୍ଦ୍ର ବାରିକଙ୍କୁ ଆଗାମୀ ବିଷୁବ ସଂଖ୍ୟା ଓ ବାର୍ଷିକ ଉତ୍ସବ ପାଳନର ଦାୟିତ୍ୱ ଦିଆଗଲା । ଅନ୍ୟତମ ଘଟଣାକ୍ରମରେ ରାଉରକେଲାର ଜଣାଶୁଣା ଯୁବ କବି ଗୌତମ ଦାସଙ୍କୁ ସଂସଦର ସାଧାରଣ ସମ୍ପାଦକ ଅସ୍ଥାୟୀ ଭାବରେ ନିଯୁକ୍ତି ଦିଆଗଲା। ଦ୍ୱିତୀୟ ପର୍ଯ୍ୟାୟରେ କବି ବସନ୍ତ ବିଶ୍ୱକର୍ମାଙ୍କ ସଂଯୋଜନା ରେ ସୁଶାନ୍ତ କୁମାର ନାୟକ, ପ୍ରଣତି ଲେଙ୍କା, କୁଞ୍ଜବିହାରୀ ରାଉତ , ସାର୍ଥକ ସାହୁ, ନମିତା ଜେନା ଆଦି କୋଡିଏ ଜଣ କବି କବିତା ପାଠ କରିଥିଲେ । ରାଜ୍ୟ ସଂଯୋଜକ ନିରଞ୍ଜନ କରଣ ମଞ୍ଚ ସଞ୍ଚାଳନ କରିଥିବାବେଳେ ଓ ଶେଷରେ କବି ସୁଶାନ୍ତ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ ଅଧ୍ୟକ୍ଷାଙ୍କ କାର୍ଯ୍ୟରେ ଶାସକ ଦଳର ହସ୍ତକ୍ଷେପ ପ୍ରତିବାଦରେ ବ୍ଲକ ଘେରିଲା କଂଗ୍ରେସ



ଟିଟିଲାଗଡ଼ (ପିପିଏସ୍): ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଇଁତଲା ବ୍ଲକରେ ଶାସକ ଦଳ ର ହସ୍ତକ୍ଷେପ କରୁଥିବା ଅଭିଯୋଗ କରି କଂଗ୍ରେସ ଦଳ ପକ୍ଷରୁ ଆଜି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଶାସକ ଦଳ ପଞ୍ଚାୟତ ନିୟମକୁ ଅଣଦେଖା କରି, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ସମିତି ସଭ୍ୟଙ୍କୁ ଖାତିର ନକରି ବ୍ଲକର ଠିକା କାମ କେବଳ ଶାସକ ଦଳର କର୍ମୀଙ୍କୁ ପ୍ରଦାନ କରିବାକୁ ବିଡ଼ିଓ ଉପରେ ଚାପ ପକାଇଛନ୍ତି। ବ୍ଲକକୁ କେନ୍ଦ୍ର ତଥା ରାଜ୍ୟ ସରକାର ପ୍ରଦାନ କରୁଥିବା ଉନ୍ନୟନ ପାଣ୍ଠିରୁ ବିଜେଡି କର୍ମୀ କାର୍ଯ୍ୟ ନେଇ ଦୁର୍ନୀତି ଚାଲିଥିବା ଦଳୀୟ ନେତା ଅଭିଯୋଗ କରିଛନ୍ତି। ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଘେରାଉ କାର୍ଯ୍ୟକ୍ରମରେ କଂଗ୍ରେସ ଦଳ ସମର୍ଥିତ ସମସ୍ତ ସମିତି ସଭ୍ୟ, ବରିଷ୍ଠ କଂଗ୍ରେସ ନେତା ସତ୍ୟନାରାୟଣ ପଣ୍ଡା, ଆଇଏନଟିୟୁସି ଜିଲା ସଭାପତି କୃଷ୍ଣଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ରାଜୀବ ଗାନ୍ଧୀ ଛାତ୍ର ଫୋରମର ଜିଲା ସଭାପତି ଜ୍ଞାନରଞ୍ଜନ ସରାଫ, ମିଡ଼ିଆ ସେଲ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ମୁଖ୍ୟ ସୁବ୍ରତ ବେହେରା, ଜ୍ୟୋତିରଞ୍ଜନ ମହାନ୍ତି, ପ୍ରେମରାଜ ପଣ୍ଡା, ସତ୍ୟନାରାୟଣ ସାହୁ ପ୍ରମୁଖ ଶତାଧିକ କଂଗ୍ରେସ ନେତାକର୍ମୀ ଉପସ୍ଥିତ ଅଛନ୍ତିଓ ଏନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ଆଶଙ୍କା ନେଇ ଟିଟିଲାଗଡ଼ ଏସଡ଼ିପି ଅଙ୍କିତା କୁମାର, ସଇଁତଲା ଆଇଆଇସି ଅବନୀ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଓଏସଏପି ଫୋର୍ସ ମୁତୟନ ରହିଛନ୍ତି।

# 'ମ୍ୟୁଜିକ ସର୍କଲ ରାଉରକେଲା ସାଂସ୍କୃତିକ ପରିମଣ୍ଡଳର ପ୍ରାଣକେନ୍ଦ୍ର'

ରାଉରକେଲା (ପିପିଏସ): ମ୍ୟୁଜିକ ସର୍କଲର ବସନ୍ତ ସମାରୋହର ଦ୍ୱିତୀୟ ସନ୍ଧ୍ୟାକୁ ମୁଖ୍ୟ ଅତିଥି ତଥା ରାଉରକେଲା ଇସ୍ପାତ କାରଖାନାର ସମାଜ ମଙ୍ଗଳ ବିଭାଗର ମହାପ୍ରବନ୍ଧକ ବିଜୟ କୁମାର ରାଉତ, ଉପଦେଷ୍ଟା ଭବେଶ ଚନ୍ଦ୍ର ସାହୁ ଏବଂ ସମ୍ମାନୀତ ଅତିଥି ଗଣେଶ ପ୍ରସାଦ ବାଗେଡିଆ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିଲେ। ଉପଦେଷ୍ଟା ଶ୍ରୀ ସାହୁଙ୍କ ସ୍ୱାଗତ ଅଭିଭାଷଣ ପରେ ଅସୁସ୍ଥତା କାରଣରୁ ସଭାରେ ଯୋଗ ଦେଇ ପାରିନଥିବା ଅନୁଷ୍ଠାନର ସାଧାରଣ ସମ୍ପାଦିକା ଅଳକା ଚାନ୍ଦ ଆଭାଷୀ ମାଧ୍ୟମରେ ବାର୍ଷିକ ବିବରଣୀ ପାଠ ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଡାକ୍ତର ପ୍ରଭାତ କୁମାର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ସମାରୋହରେ ଅତିଥି ମାନେ ମ୍ୟୁଜିକ ସର୍କଲ ରାଉରକେଲାର ସାଂସ୍କୃତିକ ପରିମଣ୍ଡଳର ପ୍ରାଣକେନ୍ଦ୍ର ଏବଂ ଅଳକା ଚାନ୍ଦ ଏହାର ଆତ୍ମା ଭାବେ ଅଭିହିତ କରିଥିଲେ। ଏହି ଅବସରରେ ଅତିଥି ମାନେ ବିଶିଷ୍ଟ ସଙ୍ଗୀତଜ୍ଞ ବି.ବୁଦ୍ଧପ୍ରସାଦ ରାଓଙ୍କୁ ବସନ୍ତ ସମ୍ମାନ -୨୦୨୩, ବିଶିଷ୍ଟ ନାଟ୍ୟକାର ପ୍ରଫେସର ଡ଼. ସମର ମୁଦାଲିଙ୍କୁ ମୁକ୍ତିକାନ୍ତ ନାଟ୍ୟ ସମ୍ମାନ -୨୦୨୩ ଏବଂ ବିଶିଷ୍ଟ କବୀ ଅଙ୍ଗୁର ବାଳା ପରିଡ଼ାଙ୍କୁ ପ୍ରଭାତ ନଳିନୀ ସାହିତ୍ୟ ସମ୍ମାନ -୨୦୨୩ରେ ସମ୍ମାନିତ କରିବା ସହ ସମ୍ମାନିତ ଅତିଥି ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଗଣେଶ ପ୍ରସାଦ ବାଗେଡିଆଙ୍କୁ ବସନ୍ତ ଉତ୍ତରୀୟ -୨୦୨୩ରେ ସମ୍ମାନିତ କରିଥିଲେ । ସ୍ନେହଲତା ନାୟକ, ଅନୀଲ କୁମାର ମଲ୍ଲିକ ଏବଂ ସୁଶାନ୍ତ କୁମାର ନାୟକ ମାନପତ୍ର ପାଠକରିଥିଲେ। ସ୍ନେହଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# କନ୍ଧକୁଳ ସମାଜର ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ରାୟଗଡ (ପିପିଏସ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନାରାୟଣ ପୁର ଗ୍ରାମ ପଞ୍ଚାୟତର ରାମଲିଙ୍ଗେଶ୍ୱର ମନ୍ଦିର ନିକଟରେ ଥିବା କଲ୍ୟାଣ ମଣ୍ଡପରେ କନ୍ଧକୁଳ ସମାଜର ପ୍ରତିଷ୍ଠା ଦିବସ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।ଏହି ବୈଠକରେ କନ୍ଧକୁଳ ସମାଜ ର ୧୩ଟି ଗ୍ରାମ ପଞ୍ଚାୟତର ସଭାପତି ଓ ଉପସଭାପତି ଉପସ୍ଥିତ ରହିଥିବା ବେଳେ ପୂର୍ବତନ ସଭାପତି ରଘୁନାଥ ନିଶିକା, ପୂର୍ବତନ ଉପ ସଭାପତି ଗୋପୀନାଥ ପେରିସିକା, ସଭ୍ୟ ହଳଧର ହୁଇକା, ଅଧିବାସୀ ଉନ୍ନୟନ ପରିଷଦ ଜିଲ୍ଲା ଉପ ସଭାପତି ବନମାଳି କାଡ୍ରାକା ମଞ୍ଚାସିନ ରହିଥିବା ବେଳେ ବୈଠକର ସଭାପତି ରାମନାଥ କାଡ୍ରାକା ସଭାପରିଚଳା କରିଥିଲେ। ଏହି ପ୍ରସ୍ତୁତି ସଭାରେ ଉପସ୍ଥିତ କନ୍ଧକୁଳ ର ସମସ୍ତ ସଦସ୍ୟ ମାନେ ନିଜ ନିଜର ମତାମତ ପ୍ରଦାନ କରିଥିଲେ। ଏହି ସଭାରେ ଆଦିବାସୀଙ୍କ ପାରମ୍ପରିକ ଢାଞ୍ଚାରେ ଆଦିବାସୀ ଙ୍କ ସଂସ୍କୃତି କୁ କିଭଳି ବଜାୟ ରଖିବାକୁ ହେବ ସେ ନେଇ ଆଲୋଚନା ହୋଇଥିଲା।ଏବଂ ଆଗାମୀ କନ୍ଧକୁଳ ସମାଜ ପ୍ରତିଷ୍ଠା ଦିବସ ଆସ'। ୧ ଅପ୍ରେଲ ୨୩ ରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କନ୍ଧକୁଳ ପ୍ରତିଷ୍ଠା ଦିବସରେ ଆଦିବାସୀ ଙ୍କ ନୂତନ ବର୍ଷ ଆରମ୍ଭ ହେବ ସେହି ଠାରୁ ଆଦିବାସୀ ଙ୍କ ବର୍ଷ ଶେଷ ପର୍ଯ୍ୟନ୍ତ କଣ ସବୁ ପୂଜାର୍ଚ୍ଚନା କରାଯିବ ସେହି ସମ୍ପର୍କରେ ଉକ୍ତ ପାଳନ ଦିବସରେ ଗୋଟି ଗୋଟି କରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କନ୍ଧକୁଳ ର ଭଦ୍ରବ୍ୟକ୍ତି ଓ ସଦସ୍ୟ ଶଙ୍କର ହୁଇକା,ରାମରାଓ କାଡ୍ରାକା,ବିଶ୍ୱନାଥ କାଡ୍ରାକା, ଯଗେନ୍ଦ୍ର ଓ୍ୱାଡାକା,ଲକ୍ଷ୍ମୀ ପ୍ରାସ୍କା, ବିନାୟକ କୁଲିସିକା,ଅଶୋକ ବିଡିକା କହିଛନ୍ତି।

# ରାମେଶ୍ୱର ମନ୍ଦିରରେ ଛାତ୍ରଛାତ୍ରୀଙ୍କ ସଫେଇ ଅଭିଯାନ ଆରମ୍ଭ



ବଲାଙ୍ଗୀର (ପିପିଏସ) ଆଜି ଜାତୀୟ ପୁନିତ ସାଗର ଅଭିଯାନ ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲାର ତ୍ରିବେଣୀ ସଙ୍ଗମରେ ଥିବା ବହୁ ପୁରାତନ ଶୈବ ପୀଠ ଶ୍ରୀ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ, ଗାଧୁଆ ଘାଟ ତଥା ପର୍ଯ୍ୟଟନକୁ ଆକର୍ଷିତ କରୁଥିବା ବେଢ଼ା, ଶ୍ମଶାନ ରାସ୍ତା ପ୍ରମୁଖ ସଫା କରାଯାଇଛି । ଏହି ଜଳ ଉତ୍ସ ତଥା ସମଗ୍ର ପରିବେଶ ର ସୁରକ୍ଷା ପୁନିତ ସାଗର ଅଭିଯାନରେ ରାମେଶ୍ୱର ନଦୀକୂଳ ଠାରେ ଏକଜୁଟ ହେଲେ ଶତାଧିକ ଛାତ୍ର ଛାତ୍ରୀ। ସୋନପୁର କଲେଜ ଏନ ସି ସି କେଡେଡ଼ ଙ୍କ ସମେତ ମହାରାଜା ହାଇସ୍କୁଲ ର କିଛି କେଡେଟ ଓ ସ୍ୱଚ୍ଛ ଭାରତର କିଛି ସ୍ୱେଚ୍ଛାସେବୀ ଏଥିରେ ସାମିଲ ଥିଲେ। ଏ ଅଭିଯାନ କୁ ସୁବର୍ଣ୍ଣପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଶୁଭାରମ୍ଭ କରି ସ୍ୱଚ୍ଛତା ଯେଉଁଠି ଭଗବାନ ସେଇଠି ବାସ କରନ୍ତି ବୋଲି ମତ ରଖି ପରିବେଶ କୁ ଉପଭୋଗ କରିବା ଠାରୁ ଅଧିକ ଉପଯୋଗ କରିବା ଜରୁରୀ ବୋଲି କହିଥିଲେ। ବାୟୁ,ଅଗ୍ନି,ଆକାଶ ପରି ସମଗ୍ର ପଞ୍ଚଭୁତ କୁ ଶୁଦ୍ଧ ରଖିବା ଓ ଏକ ସୁସ୍ଥ ସମାଜ ପାଇଁ ଗାଁ ଗାଁ ରେ ଏ ସଚେତନତା ବାର୍ତ୍ତା ପହଞ୍ଚାଇବାକୁ ହେବ। କିନ୍ତୁ ଏଥିପାଇଁ ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜନ ସାଧାରଣ ଙ୍କଦୃଢ଼ ଇଚ୍ଛା ଶକ୍ତି ଓ ମିଳିତ ପ୍ରୟାସ ଜରୁରୀ ବୋଲି ଶ୍ରୀ ଦାଶ କହିଥିଲେ। ସାରା ଦେଶରେ ଦିନକୁ ଦିନ ଜଳ ପ୍ରଦୂଷଣ ଓ ପ୍ଲାଷ୍ଟିକ ର ବ୍ୟବହାର ବଢୁ ଥିବାରୁ ଏହାକୁ ନିୟନ୍ତ୍ରଣ ଏବଂ ଦେଶ ରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏନ ସି ସି ଗୃହ ବିଭାଗ ଡାଇରେକ୍ଟର ଜେନେରାଲ ଙ୍କ ନିର୍ଦ୍ଦେଶ ରେ ଏ ମହତ୍ କାର୍ଯ୍ୟ ଆଜି ସାରା ଦେଶ ର ନଦୀ ଓ ସମୁଦ୍ର କୂଳ ମାନଙ୍କ ରେ ଚାଲିଛି ବୋଲି କମାଣ୍ଡିଂ ଅଫିସର ରଂଜନ ଚକ୍ରବର୍ତ୍ତୀ କହିଛନ୍ତି । ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପୌର ଅଧ୍ୟକ୍ଷ ପ୍ରକାଶ ସାହୁ, ଡାକ୍ତର ଆବାସ ବାବୁ, ପୋଲିସ ଆର ଆଇ ପ୍ରଦ୍ୟୁମ୍ନ କୁମାର ପଟେଲ ଯୋଗ ଦେଇ ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବୀ ଙ୍କୁ ଉତ୍ସାହିତ କରିଥିଲେ।

# ରାଉରକେଲା ବିକାଶ ମଞ୍ଚର କ୍ଷୋଭ ଓ ଚେତାବନୀ

ରାଉରକେଲା (ପିପିଏସ): ରାଉରକେଲାରେ ହକି ବିଶ୍ୱ କପ-୨୦୨୩ର ଆୟୋଜନ କରିବା ଦ୍ୱାରା ରାଉରକେଲା ସମଗ୍ର ବିଶ୍ୱ ପରିଚିତି ହାସଲ କରି ପାରିଛି, ତଥା ୧୯୬୦ ମସିହାରୁ ଚାଲୁଥିବା ରାଉରକେଲା ଏଆରଷ୍ଟ୍ରିପରୁ ବିମାନ ଚଳାଚଳ ଆରମ୍ଭ ହୋଇଥିବାରୁ ସମଗ୍ର ସୁନ୍ଦରଗଡ଼ ଜିଲ୍ଲାବାସୀ ଆନନ୍ଦ ପ୍ରକାଶ କରିଥିଲେ। ପ୍ରତିଦିନ ପ୍ରାୟ ନବେ ପ୍ରତିଶତ ସିଟ ପୂର୍ଣ୍ଣ ହୋଇଯାଉଛି। କିନ୍ତୁ ଦୁଃଖର କଥା ଯେ ବିଗତ ତିନି ଚାରି ଦିନ ଧରି ଖରାପ ପାଗର ଦ୍ୱାହି ଦେଇ କୌଣସି ଉଡ଼ାଜାହାଜ ରାଉରକେଲାକୁ ଯିବା ଆସିବା କରୁନାହିଁ, ଯାହାଫଳରେ ଟିକେଟ କରିଥିବା ଆଗ୍ରହୀ ଯାତ୍ରୀମାନେ ଯାତ୍ରା କରି ନ ପାରି ବହୁତ ହନ୍ତସନ୍ତ ହେଉଛନ୍ତି। ବିମାନ ଚଳାଚଳ ପାଇଁ ପାଗଯନ୍ତ୍ର ନିହାତି ଆବଶ୍ୟକ ଥିଲାବେଳେ ସମ୍ପୃକ୍ତ କର୍ତ୍ତୃପକ୍ଷ ଏହାର ସ୍ଥାପନା ନ କରି ବିମାନ ଚଳାଚଳ ଆରମ୍ଭ କରିବା ଏବଂ ସେଥିପାଇଁ ଯାତ୍ରୀମାନେ ହନ୍ତସନ୍ତ ହେବା ସମଗ୍ର ସୁନ୍ଦରଗଡ଼ ଜିଲ୍ଲାବାସୀଙ୍କ ସହ ଏକ ଚଞ୍ଚକତା ବ୍ୟତୀତ ଆଉ କିଛି ନୁହେଁ। କିଛି ଭବିଷ୍ୟତ ଦୂରଦୃଷ୍ଟି ନ ରଖି ସମ୍ପୃକ୍ତ କର୍ତ୍ତୃପକ୍ଷ ଏହାର ନିରାକରଣ ଶୀଘ୍ର କରିବାକୁ ଦୃଢ ଦାବି ହେଉଛି। ସେଇଭଳି ରାଉରକେଲା ଓ ପାର୍ଶ୍ୱବର୍ତ୍ତୀ ଅଂଚଳରୁ ଚକ୍ରଧରପୁର ରେଳ ଡିଭିଜନରେ ଶତକଡା ଅଶୀଭାଗ ଅର୍ଥ ଆଦାୟ ହେଉଥିବା, ବନ୍ଧମୁଣ୍ଡା ଠାରେ ପାଞ୍ଚ ହାଜର ଏକର ଜାଗା, ପର୍ଯ୍ୟାପ୍ତ କ୍ୱାଟର, ଅନୁସାଙ୍ଗିକ ସୁବିଧା ଥାଇ ଇଷ୍ଟକୋଷ୍ଟ ରେଳବାଇ ଅଧୀନରେ ରାଉରକେଲା ଠାରେ ଏକ ନୂଆ ରେଳ ଡିଭିଜନ ପାଇଁ ବହୁତ ଦିନରୁ ଦାବି ଓ ଆନ୍ଦୋଳନ ହେଉଥିଲେ ମଧ୍ୟ ରେଳବାଇ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିବା ସହ ଏ ଅଂଚଳର କୌଣସି ଆଖିଦୃଶିଆ ଉନ୍ନତି ହାତକୁ ନେଇ ନାହିଁ। ସୁନ୍ଦରଗଡ଼ ଜିଲ୍ଲା ଖଣି ଖାଦାନରେ ପରିପୂର୍ଣ୍ଣ ଥିବାରୁ ହଜାର ହଜାର ଶ୍ରମିକ ରାଜ୍ୟ ତଥା ରାଜ୍ୟ ବାହାରୁ ଆସି କାମ କରୁଥିବା ବେଳେ ସେମାନଙ୍କର ସ୍ୱାସ୍ଥ୍ୟ ସେବା ପାଇଁ ପର୍ଯ୍ୟାପ୍ତ ଇଏସଆଇ ହସ୍ପିଟାଲ ନାହିଁ। ଯାହା ଅଛି ତାହା ସମୁଦ୍ରକୁ ଶଙ୍ଖେ ପାଣି ପରି। ବିଗତ ପନ୍ଦର ବର୍ଷ ଧରି ବିଭିନ୍ନ ଶ୍ରମିକ ଅନୁଷ୍ଠାନ, ସାମାଜିକ ଅନୁଷ୍ଠାନ ସହ ରାଉରକେଲା ବିକାଶ ମଞ୍ଚ ରାଉରକେଲା ଠାରେ ଏକ ଇଏସଆଇ ମେଡିକାଲ କଲେଜ ପାଇଁ ଆନ୍ଦୋଳନ ମାଧ୍ୟମରେ ଦାବି କରି ଆସୁଛି। ସୁଖର କଥାଯେ ରାଜ୍ୟ ଇଏସଆଇ ବୋର୍ଡ ରାଉରକେଲା ଠାରେ ଏକ ମେଡିକାଲ କଲେଜ ଖୋଲିବା ପାଇଁ କେନ୍ଦ୍ରୀୟ ଇଏସଆଇ ବୋର୍ଡ଼କୁ ସୁପାରିଶ କରିଛି। କେନ୍ଦ୍ରୀୟ ନେତୃବୃନ୍ଦ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯିବ। ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲାର ସ୍ୱାର୍ଥ ପ୍ରତି ସମ୍ପୃକ୍ତ କର୍ତ୍ତୃପକ୍ଷ ବିହିତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦୃଢ ଦାବି କରାଗଲା, ନଚେତ ଆଗାମୀ ଦିନରେ ଦୁର୍ବାର ଜନ ଆନ୍ଦୋଳନ କରାଯିବ ବୋଲି ରାଉରକେଲା ବିକାଶ ମଞ୍ଚର ଆବାହକ ଡ଼କ୍ଟର ସୁମନ ଦତ୍ତ, ଉପଦେଷ୍ଟା ଇଂ ଅଭୟ ଦାସ, ସଂଜୀବ ମହାନ୍ତି, ଆର୍ତ୍ତ ମହାରଣା, ଅମୂଲ୍ୟ ବରାଳ, ପଶୁପତି ଚାଟାର୍ଜୀ, ଇଂ ଅମୂଲ୍ୟ ସାମଲ, ସଂଗ୍ରାମ ମହାନ୍ତି ଓ ଅନ୍ୟମାନେ ଦୃଢ ଦାବି କରିଛନ୍ତି ବୋଲି ବିକାଶ ମଞ୍ଚର ମୁଖପାତ୍ର କୁଞ୍ଜବିହାରୀ ରାଉତ ପ୍ରକାଶ କରିଛନ୍ତି।

# ଚାରିଦିନିଆ ପ୍ରାରମ୍ଭ ତାଲିମ୍ ଶିବିର ଅନୁଷ୍ଠିତ

ମାଲକାନଗିରି, (ହି. ସ.): ଚିତ୍ରକୋଣ୍ଡା ବ୍ଲକ ବ ଡ଼ପଦର ଗ୍ରାମପଂଚାୟତ ଅନ୍ତର୍ଗତ ଫାଇଭ ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଚାରିଦିନ ଧରି ସମଗ୍ର ଶିକ୍ଷା ଅଭିଯାନ, ମାଲକାନଗିରି ଦ୍ୱାରା ପ୍ରାରମ୍ଭ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୩୭ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ । ସ୍ୱାଧନକର୍ମୀ ଭାବରେ ସୁଶାନ୍ତ କୁମାର ପାତ୍ର, ହରିହର ବେହେରା, ପ୍ରସନ ସୁବୁଦ୍ଧି ଓ ବଡ଼ପଦର ସିଆରସିସି ନୀଳାଦ୍ରୀ କୁମାର ରାଉତ ସାମନ୍ତ ତାଲିମ ଦେଇଥିଲେ । ରାଲେଗାଡ଼ା ସିଆରସିସି ବସନ୍ତ କୁମାର ତାଙ୍ଗୁଲ୍ଲୁ, ପେପରମେଟଲା ସିଆରସିସି ସାଦନ ସରକାର ସହଯୋଗ କରିଥିଲେ । ପର୍ଯ୍ୟବେକ୍ଷକ ଭାବେ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷକ୍ଷଧିକାରୀ ଗାୟତ୍ରୀ ଦେବୀ ତାଲିମ୍ ଶିବିର କୁ ଆସି ଶିକ୍ଷକ, ଶିକ୍ଷୟିତ୍ରୀ ଉତ୍ସାହିତ କରିଥିଲେ।

*ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାହାଁନ୍ତି, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।*

**(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)**

**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର

ତା ୨୧।୦୩।୨୦୨୩ ■ ମଙ୍ଗଳବାର

# ଯୁଦ୍ଧରେ ଆହତ ବିଜ୍ଞାନ

ଯୁଦ୍ଧ ବା ସଂଘର୍ଷ ଲାଗି ଲାଳାୟିତ ଲୋକଙ୍କ ପାଇଁ ଏବେ ଶିଖିବାର ସମୟ । ପ୍ରଥମେ କୋରୋନା ମହାମାରୀ ଓ ତା'ପରେ ରୁଷ-ୟୁକ୍ରେନ୍ ଯୁଦ୍ଧ, ପ୍ରାୟ ତିନିବର୍ଷହେଲା ବିଜ୍ଞାନ ଅଧିକ ଅସୁବିଧା ମଧ୍ୟ ଦେଇ ଗତି କରୁଥିବା ଦେଖାଯାଉଛି । ବିଶ୍ୱରେ ବିଭିନ୍ନ ସରକାର ଯେଉଁ ଗତିରେ ବାଣିଜ୍ୟ ବ୍ୟବସାୟକୁ ପ୍ରୋତ୍ସାହିତ କରିପାରିଛନ୍ତି, ସେ ଗତିରେ ବିଜ୍ଞାନ ଲାଗି କାର୍ଯ୍ୟ କରିପାରି ନାହାନ୍ତି । ପ୍ରାୟ ପ୍ରତ୍ୟେକ ବିଜ୍ଞାନ ପତ୍ରିକାରେ ଗବେଷଣା ଅଭିଯାନ ଓ ପ୍ରୟୋଗଶାଳାମାନଙ୍କରେ ହୋଇଥିବା ପ୍ରହାର ସମ୍ବନ୍ଧରେ ରିପୋର୍ଟ ପ୍ରକାଶିତ ହେଉଛି । ସ୍ମରଣଯୋଗ୍ୟ ଯେ ୨୦୨୨ ଫେବୃୟାରୀ ୨୪ରେ ରୁଷ ପକ୍ଷରୁ ଡୋନେସ୍କ ଓ ଲୁହାଁସ୍କ ଅଞ୍ଚଳକୁ ନିଜ ଅକ୍ତିଆରକୁ ନେବା ଉଦ୍ଦେଶ୍ୟରେ ୟୁକ୍ରେନର ପୂର୍ବାଞ୍ଚଳ ଉପରେ ଆକ୍ରମଣ କରାଯାଇଥିଲା । ଏହା ହେଉଛି ଆଧୁନିକ ଇଉରୋପୀୟ ଇତିହାସରେ ସବୁଠାରୁ ବଡ଼ ସୈନ୍ୟ ସଂଘର୍ଷ ମଧ୍ୟରୁ ଗୋଟିଏ। ଏହି ଯୁଦ୍ଧ ଯୋଗୁଁ ଶିକ୍ଷା ଓ ବିଜ୍ଞାନ ସର୍ବାଧିକ ଭବେ ପ୍ରଭାବିତ ହୋଇଛି । ୟୁକ୍ରେନରେ ଅନୁସନ୍ଧାନ, ଗବେଷଣା ସହ ସଂପୃକ୍ତ ପ୍ରାୟ ୨୭ ପ୍ରତିଶତ କୋଠାବାଡ଼ି କ୍ଷତିଗ୍ରସ୍ତ ବା ନଷ୍ଟ ହୋଇଯାଇଛି । ଏ ଦେଶର ପ୍ରମୁଖ ବୈଜ୍ଞାନିକ ଅସୁନ୍ଧାନ କେନ୍ଦ୍ର, ଯେପରି କି ଖାରକୀଭ୍ ଇନଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ ଏଣ୍ଡ ଟେକ୍ନୋଲୋଜି ବା ଦୁନିଆର ସବୁଠାରୁ ବଡ଼ ଡେକାମିର ୱେଭ୍‌ଲେନ୍ଥ ରେଡିଓ ଟେଲିସ୍କୋପ ବରବାଦ ହୋଇଯାଇଛି ।

ଏତିକି ନୁହଁ, ୟୁକ୍ରେନର ମାନବସମ୍ବଳକୁ ମଧ୍ୟ ଯୁଦ୍ଧରେ ଲଗାଯାଇଛି । ବୈଜ୍ଞାନିକମାନଙ୍କୁ ମଧ୍ୟ ଯୁଦ୍ଧ ସମ୍ବନ୍ଧୀୟ କାର୍ଯ୍ୟ ଦିଆଯାଉଛି । ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ ଓ ଦୂରସଂଚାର ଡିଗ୍ରୀ ଥିବା ୟୁକ୍ରେନୀୟ ଯୁବବର୍ଗ ତଥା ଅନ୍ୟ ଲୋକଙ୍କ ଲାଗି ସାମରିକ ସେବା ଅନିବାର୍ଯ୍ୟ କରାଯାଇଛି । ଖୋଦ୍ ନିଜକୁ ଅନେକ ସୁଦୃଢ଼ ବୋଲି ପ୍ରତିପାଦିତ କରିଆସୁଥିବା ରୁଷର ମଧ୍ୟ ସ୍ଥିତି ସେତେ ଭଲ ନାହିଁ । ଯୁଦ୍ଧ ପୂର୍ବରୁ ରୁଷୀୟ ବୈଜ୍ଞାନିକଙ୍କର ବିଶ୍ୱସାରା ଆଦର ଥିଲା । କିନ୍ତୁ ଯୁଦ୍ଧ ଆରମ୍ଭ ହେବା ପରେ ପାଶ୍ଚାତ୍ୟ ଦେଶମାନେ ରୁଷୀୟଙ୍କୁ ବହିଷ୍କାର କଲେ । ରୁଷୀ= ଅନୁସନ୍ଧାନକୁ ବାହାରୁ କୌଣସି ସହଯୋଗ ଆଉ ମିଳୁନାହିଁ । ଯାହାଫଳରେ ସେ ସବୁ ବନ୍ଦ ପ୍ରାୟ ହୋଇଯାଇଛି । ରୁଷରେ ମଧ୍ୟ ବୈଜ୍ଞାନିକଙ୍କୁ ସାମରିକ ସେବାରେ ଲାଗିବା ପାଇଁ ବାଧ୍ୟ କରାଯାଉଛି। ଇଉରୋପୀୟ ସଂଗଠନ ସେବାରେ ଥିବା ସହସ୍ରାଧିକ ରୁଷୀୟ ବୈଜ୍ଞାନିକ ଚଳିତ ବର୍ଷ ନିଜର ଅନୁଦାନ ହରାଇବାକୁ ଯାଉଛନ୍ତି । ରୁଷ ଯଦି ଯୁଦ୍ଧ ଚଳାଇରଖିଲା, ତେବେ ତାହା ବିଜ୍ଞାନ କ୍ଷେତ୍ରରେ ଅନେକ ଦଶକ ପଛେଇଯିବ । ଏହା ଫଳରେ ଚୀନ ତଥା ଅନ୍ୟ ଦେଶ ତା'ର ଫାଇଦା ନେବେ, କିନ୍ତୁ ତାହା ପର୍ଯ୍ୟାପ୍ତ ହେବନାହିଁ । ଏକ ବଡ଼ ବିପଦ ଇଉରୋପୀୟ ବୈଜ୍ଞାନିକ ପ୍ରତିଷ୍ଠାନମାନଙ୍କ ପ୍ରତି ମଧ୍ୟ ଅଛି । ପ୍ରାୟ ଅଧାରୁ ଅଧିକ ଉର୍ଜା ଏ ମହାଦେଶର ଚାଷ ଉପରେ ନିର୍ଭର । ଇଉରୋପୀୟ ଦେଶ ଉର୍ଜାର ବିକଳ୍ପ ଖୋଜୁଛି ।

ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଏକ୍ସ-ରେ ଲେଜର ଘର ବିଦ୍ୟୁତ୍ ଶକ୍ତିର ଅଭାବ ଅନୁଭବ କଲାଣି । ବିକଳ୍ପ ସନ୍ଧାନରେ ସମୟ ଲାଗିବ। ପୁଟିନ ଯଦି ଯୁଦ୍ଧ ବନ୍ଦ ନ କରନ୍ତି ତେବେ ରୁଷ ଉପରେ ଇଉରୋପ ନିଜର ନିର୍ଭରତା ହ୍ରାସ କରିବାକୁ ବାଧ୍ୟ ହେବ ଓ ଏହା ଘଟିଲେ କେବଳ ଇଉରୋପରେ ନୁହେଁ, ବିଶ୍ୱରେ ମଧ୍ୟ ରୁଷର ମହତ୍ତ୍ୱ ହ୍ରାସ ପାଇବ । ବିଶ୍ୱର ଯେକୌଣସି ବୈଜ୍ଞାନିକ ସମ୍ମିଳନୀମାନଙ୍କରେ ରୁଷୀୟ ବୈଜ୍ଞାନିକଙ୍କ ଅଂଶଗ୍ରହଣକୁ ରୋକାଯାଉଛି । ଏହାର ପରିଣାମରେ ଯୋଗ୍ୟ ଓ ସମର୍ଥିତ ବୈଜ୍ଞାନିକମାନେ ଦେଶ ଛାଡ଼ି ପଳାଇବାକୁ ବାଧ୍ୟ ହୋଇଯିବେ । ଏହାର ଏକ ସକାରାତ୍ମକ ଦିଗ ବି ଅଛି, ଯାହା ୟୁକ୍ରେନ ଲାଗି ଫାଇଦା ହୋଇପାରେ । ତାହାର ପ୍ରାୟ ୬ ହଜାର ବୈଜ୍ଞାନିକ ବିଶ୍ୱର ଅନ୍ୟ ଦେଶମାନଙ୍କରେ ଗବେଷଣାର ସୁବିଧାରୁ ସର୍ବୋତ୍ତମ ଲାଭ ଉଠାଉଛନ୍ତି । ୟୁକ୍ରେନର ବୈଜ୍ଞାନିକଙ୍କୁ ସହଯୋଗ କରିବା ଲାଗି ପାଶ୍ଚାତ୍ୟ ଦେଶମାନେ ଆଗକୁ ଆସିଛନ୍ତି । ୟୁକ୍ରେନକୁ ଯୁଦ୍ଧ ଲାଗି କେବଳ ନୁହେଁ, ବରଂ ବିଜ୍ଞାନର ବିକାଶ ଲାଗି ମଧ୍ୟ ଆର୍ଥିକ ସହାୟତା ବି ମିଳୁଛି । ତେବେ ଶୀଘ୍ର ଯୁଦ୍ଧ ଶେଷ ହେଉ, ଏଥିରେ ସମସ୍ତଙ୍କର ମଙ୍ଗଳ ।□□

**-ଭର୍ତ୍ତୃହରି ମହତାବ**

# ମନର ମୂଳେ ଏ ଜଗତ

ଜୀବନରେ ସବୁକ୍ଷେତ୍ରରେ ସଫଳତା ଓ ବିଫଳତା ମଧ୍ୟ ରହିଛି ଏହାକୁ ନେଇ ଜୀବନର ଡ଼ଙ୍ଗା ଆଗକୁ ଚାଲିଥାଏ। ଅନେକ ସମୟରେ ଆମେ କିଛି ପରିପାର୍ଶ୍ୱିକ ଘଟଣାବଳୀକୁ ନେଇ ବ୍ୟସ୍ତ ହୋଇପଡ଼ିଥାଉ। ଜୀବନରେ ସୁଖ ଅଛି ଦୁଃଖ ଅଛି, ଭଲ ଅଛି ତ ମନ୍ଦ ଅଛି ଏହାକୁ ହିଁ କୁହାଯାଏ ଜୀବନ। ତେବେ ଏସବୁ ଭିତରେ ଆମ୍ଭମାନଙ୍କର ମନ ହେଉଛି ସବୁର ମୂଳ। ଏହି ପ୍ରସଙ୍ଗରେ ଆଜିର ଛୋଟିଆ ଆଧ୍ୟାତ୍ମିକ ଆଲୋଚନାଟି ଏଠାରେ ଉପସ୍ଥାପନ କରୁଛୁ। ସଫଳ ହେବାକୁ ହେଲେ ମନୁଷ୍ୟ ସବୁବେଳେ ମନ ଉପରେ ନିୟନ୍ତ୍ରଣ ରଖିବାକୁ ହୋଇଥାଏ । ମନକୁ ନିୟନ୍ତ୍ରଣ କରିବା ଦିଗରେ କେବଳ ନିଜେ ବ୍ୟକ୍ତି ହିଁ ଦାୟୀ । ମନକୁ ନିୟନ୍ତ୍ରଣରେ ରଖିବା ପାଇଁ ଅନ୍ୟ କାହାର ପରାମର୍ଶ ଓ ଉପଦେଶ ଲୋଡ଼ା ନାହିଁ । ବ୍ୟକ୍ତି ନିଜେ ସଚେତନ ହୋଇପାରିଲେ ହିଁ ନିଜ ମନକୁ ନିୟନ୍ତ୍ରଣ କରିପାରିବ । ଏଥିପାଇଁ ବ୍ୟକ୍ତିକୁ ପ୍ରଥମେ ଅନ୍ତର୍ମୁଖୀ ହେବାକୁ ହେବ । ପ୍ରଥମେ ନିଜ ମନର ଦୁର୍ବଳତାକୁ ଭଲ ଭାବେ ଚିହ୍ନିବା ଉଚିତ । ପରେ ଏହା ଉପରେ ବିଜୟ ହାସଲ କରିବାକୁ ଚେଷ୍ଟା କରିବା ଉଚିତ । ହୁଏତ ଏଥିପାଇଁ ସମୟ ଲାଗିପାରେ । କିନ୍ତୁ ଏହା ଅସମ୍ଭବ ନୁହେଁ । ମନରେ ପ୍ରତିକ୍ରିୟା ସୃଷ୍ଟି କରୁଥିବା ପ୍ରତ୍ୟେକ ବିଷୟରେ ଗଭୀର ଭାବେ ଚିନ୍ତା କରିବା ଉଚିତ । ପ୍ରତ୍ୟେକ ଦିନ ବ୍ୟକ୍ତି ଜୀବନରେ ନୂଆ ନୂଆ ଅନୁଭୂତି ଆସିଥାଏ । ଏଥିରୁ ବ୍ୟକ୍ତିକୁ ଶିକ୍ଷା ଗ୍ରହଣ କରିବା ଉଚିତ । ଏଥିପାଇଁ ପ୍ରତ୍ୟେକ ଦିନ ରାତିରେ ଶୋଇବା ପୂର୍ବରୁ ଦିନର ସବୁ କାର୍ଯ୍ୟ ସମ୍ପର୍କରେ ଚିନ୍ତା କରିବା ଉଚିତ । ଏହା ମନ ଉପରେ ନିୟନ୍ତ୍ରଣ କରିବା ସମ୍ପର୍କରେ ବ୍ୟକ୍ତି କିଛି ନା କିଛି ଶିକ୍ଷା ଗ୍ରହଣ କରିଥାଏ । ଏଥିରୁ ପ୍ରମୁଖ ଦୁଇଟି ଶିକ୍ଷାକୁ ନିଜ ଖାତାରେ ଲେଖି ନିଅନ୍ତୁ ଓ ଏହାକୁ ତା ପରଦିନ ଠାରୁ ବ୍ୟବହାରରେ ଆଣିବା ଉଚିତ । ସେହିପରି ଗୋଟିଏ ମାସର ପ୍ରତ୍ୟେକ ଶିକ୍ଷାକୁ ଲକ୍ଷ୍ୟ କରି ପ୍ରମୁଖ କେତୋଟି ଶିକ୍ଷାକୁ ପ୍ରାଥମିକତା ଦେଇ ତାକୁ ସବୁବେଳେ ନିଜ କାର୍ଯ୍ୟକଳାପରେ ପ୍ରତିଫଳିତ କରିବା ଉଚିତ । ଏହାଦ୍ୱାରା ବ୍ୟକ୍ତିର ବାକି ଜୀବନ ସୁଖମୟ ହୋଇଉଠେ ।

ଶ୍ୟାମ ସୁନ୍ଦର ସାମଲ
କଟକ,
ମୋ:୯୭୭୮୬୩୫୯୨୬

# ସମ୍ବଳ ଓ ରଣରେ ଅର୍ଥର ଦିଗ

**ଡ.ସତ୍ୟ ନାରାୟଣ ମିଶ୍ର**

ଜୀବସତ୍ତାର ଆବହମାନ କାଳରୁ ମଣିଷ ବଞ୍ଚିବା ପାଇଁ ଅର୍ଥର ଆବଶ୍ୟକତା କରିଆସୁଛି । ବିଭିନ୍ନ ସମୟରେ ବିନିମୟର ରୂପାନ୍ତର ହୋଇ ଆଜିର ସମାଜରେ ମୁଦ୍ରା ବା ଟଙ୍କାରେ ଅର୍ଥର ରୂପାନ୍ତିକରଣ ହୋଇଅଛି ଓ ଆବଶ୍ୟକ ସାମଗ୍ରୀର ଉପଲବ୍ଧ କରୁଅଛି । ତେଣୁ ଧନୀ ବା ଗରିବ, ଜାତି, ଧର୍ମ, ବର୍ଣ୍ଣ,ଲିଙ୍ଗ ଆଦି ନିର୍ବିଶେଷରେ ମଣିଷର ଆବଶ୍ୟକତାକୁ ସମ୍ମୁଖୀନ ହେବା ପାଇଁ ଅର୍ଥ ଏକାନ୍ତ ଆବଶ୍ୟକ । କାହାର ଅଧିକ ଓ କାହାର ସ୍ୱଳ୍ପ ଅର୍ଥ ଆବଶ୍ୟକତା ବା ଉପଲବ୍ଧ ଥାଇପାରେ ମାତ୍ର ପ୍ରତିଦିନର ଖାଦ୍ୟ ଓ ଆବଶ୍ୟକତା ପାଇଁ କିଛିମାତ୍ର ଅର୍ଥ ଆବଶ୍ୟକ ହୋଇଥାଏ ଓ ତାହା ଯେକୌଣସି ଉତ୍ସରୁ ଆସିଥାଏ । ଏପରିକି ଯଦି ଜଣେ ଦାନ ସୂତ୍ରରେ ବା ଭିକ୍ଷାବୃତ୍ତି କରି ଉପଲବ୍ଧ କରିଥାଏ,ତେବେ ତାହାର ମଧ୍ୟ ଏକ ଉତ୍ସ ରହିଥାଏ । ଅତଏବ ଅର୍ଥ ମଣିଷର ନୀତିଦିନର ସାଥି ଓ ଅର୍ଥ ବିହୁନେ ବ୍ୟକ୍ତି ବା ରାଷ୍ଟ୍ର ଜୀବନ ନିର୍ବାହ କରିବା ଅସମ୍ଭବ ହୋଇଥାଏ ।

ଗଣତାନ୍ତ୍ରିକ ରାଷ୍ଟ୍ରରେ ଅର୍ଥ ସରକାର ଦ୍ୱାରା ପରିଚାଳିତ ହୋଇଥାଏ ଓ ସରକାର ଏକ ନୀତି ନିୟମ ଦ୍ୱାରା ତାହାକୁ ନିୟନ୍ତ୍ରଣ କରିଥାନ୍ତି । କେଉଁ ଦ୍ରବ୍ୟର ମୂଲ୍ୟ କେତେ ହେବ ବା ମୂଲ୍ୟ ନିରୂପଣ ତାହା ସରକାର ଧାର୍ଯ୍ୟ କରିଥାନ୍ତି ଓ ଉପଭୁକ୍ତା ତାହାକୁ ମାନିନେବା ପାଇଁ ବାଧ୍ୟ ହୋଇଥାନ୍ତି । ସେଥିପାଇଁ ସରକାର ଅର୍ଥର ଉତ୍ସକୁ ପରିଚାଳିତ କରିବା ପାଇଁ ଜନସାଧାରଣଙ୍କ ଉପରେ ଟିକସ ବ୍ୟବସ୍ଥା କରିଥାନ୍ତି ଯାହା ସରକାର ତାହାକୁ ବିଭିନ୍ନ ପଦ୍ଧତି ଓ ଆବଶ୍ୟକତାରେ ବିତରଣ କରି ଖର୍ଚ୍ଚ କରିଥାନ୍ତି ଯାହାକୁ ସମ୍ବଳ କୁହାଯାଏ । ଖର୍ଚ୍ଚ ଓ ସମ୍ବଳ ମଧ୍ୟରେ ସାମଞ୍ଜସ୍ୟ ବା ଯୋଗାଯୋଗ ନହେଲେ ଅର୍ଥନତି ଦିଗହରା ହୋଇ ବିପର୍ଯ୍ୟୟ ହୋଇଥାଏ । ତେଣୁ ଖର୍ଚ୍ଚ କରିବା ପୂର୍ବରୁ ଅର୍ଥର ଉପଲବ୍ଧି ବା ସମ୍ବଳକୁ ଧ୍ୟାନ ଦେବା ଏକାନ୍ତ ଆବଶ୍ୟକ, କାରଣ ସମ୍ବଳର ଉପଲବ୍ଧି ଯେତିକି ମାତ୍ରାରେ ଉପଲବ୍ଧ ଥାଏ, ଖର୍ଚ୍ଚ ତଦନୁଯାୟୀ ହେବା ଉଚିତ ଯାହା କୌଟିଲ୍ୟ ଅର୍ଥଶାସ୍ତ୍ର ଶିକ୍ଷା ଦେଇଥାଏ । ଏକ ଦୃଢ଼ ଓ ଶକ୍ତିଶାଳୀ ଦେଶ ତାହାକୁ କୁହାଯାଏ, ଯାହାର ଅର୍ଥନୀତି ଅଧିକ ସମୃଦ୍ଧ ଓ ସ୍ୱାବଲମ୍ବନଶୀଳ ହୋଇଥାଏ । ସାଧାରଣତଃ ସମାଜରେ ଯେଉଁ ବ୍ୟକ୍ତି ଅର୍ଥନୈତିକ ଦୃଷ୍ଟିକୋଣରୁ ଅଧିକ ସ୍ୱଚ୍ଛଳ ଓ ଅର୍ଥଦ୍ୱାରା ସେ କିଛି ବି କରିପାରେ ତାହାକୁ ସମାଜର ଅଧିକ ବ୍ୟକ୍ତି ଗଣ୍ୟମାନ୍ୟ କରିଥାନ୍ତି ଓ ଉକ୍ତ ବ୍ୟକ୍ତିର ପ୍ରତିଷ୍ଠା ସମାଜରେ ଅଧିକ ପରିଲକ୍ଷିତ ହୋଇଥାଏ । ମାତ୍ର ଯିଏ ଦରିଦ୍ର ଓ ସ୍ୱଳ୍ପ ଅର୍ଥରେ ଜୀବନ ନିର୍ବାହ କରେ, ଉକ୍ତ ବ୍ୟକ୍ତିର ସମାଜରେ ପ୍ରତିଷ୍ଠା ଉଦବେଳ ଜନକ ହୋଇଥାଏ । ଅନ୍ୟପକ୍ଷରେ ଯେଉଁ ବ୍ୟକ୍ତି ଅନ୍ୟଠାରୁ ଋଣ କରି ନିଜର ଆବଶ୍ୟକତାକୁ ସମ୍ମୁଖୀନ ହୋଇଥାଏ, ଉକ୍ତ ବ୍ୟକ୍ତି ପ୍ରତି ସମାଜର ଅନେକ ବ୍ୟକ୍ତି ହେୟ ଦୃଷ୍ଟିରେ ବିବେଚନା କରିଥାନ୍ତି କାରଣ ଋଣ କରୁଥିବା ବ୍ୟକ୍ତି ପ୍ରତି ଏକ ଅସୁୟା ଭାବ ଜାଗ୍ରତ ହୋଇଥାଏ ଯେ ଉକ୍ତ ବ୍ୟକ୍ତି ଅର୍ଥନୈତିକ ବିଧି ବ୍ୟବସ୍ଥାକୁ ସୂଚାରୁରୂପେ କାର୍ଯ୍ୟକାରୀ କରିବାରେ ବିଫଳ, ନତୁବା ସେ କର୍ମଠ ନହୋଇ ଅଳସୁଆ ହୋଇ କେବଳ ଋଣ ଉପରେ ନିର୍ଭରଶୀଳ । ତେଣୁ ରାଷ୍ଟ୍ର କ୍ଷେତ୍ରରେ ମଧ୍ୟ ଅନୁରୂପ ବିବେଚନା କରାଯାଏ ।

ଯେଉଁ ଦେଶ ଅର୍ଥନୀତି ବା ଆର୍ଥିକ ଦୃଷ୍ଟିକୋଣରୁ ଯେତିକି ଦୃଢ଼, ଉକ୍ତ ଦେଶ ବିଶ୍ୱର ଅନ୍ୟ ରାଷ୍ଟ୍ର ମାନଙ୍କ ଉପରେ ନିଜର ଆଧିପତ୍ୟ ବିସ୍ତାର କରିଥାଏ ଓ ସବୁବେଳେ ନିଜର ପତିଆରା ବା ବଡଭାଇ ପଣିଆ ଜାହିର କରିଥାଏ । ମାତ୍ର ଯେଉଁ ରାଷ୍ଟ୍ରମାନଙ୍କର ସମ୍ବଳ ସ୍ୱଳ୍ପ ଓ ଋଣ ଉପରେ ନିର୍ଭରଶୀଳ ସେମାନଙ୍କର ଅବସ୍ଥା କିଭଳି ହୋଇଥାଏ ତାହା ଭାରତର ପଡୋଶୀ ରାଷ୍ଟ୍ର ମାନଙ୍କର ସାଂପ୍ରତିକ ସ୍ଥିତିରୁ ଦୃଶ୍ୟମାନ ହୋଇଥାଏ । ଅର୍ଥନୀତିର ମୁଖ୍ୟ ଆଧାର ହେଉଛି ସମ୍ବଳର ବୃଦ୍ଧି, ସଦ ବିନିଯୋଗ ଓ ସମ୍ବଳକୁ ଧ୍ୟାନ ଦେଇ ଖର୍ଚ୍ଚର ସୀମାରେଖା ନିରୂପଣ । ଋଣ ନିବୃତ୍ତ ହୋଇ ସ୍ୱାବଲମ୍ବନଶୀଳ ଭାବେ ସମ୍ବଳର ସୃଷ୍ଟି କରି ଅର୍ଥର ଉପାଦେୟତାକୁ ଉପଲବ୍ଧି କରିବା ଉଚିତ । ବର୍ତ୍ତମାନ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ଅର୍ଥନୀତିରେ ଅନେକ ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ ଯେ ଋଣ ନକଲେ ବିକାଶ ସମ୍ଭବ ହେବାର ସମ୍ଭାବନା ନାହିଁ ବୋଲି ଏକ ଭାବାନ୍ତର ସୃଷ୍ଟି ହୋଇଥାଏ । ଅନ୍ୟଏକ ଦେଶରୁ କୌଣସି କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ଋଣ ଆଣିଲେ ତାହା ଖବରର ପ୍ରଥମ ପୃଷ୍ଠାରେ ସଗର୍ବେ ଆଲୋଚିତ ହୋଇଥାଏ ଓ ସେଥିପାଇଁ ଉକ୍ତ ଦେଶକୁ କୃତଜ୍ଞ ବୋଲି ଦର୍ଶା ଯାଇଥାଏ ଯାହା ପରୋକ୍ଷରେ ଥାଏ ଏକ ବୃଥା ଆସ୍ଫାଳନ । ନିଜର ସ୍ୱଅର୍ଜିତ ଧନ ଓ ସମ୍ବଳରେ ଯେତିକି ସମ୍ଭବ ସେତିକି କାର୍ଯ୍ୟ କରି ନିଜକୁ ଅଧିକ କଠୋର ପରିଶ୍ରମ କରି ଅର୍ଣ୍ଣାସଲଖି ଛିଡାହେବାର ପ୍ରଚେଷ୍ଟା କରିବା ଉଚିତ । ସେଥିରେ ଆତ୍ମବିଶ୍ୱାସ ଓ ଆତ୍ମମର୍ଯ୍ୟାଦା ବୃଦ୍ଧି ହୋଇଥାଏ ଓ ନିଜର ସମ୍ମାନ ବୃଦ୍ଧି ହୋଇଥାଏ ।

ବର୍ତ୍ତମାନର ଅର୍ଥନୀତିରେ ଅର୍ଥ ଏଭଳି ସ୍ଥିତିରେ ଉପନୀତ, ତାହା ଋଣ ଓ ସୁଧର ଭାରସାମ୍ୟରେ ଦଣ୍ଡାୟମାନ ହେଉଅଛି । ଭାରତରେ ବର୍ତ୍ତମାନ ଗୋଟିଏ ଟଙ୍କାର ବୃହତ ଆୟ ଉତ୍ସ ହେଉଛି ଋଣ, ଯାହା ସମୁଦାୟ ଏକ ଟଙ୍କାର ୩୪ ଭାଗ ଓ ବାକି ୬୬ ଭାଗ ଅନ୍ୟାନ୍ୟ ଉତ୍ସରୁ ଆସିଥାଏ, ଯାହା ହେଉଛି ଆମର ଆୟ । କିନ୍ତୁ ପ୍ରକୃତରେ ଗୋଟିଏ ଟଙ୍କାର ନିଜସ୍ୱ ସମ୍ବଳ ହେଉଛି ୬୬ ପଇସା । ସେହିପରି ଗୋଟିଏ ଟଙ୍କାର ଖର୍ଚ୍ଚକୁ ବିଚାର କଲେ ଜଣାଯାଏ ଯେ ଗୋଟିଏ ଟଙ୍କାର ୨୦ ପ୍ରତିଶତ ଖର୍ଚ୍ଚ ହୋଇଥାଏ କେବଳ ଋଣର ସୁଧ ପରିତୋଷ କରିବାପାଇଁ, ଯାହା ହେଉଛି ଏକ ବଡ ଅଂଶଧନ । ଯେତେବେଳେ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ୪/୬/୫/୮/୯ ପ୍ରତିଶତ ଖର୍ଚ୍ଚ ହୋଇଥାଏ, ସେତେବେଳେ କେବଳ ଋଣ ପରିଶୋଧ କରିବାପାଇଁ ସୁଧ ବାବଦରେ ଦେବାକୁ ପଡିଥାଏ ୨୦ ପ୍ରତିଶତ ଓ ସେଥିରେ ପୁଣି ମୂଳ ଋଣ ପରିମାଣ ଅଲଗା ଥାଏ । ତେବେ ଅର୍ଥ ସହ ସମ୍ବଳ ଓ ଋଣ ମଧ୍ୟରେ ହୋଇଥାଏ ଏକ ସଂଘର୍ଷ, ଯାହାର ପରିଣାମ ଜନସାଧାରଣଙ୍କୁ ଭୋଗ କରିବାକୁ ପଡିଥାଏ ।

ଅତୀତକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ଯେଉଁ ସାମ୍ରାଜ୍ୟ ଅର୍ଥନିତୀକୁ ଗୁରୁତ୍ୱ ଦେଇ ପ୍ରଜାଙ୍କର ହିତ ସାଧନ କରିଛି ଓ ଅର୍ଥକୁ ଏକ ସୁବ୍ୟବସ୍ଥିତ ମାର୍ଗରେ ପରିଚାଳିତ କରିଛି ତାହା ସୁବର୍ଣ୍ଣ ଯୁଗ ନାମରେ ପ୍ରସିଦ୍ଧି ଲାଭ କରିଛି । ମଣିଷର ପ୍ରବୃତ୍ତି ସବୁକିଛି ସହଜରେ ଓ ବିନାମୂଲ୍ୟରେ ଉପଲବ୍ଧ ହୋଇଯାଉ । ମାତ୍ର ଅନେକ ସମୟରେ ଅନେକ ବ୍ୟକ୍ତିଙ୍କୁ ମାଗଣାରେ ଅନେକ ସୁବିଧା ସୁଯୋଗ ଉପଲବ୍ଧ କରାଯାଏ ଓ ଉକ୍ତ ଅର୍ଥ ରାଶି ସରକାର କରଦାତାଙ୍କ ଠାରୁ ସଂଗ୍ରହ କରିଥାନ୍ତି । ସମ୍ପ୍ରତି ଭାରତର ପଡୋଶୀ ରାଷ୍ଟ୍ର ଶ୍ରୀଲଙ୍କା ଓ ପାକିସ୍ଥାନ ଆଦି ରାଷ୍ଟ୍ରରେ ଅର୍ଥନୈତିକ ସଙ୍କଟ ଘନୀଭୂତ ହୋଇ ମଣିଷର ସମ୍ବଳକୁ ଧରାଶାୟୀ କରି ଋଣର ଯନ୍ତାରେ ନିଜେ ଛଟପଟ ହେଉଛି ଓ ବର୍ତ୍ତମାନ ଋଣ ସମାଜକୁ ଗ୍ରାସ କରିବାକୁ ବସିଲାଣି । ନିଜର ସାମର୍ଥ୍ୟକୁ ଆକଳନ କରି ବ୍ୟୟ ଭାର ଉପରେ ନଜର ଦେବା ହେଉଛି ସନ୍ତୁଳିତ ଅର୍ଥନୀତି ଯାହା ସମ୍ବଳ ଓ ଋଣ ମଧ୍ୟରେ ଏକ ପରୀକ୍ଷାର ସେତୁ ହୋଇଥାଏ । ସମ୍ବଳର ସମୃଦ୍ଧିରେ ଥାଏ ଯଥେଷ୍ଟ ଶ୍ରମ ଓ ବିଚାର ଧାରା, ମାତ୍ର ଋଣ ଯେତେବେଳେ ଅନାୟାସରେ ଉପଲବ୍ଧ ହୋଇଥାଏ, ସେତେବେଳେ ତାହାର ପରିଶୋଧ କଥା ମଧ୍ୟ ଚିନ୍ତା କରିବା ଆବଶ୍ୟକ । କାରଣ ଭାରତରେ ୨୦ ପ୍ରତିଶତ ଟଙ୍କା ଯେତେବେଳେ ଋଣ ପରିଶୋଧ ପାଇଁ ବ୍ୟୟ କରାଯାଏ, ସେହି ରାଶିରେ ସମାଜରେ କେତେ ଉନ୍ନତି ହୋଇ ପାରନ୍ତା ତାହା ଚିନ୍ତା କରିବା ଉଚିତ । ଅଧିକ କଷ୍ଟ ସ୍ୱୀକାର କରି ସମ୍ବଳ ସଂଗ୍ରହ କରିବା ଓ ତାହାର ଉପଯୁକ୍ତ ବିନିଯୋଗ କରିବା ଉପରେ ଗୁରୁତ୍ୱ ଆରୋପ କରିବା ଏକାନ୍ତ ବାଞ୍ଛନୀୟ, ଯଦ୍ଦ୍ୱାରା ଋଣ ଓ ସୁଧର ଅନିୟନ୍ତ୍ରିତ ଚକ୍ରବ୍ୟୂହ ମଧ୍ୟରେ ମଣିଷ ପେଷୀ ହୋଇ ଯାଆନ୍ତା ନାହିଁ ।

ଭାରତବର୍ଷର କେନ୍ଦ୍ର ଓ ରାଜ୍ୟ ମାନେ ଯେତେବେଳେ ବ୍ୟୟ ଅଟକଳ ଉପସ୍ଥାପିତ କରିଥାନ୍ତି, ସେତେବେଳେ ସୁଧ ଓ ଋଣ ଅଟକଳର ସର୍ବାଗ୍ରେ ସ୍ଥାନିତ ହୋଇଥାଏ ଯାହା ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ ବୋଲି ଚିନ୍ତା କରାଯାଏ । ଭାରତରେ ମୁଣ୍ଡପିଛା ଋଣ ଭାର ଏକ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଓଡିଶାର ମୁଣ୍ଡପିଛା ଋଣ ଭାର ୨୨ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ବୋଲି ଜଣାଯାଏ, ଯାହା ଏକ ସମ୍ବେଦନଶୀଳ ଚିନ୍ତା ବୋଲି ବିବେଚନା କରାଯାଏ । ତେଣୁ ଅର୍ଥର ସମ୍ବଳକୁ ବିଚାର କରି ଯୋଜନା ଓ ବ୍ୟୟ ଆଦି କାର୍ଯ୍ୟ ସମ୍ପାଦନ କରିବା ଉଚିତ, ଯେଉଁଥିରେ ଋଣଭାରର ଅନିଚ୍ଛାକୃତ ସମସ୍ୟାରୁ ବ୍ୟକ୍ତି ମୁକ୍ତି ପାଇବ ଓ ସମ୍ବଳ ଓ ଋଣରେ ଅର୍ଥର ଦିଗ ନିର୍ଣ୍ଣୟ ହୋଇପାରିବ ।

ୟୁନିଟ-୪, ଭୁବନେଶ୍ୱର
ମୋ-୯୯୩୭୩୪୫୯୦୦

# ନକଲି କଫ ସିରପ୍

**ସୌଭାଗ୍ୟ ରଂଜନ ମହାନ୍ତି**

ଭାରତୀୟ ଔଷଧ କମ୍ପାନୀ ଦ୍ୱାରା ପ୍ରସ୍ତୁତ କଫ ସିରପ୍ ସେବନ କରି ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆ, ପାନାମା, ଉଦବେକିସ୍ଥାନରେ ଶତାଧିକ ଶିଶୁଙ୍କ ମୃତ୍ୟୁ ଘଟଣା ଆନ୍ତର୍ଜାତିକ ସ୍ତରରେ ଗଭୀର ଆଲୋଡନ କରିଥିବା ଏବଂ ସମ୍ପୃକ୍ତ ଔଷଧ ନିର୍ମାତା କମ୍ପାନୀଗୁଡିକ ଭାରତ ସରକାର ନିଷିଦ୍ଧ ଘୋଷଣା କରିଥିବାବେଳେ ଆମ ରାଜ୍ୟର ବଲାଙ୍ଗୀର ଜିଲ୍ଲାରେ ପୋଲିସ ୪୦ଲକ୍ଷ ଟଙ୍କାର ୪୦ହଜାର ବୋତଲ କଫ ସିରଫ ଜବତ କରି ୩୭ଜଣଙ୍କୁ ଗିରଫ କରିବା ଘଟଣା ନକଲି ବା ବିଷାକ୍ତ ଔଷଧ କାରବାର ବ୍ୟାପକ ଭାବେ ଚାଲିଛି ବୋଲି ନିସନ୍ଦେହରେ କୁହାଯାଇପାରିବ। ଗିରଫଙ୍କ ମଧ୍ୟରେ ଉତରପ୍ରଦେଶର ୨ଜଣ ଥିବାବେଳେ ଆନ୍ତରାଜ୍ୟ ଡ୍ରଗ୍ସ କାରବାରର ଚେର ଉତରଭାରତର ବହୁ ରାଜ୍ୟ ଏବଂ ପଡୋଶୀ ପଶ୍ଚିମବଙ୍ଗକୁ ଲମ୍ବିଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏହି କଫ ସିରଫକୁ ନିଶା ଭାବେ ବ୍ୟବହାର କରାଯାଉଥିଲା। ଯାହାକି କୋମଳମତି ଶିଶୁଙ୍କ ମୃତ୍ୟୁର କାରଣ ହୋଇଥିବା କୁହାଯାଇପାରେ। ଏହା ସତ୍ୟ ଯେ, ଆମ ଦେଶରେ ନକଲି ଔଷଧର କାରବାର ବଢିବାରେ ଲାଗିଛି। ନିକଟରେ ରାଜ୍ୟର ବିଭିନ୍ନ ଅଂଚଳରୁ ନକଲି ଉଚ୍ଚ ରକ୍ତଚାପ ଔଷଧ ଜବତ ଘଟଣା ସାରା ଦେଶରେ ଗଭୀର ଆଲୋଡନ ସୃଷ୍ଟି କରିଥିଲା। କହିବା ବାହୁଲ୍ୟ ଯେ, ଔଷଧ ଜୀବନ ରକ୍ଷା କରୁଥିବାବେଳେ ନକଲି ଔଷଧ ମୃତ୍ୟୁର କାରଣ ହୋଇଛି। ଔଷଧର ମାନ ନିର୍ଦ୍ଧାରଣ ପାଇଁ ଆମ ଦେଶରେ ସ୍ୱତନ୍ତ୍ର ବିଭାଗ ଥିବାବେଳେ ନକଲି ଔଷଧ କିପରି ବଜାରକୁ ଆସୁଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ଏହା ନିଶ୍ଚିତ ଯେ, କେଉଁ ଔଷଧ କେଉଁମାନର ତାହା ପରୀକ୍ଷା କରି ଜନସାଧାରଣଙ୍କୁ ଜଣାଇବା ଏବଂ ଅପମିଶ୍ରିତ ନକଲି ଔଷଧକୁ ନିଷିଦ୍ଧ କରିବାରେ ନିୟାମକ ସଂସ୍ଥାଗୁଡିକ ବିଫଳ ହୋଇଛନ୍ତି, ଯାହା ବେଆଇନ ତଥା ନକଲି କଫ ସିରପ କାରବାରରୁ ସ୍ପଷ୍ଟ ହୋଇଛି ବୋଲି ନିସନ୍ଦେହରେ କୁହାଯାଇପାରେ। ହିମାଚଳ ପ୍ରଦେଶର ମୂଳ ଉତ୍ପାଦକ କମ୍ପାନୀର ଏହି ଏସକଫ ବ୍ରାଣ୍ଡ ହରିଆନା, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗ ଦେଇ ଓଡିଶାକୁ ଆସୁଛି। ପଶ୍ଚିମବଙ୍ଗର ମେସର୍ସ ଡାଫୋଡିଲ କମ୍ପାନୀ ଏହି କଫସିରପକୁ ରାଜ୍ୟର ବିଭନ୍ନ ଜିଲ୍ଲା ତଥା କଟକ, ବରଗଡ, ବଲାଙ୍ଗୀରରେ ବିତରଣ କରୁଥିବା ପୋଲିସ ଅନୁସନ୍ଧାନରୁ ଜଣାଯାଇଛି। ତେବେ ଏଭଳି ନକଲି ଔଷଧ ବା କଫସିରପ ଡ୍ରଗସ କଂଟ୍ରୋଲର ଅଫିସର କର୍ମଚାରୀମାନଙ୍କ ଅଜ୍ଞାତ ମାତରେ ହେଉଥିବା ଆଦୌ କୁହାଯାଇପାରିବ ନାହିଁ। ଏହା ସତ୍ୟ ଯେ, ବିଷାକ୍ତ କଫ ସିରପ ହେଉ ବା ଅପମିଶ୍ରିତ ଔଷଧ ହେଉ ନିଶ୍ଚିତ ଭାବେ ନୀରବ ଘାତକ। ଉତରପ୍ରଦେଶର ନୋଇଡାସ୍ଥିତ ମାରିଅନ ବାୟୋଟେକ ଦ୍ୱାରା ପ୍ରସ୍ତୁତ ଦୁଇ ପ୍ରକାର କଫସିରପ୍ ଯୋଗୁଁ ଉଦବେଗିସ୍ଥାନର ହରିୟାନାରେ ପ୍ରସ୍ତୁତ କଫ ସିରପ ଖାଇ ୬୦ଜଣ କୋମଳମତି ଶିଶୁଙ୍କର ମୃତ୍ୟୁ ଘଟିଥିଲା। କେବଳ ଏହି ଦୁଇ ଦେଶ ନୁହେଁ, ଭାରତ, ଆମେରିକା, ପାନାମା, ଇଣ୍ଡେନେସିଆ ଓ ନାଇଜେଇଆରେ ମଧ୍ୟ ୩୦୦ ଶିଶୁଙ୍କର ମୃତ୍ୟୁ ଘଟିଥିଲା। ଗତ ବର୍ଷ ହିମାଚଳ ପ୍ରଦେଶର ଏକ କମ୍ପାନୀ ଦ୍ୱାରା ପ୍ରସ୍ତୁତ କଫ ସିରପ ସେବନ କରି ଜାମ୍ମୁର ଉଦାମପୁରରେ ୧୨ଜଣ ଶିଶୁଙ୍କର ମୃତ୍ୟୁ ଘଟିଥିଲା। ବିଷାକ୍ତ ବା ନକଲି କଫ ସିରପ ଯୋଗୁଁ ଆମ ଦେଶରେ ଶିଶୁ ମୃତ୍ୟୁ ଘଟଣା ନୂଆ ନୁହେଁ। ୧୯୭୩, ୧୯୮୬, ୧୯୯୮ ମସିହାରେ ମଧ୍ୟ ବିଷାକ୍ତ କଫସିରପ ଯୋଗୁଁ ବହୁ ଶିଶୁଙ୍କର ମୃତ୍ୟୁ ଘଟିଥିଲା। ବିଷାକ୍ତ କଫ ସିରପ ଯୋଗୁଁ ଯେପରି ଶିଶୁମାନଙ୍କର ମୃତ୍ୟୁ ଘଟୁଛି, ତାହା ନିଶ୍ଚିତ ଭାବେ ଚିନ୍ତାଜନକ। ମାତ୍ର ସମୟ ବ୍ୟବଧାନରେ ଯେପରି ମୃତ୍ୟୁ ଘଟୁଛି, ତାହା ସରକାରୀ କଳ ବା ପ୍ରଶାସନର ଢିଲାପଣ ବ୍ୟତୀତ ଅନ୍ୟ କିଛି ନୁହେଁ। କହିବା ବାହୁଲ୍ୟ ଯେ, ଆମ ଦେଶରେ ଯେତବେଳେ କୌଣସି ଘଟଣା ଘଟେ, ସେତେବେଳେ ପ୍ରଶାସନଠାରୁ ଆରମ୍ଭ କରି ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ତତ୍ପର ହୋଇପଡନ୍ତି। ଯାଂଚ, ଧରପଗଡ, ଯୋରଦାର ହୋଇଥାଏ। ଯାହାକି ଗଣମାଧ୍ୟମର ମୁଖ୍ୟ ଶିରୋନାମା ପାଲଟିଥାଏ। ମାତ୍ର ଓହ୍ଲାଇଲା ହାଣ୍ଡି ଶିଳେ ପରି ସବୁ କିଛି ନରମି ଯାଇଥାଏ। ଏହାର ସୁଯୋଗ ନେଇ ଲାଭଖୋର କମ୍ପାନୀ ପୁଣି ନକଲି ବା ବିଷାକ୍ତ ଔଷଧ ପ୍ରସ୍ତୁତ କରିଥାନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଲାଭଖୋର ଔଷଧ, ନିର୍ମାଣକାରୀ କମ୍ପାନୀ ଏବଂ ବ୍ୟବସାୟୀଙ୍କ ପାଇଁ ମଣିଷ ଜୀବନରେ କୌଣସି ମୂଲ୍ୟ ନାହିଁ। ଯେଉଁଥିପାଇଁ କି ଶହ ଶହ କୋମଳମତି ଶିଶୁ ମୃତ୍ୟୁ ଓ ଶିକାର ହେଉଛନ୍ତି। ଏଭଳି ଦରହନ୍ତା ବ୍ୟବସାୟୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଜରୁରୀ। ଯାହାକି ଅନ୍ୟମାନଙ୍କୁ ଏଭଳି ପତରୁ ନିବୃତି କରାଇବାରେ ପଥ ପ୍ରଦର୍ଶକ ହେବ।

ଭୁବନେଶ୍ୱର
ମୋ:୯୪୩୭୯୯୪୩୭୯

## ସଂପାଦକଙ୍କୁ ପତ୍ର

### ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ

ମହାଶୟ,

ବର୍ତ୍ତମାନ ଅଣ-ଜୈବିକ ପନିପରିବା ପରିବର୍ତ୍ତେ ଜୈବିକ ପନିପରିବା ସ୍ୱାସ୍ଥ୍ୟ ପାଇଁ ଅଧିକ କ୍ଷତିକାରକ । ପନିପରିବାକୁ ସତେଜ ଏବଂ ରୋଗମୁକ୍ତ କରି ରଖିବା ପାଇଁ ଅନେକ ଜୈବିକ ଫାର୍ମଗୁଡ଼ିକରେ ମାତ୍ରାଧିକ କୀଟନାଶକ ବ୍ୟବହାର କରାଯାଉଛି । ଏବଂ ସେହି ମାତ୍ରାଧିକ କୀଟନାଶକ ମିଶା ପନିପରିବାକୁ ରାସାୟନିକ ସାର ମୁକ୍ତ ବା ଜୈବିକ ପନିପରିବାର ଟ୍ୟାଗ ଲଗାଇ ଲାଭ ପାଇଁ ବଜାରରେ ଅଧିକ ଟଙ୍କାରେ ବିକ୍ରି କରାଯାଉଛି । ଅନ୍ୟ ଅର୍ଥରେ କହିଲେ ଲୋକମାନେ ଯେଉଁ ଜୈବିକ ପରିବାକୁ ବହୁତ ସୁରକ୍ଷିତ ଭାବୁଥିଲେ ତାହା ଏବେ ମିଛ ବୋଲି ପ୍ରମାଣିତ ହୋଇଯାଇଛି । ତେବେ ଏ ସମ୍ପର୍କରେ ଭାରତୀୟ ଶସ୍ୟ ସୁରକ୍ଷା ସଂସ୍ଥାନ ପକ୍ଷରୁ ସୂଚନା ଅଧିକାରକୁ ଯେଉଁ ପ୍ରଶ୍ନ କରାଯାଇଥିଲା ତାର ଉତ୍ତରରେ ଜାଣିବାକୁ ମିଳିଛି ଯେ ରାଜଧାନୀ ଦିଲ୍ଲୀର ବଜାରରେ ବିକ୍ରି ହେଉଥିବା ଜୈବିକ ପନିପରିବାର ୩୩ ପ୍ରତିଶତ ହେଉଛି କୀଟନାଶକଯୁକ୍ତ ପନିପରିବା । ଯେତେବେଳେ କି ଅଣଜୈବିକ ପନିପରିବାରେ କୀଟନାଶକର ମାତ୍ରା ଏମ୍‌ଆରଏଲ୍ ଠାରୁ ୨.୭ ପ୍ରତିଶତ ଏବଂ ଜୈବିକ ଫଳରେ ଏହାର ମାତ୍ରା ୦.୮ ପ୍ରତିଶତ ଅଧିକ ରହିଛି । ସ୍ୱାସ୍ଥ୍ୟପ୍ରତି ଲାଭଦାୟକ ଥିବା ଜୈବିକ ପନିପରିବା ପ୍ରକୃତରେ ଯେ କେତେ କ୍ଷତିକାରକ ତାହା ଏହି ପରୀକ୍ଷାରୁ ଜଣାପଡ଼ି ଯାଇଛି । ପରୀକ୍ଷା କରାଯାଇଥିବା ଜୈବିକ ପନିପରିବାରେ ଏସିଟାମିପ୍ରିଡ୍, କ୍ଲୋରପିରିଫସ୍, ସିପରମିଥ୍ରିନ୍, ଫ୍ଲୁବେନ୍‌ଡିଆମାଇଡ୍ ଏବଂ ପ୍ରୋଫିନୋଫୋସ୍ ପରି ବିଷାକ୍ତ କୀଟନାଶକ ମିଶିଥିବାର ଜଣାପଡ଼ିଛି ।

ବିଚିତ୍ର ରାଉତ, ଯାଜପୁର

# ମାଟି, କୃଷି ଓ ଚାଷୀ

**ଡି ଶୁଭମ୍**

ସାମ୍ପ୍ରତିକ ସମୟର ବାସ୍ତବ ଚିତ୍ରକୁ ଯଦି ଲକ୍ଷ୍ୟ କରାଯାଏ ଚାଷୀର ମନ କଥା ବୁଝିବାକୁ ଆଜି ଯାଏଁ ବି କେହି ସମର୍ଥ ନୁହନ୍ତି। ଏକ ନିରୀହ ଚାର୍ହାଣିରେ ସେ ଅସୁମାରୀ ଲୋକଙ୍କ ମନରେ ଫୁଟାଇ ପାରେ ଅଫୁରନ୍ତ ହସ। ସେଇଥି ପାଇଁ ତ ସେ ମହାନ। ସରକାର ସବୁବେଳେ ଚାଷୀଙ୍କୁ ନିଜ ଫୋକସ୍‌ରେ ରଖିଥାନ୍ତି। ଏକଥା ସତ। କିନ୍ତୁ ସେସବୁ ଯେ ସତରେ କେତେଦୂର ଗ୍ରହଣୀୟ ସେକଥା କେବଳ ନିଜେ ଚାଷୀଟିଏ ହିଁ କହିପାରିବ। ତିନି ବର୍ଷ ତଳେ ଯେତେବେଳେ କୃଷି ସ୍ନାତକରେ ଚତୁର୍ଥ ବର୍ଷରେ ପଢୁଥିଲି , କୃଷି ପ୍ରଶିକ୍ଷଣ ଦେବା ପାଇଁ ଅନେକ ଗାଁକୁ ଯାଉଥିଲି । ମନରେ ତ ଭୟ ଥିଲା ନିଶ୍ଚୟ। ଚାରି ବର୍ଷର ପାଠପଢ଼ାକୁ ମୁଁ ସମାନଙ୍କୁ କହିବାକୁ ଯାଉଛି , ହେଲେ ସେମାନେ ତ ତିରିଶ ବର୍ଷ ହେବ ସେଇ ମାଟି ସହ ଜଡ଼ିତ ହୋଇ ଅଛନ୍ତି। ସେଇଠି ଘର , ସେଇଠି ସ୍ୱର୍ଗ। ସେମାନଙ୍କୁ ବି ଆମେ କଣ ପ୍ରଶିକ୍ଷଣ ଦେବୁ। କିନ୍ତୁ ଯେତେବେଳେ ସେ ଚାଷୀଙ୍କ ସହ ବହୁ ପାଖରୁ ମିଶିବାର ସୁଯୋଗ ମିଳିଲା ସେତେବେଳେ ପ୍ରଶିକ୍ଷଣ କମ୍ ଆଉ ଆଳାପ ବେଶୀ ହେଲା। ଅର୍ଥାତ ଏଇ ଚାରି ଘଣ୍ଟା ର ପ୍ରଶିକ୍ଷଣ ସମୟ ଭିତରେ ଆମେ ସମସ୍ତେ ଆମ ଜୀବନର ଅନେକ ପୁରୁଣା କଥା ସାଉଁଟି ବସୁ। ସେ ମୁହୂର୍ତ୍ତ ସତରେ ସ୍ମରଣୀୟ। ନିଜେ ଜାଣିବାକୁ ଚେଷ୍ଟା କଲି ସତରେ ଏ ଚାଷରେ ଅଛି କଣ ?

ଆଉ ସେହିଠାରେ ଜାଣିବାକୁ ପାଇଲି ଏବେର ଆଧୁନିକ ଯୁଗରେ ଲୋକ ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି। ଆଉ ମୁଁ ତ ଏହାର ଭୁକ୍ତଭୋଗୀ। ପ୍ରଥମ ବର୍ଷ ଯେବେ କୃଷି ପାଠ୍ୟକ୍ରମରେ ନାଁ ଲେଖାଇଲି , କେତେ କଥା ଗାଁରେ। ପୁଅ ଚାଷ କରିବ ବଡ଼ ହୋଇ , ଆମ ବିଲ ଖାଲି ଅଛି.ଆସିବୁ ପାଠ ପଢ଼ି। ଏମିତି ଅନେକ। ସେତେବେଳେ ତ କିଛି ବୁଝିପାରି ନଥିଲି। କେବଳ ଏତିକି ମନେ ହେଲା ଯେ ସତରେ କଣ ଚାଷ ଏତେ ଖରାପ ? ? ଲୋକ କଣ ପାଇଁ ଏ ପାଠ ପଢ଼ିଲା ବେଳକୁ ଏମିତି କଥା କହୁଛନ୍ତି। ଯଦି କେଉଁ ପିଲା ମେଡ଼ିକାଲ କି ଇଂଜିନିୟରିଂ ପଢୁଛି , କି ଆଇନ ପାଠ ପଢୁଛି ସେବେ ବାହାବାହା ଦେଲା ବେଳକୁ ଏ ପାଠରେ ଏତେ କୁଣ୍ଠାବୋଧ କଣ ପାଇଁ। ଅନ୍ୟପକ୍ଷରେ ସରକାର କୃଷିକୁ ଯଥୋଚିତ ଗୁରୁତ୍ୱ ଦେଉଥିଲା ବେଳେ ଲୋକେ କଣ ପାଇଁ କୃଷି ଶିକ୍ଷାକୁ ନାକ ଟେକୁଛନ୍ତି। ସେ ଯାହା ବି ହେଉ ଏବେ ମୋର ଚାରି ବର୍ଷର କୃଷି ସ୍ନାତକ ଶେଷ ହୋଇଯାଇଛି। ଅନେକ କିଛି ଶିଖିଛି। ଅନେକ ଚାଷୀଙ୍କ ସହ ମିଶିଛି। ଆଉ ମୋ ମତରେ କୃଷି ପାଠ୍ୟକ୍ରମ ମୋ ପାଇଁ ସବୁକିଛି। ଜୀବନର ପ୍ରକୃତ ରହସ୍ୟକୁ ଖୋଜି ଆଣିବାରେ ଏହା ମୋତେ ବାଟ ଦେଖାଇଛି। ଯେତେବେଳେ ଚାଷୀଙ୍କ ସହ ମିଶିବାର ସୁଯୋଗ ମିଳେ , ସେମାନେ ନିଜ ଚାଷବାସର କଥାକୁ ବେଶ ନିଖୁଣ ଭାବେ କହିଚାଲନ୍ତି , ତାହାକୁ ଶୁଣି ଆଖିରୁ ଲୁହ ଆସିଯାଏ। ମନେ ମନେ ଭାବିଲି, ଆମେ ବଡ଼ ଚାକିରୀ ପାଇଁ କେତେ ଲୋଭ କରୁଛନ୍ତି , ବର୍ଷରେ ଚାକିରୀର ପ୍ୟାକେଜ କେତେ ଅଛି ପ୍ରଥମେ ଦେଖୁଛନ୍ତି କିନ୍ତୁ ଏମାନଙ୍କ କଥା ଭାବିଲେ। ନା ପ୍ୟାକେଜ , ନା ହାକିମ ହେବାର ଇଚ୍ଛା। ସବୁକିଛି ଏମାନଙ୍କ ଆଗରେ ତୁଚ୍ଛ। ବାସ ଚାଷ ଜମିରେ କେଇ ଘଣ୍ଟା ବିତାଇଦେଲେ ସେମାନଙ୍କର ଆତ୍ମତୃପ୍ତି ମିଳିଯାଏ। କିନ୍ତୁ ଯଦି ଚାଷୀମାନଙ୍କୁ ହିଁ ଅଣଦେଖା କରାଯାଏ , ଏହାଠୁ ବଡ଼ ଦୁଃଖର ବିଷୟ କିଛି ନାହିଁ। ମାଟି କୃଷିର ଏନ୍ତୁଡିଶାଳ। ମୁଦ୍ରାର ଦୁଇପାର୍ଶ୍ୱ ପରି ଉଭୟେ ଅଙ୍ଗାଅଙ୍ଗୀ ଭାବେ ଜଡିତ। ଜଣକ ବିନା ଅନ୍ୟଟି ନିରୁପାୟ। ମାଟି ଉପରେ ହିଁ ଚାଷ କରେ କୃଷକ। ବିପିତ ବିହନ ଗଜାମେଲେ, କର୍ଷଣରେ ଭରିଦିଏ କୃଷକ। ସବୁର ଆଧାର ମାଟି। ନିଜର ସ୍ୱାର୍ଥକୁ ଚରିତାର୍ଥ କରିବାପାଇଁ ମଣିଷ କ'ଣ ବା ନକରୁଛି ? ମାଟି ବୋଲି ଗୋଟିଏ ଶବ୍ଦ ଅଛି ବୋଲି ବି ଆଜି ସେ ଭୁଲିଯାଇଛି। ଜୀବନରେ ସଂଜ୍ଞା ବଦଳିଛି ସତ ଆଉ ତାଭିତରେ ମାଟିର ସଂଜ୍ଞା ଆଜି ଅସ୍ଥିର ପ୍ରାୟ।

କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି। ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢିଛନ୍ତି। ହେଲେ କ'ଣ ହେବ, ସବୁ ଯାହାକୁ ତାହା। ସେ ସବୁ ଆଜି ଚୂଲିମୁଣ୍ଡକୁ ଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ସହିତ ମଣିଷ ଏବେ କୃଷି ପାଇଁ ଜଙ୍ଗଲ କ୍ଷୟ କରୁଛି। ଯେଉଁ ଚେର ଦିନେ ମାଟିର ଭିତରକୁ ଜାବୁଡି ଧରିଥିଲା, ଆଜି ସେ ନିରୁପାୟ ଶ୍ରୀହୀନ। ମାଟି ଫାଟି ଆଁ କରୁଛି ତ୍ରାହି ତ୍ରାହି ଚିତ୍କାର କରୁଛି।

ସମ୍ପ୍ରତି ଭାରତ ବର୍ଷରେ ୧୪୭ ମିଲିୟନ ହେକ୍ଟରର ମୃତ୍ତିକା କ୍ଷୟ ହୋଇସାରିଛି। ସେମଧ୍ୟରୁ ୯୪ ମିଲିୟନ ହେକ୍ଟର ଜଳ ପ୍ରଦୂଷଣ, ୧୬ ମିଲିୟନ ହେକ୍ଟର ବନ୍ୟା, ୯ ମିଲିୟନ ହେକ୍ଟର ବାୟୁ ପ୍ରଦୂଷଣ ଆଉ ୭ ମିଲିୟନ ହେକ୍ଟର ଅନ୍ୟାନ୍ୟ କାରଣ ଯୋଗୁଁ ହେଉଛି। ତେବେ ଯଦି ଏମିତି ପରିମାଣରେ ମୃତ୍ତିକା କ୍ଷୟ ହୁଏ ତେବେ ୨୦୨୫ ବେଳକୁ କୃଷି ପାଇଁ ଜମି ନଥିବ। ସେତେବେଳେ ମଣିଷ କରିବ କ'ଣ? ଯଦି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଏମିତି କରିବାପାଇଁ ପଛାଉନାହିଁ, ତେବେ ଟିକେ ଭାବନ୍ତୁନା ଆଉ କିଛି ଦିନପରେ ଅବସ୍ଥା କ'ଣ ହେବ?

ବ୍ୟବହୃତ ରାସାୟନିକ ସାରର ଅଧିକାଂଶ ମଣିଷ ଖାଦ୍ୟ ଭାବେ ଗ୍ରହଣ କରୁଛି। ଏହା ଜାଣି ବି ସବୁ ଅଜଣା। ତେବେ ମୃତ୍ତିକା ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନା ମାନ କାର୍ଯ୍ୟକାରୀ ହେଉଛି ସତ ସବୁ କାଗଜ କଲମରେ ରହିଯାଉଛି। କୃଷି ଓ କୃଷକଙ୍କ ପାଇଁ ସରକାର ଯୋଜନା ପ୍ରଣୟନ କରୁଛନ୍ତି। ଏହାକୁ କାର୍ଯ୍ୟକାରୀ ବି କରୁଛନ୍ତି। ନିକଟରେ ଜଳସେଚନ ପାଇଁ ସୌର ଜଳନିଧି ଯୋଜନା ଆରମ୍ଭ ହେଲା। ପରନ୍ତୁ ଦୁଃଖର ବିଷୟ ମୃତ୍ତିକା ସଂରକ୍ଷଣ ପାଇଁ ସେମିତି କିଛି ଯୋଜନା ପ୍ରଣୟନ ହେଉନି। ଆଜିବି ଅନେକଙ୍କ ଅଜ୍ଞାତ ଦ୍ୱାରରେ ବିଶ୍ୱ ମୃତ୍ତିକା ଦିବସ। କେତକ କୃଷି ଛାତ୍ର, ବୈଜ୍ଞାନିକ ଆଉ ଅଫିସରଙ୍କୁ ଛାଡିଦେଲେ ବୋଧହୁଏ ଆଉ କେହି ଶୁଣିବି ନଥିବେ। ତେବେ କୃଷି ପାଇଁ ମାଟିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେକଥା ଜମିରେ ଝାଳ ବୁହାଇଥିବା ଚାଷୀ ଭାଇଟିଏ ଜାଣିଛି। ହେଲେ ବିଳାସବ୍ୟସନରେ ଜୀବନ ନିଭାଉଥିବା ମଣିଷ ଜାଣିନି। ମୋ ଲେଖିବାର ଅଭିପ୍ରାୟ ମୁଁ ନିଜେ କୃଷି ସ୍ନାତକ ଅଧୟନରତ। ପରନ୍ତୁ ଦୁଃଖର ବିଷୟ ବିଶ୍ୱ ମୃତ୍ତିକା ଦିବସ ଖାଲି ଦିବସରେ ରହିଯାଉଛି।

ମୃତ୍ତିକା ସଂରକ୍ଷଣ ପାଇଁ ନୂତନବନୀକରଣ, ଜୈବିକ କୃଷି, ଜୈବିକ ଖତ ଯଥା (ଜୀବାମୃତ, ପଞ୍ଚଗବ୍ୟ, ଦଶଗବ୍ୟ, ଅମୃତପାଣି)ର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ମିତ୍ରକୀଟ ସଂଖ୍ୟା ବଢାଇବା ସହ ପାରମ୍ପରିକ ପଦ୍ଧତିରେ ରାସାୟନିକ ସାରର ବ୍ୟବହାରକୁ ବନ୍ଦ କରିବାକୁ ନିଷ୍ପତି ନିଆଯାଉଛି। ନିକଟରେ ୨୫ରୁ ଅଧିକ କୀଟନାଶକକୁ ଭାରତ ସରକାର ସେସବୁର ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଏହା ଏକ ସୁଦୂରପ୍ରସାରୀ ପଦକ୍ଷେପ କହିଲେ ଭୁଲ ହେବନାହିଁ। ଏସବୁ କୀଟନାଶକ ବଦଳରେ ଯଦି ଘରୋଇ ଉପାୟରେ କୀଟନାଶକ ପ୍ରସ୍ତୁତ କରି (ନିମ୍ବପତ୍ରର ରସ)କୁ ବ୍ୟବହାର କରାଯାଆନ୍ତା, ସୁଫଳ ମିଳିବାଟା ଥୟ। ସମୟ ଆସିଛି ଚାଷୀଙ୍କ କଥାକୁ ଗୁରୁତ୍ୱ ଦେବାର। ଚାଷକୁ ଭଲପାଇବାର। ନାକ ଟେକିବାନି ବରଂ ନିଜେ ଚାଷ ଓ ଚାଷୀର ଗହନ କଥାକୁ ଅନୁକରଣ କରିବା। କୃଷି ପାଠ୍ୟକ୍ରମକୁ ବି ସମ୍ମାନ ଦେବା। ଆମ ଚାଷୀ ଆମ ଦେଶର ବଳ। ଆମ ଶକ୍ତି ଆଉ ଚେତନାର ପରିମାପକ। ଆମ ସଂସ୍କୃତିର ମୂଳାଧାର। ସେ ଚାଷୀକୁଳକୁ ମୋର କୋଟି ନମନ ।

ଓଡ଼ିଶା ରାଜ୍ୟ ଜୈବ
ପ୍ରମାଣନ ସଂସ୍ଥା , ଭୁବନେଶ୍ୱର

## ଯାଜପୁର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ସୌଧ ନିର୍ମାଣର ସୀମା ନାହିଁ, ରୋଗୀ ସେବା ଦେଖାନାହିଁ

ଯାଜପୁର(କୈଳାଶ ଚନ୍ଦ୍ର ନାୟକ)ତା.୧୮।୩: ଓଡିଶା ରାଜ୍ୟର ଏକ ଅଗ୍ରଣୀ ଓ ସମୃଦ୍ଧ ଜିଲ୍ଲା ଭାବେ ଯାଜପୁର ସ୍ୱତନ୍ତ୍ର ପରିଚୟ ବହନ କରେ । ଏଠାରେ ବିକାଶ ଆକାଶଛୁଆଁ ହୋଇଛି ବୋଲି କୁହାଯାଉଛି । ପିଚୁ ରୁ ଗୋଡି ନଉଠୁଣୁ ପ୍ରତିବର୍ଷ ମୋଟାପିଚୁ ପଡି ରାସ୍ତା ଚଉଡା ହେଉଛି । ମାସେ ତଳର କୋଠା ଭଙ୍ଗା ଯାଇ ନବଷ୍ଟୁମ୍ବୀ ଅଟାଳିକା ନିର୍ମାଣ ଚାଲିଛି । ନଈ ସାରା ସେତୁ ଭର୍ତ୍ତି ହୋଇଗଲାଣି । ଡାକ୍ତରଖାନା ଗୁଡିକରେ ପୁରୁଣା ଘରକୁ ଭାଙ୍ଗି ନୂଆ ନୂଆ ବଡ ବଡ କୋଠାଘର ସାଂଗକୁ ରୋଗୀ ଚିକିତ୍ସା ପାଇଁ ସବୁ ପ୍ରକାର ବ୍ୟବସ୍ଥା ଖଞ୍ଜି ଦିଆଯାଇଛି । ନାନା ଅତ୍ୟାଧୁନିକ ଯନ୍ତ୍ରପାତି କୋଟି କୋଟି ଟଙ୍କା ଖର୍ଚ୍ଚରେ କିଣା ଯାଇ ଜିଲ୍ଲା ମେଡିକାଲ ଠାରୁ ଆରମ୍ଭ କରି ବ୍ଲକ ସ୍ତରରେ ରହିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଭରି ଦିଆଯାଇଛି । କିନ୍ତୁ ଯେଉଁଟି ମୁଖ୍ୟ ଆବଶ୍ୟକତା ଅର୍ଥାତ୍ ଡାକ୍ତର କିନ୍ତୁ ଅନେକ ସ୍ଥାନରେ ନାହାଁନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ମୁଖ୍ୟାଳୟ ପ୍ରଦତ୍ତ ହିସାବରେ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ ସମେତ ବିଭିନ୍ନ ଅଂଚଳରେ ରହିଥିବା ପ୍ରମୁଖ ଚିକିତ୍ସାଳୟରେ ମଞ୍ଜୁରୀ ପଦବୀ ମୁତାବକ ଡାକ୍ତର ସଂଖ୍ୟା ୧୯୬ ରୁ ୧୨୫ ଜଣ ଅଛନ୍ତି । ଅର୍ଥାତ୍ ୭୧ ଜଣ ଡାକ୍ତର ବା ବିଭିନ୍ନ ରୋଗର ବିଶେଷଜ୍ଞଙ୍କର ଅଭାବ ରହିଛି । ବାସ୍ତବ କଥା କିନ୍ତୁ ତାଠାରୁ ଆହୁରି ବ୍ୟତିକ୍ରମ । ସମୁଦାୟ ୧୦୦ ଡାକ୍ତର ମଧ୍ୟ ଜିଲ୍ଲାର ବିଭିନ୍ନ ଚିକିତ୍ସାଳୟରେ ରହୁନାହାଁନ୍ତି । ଗ୍ରାମାଂଚଳରେ ଥିବା ପିଏଚସି ଏବଂ ସବ୍ ହେଲ୍‌ଥ ସେଣ୍ଟର ଗୁଡିକ କଥା ନକହିବା ଭଲ । ଏହି ୧୨୫ ଜଣ ଉପସ୍ଥିତ ରହୁଥିବା ଡାକ୍ତରଙ୍କ ମଧ୍ୟରୁ ଅନେକ ପାଳି କରି ଆସୁଥିବା ବେଳେ ଆଉ କେତେକ ନିୟମାନୁଯାୟୀ ସଂପୃକ୍ତ ଚିକିତ୍ସାଳୟ ନିକଟରେ ବା ହେଡ୍ କ୍ୱାର୍ଟରରେ ଉପସ୍ଥିତ ନରହି ୩୦/୩୫ କି.ମି. ଦୂର ସହରରେ ଅବସ୍ଥାନ କରୁଛନ୍ତି । ଆହୁରି କେତେକ ଚିକିତ୍ସକ ୧୦୦ ରୁ ଉର୍ଦ୍ଧ୍ୱ କଟକ କିମ୍ବା ଭୁବନେଶ୍ୱରରୁ ସପ୍ତାହରେ ୨/୩ ଥର ଆସି ପୁଣି ସଂଧ୍ୟା ପୂର୍ବରୁ ଚାଲିଯାଉଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ମୁଖ୍ୟାଳୟ ହିସାବ ଅନୁସାରେ କେବଳ ଜିଲ୍ଲା ସଦର ମହକୁମା ହସ୍ପିଟାଲରେ ୭୨ଟି ପଦବୀ ରହିଛି । ଜିଲ୍ଲା ଖଣିଜ ପାଣ୍ଠିରୁ ୪ ଜଣ ବିଶେଷଜ୍ଞଙ୍କୁ ମୋଟା ଦରମାରେ ନିୟୋଜିତ କରାଯାଇଛି । ମଞ୍ଜୁରୀ ୭୨ ଜଣଙ୍କ ମଧ୍ୟରୁ ୪୯ ଜଣ ସରକାରଙ୍କ ଦ୍ୱାରା ସିଧାସଳଖ ନିଯୁକ୍ତ ହୋଇଥିବା ଡାକ୍ତର ରହିଛନ୍ତି । ଜିଲ୍ଲା ସଦର ମହକୁମା ହସ୍ପିଟାଲରେ ବିପୁଳ ଦରମା ଦେଇ ଜିଲ୍ଲା ଖଣିଜ ପାଣ୍ଠିରୁ ଜଣେ ଲେଖାଏଁ ହୃଦରୋଗ ବିଶେଷଜ୍ଞ, ସ୍ନାୟୁ ରୋଗ ବିଶେଷଜ୍ଞ, ଚକ୍ଷୁ ରୋଗ ବିଶେଷଜ୍ଞ ଏବଂ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଇଛି । ତେବେ ଅବଶିଷ୍ଟ ୨୩ ଜଣ ଡାକ୍ତରଙ୍କର ଅଭାବ ଅନ୍ୟ ଡାକ୍ତର ମାନଙ୍କୁ ଅଧିକ କାର୍ଯ୍ୟ ଚାପ ଦେଉଥିବାରୁ ରୋଗୀ ସେବା ସଠିକ ଭାବରେ ହୋଇପାରୁନାହିଁ । ଯାହାଫଳରେ ଏହି ସହରରେ ଗଢି ଉଠିଥିବା ପ୍ରାୟ ୮ଟି ନର୍ସିଂହୋମକୁ ରୋଗୀ ମାନେ ଚିକିତ୍ସା ପାଇଁ ଯିବାକୁ ବାଧ ହେଉଛନ୍ତି ନଚେତ୍ କଟକ ଅବା ଭୁବନେଶ୍ୱରର ବଡ ବଡ ହସ୍ପିଟାଲକୁ ଯାଉଛନ୍ତି । ଜିଲ୍ଲାର ଏହି ବଡ ଡାକ୍ତରଖାନାଟି ଉପରେ କେବଳ ଯାଜପୁର ନୁହେଁ ପଡୋଶୀ ଭଦ୍ରକ, କେଉଁଝର, ଢେଙ୍କାନାଳ ଓ କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକବାସୀ ନିର୍ଭର କରିଥାନ୍ତି । ଏ ହସ୍ପିଟାଲରେ ବହୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଆଇସିୟୁ ୩ଟି ରହିଛି । କିନ୍ତୁ ଏହାକୁ ପରିଚାଳନା କରିବା ପାଇଁ ଉପଯୁକ୍ତ କର୍ମଚାରୀ ଓ ବିଶେଷଜ୍ଞ ନଥିବାରୁ










### କ୍ରମାଗତ ଭାବେ ଡାକ୍ତର ଅଭାବ ଯୋଗୁଁ ଘରୋଇ ଚିକିତ୍ସାକୁ ପ୍ରୋତ୍ସାହିତ କରୁଛନ୍ତି ଜନସାଧାରଣ

ସର୍ବଦା ଏଠାରେ ତାଳା ଝୁଲୁଛି । କେବଳ ସରକାର ଡିଣ୍ଡିମ ପିଟୁଛନ୍ତି ଓ ସରକାରୀ ଅର୍ଥକୁ ବରବାଦ କରାଯାଉଛି ଅଯଥାରେ ଡାକ୍ତର ଓ ବିଶେଷଜ୍ଞ ନଥାଇ ଆଇସିୟୁ ଖୋଲିଦେବା ଅବା ରକ୍ତ ଭଣ୍ଡାରର ପ୍ଲାଜମା ପରିଚାଳନା ବ୍ୟବସ୍ଥା କରିବା ପାଇଁ ବିଶେଷଜ୍ଞ ନିଯୁକ୍ତି ନଦେବା ତଥା ମେସିନର ସ୍ଥାପନ କରାନଯିବା । ଯଦି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ସବୁ ସମସ୍ୟା ସହିତ ଡାକ୍ତର ଅଭାବ ଲାଗିରହିଛି ତେବେ ଗ୍ରାମାଂଚଳରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜନସ୍ୱାସ୍ଥ୍ୟକେନ୍ଦ୍ର ଓ ଏଏନଏମ ସେଣ୍ଟର ଗୁଡିକର ଅବସ୍ଥା କିଭଳି ଥିବ ତାହା ଜଳଜଳ ଜଣାପଡୁଛି । ପ୍ରଥମେ ଆମେ ବନ୍ୟା ପ୍ରପିଡିତ ଓ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ସର୍ବାଧିକ ପ୍ରଭାବିତ ଏବଂ ଗମନାଗମନର ଅସୁବିଧା ରହିଥିବା ବରୀ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଂପର୍କରେ ଆଲୋଚନା କରିବା । ଏଠାରେ ବର୍ଷ ବର୍ଷ ଧରି ଶିଶୁ ରୋଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ ନାହାଁନ୍ତି । ସଦ୍ୟଜାତ ସନ୍ତାନ ଠାରୁ ଆରମ୍ଭ କରି ନବଜାତକ ଏବଂ ୫/୭ ବର୍ଷର ଶିଶୁ ମାନଙ୍କ ଜରୁରୀକାଳୀନ ଚିକିତ୍ସା ପାଇଁ ଜଣେ ଶିଶୁ ରୋଗ ବିଶେଷଜ୍ଞଙ୍କର ନିହାତି ଆବଶ୍ୟକ । ସରକାର ଏଣେ ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ବା କୌଣସି ଭାବେ ସେମାନଙ୍କର ମୃତ୍ୟୁ ନହେବା ଦିଗରେ ଘୋଷଣା କରିବା ସହିତ କୋଟି କୋଟି ଟଙ୍କା ଏନେଇ ଖର୍ଚ୍ଚ କରୁଛନ୍ତି । କିନ୍ତୁ ବରୀକୁ ଏକ ପ୍ରମୁଖ ଉଦାହରଣ ଭାବେ ଦେଖାଗଲେ ସରକାରଙ୍କର କଥା ଓ କାମରେ ଫରକଟା କେତେ ତାହା ଜଣାପଡେ । ସାଧାରଣ ସମୟ ଭିନ୍ନ କଥା ବର୍ଷା ଓ ବନ୍ୟା ସମୟରେ ଏ ଅଂଚଳରୁ ରୋଗୀଙ୍କୁ ଡାକ୍ତରଖାନା ନେବାଟା କେତେ କଷ୍ଟକର ତାହା କେବଳ ଅଂଚଳବାସୀ ହିଁ ଜାଣନ୍ତି । ଏଣୁ ଅନେକଙ୍କର ଅକାଳ ବିୟୋଗ କେବଳ ଡାକ୍ତର ଅଭାବ ଯୋଗୁ ଘଟିଥାଏ । ବରୀରେ ସମୁଦାୟ ମଞ୍ଜୁରୀ ପଦବୀ ୧୬ ଜଣ ରହିଥିବା ବେଳେ ମାତ୍ର ୮ ଜଣ ଡାକ୍ତର ଅର୍ଥାତ୍ ଅଧାରେ ସଂପୂର୍ଣ୍ଣ ଚିକିତ୍ସାସେବା କରିବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି । ଏହି ୮ ଜଣଙ୍କ ମଧ୍ୟରୁ ଜଣେ ଦୁଇଜଣ ସଂଧ୍ୟା ପୂର୍ବରୁ ହେଡ୍ କ୍ୱାର୍ଟର ଛାଡି ଦେଇଥାନ୍ତି । ସମସ୍ୟା ବହୁଳ ବ୍ଲକ ଭାବେ ବଣ ପାହାଡ ଘେରା ସୁକିନ୍ଦା, ଦାନଗଦୀ ଏବଂ ବଡଚଣା ବ୍ଲକକୁ ନିଆଯାଇଥାଏ । ଏକ ବିଶାଳ ଅଂଚଳକୁ ନେଇ ଗଠିତ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୯ଟି ଡାକ୍ତର ପଦବୀ ରହିଥିବା ବେଳେ ଏଠାରେ ୧୭ ଜଣ ଅଛନ୍ତି । କିନ୍ତୁ ଯାହା ଶୁଣାଯାଏ ଅଧିକାଂଶ ଡାକ୍ତର ଓ ସେଠାର କର୍ମଚାରୀ ମାନେ କଟକରେ ଅବସ୍ଥାନ କରନ୍ତି । ଏଠାରୁ କଟକର ଦୂରତା ମାତ୍ର ୩୦/୩୫ କି.ମି. ହୋଇଥିବାରୁ ଡାକ୍ତର, କର୍ମଚାରୀ ମାନେ ଅପରାହ୍ନ ଡ୍ୟୁଟୀ ପରେ ମେଡିକାଲ ଛାଡି କଟକ ବା ଭୁବନେଶ୍ୱର ମୁହାଁ ହୋଇଥାନ୍ତି । ସେହିପରି ସୁକିନ୍ଦାରେ ୧୫ ରୁ ୭ ଜଣ ଡାକ୍ତରଙ୍କ ଅଭାବ ରହିଥିବା ବେଳେ ଏଠାରେ ଖଣିଜ ପାଣ୍ଠିରୁ ୨ ଜଣ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଇଛି । ଦାନଗଦୀରେ ୧୫ ଜଣରୁ ୪ ଜଣ ଅଭାବ ରହିଥିଲେ ମଧ୍ୟ ଖଣିଜ ପାଣ୍ଠିରୁ ଆଉ ୪ ଜଣଙ୍କୁ କିଛିଦିନ ତଳେ ଜିଲ୍ଲା ପ୍ରଶାସନ ନିଯୁକ୍ତି ଦେଇଛି । ରସୁଲପୁର ବ୍ଲକକୁ ନେଇ ଗଠିତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୬ ଜଣଙ୍କ ସ୍ଥାନରେ ୧୧ ଜଣ ଡାକ୍ତର ରହିଥିବା ବେଳେ ଧର୍ମଶାଳାରେ ୨୦ ରୁ ୧୭ ରହିଛନ୍ତି । ତେବେ ବଡଚଣା ଭଳି ଧର୍ମଶାଳା ଓ ମଧୁବନ ଚିକିତ୍ସାଳୟର ଡାକ୍ତର ମାନଙ୍କ ମଧ୍ୟରୁ କେତେକ କଟକ କିମ୍ବା ଯାଜପୁର ରୋଡରେ ଅବସ୍ଥାନ କରୁଥିବାର ସୂଚନା ମିଳେ । ଯାଜପୁର ସହର ଠାରୁ ୨୫ କି.ମି. ଦୂରରେ ଦଶରଥପୁର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଠାରେ ରହିଛି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର । ସେଠାରେ ୧୭ ଜଣଙ୍କ ସ୍ଥାନରେ ମାତ୍ର ୭ ଜଣ ଡାକ୍ତରରେ ଚିକିତ୍ସା ସେବା କେମିତି ହେଉଥିବା ଏବଂ ୧୦ ଜଣ ଡାକ୍ତରଙ୍କ ଅଭାବ ଜନିତ ସମସ୍ୟା ରୋଗୀ ମାନେ କିଭଳି ଭୋଗୁଛନ୍ତି ତାହା ଅଖିରେ ନଦେଖିଲେ କହି ପାରିବେ ନାହିଁ । ଦଶରଥପୁର ସିଏଚସିରେ ମଧ ୧୧ ଜଣ ସ୍ଥାନରେ ମାତ୍ର ୪ ଜଣ ଡାକ୍ତର କାମ ତୁଲାଉଛନ୍ତି । ସେଥିରୁ କେତେକ ସଂଧ୍ୟା ପରେ ଯାଜପୁରରେ ଥିବା ବାସଗୃହକୁ ଚାଲିଯାଇଥାନ୍ତି । ମଙ୍ଗଳପୁର ଓ ଦଶରଥପୁର ଡାକ୍ତରଖାନା ଦ୍ୱୟ ଉପରେ ଭଦ୍ରକ ଜିଲ୍ଲାର ଧାମନଗର, କେନ୍ଦ୍ରାପଡା ଏବଂ ବିଂଝାରପୁର ବ୍ଲକର ବ୍ୟାପକ ଅଂଚଳବାସୀ ନିର୍ଭର କରିଥାନ୍ତି । ବିଂଝାରପୁର ସିଏଚସି ରେ ୧୯ ଜଣରୁ ୮ ଜଣ ଡାକ୍ତର ଅଭାବ ରହିଛନ୍ତି । କୋରେଇରେ ୧୭ ରୁ ୩ ଜଣ ଡାକ୍ତରଙ୍କର ଅଭାବ ଥିବାବେଳେ ଯାଜପୁର ବ୍ଲକ ମାର୍କଣ୍ଡପୁର ଡାକ୍ତରଖାନାରେ ଏକାଥରେ ୭ ଜଣ ଡାକ୍ତର ଅନୁପସ୍ଥିତ ଅଛନ୍ତି । ଏଠାରେ ସମୁଦାୟ ମଞ୍ଜୁରୀ ପୋଷ୍ଟ ରହିଛି ୧୫ ଜଣ କିନ୍ତୁ ଅଛନ୍ତି ୮ ଜଣ । ସେମାନଙ୍କ ମଧ୍ୟରୁ ସମସ୍ତେ ମଧ ନିୟମିତ ଭାବେ ଡ୍ୟୁଟୀରେ ରହିବାର ସୁଯୋଗ ନାହିଁ ଏବଂ କେତେକ ମେଡିକାଲରୁ ୧୦ କି.ମି. ଦୂର ଯାଜପୁର ସହରରେ ଅବସ୍ଥାନ କରନ୍ତି । ଏହି ହିସାବ ତକ କେବଳ ଜିଲ୍ଲା ସଦର ମହକୁମା, ଯାଜପୁରରୋଡ ଏବଂ ବ୍ଲକ ସ୍ତରୀୟ ସିଏଚସି ମାନଙ୍କର ଅବସ୍ଥା । ଅନ୍ୟ ଛୋଟ ଛୋଟ ମେଡିକାଲରେ ଏପରିକି କଳିଙ୍ଗନଗର ନିକଟ ଡୁବୁରୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିମ୍ବା ଖଣି ଅଧ୍ୟୁଷିତ କାଳିଆପାଣି ଅଂଚଳରେ ରହିଥିବା ସରକାରୀ ଡାକ୍ତରଖାନାରେ ଡାକ୍ତର ସମସ୍ୟା ସହିତ ଅନ୍ୟାନ୍ୟ ଭିତ୍ତିଭୂମୀର ସମସ୍ୟାକୁ ଦେଖିଲେ ସ୍ୱାସ୍ଥ୍ୟସେବା ପାଇଁ ସରକାର ଯେଉଁ ବଦ୍ଧପରିକର କଥା କହୁଛନ୍ତି ତାହା କେବଳ ଧୂଆଁ ବାଣ ଛଡା ଅନ୍ୟ କିଛି ନୁହେଁ ।




## ନିମ୍ନମାନର ସାମଗ୍ରୀରେ ପ୍ରକଳ୍ପ କାମ

# ସୂଚନାଫଳକ ନଥାଇ ଚାଲିଛି ନିର୍ମାଣ କାର୍ଯ୍ୟ





ଯାଜପୁର: କଥାରେ ଅଛି ସରକାରୀ କା ମାଲ ଦରିଆ ମେ ଡାଲ । ନବୀନ ପଟ୍ଟନାୟକଙ୍କ ସରକାର ସ୍ୱଚ୍ଛତାରେ ବିଶ୍ୱାସ କରେ । ଦୁର୍ନୀତିକୁ ତଦାରଖ କରିବା ପାଇଁ ୫ଟି ମୋସରକାର ମଧ ରହିଛି । କିନ୍ତୁ ନିର୍ମାଣ ବିଭାଗ ଗୁଡିକ ଉପରେ ଏହାର କୌଣସି ପ୍ରଭାବ ନାହିଁ । ବିଶେଷ କରି ପୂର୍ତ୍ତ ବିଭାଗ ଉନ୍ନତମାନର ନିର୍ମାଣ କାର୍ଯ୍ୟ କଥା କହି ଖୋଲାମେଲା ଭାବେ ଅତି ନିମ୍ନମାନର ନିର୍ମାଣ ସାମଗ୍ରୀରେ ନିମ୍ନମାନର ପ୍ରକଳ୍ପ ଗୁଡିକ କରୁଥିବା ଦେଖିବାକୁ ମିଳୁଛି । ସାଧାରଣତଃ ସେତୁ ଏବଂ ସୌଧ ର ନିର୍ମାଣ କାର୍ଯ୍ୟ ଯଦି ସଠିକ ଭାବରେ କରାନଗଲା ଅବା ଏହାର କଞ୍ଚାମାଲ ଗୁଡିକ ଗୁଣାତ୍ମକ ନରହିଲା ସେ କ୍ଷେତ୍ରରେ କୌଣସି ସମୟରେ ଏହା ଭୁଷୁଡି ପଡି ଅନେକ ଧନଜୀବନ ହାନୀ ଘଟିବ । ଏ କଥାକୁ ନିର୍ମାଣକାରୀ ପୂର୍ତ୍ତ ବିଭାଗ ଭଲଭାବରେ ଜାଣୁଛି । କିନ୍ତୁ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀ ମାନେ ନିଜର ପଦାଧିକାରୀ ମାନଙ୍କ ଅପେକ୍ଷା ପ୍ରଭାବଶାଳୀ ଠିକାଦାର ମାନଙ୍କୁ ଏତେ ଭୟ କରୁଛନ୍ତି ଯେ ସେମାନେ ସଂପୃକ୍ତ ଠିକାଦାରଙ୍କ ବେଆଇନ କାର୍ଯ୍ୟକୁ ସାମାନ୍ୟ ଭାବେ ପ୍ରତିବାଦ କରିପାରୁନାହାଁନ୍ତି । ଏହି ସବୁ ପ୍ରଭାବଶାଳୀ ଠିକାଦାର ମାନେ ରାଜନୈତିକ ଦଳର ସଂଗଠକ ସାଂଗକୁ ବିଭିନ୍ନ ଦଳକୁ ନିର୍ବାଚନୀ ଚାନ୍ଦା ଦେଇଥାନ୍ତି । ଏହାଛଡା ସର୍ବୋଚ୍ଚ ପଦାଧିକାରୀ ମାନଙ୍କୁ ଏମାନେ ପ୍ରଭାବିତ କରି ରଖିଥାନ୍ତି । ଯାହାଫଳରେ ନିମ୍ନମାନର କାର୍ଯ୍ୟକୁ କେହି ପ୍ରତିବାଦ କରିବା ତ ଦୂରର କଥା ଆଡ଼୍ଖି ଆଖିରେ ମଧ ଚାହାଁନ୍ତି ନାହିଁ ବୋଲି ଜନୈକ ଯନ୍ତ୍ରୀ ତାଙ୍କର ପରିଚୟ ଗୋପନରେ ରଖି କୁହନ୍ତି । ପୂର୍ତ୍ତ ବିଭାଗ ପକ୍ଷରୁ ଯାଜପୁର ସହରର ନୂତନ ମେଡିକାଲ ବିଲ୍ଡିଂରେ ଯଥାସମ୍ଭବ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାରକୁ ଏଠାରୁ ବିଦାୟ ନେଇଥିବା ଜନୈକ ଅଧିକାରୀ ସ୍ୱୀକାର କରିବାକୁ ବାଧ ହୋଇଥିଲେ । ଚୁକ୍ତି ଅନୁଯାୟୀ ନିର୍ମାଣ ସାମଗ୍ରୀ ଯଥା ଇଟା, ଲୁହାଛଡ, ଚିପ୍ସ ଆଦୌ ବ୍ୟବହାର କରାଯାଇନାହିଁ । ସେହିପରି ସିମେଣ୍ଟର ପରିମାଣ ଯାହା ତା ଠାରୁ କମ୍ , ବାଲି ଯେତିକି ବ୍ୟବହାର କରାଯିବା କଥା ତାଠାରୁ ଅଧିକ ବ୍ୟବହାର ସହିତ କଂକ୍ରିଟ ପରେ ତାକୁ ନିୟମାନୁଯାୟୀ ଦୀର୍ଘ ୨୧ ଦିନ ପର୍ଯ୍ୟନ୍ତ କିଓରିଂ କରାନଯାଇ ଛାଡି ଦିଆଯିବା ହେତୁ ସଂପୃକ୍ତ ସୌଧଟି ଭବିଷ୍ୟତରେ ରୋଗୀ, ଡାକ୍ତର, କର୍ମଚାରୀ, ସହାୟକ ଓ ଅନ୍ୟ ମାନଙ୍କ ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି । ସେହିଭଳି କିଲ୍ଲାଘାଟ ଠାରେ ନିର୍ମିତ ୨ୟ ସେତୁରେ ମଧ ନିମ୍ନମାନର ସାମଗ୍ରୀ ଦିନ ଦ୍ୱିପ୍ରହରରେ ସାଧାରଣ ଲୋକଙ୍କୁ ନାଲିଆଖି ଦେଖାଇ ବ୍ୟବହାର କରାଗଲା । ଆଉ ଏବେ ପୂର୍ତ୍ତ ବିଭାଗ ମାଳଆନନ୍ଦପୁରରୁ କିଆନାଳୀ ପର୍ଯ୍ୟନ୍ତ ମୁଖ୍ୟ କେନାଲରେ ଏକାଥରେ ୯ ଗୋଟି ପୋଲ ନିର୍ମାଣ କରାଯାଉଛି । ପ୍ରତ୍ୟେକ ପୋଲ ବା ସେତୁ ପାଇଁ ପର୍ଯ୍ୟାପ୍ତ ଅର୍ଥ ବ୍ୟବସ୍ଥା କରାଯାଇଛି । ଏହି ସବୁ ସେତୁରେ ବଡ ଭାରୀଯାନ ଯେଭଳି ଯାତାୟତ କରିପାରିବ ସେହି ଅନୁସାରେ ନିର୍ମାଣ କରାଯାଉଛି । କିନ୍ତୁ ଠିକାଦାରୀ ସଂସ୍ଥା ଏ ଜାଗାରେ ମଧ ନିମ୍ନମାନର ଲୁହାଛଡ ଓ ଚିପ୍ସ ବ୍ୟବହାର କରାଯାଉଛି । ନିମ୍ନମାନର ଲୁହାରଡ ସାଂଗକୁ ଏହାର ବ୍ୟବହାର ପରିମାଣ କମ୍ କରାଯାଉଥିବା ବେଳେ ସାଇନ ମୁତାବକ ଚିପ୍ସ ବ୍ୟବହାର କରାନଯାଇ ସିମେଣ୍ଟ ଖର୍ଚ୍ଚକୁ ରୋକାଯିବା ପୂର୍ବକ ଅଧିକ ଲାଭ ଯେଭଳି କରାଯିବ ସେ ଦିଗରେ ଗୁରୁତ୍ୱ ଦିଆଯାଉଛି । କେବଳ ସେତିକି ନୁହେଁ , ମୂଳୁଦୂଆର ଗଭୀରତା ଯଥେଷ୍ଟ କମ୍ ମଧ ରଖାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ବିଡମ୍ବନା ବିଷୟ ହେଲା ଅନ୍ୟ ସମସ୍ତ ପ୍ରକଳ୍ପ ଭଳି ଷଠିପୁର-ଯାଜପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଦିନରାତି ନିର୍ମାଣ ଚାଲିଥିବା ଏହି ୯ ଗୋଟି ସେତୁ ସ୍ଥାନରେ ସୂଚନାଫଳକ ନାହିଁ । ଜନସାଧାରଣଙ୍କ ଟିକସ ଅର୍ଥରେ ନିର୍ମାଣ କରାଯାଉଥିବା ପ୍ରକଳ୍ପ ସଂପର୍କରେ ନିଜେ ଟିକସଦାତା ମାନେ ଜାଣିବାର ସୁଯୋଗ ନାହିଁ । ଏହା ସତ୍ୟ ଯେ ପ୍ରତ୍ୟେକ ପ୍ରକଳ୍ପର ନିର୍ମାଣ ସ୍ଥାନରେ ସେହି ପ୍ରକଳ୍ପ ସଂପର୍କରେ ସବିଶେଷ ସୂଚନା ଯଥା -ପ୍ରକଳ୍ପର ନାମ, କେଉଁ ବିଭାଗ ଦ୍ୱାରା କେଉଁ ଠିକାଦାର ନିର୍ମାଣ କରୁଛି, ପ୍ରକଳ୍ପର ମୂଲ୍ୟ, କାର୍ଯ୍ୟାରମ୍ଭ ଠାରୁ କାର୍ଯ୍ୟ ଶେଷର ଦିବସ, ପ୍ରକଳ୍ପର ପ୍ରକାର ଏବଂ ଏଥିରେ ବ୍ୟବହୃତ କରାଯିବାକୁ ଥିବା ନିର୍ମାଣ ସାମଗ୍ରୀ ମାନଙ୍କର ନାମ ତଥା ପରିମାଣ ସଂପକରେ ଖାଲି ଆଖିରେ ଦେଖିଲା ଭଳି ଦୃଶ୍ୟମାନ ସୂଚନାଫଳକରେ ଉଲ୍ଲେଖ କରାଯିବାକୁ ନିୟମ ରହିଛି । ପ୍ରକଳ୍ପ ଆକଳନରେ ମଧ ଏହାର ଖର୍ଚ୍ଚକୁ ନିର୍ଦ୍ଧାରଣ କରାଯାଇଥାଏ । କିନ୍ତୁ ଏହି ୯ ଗୋଟି ସେତୁ ଓ ଅନ୍ୟାନ୍ୟ ପ୍ରକଳ୍ପ ଗୁଡିକ ସ୍ଥାନରେ ସୂଚନାଫଳକ ସ୍ଥାପନ କରାଯାଉନଥିବା ନେଇ ଜିଲ୍ଲାପରିଷଦର ପୂର୍ବତନ ଉପସଭାପତି ତଥା ଯାଜପୁର ଜିଲ୍ଲା ଉପଭୋକ୍ତା ସମିତିର ସଭାପତି ଦିଗମ୍ବର କର ଅଭିଯୋଗ କରିଛନ୍ତି । ଭବିଷ୍ୟତରେ ସେତୁ ଗୁଡିକ ନିଶ୍ଚିତ ଅଳ୍ପାୟୁଷ ହେବ ଓ ଏଥିପାଇଁ କିଏ ଦାୟୀ ରହିବ ସେନେଇ ଶ୍ରୀ କର ଜିଲ୍ଲାପାଳ ଏବଂ ପାଣିକୋଇଲି ପୂର୍ତ୍ତ ବିଭାଗର ସହକାରୀ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି ।

# ଜଙ୍ଗଲ ବିଭାଗ ତରଫରୁ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ



ବଲାଙ୍ଗିର (ପିପିଏସ ): ଲୋକ ମାନେ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ଯୋଗୁଁ ଜଙ୍ଗଲର ବହୁ ମୂଲ୍ୟବାନ ବୃକ୍ଷରାଜି ତଥା ବିରଳ ପ୍ରଜାତିର ଜୀବଜନ୍ତୁ ଲୋପ ପାଇ ଯାଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେବା ତଥା ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ଗତକାଲି ବଲାଙ୍ଗୀର ବନ ବିଭାଗ ତରଫରୁ ଜିଲ୍ଲା ର ଟିଟିଲାଗଡ଼, ଖପ୍ରାଖୋଲ ଓ ମୁରିବାହାଲ ବ୍ଲକ ର ବିଭିନ୍ନ ଗ୍ରାମରେ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମିଶନ ଶକ୍ତିର ମହିଳା, ପରିବେଶ ପ୍ରେମୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଧିବାସୀ ମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା । ମିଶନ ଶକ୍ତିର ମହିଳା ମାନେ ଶୋଭାଯାତ୍ରାରେ ବାହାରି ଗାଁ ଲୋକ ମାନଙ୍କୁ ଜଙ୍ଗଲ ଓ ପରିବେଶ ସୁରକ୍ଷା ସମ୍ପର୍କରେ ବୁଝାଇଥିଲେ କ୍ଷ ତୁରେକେଲା ପଂଚାୟତ ସଭାଗୃହ ଠାରେ ଜଙ୍ଗଲ ବିଭାଗ ପକ୍ଷରୁ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ସରକାରୀ ଅଧିକାରୀ ମାନେ ଶପଥ ନେଇଥିଲେ କ୍ଷ ଏଥିରେ ତୁରେକେଲା ସରପଂଚ ଜଳନ୍ଧର ମହାକୁର ମୁଖ୍ୟ ଅତିଥି, ଜିଲ୍ଲା କାଉନସିଲ ସଭ୍ୟ କୌଶିକ ମେହେର,ଅଧ୍ୟାପକ ଅଶ୍ୱିନୀ ମେହେର, ସମାଜସେବୀ ନିଧି ସାଇଁ, କଂଟାବାଞ୍ଜି ରେଞ୍ଜ ଅଫିସର ଶ୍ରଦ୍ଧାଦେବ ବଡମାଲି, ବଙ୍ଗୋମୁଣ୍ଡା ରେଞ୍ଜର ଜନାର୍ଦ୍ଦନ ଠାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଲୋକଙ୍କୁ ଜଙ୍ଗଲ ସୁରକ୍ଷାର ବିଭିନ୍ନ ଦିଗ ଉପରେ ବୁଝାଇ ଥିଲେ

# ପୂଜକଙ୍କୁ ସ୍ୱପ୍ନାଦେଶ ପରେ ମାଟିତଳୁ ମିଳିଲା ଗଙ୍ଗାଦେବୀଙ୍କ ପଥର ମୂର୍ତ୍ତି

ମାଲକାନଗିରି: ମାଲକାନଗିରି ଜିଲା ଚିତ୍ରକୋଣ୍ଡାସ୍ଥିତ ତିରୁପତି ବାଲାଜୀ ମନ୍ଦିରର ପୂଜକ ରବି ଶାସ୍ତ୍ରୀଙ୍କୁ ଗତ ୧୭ ତାରିଖ ରାତିରେ ସ୍ୱପ୍ନାଦେଶ ହୋଇଥିଲା । ମନ୍ଦିର ପରିସରରେ ପ୍ରଭୁ ମାଟିତଳେ ପୋତି ହୋଇ ରହିଛନ୍ତି । ତାଙ୍କୁ ଉଦ୍ଧାର କରିବାକୁ ନିର୍ଦ୍ଦେଶ ହୋଇଥିଲା । ୧୮ ତାରିଖ ସକାଳୁ ପୂଜକ ଶାସ୍ତ୍ରୀ ସ୍ୱପ୍ନାଦେଶ ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ଓ ଚିତ୍ରକୋଣ୍ଡା ଗ୍ରାମବାସୀଙ୍କୁ ଜଣାଇଥିଲେ । ଉକ୍ତ ମୂର୍ତିକୁ ଉଦ୍ଧାର କରିବା ପାଇଁ ପୂଜାବିଧି ମୁତାବକ ମହିଳାମାନେ ସିଲେରୁ ନଦୀକୂଳରୁ ଦେଡ଼ କିଲୋମିଟର ନଦୀଘାଟରୁ ଜଳ ଉଠାଇ କଳସ ଯାତ୍ରାକରି ଉକ୍ତ ମନ୍ଦିର ପରିସରସ୍ଥ ନିର୍ଦ୍ଦିଷ୍ଟ ସ୍ଥାନକୁ ଚିହ୍ନଟ କରି ଖୋଳିବା କାର୍ଯ୍ୟ ଆରମ୍ଭ କରିଥିଲେ । ସାତଫୁଟ ଖୋଳିବା ପରେ ମୂର୍ତିର କିଛି ଅଂଶ ଦେଖାଯିବା ପରେ ଭକ୍ତଙ୍କର ସମାଗମ ବଢ଼ିବାରେ ଲାଗିଥିଲା । କିଛି ସମୟ ପରେ ମୂର୍ତିର ସମ୍ପୂର୍ଣ୍ଣ ଅଂଶ ପଦାକୁ ବାହାରିଥିଲା । ଦଶ ଇଂଚ ବିଶିଷ୍ଟ ସାପ ଚିତ୍ର ସହ ଠାକୁରଙ୍କ ପଥର ନିର୍ମିତ ମୂର୍ତିକୁ କଢ଼ାଯାଇ ପୂଜାର୍ଚ୍ଚନା ପରେ ମନ୍ଦିରରେ ରଖାଯାଇଥିଲା । ଏହାକୁ କେହି କେହି ବାଲାଜୀ ଠାକୁରଙ୍କ ମୂର୍ତି କହୁଥିବା ବେଳେ କେହି କେହି ମା' ଗଙ୍ଗା ଦେବୀଙ୍କର ପଥର ମୂର୍ତି ବାହାରି ଥିବା କହୁଛନ୍ତି ।

# ଅଦିନିଆ ପଶ୍ଚିମା ଝଡ଼ରେ ଗଜପତି ଜିଲ୍ଲା ପ୍ରଭାବିତ
# ରାସ୍ତା ଅବରୋଧ ଓ କ୍ଷୟକ୍ଷତି



ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ମୋହନା ଅଞ୍ଚଳରେ ପଶ୍ଚିମା ଝଡ଼ ପ୍ରଭାବରେ ଦୁଇ ଦିନ ଧରି ବର୍ଷା ପବନ ସହ ବଜ୍ରପାତ ଲାଗିରହିଥିଲା । କେବଳ ଗଜପତି ଜିଲ୍ଲା ନୁହେଁ ରାଜ୍ୟର ଅନେକ ଅଞ୍ଚଳରେ ପ୍ରବଳ ମାତ୍ରାରେ ବର୍ଷା ସାଙ୍ଗକୁ ଘଡଘଡି ଦେଖାଯାଇଥିଲା । ପାରଳାଖେମୁଣ୍ଡି ଅଞ୍ଚଳରେ ଥିବା ମଳାସପଦର ପଞ୍ଚାୟତ ରାଚାଗୁଡା ଗ୍ରାମରେ ଅନୁଭୂତ ହୋଇଥିବା ଏହି ଝଡ଼ ବର୍ଷାରେ ଏକ ବିରାଟ ଆମ୍ବ ଗଛ ପଡି ରାସ୍ତା ଅବରୋଧ ହେବା ସହ କିଛି ଘର ଭାଙ୍ଗି ଯାଇଥିଲା । ଯାହା ଫଳରେ ଅନେକ ଲୋକଙ୍କର କ୍ଷୟକ୍ଷତି ଘଟିଥିଲା । କେବଳ ସେତିକି ନୁହ ସାଧାରଣ ଲୋକଙ୍କର ଗମନାଗମନରେ ଅସୁବିଧା ଦେଖାଦେଇଥିଲା । ରାସ୍ତା ଅବରୋଧ ଫଳରେ ମଳାସପଦର - ମୋହନା ମଧରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା । ଏନେଇ ଅଗ୍ନିଶମ ବିଭାଗ ଖବରପାଇ ମୋହନା ଅଞ୍ଚଳରେ ପହଞ୍ଚି ଗଛ କାଟି ରାସ୍ତା ଅବରୋଧ ସମସ୍ୟାର ସମାଧାନ କରିଥିଲେ । ଏହି ଝଡ଼ବର୍ଷାରେ ୨ ଟି ଘରର ୩୦ ହଜାର ଟଙ୍କାର ସମ୍ପତ୍ତି କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି । କ୍ଷୟକ୍ଷତି ଘଟିଥିବା ଲୋକଙ୍କୁ ସାହାର୍ଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

# ଆର୍ଥିକ ସାକ୍ଷରତା ସଚେତନତା ଶିବିର



ଖପ୍ରାଖୋଲ, (ପିପିଏସ) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ଜୁରିଆ ଠାରେ ନାବାର୍ଡ ସହାୟତାରେ ଆର୍ଥିକ ସାକ୍ଷରତା ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଶିବିରରେ ସମବାୟ ସମିତି ସଭାପତି କନ୍ଦର୍ପ ସୁଆର ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଲୁହାସିଂହା ସରପଞ୍ଚ ସିମାଞ୍ଚଳ ପୁରୋହିତ, ମୁଖ୍ୟ ବକ୍ତା ରୂପେ ଚଙ୍ଗରିଆ ସରପଞ୍ଚ ସୁଶୀଲ କୁମାର ଗୁରୁ, ସମ୍ମାନିତ ଅତିଥି ରୂପେ ବିଡିସିସି ବ୍ୟାଙ୍କ ନିର୍ଦ୍ଦେଶିକା ଦମୟନ୍ତୀ ସୁଆର , ଲାଠୋର ବିଡିସିସି ବ୍ୟାଙ୍କ ମ୍ୟାନେଜର ରୋହନ ପାଣିଗ୍ରାହୀ , ବାଘମୁଣ୍ଡ ସରପଞ୍ଚ ଦେବାଶିଷ ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଚାଷୀ ଏବଂ ସ୍ୱୟଂ ସହାୟକ ଦଳ ଆର୍ଥିକ ସାକ୍ଷର ହେବା ସହ ବ୍ୟାଙ୍କ୍ ରେ ଆର୍ଥିକ ଲେଣ ଦେନ କିପର ଠିକ୍ ଭାବରେ କରି ପାରିବେ ସେନେଇ ଆଲୋଚନା ହୋଇଥିଲା ।ସେହିପରି ସରକାରଙ୍କ ବିଭିନ୍ନ ବୀମା ରେ କିଭଳି ସାମିଲ ହୋଇପାରିବେ , ବିଭିନ୍ନ ଋଣ ଓ ସବସିଡି ଉପରେ ସଚେତନ କରିଥିଲେ । ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଆଗୁଆ ଚାଷୀ ଲୋଚନ ସିଂହ ବରିହା , ସୁପର ଭାଇଜର ଅନନ୍ତ ରଣା , ସମ୍ପାଦକ ଶ୍ରୀପତି ଭୋଇ , ଡି ଇଓ ଯଦୁମଣି ରଣା , ଚନ୍ଦ୍ରମଣି ମେହେର , ରାଜକିଶୋର ମେହେର , ଜୟନ୍ତ ପାଲ ମେହେର ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

# ୧୫୫ ବିଏସ୍‌ଏଫ୍ ବାଟାଲିୟନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ମାଲକାନଗିରି,(ହି.ସ.)- ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲି ବିଜୁ ପଟ୍ଟନାୟକ ଡିଗ୍ରୀ ମହାବିଦ୍ୟାଳୟ ଠାରେ ୧୫୫ ବିଏସଏଫ ବାଟାଲିୟନ ପକ୍ଷରୁ ଆଜି ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଖ ପାଖ ଅଂଚଳର ୧୫୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଚିକିତ୍ସା କରିବା ସହିତ ଔଷଧ ଦିଆଯାଇଥିଲା ।

ଏହି ଅବସରରେ କମାଣ୍ଡାଂଟ ଡକ୍ଟର ଆର.କେ. ଗୋଦ୍ରା, ଆସିଷ୍ଟାଂଟ କମାଣ୍ଡାଂଟ ବିପିନ କୁମାର ଯାଦବ, ଗୋବିନ୍ଦପାଲି ବିଜୁ ପଟ୍ଟନାୟକ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ତ୍ରିଲୋକନାଥ ସାହୁ, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ଅଭୟ ପାତ୍ର, ସମାଜସେବୀ ତୁଷାର ମହାପାତ୍ରଙ୍କ ସହିତ ଆଖପାଖ ଅଂଚଳର ଲୋକେ ଉପସ୍ଥିତ ଥିଲେ । ବିଏସଏଫର ଏହିପରି କାର୍ଯ୍ୟକୁ ଆଖପାଖ ଅଂଚଳର ଲୋକେ ମାନେ ପ୍ରଶଂସା କରିଛନ୍ତି ।

# ଆର୍‌ଏସ୍‌ପିରେ ଅବ୍ୟବହୃତ ଅଞ୍ଚଳ ନବସୃଜନିତ ଫୁଆରା ଯୁକ୍ତ ଉଦ୍ୟାନରେ ରୂପାନ୍ତରିତ





ରାଉରକେଲା(ପିପିଏସ୍): ସେଲ ରାଉରକେଲା ଇସ୍ପାତ କାରଖାନାର କଞ୍ଚାମାଲ ପ୍ରବନ୍ଧନ ବିଭାଗର କର୍ମଚାରୀ ସମୂହ କାର୍ଯ୍ୟକ୍ଷେତ୍ରକୁ ଅଧିକ ସବୁଜ ସୁନ୍ଦର ଓ ଆନନ୍ଦଦାୟକ ଗଢିବା ପାଇଁ ପ୍ରୟାସକୁ ଜାରି ରଖି ଆରଏମଏଚପି ଅଟ୍ଟାଳିକାର ପଛପାର୍ଶ୍ୱରେ ସ୍ଥିତ ଅନାବନା ଘାସବୁଦାରେ ଭରିରହିଥିବା ଅବ୍ୟବହୃତ ଅଞ୍ଚଳକୁ ଏକ ମନୋରମ ଉଦ୍ୟାନରେ ରୂପାନ୍ତରିତ କରିଛନ୍ତି । ଅଦରକାରୀ ସାମଗ୍ରୀ ବ୍ୟବହାର କରି ନିଜସ୍ୱ ଉତ୍ସରୁ ନିର୍ମିତ ସେଲ ସମନ୍ୱୟ ଝରଣା ନାମକ ଏକ ଆକର୍ଷଣୀୟ ଫୁଆରାରେ ସଜ୍ଜିତ ସୁନ୍ଦର ଘାସ ବଗିଚା ଓ ଅନ୍ୟାନ୍ୟ ପୁଷ୍ପବୃକ୍ଷ ଭରା ଏହି ବଗିଚାକୁ ମାର୍ଚ୍ଚ ୧୭ ତାରିଖରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏସ୍ ଆର ସୂର୍ଯ୍ୟବଂଶୀ ଉଦ୍‌ଘାଟନ କରିଥିଲେ । ସେଲରେ ମାର୍ଚ୍ଚ ୧୬ରୁ ୩୧ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ ପରିପ୍ରେକ୍ଷୀରେ ଏହା ବିଶେଷତ୍ୱ ବହନ କରୁଛି । ଏହି ଅବସରରେ ଆରଏମଏଚପି ବିଭାଗର ସିଜିଏମ ଏସ୍‌ଏସ ରାୟ ଚୌଧୁରୀ, କାରଖାନାର ବହୁ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ମେନ୍ ବିଲଡିଂ ପଛରେ ଥିବା ଅଞ୍ଚଳରେ ପୂର୍ବରୁ ଅନାବନା ବୃକ୍ଷଲତା, ସ୍କ୍ରାପ୍ ଇତ୍ୟାଦି ରହିଥିଲା ଯାହା ଏହି ଅଞ୍ଚଳକୁ ଅପରିଷ୍କାର, ମଇଳା ଏବଂ କୀଟପତଙ୍ଗ, ମଶା, ସରୀସୃପ ଇତ୍ୟାଦି ପାଇଁ ଏକ ପ୍ରଜନନ ସ୍ଥାନ ହେଉଥିଲା ଏବଂ ମୁଖ୍ୟ ବିଲ୍ଡିଂ ତଥା ଏହାର ଆଖପାଖ ଅଞ୍ଚଳ ପାଇଁ ଅସୁବିଧା ସୃଷ୍ଟି କରୁଥିଲା । ଆରଏସପି ଡ଼ିଆଇସିଙ୍କ ଦ୍ୱାରା 'ମୋଟିଭେସନ୍ ସ୍କିମ୍ ଫର ୱାର୍କପ୍ଲେସ୍ ଏକ୍ସଲେନ୍ସ' ପଦକ୍ଷେପ ଅନୁଯାୟୀ, ଆରଏମଏଚପି ଦଳ ବିକାଶ ସାଧନ ପାଇଁ ଏହି କ୍ଷେତ୍ରକୁ ଚୟନ କରିଥିଲା । ଏହି ଅଞ୍ଚଳ ସଫା କରାଯାଇଥିଲା, ଗଛଗୁଡିକୁ କଟାଯାଇଥିଲା ଏବଂ ମାଟି ଭରିବା ସହିତ ଭୂମି ସମତଳ କରାଯାଇଥିଲା । ବଗିଚା ଚାରିପାଖରେ ଏକ ତାରବାଡ ନିର୍ମାଣ କରାଯାଇଥିଲା ଏବଂ ବିଭିନ୍ନ ପ୍ରକାରର ଋତୁକାଳୀନ ଫୁଲ ପାଇଁ ଅନେକ ଫୁଲ ଶଯ୍ୟା ତିଆରି କରାଯାଇଥିଲା । ବଗିଚାରେ କ୍ରୋଟନ୍, ଖଜୁରୀ ଗଛ, ସାଇକସ୍, ଝାଉଁ, ଆଲାମୋଣ୍ଡା, ଜସ୍ମିନ୍, ହିବିସ୍କସ୍ , କୋଲେସ୍ ଇତ୍ୟାଦି ଅନେକ ଚିର ସବୁଜ ଗଛ ଲଗାଯାଇଛି । ଇସ୍ପାତ ଝରଣାଟି ଅନେକ ଷ୍ଟିଲ୍ ପାଇପ୍ ଦ୍ୱାରା ନିର୍ମିତ ହୋଇଛି ଯାହା ପାଇପ୍ ଗୁଡିକୁ କ୍ରମ ରୂପେ ସଜାଇ ଧରିଛି ଓ ଏକ ଏକ କ୍ଷୁଦ୍ର ଜଳପ୍ରପାତର କ୍ୟାସକେଡିଂ ପ୍ରଭାବକୁ ପ୍ରଦର୍ଶିତ କରୁଛି ତଥା ବିଭିନ୍ନ ବିଭାଗ ସମତାଳରେ କାର୍ଯ୍ୟ କରୁଥିବା ସମନ୍ୱୟ ଏବଂ ସନ୍ତୁଳନକୁ ଚିତ୍ରଣ କରୁଛି । ଏହି ସମନ୍ୱୟ ଆରଏସପି ପରି ଏକ ସମନ୍ୱିତ ଇସ୍ପାତ କାରଖାନାର କାର୍ଯ୍ୟଶୈଳୀର ଏକ ଅତ୍ୟାବଶ୍ୟକ ଅଂଶ ଅଟେ । ଏହାର ଜଳ ପରିଶେଷରେ ରଙ୍ଗୀନ ମାଛ ଏବଂ କଇଁ ଫୁଲ ଧାରଣ କରୁଥିବା ଏକ ମାଛ ପୋଖରୀରେ ପଡୁଛି । ଏହି ବଗିଚା ଏବଂ ଆଖପାଖରେ ବିଭିନ୍ନ ବର୍ଜ୍ୟବସ୍ତୁ ବ୍ୟବହାର କରାଯାଇଛି । ପୁରୁଣା ଡ୍ରେନ୍ କଭର ତିଆରି ପାଇଁ ଫୁଲ ବେଡ୍ ଏବଂ ଖାଲି ତେଲ ଡ୍ରମ୍ ତିଆରି ପାଇଁ ପୁରୁଣା ରିଫ୍ରେକ୍ଟୋରୀ ଇଟା ବ୍ୟବହାର କରାଯାଇଛି । ଏଏମ୍‌ଆର୍ ଆଣ୍ଡ ପ୍ଲାନିଂ ଜିଏମ୍ ଇନ୍-ଚାର୍ଜ, ଶ୍ରୀ ଜୟ ଶଙ୍କର ସିଂହ, ଇଲେକ୍ଟ୍ରିକାଲ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ମନୋଜ କୁମାର ଗିରି, ଜିଏମ୍ (ମେକାନିକାଲ୍) ପ୍ରସନ୍ନ କୁମାର ନାୟକ, ଜିଏମ୍ ଇନ୍-ଚାର୍ଜ (ଅପରେସନ୍) ପ୍ରଭାକର ଶେଣ୍ଡେ, ଏଜିଏମ୍ (ମେକାନିକାଲ୍) ତରୁଣ ପ୍ରବୀଣ ଏକକା, ସିନିୟର ମ୍ୟାନେଜର (ଅପରେସନ୍) ନକୁଳ ଚନ୍ଦ୍ର ପାତ୍ର, ସିନିୟର ମ୍ୟାନେଜର (ମେକାନିକାଲ୍) ସୁଜିତ୍ ଭଞ୍ଜଦେଓ ଏବଂ ସିନିୟର ମ୍ୟାନେଜର (ଅପରେସନ୍) ହରି ନାଥ ଯାଦବଙ୍କ ମାର୍ଗଦର୍ଶନରେ ଏହି ଉଦ୍ୟାନଟି ବିଭାଗର ଏମଓଏମଟି ସଚ୍ଚିଦାନନ୍ଦ ପରିଡା, ପ୍ରଦୀପ ଚନ୍ଦ୍ର ପାତ୍ର, ମାନସ ରଂଜନ ପଣ୍ଡା ଏବଂ ଦିଲୀପ କୁମାର ପଟେଲ, ଏକଜିକ୍ୟୁଟିଭ ଆସିଷ୍ଟାଣ୍ଟ, ପିତାମ୍ବର ସିଂ, ଏସଓଏସଟି ରୂପେ କାର୍ଯ୍ୟରତ କ୍ଷୀରୋଦ ଚନ୍ଦ୍ର ବରାଳ, ଭୁଲା ଓରାମ, ସିଂରାଇ ମୁଣ୍ଡାରୀ ଓ ଦେବେନ୍ଦ୍ର ବୀରଘାଣ୍ଟିଆଙ୍କ ଦ୍ୱାରା ସୁନ୍ଦର ରୂପେ ପରିକଳ୍ପିତ ଏବଂ ବିକଶିତ ହୋଇଥିଲା । ସିଭିଲ୍ ଇଞ୍ଜିନିୟରିଂ ସେବା ଏବଂ ଉଦ୍ୟାନ କୃଷି ବିଭାଗ ଏହି ସୁନ୍ଦର ଉଦ୍ୟାନ ଏବଂ ପୋଖରୀ ନିର୍ମାଣରେ ସହାୟତା ପ୍ରଦାନ କରିଥିଲେ ।

# ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଶତାଧିକ ଚାଷୀ

ଜୟପୁର, (ହି.ସ.)- କେନାଲ ତଳେଥିବା ଡଙ୍ଗର ଜମିକୁ ଧାନ ଜମିର ସ୍ୱତ୍ୱ ପରିବର୍ତନ ସହ ସେହି ଜମି ଗୁଡିକର ଧାନ ଆସନ୍ତା ରବି ମଣ୍ଡିରେ ବିକ୍ରୟ ପାଇଁ ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । କୁମୁଲିପୁଟ ଲ୍ୟାମ୍ପସ ସଭାପତି ତ୍ରିନାଥ ମୁଦୁଲି ଓ ବାଲିଙ୍କି ରାଓଙ୍କ ନେତୃତ୍ୱରେ ଶତାଧିକ ଚାଷି ଜୟପୁର ଉପ ଜିଲାପାଳଙ୍କ ଅନୁପସ୍ଥିତିରେ କାଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜୟପୁର ବ୍ଲକର ଚାଷି ମାନଙ୍କ ନାମ ଗତ ଖରିଫ ଋତୁରେ ପଞ୍ଜିକୃତ ହୋଇଥିଲା । ପରବର୍ତି ସମୟରେ ବହୁ ଚାଷିଙ୍କ ଜମି ପଞ୍ଜିକୃତରୁ ନାମ ଏବଂ ଜମି କଟିଯାଇଥିଲା । ଯଦ୍ୱାରା ଚାଷି ମାନେ ମଣ୍ଡିରେ ଧାନ ବିକ୍ରି କରିପାରିଲେ ନାହିଁ । ପ୍ରକାଶ ଥାଉକି, ଯେଉଁ ଚାଷି ମାନଙ୍କ ଜମି ଚାଷି ପଞ୍ଜିକୃତରୁ କଟି ଯାଇଥିଲା ସେହି ଜମି ଗୁଡିକ ଡଙ୍ଗର ୧.୨.୩ କିସମ କେନାଲ ତଳେ ଥାଇ ମଧ ଧାନ ଚାଷିଙ୍କ ଧାନ ଥାଇ ବି ମଣ୍ଡିରେ ବିକ୍ରି ପାଇଁ ଅନୁମତି ପ୍ରଦାନ କରାଗଲା ନାହିଁ । ଏପରିକି କେତେକ କ୍ଷେତ୍ରରେ ଜଳକର ମଧ ଦିଆଯାଉଛି । ତେଣୁ ପ୍ରଶାସନ କେନାଲ ତଳେ ଥିବା ଡଙ୍ଗର ଜମିର ଧାନକୁ ଧାନ ଜମିର ସତ୍ୱ ପରିବର୍ତନ କରି ଆସନ୍ତା ରବି ମଣ୍ଡିରେ ଅନୁମତି ପ୍ରଦାନ କରିବା ଏବଂ କେନାଲ ତଳେ ଥିବା ଡଙ୍ଗର ଜମିକୁ ଧାନ ଜମିର ସତ୍ୱ ପରିବର୍ତନ ସକାଶେ ପଦେକ୍ଷପ ନେବାକୁ ଶତାଧିକ ଚାଷି ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ।

# ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ବହୁମୁଖୀ ସ୍ୱାସ୍ଥ୍ୟ ଶିବିର
# ୨୫୦ରୁ ଅଧିକ ଗ୍ରାମବାସୀ ଉପକୃତ



ରାଉରକେଲା(ପିପିଏସ୍): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ମାର୍ଚ୍ଚ ୧୭ତାରିଖରେ ବିଶ୍ରା ବ୍ଲକର କୋପରଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଆରଏସପିର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ଦ୍ୱାରା ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସହଯୋଗରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଆରଏସପିର ଚିକିତ୍ସକ ଦଳ ଯଥା ଶିଶୁରୋଗ ବିଭାଗର, ଡାକ୍ତର ଜୟନ୍ତ ଆଚାର୍ଯ୍ୟ, ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗର ଡାକ୍ତର ମଧୁମିତା ସାହୁ, ଇଏନଟି ବିଭାଗର ଡାକ୍ତର ଗୌତମ ଦାସ, ଚକ୍ଷୁ ରୋଗ ବିଭାଗର ଡାକ୍ତର ଅନିମା ତିଗା, ମେଡ଼ିସିନ ବିଭାଗର ଡାକ୍ତର ଦେବାଶିଷ, ଶଲ୍ୟ ଚିକିତ୍ସା ବିଭାଗର ଡାକ୍ତର ଜ୍ୟୋତି ସାହୁ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିରେ ହସ୍ପିଟାଲର ଫାର୍ମାସିଷ୍ଟ ଓ ହସ୍ପିଟାଲ ଟେକନିସିଆନ ତଥା ପାରାମେଡିକଲ ଷ୍ଟାଫ ସହଯୋଗ କରିଥିଲେ । ସିଏସଆର ବିଭାଗର ଜିଏମ, ମୁନମୁନ ମିତ୍ରାଙ୍କ ନେତୃତ୍ୱରେ ସିଏସଆର ବିଭାଗୀୟ ଦଳ ଶିବିର ପରିଚାଳନା କରିଥିଲେ ।ଶିବିରରେ ପ୍ରାୟ ୨୬୧ ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣା ଔଷଧ ଏବଂ ପରାମର୍ଶ ଦିଆଯାଇଥିଲା । ଏହା ବ୍ୟତୀତ ବିଭିନ୍ନ ସିଏସ୍‌ଆର୍ ଯୋଜନା ଅନ୍ତର୍ଗତ ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ଅଧିକ ଚିକିତ୍ସା ପାଇଁ ୫୪ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା । ସେମାନଙ୍କୁ ପ୍ରକଳ୍ପ ସୁନୟନା ଅନ୍ତର୍ଗତ ଚକ୍ଷୁ ଅସ୍ତ୍ରୋପଚାର, ପ୍ରକଳ୍ପ ସୁଶ୍ରୁତି ଅନ୍ତର୍ଗତ ଶ୍ରବଣ ସମସ୍ୟାର ଚିକିତ୍ସା, ପ୍ରକଳ୍ପ ଚରକ ଅନ୍ତର୍ଗତ ଶଲ୍ୟ ଚିକିତ୍ସା, ପ୍ରକଳ୍ପ ସୁରଭି ଅନ୍ତର୍ଗତ ସ୍ତ୍ରୀ ରୋଗ ଚିକିତ୍ସା, ପ୍ରକଳ୍ପ ଅକ୍ଷୟ ଅନ୍ତର୍ଗତ ଯକ୍ଷ୍ମା ରୋଗୀଙ୍କ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ । ଉଲ୍ଲେଖଯୋଗ୍ୟ ଯେ, ପାର୍ଶ୍ୱାଞ୍ଚଳ ଗ୍ରାମଗୁଡିକରେ ଆରଏସପି ଦ୍ୱାରା ଆୟୋଜିତ ହେଉଥିବା ମେଡିକାଲ କ୍ୟାମ୍ପ ନାକେବଳ ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ପହଞ୍ଚିଛି ବରଂ ଗୁରୁତର ରୋଗରେ ପୀଡ଼ିତ ଚିହ୍ନଟ ବ୍ୟକ୍ତିଙ୍କୁ ଆଇଜିଏଚରେ ବ୍ୟୟବହୁଳ ସର୍ଜିକାଲ୍ ହସ୍ତକ୍ଷେପଗୁଡିକ ମାଗଣାରେ ମଧ୍ୟ ପ୍ରଦାନ କରୁଛି ।

# ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ସମ୍ମିଳନୀ

ଜୟପୁର, (ହି.ସ.) - ଦକ୍ଷିଣ ଓଡିଶା ଆୟୋବେଦ ବିକାଶ ପରିଷଦର ବାର୍ଷିକ ସମ୍ମିଳନି ଜୟପୁର ରଜାନହର ସ୍ଥିତ ଏକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଛି ।

ପାରମ୍ପରିକ ଆୟୁର୍ବେଦ ଚିକିତ୍ସାର ପ୍ରଚାର ପ୍ରସାର ଓ ବିକାଶ ନିମନ୍ତେ ପରିଷଦର ବାର୍ଷିକ ସମ୍ମିଳନୀ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ସଭାପତି ଡାକ୍ତର ସୁଦର୍ଶନ ଗୌଡ, ସମ୍ପାଦକ ପରମେଶ୍ୱର ପାତ୍ର , ଉପ ସଭାପତି କବିରାଜ କ୍ଷେତ୍ରବାସୀ ପଣ୍ଡା, ସତ୍ୟ ନାରାୟଣ ପରିଚ୍ଛା, ରାମ ଗୌଡ, ଭବନୀ ଚରଣ ଆଚାଯ୍ୟ, ସୁଯ୍ୟ ନାରାୟଣ ମିଶ୍ର, ଶ୍ରୀନିବାସ ପାତ୍ର, ତାରିଣି ଚରଣ ପାଢୀ, ଆନନ୍ଦ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ବର୍ଦ୍ଧନା ସାଧାରଣ ଜ୍ଞାନ ପ୍ରତିଯୋଗିତା ସହ ପୁରସ୍କାର ବିତରଣ ଉତ୍ସବ ମଧ ଅନୁଷ୍ଠିତ ହୋଇଥିଲା । ଜୟପୁର ସହରରେ ଏକ ଆୟୁବେଦ ଦାତବ୍ୟ ଚିକିତ୍ସାଳୟ ଓ ତାଲିମ କେନ୍ଦ୍ର ସ୍ଥାପନ ନିମନ୍ତେ ନିଷ୍ପତି ନିଆଯାଇଛି । ପରିଷଦର ଲକ୍ଷ୍ୟ ହେଲା ଆୟୁର୍ବେଦ ଶିକ୍ଷା ଓ ଚିକିତ୍ସାର ପ୍ରଚାର, ପ୍ରସାର ଓ ବିକାଶ, ଦୁଲ୍ଲଭ ଆୟୁବେଦୀୟ ଦ୍ରବ୍ୟ ଓ ଔଷଧ ଗ୍ରନ୍ଥାଦିର ଦିଗଦର୍ଶନ, ସରକାରଙ୍କ ଠାରେ ଦାବୀ ଜଣାଇ ଦାତବ୍ୟ ଔଷଧାଳୟ ସ୍ଥାପନ, ଗାଁ ବଇଦ ମାନଙ୍କୁ ସାହାଯ୍ୟ ଓ ସହ ଯୋଗର ହାତ ବଢାଇବା, ମାଗଣାରେ ସ୍ୱାସ୍ଥ୍ୟ ଶିବିର ଗଠନ କରିବା ଆଦି ରହିଥିବା ସୂଚନା ଦିଆଯାଇଛି ।

# ଭୀମଭୋଇ ମେଡିକାଲରେ ସହଯୋଗ ଫାଉଣ୍ଡେସନ ପକ୍ଷରୁ ଖାଦ୍ୟ ବ୍ୟବସ୍ଥା

ବଲାଙ୍ଗିର, (ପିପିଏସ୍): ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ସୋମବାର ଠାରୁ ଶନିବାର ପର୍ଯ୍ୟନ୍ତ ଆହାର କେନ୍ଦ୍ର ଚାଲୁରହୁଛି । ରବିବାର ସରକାରୀ ଛୁଟି ରହୁଥିବାରୁ ସରକାରୀ ଆହାର କେନ୍ଦ୍ର ମଧ ବନ୍ଦ ରହୁଛି । ରବିବାର ହସ୍‌ପିଟାଲର ରୋଗୀମାନଙ୍କ ବନ୍ଧୁ ପରିଜନ ଖାଇବାକୁ ପାଉନାହାଁନ୍ତି । ତେଣୁ ଏହି ସମସ୍ୟାକୁ ନଜରରେ ରଖି ବଲାଙ୍ଗୀରର ସହଯୋଗ ଫାଉଣ୍ଡେସନ ତରଫରୁ ପ୍ରତ୍ୟେକ ରବିବାର ଦିନ ହସପିଟାଲ ପରିସରରେ ରୋଗୀଙ୍କ ଆଟେଣ୍ଡାଂଟଙ୍କ ପାଇଁ ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମ ଜରିଆରେ ମାଗଣା ଖାଦ୍ୟ ବ୍ୟବସ୍ଥା କରୁଛନ୍ତି । ଭାତ, ଡାଲମା ଓ ଟମାଟୋଖଟା ଲୋକଙ୍କୁ ବଂଟାଯାଉଛି । ତେବେ ସହଯୋଗ ଫାଉଣ୍ଡେସନର ଏଭଳି କାମକୁ ଅନେକ ଲୋକ ପ୍ରଶଂସା କରିବା ସହିତ ସହଯୋଗ ରାଶି ଦେଇ ପ୍ରୋତ୍ସାହିତ ମଧ କରୁଛନ୍ତି । ଜନ୍ମଦିନ, ଶ୍ରାଦ୍ଧଦିବସ, ବିବାହ ବାର୍ଷିକୀ ଉପଲକ୍ଷେ ବଦାନ୍ୟ ବ୍ୟକ୍ତିମାନେ ମଧ ଏହିଦିନ ଖାଦ୍ୟ ଦେଉଛନ୍ତି । ଗତ ୨୦ ସପ୍ତାହ ହେଲା ଏଭଳି ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମ ଚାଲୁରହିଛି । ଆଜି ବଲାଙ୍ଗୀରର ଜଣାଶୁଣା ସମାଜସେବୀ ତଥା ଶ୍ରମିକ ସଂଗଠକ ସ୍ୱର୍ଗତ ଅରୁଣ ସାହୁଙ୍କ ସ୍ମୃତିରେ ତାଙ୍କ ବଡଭାଇ ଅକ୍ରୁର ସାହୁ ଗରୀବ ଲୋକଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିଥିଲେ । ପ୍ରାୟ ୩୦୦ ଲୋକଙ୍କୁ ଖାଦ୍ୟ ବଂଟାଯାଇଥିଲା । ସହଯୋଗ ଫାଉଣ୍ଡେସନର ଅନୀଲ ମୋଦୀ, ସଂପାଦିକା ପିଙ୍କି ମୋଦୀ, ଆର୍ତତ୍ରାଣ ପାଢୀ, ପଂଚାନନ ପଧାନ, ରେଡକ୍ରସ କର୍ମୀ ରବିଚନ୍ଦ୍ର ପଶାୟତ, ରାମନାରାୟଣ ଦାସ, ତକ୍ଷକ ଖବରକାଗଜର ସଂପାଦକ ବାବୁ ପୂଜାହାରୀ, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସ୍ୱେଚ୍ଛାସେବୀ ପ୍ରମୋଦ ସାହୁ, ବିଶ୍ୱହିନ୍ଦୁ ପରିଷଦର ବିରଂଚି ନାରାୟଣ ପଣ୍ଡା, ମଜଦୂର ସଂଘର ବଲାଙ୍ଗୀର ଜିଲ୍ଲା ସଭାପତି ରୁଣୁଗୋପାଲ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ସଂଗଠକ ଅକ୍ରୁର ସାହୁଙ୍କୁ ମାନପତ୍ର ଦେଇ ସହଯୋଗ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଶ୍ରମିକନେତା ସ୍ୱର୍ଗତ ଅରୁଣ ସାହୁଙ୍କ ଜନ୍ମଦିବସରେ ତାଙ୍କ ସ୍ମୃତିରେ ଭୀମଭୋଇ ମେଡିକାଲ କଲେଜ ରକ୍ତଭଣ୍ଡାରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । କାର୍ଯ୍ୟକ୍ରମକୁ ଶ୍ରମିକ ନେତା ତଥା ସଂଗଠକ ବିରଂଚି ନାରାୟଣ ପଣ୍ଡା ଓ ଭାରତୀୟ ମଜଦୂର ସଂଘର ସଭାପତି ରୁଣୁଗୋପାଳ ସାହୁ ଶୁଭାରମ୍ଭ କରାଇଥିଲେ । ସ୍ୱର୍ଗତ ଅରୁଣ ସାହୁଙ୍କ ବଡଭାଇ ଅକ୍ରୁର ସାହୁ, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରିରୁରାଜ ସିଂ, ବାବୁ ପୂଜାରୀ, ଫିରୋଜ ସାହୁ, ସଂଗଠକ କମ୍ବୁପାଣି ପୂଜାରୀ, ରେଡକ୍ରସ କର୍ମୀ ରବିଚନ୍ଦ୍ର ପଶାୟତ, ରାମନାରାୟଣ ଦାସ, ସ୍ୱେଚ୍ଛାସେବୀ ତଥା ପୂର୍ବତନ ସରପଂଚ ଧୁବୁନୀ ରଣା, ରୋହିତ ଜୈନ ଓ ଅନ୍ୟମାନେ ସହଯୋଗ କରିଥିଲେ ।

# ବାଇକ୍‌ରୁ ପଡି ମହିଳାଙ୍କ ମୃତ୍ୟୁ

ବଲାଙ୍ଗିର, (ପିପିଏସ୍): ସଡ଼କ ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ ଘଟିଛି । ଗତକାଲି ରାତିରେ ମଣ୍ଡଳ ରୋଡରେ ଏକ ସଡ଼କ ଦୁର୍ଘଟଣା ଘଟିଛି । ମୁଣ୍ଡ ବୁଲାଇବାରୁ ଚଳନ୍ତା ବାଇକରୁ ତଳକୁ ଖସି ପଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ଜଣକ ହେଲେ ବେଲପଡା ବ୍ଲକ ତେନ୍ତୁଳି ମୁଣ୍ଡା ଗ୍ରାମର ଗୁରେନ ସୁନା । ଗୁରେନ ତାଙ୍କର ସମ୍ପର୍କୀୟଙ୍କର ସହିତ କୌଣସି ଏକ ବିବାହ କାର୍ଯ୍ୟରେ ଯୋଗଦେଇ ନିଜ ଗ୍ରାମକୁ ଫେରୁଥିବା ସମୟରେ ମଣ୍ଡଳ ରୋଡ଼ରେ ଏଭଳି ଅଘଟଣ ଘଟିଥିଲା । ଫଳରେ ତାଙ୍କ ମୁଣ୍ଡରେ ଗଭିର କ୍ଷତ ସୃଷ୍ଟି ହୋଇଥିଲା ଏବଂ ତାଙ୍କର ମୃତ୍ୟୁ ଘଟିଥିଲା । ଆଜି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ମୃତ ଗୁରେନଙ୍କର ଶବ ବ୍ୟବଚ୍ଛେଦ ହୋଇଛି ଓ ତାଙ୍କର ପରିବାରର ସହମତିରେ ଭୁବନେଶ୍ୱର ସ୍ଥିତ ଦୃଷ୍ଟି ଦାନ ଆଖି ବ୍ୟାଙ୍କକୁ ତାଙ୍କର ଆଖିର ସ୍ୱଚ୍ଛ ପଟଳ ଦାନ କରାଯାଇଛି ।

# କିମ୍ସ ହସ୍ପିଟାଲ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ଶିବିର



ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ଗୋଶାଣୀ ବ୍ଲକର କେରାଣ୍ଡି ଗ୍ରାମ ପଞ୍ଚାୟତ ଠାରେ କିମ୍ସ ହସ୍ପିଟାଲ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । କେରାଣ୍ଡି ଗ୍ରାମ ପଞ୍ଚାୟତର ସରପଞ୍ଚ ଏରୁସୁ ଦଣ୍ଡପାଣି ଏହି ଶିବିରର ଶୁଭ ଉଦଘାଟନ କରିଥିଲେ । ଏହି ଶିବିରରେ ଡକ୍ଟର ଝାନସି ରାଣୀ, ଡକ୍ଟର ଲକ୍ଷ୍ମୀ ନାରାୟଣ, ଉପସ୍ଥିତ ରହି ରୋଗୀଙ୍କ ଚିକିତ୍ସା କରିବା ସହ ମାଗଣା ଔଷଧ ପ୍ରଦାନ କରିଥିଲେ । ମାଗଣା ବିପି, ସୁଗାର ପରୀକ୍ଷା ସହ ଇସିଜି ଓ ୨ଡି ଇକୋ(ହାର୍ଟ ସ୍କେନ) କରାଯାଇଥିଲା କିମ୍ସ ହସ୍ପିଟାଲର ମାର୍କେଟିଂ ମେନେଜର ଏମ୍ ମନୋହର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିବା ବେଳେ ପୁରୁଣା କେରାଣ୍ଡି ଗ୍ରାମର ୱାର୍ଡ଼ ସଭ୍ୟ ସରୋଜ ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଓଡ଼ିଶାକୁ କେନ୍ଦ୍ରୀୟ ଅବହେଳା
# ପିଏମ୍‌କେଏସ୍‌ୱାଇରେ କେବିକେ ଅଞ୍ଚଳକୁ କେନ୍ଦ୍ରୀୟ ସହାୟତା ପୂର୍ବାପେକ୍ଷା କମିଛି



ବଲାଙ୍ଗୀର(ପିପିଏସ୍): ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇଯୋଜନା (ପିଏମକେଏସୱାଇ)ର ଏକ ଉପାଦାନ ହେଉଛି ଏଆଇବିପି (ତ୍ୱରିତ ସଞ୍ଚାଇ ଲାଭ କାର୍ଯ୍ୟକ୍ରମ) । ଏହି କାର୍ଯ୍ୟକ୍ରମକୁ ବନ୍ଦ କରାଯାଇ ନାହିଁ । କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି କ୍ରମେ ଏଆଇବିପି କାର୍ଯ୍ୟକ୍ରମ ୨୦୨୧ରୁ ୨୦୨୬ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ନିତୀ ଆୟୋଗ ବଲାଙ୍ଗୀରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରିଛି । ନୂଆଦିଲ୍ଲୀ ସଂସଦ ମାର୍ଗସ୍ଥିତ ନୀତି ଆୟୋଗ କାର୍ଯ୍ୟାଳୟରର ଓଡିଶା ଜନସୂଚନା ଅଧିକାରୀ ରାଜେନ୍ଦ୍ର ସିଂ ଏହି ସୂଚନା ଶ୍ରୀ ପଣ୍ଡାଙ୍କୁ ଦେଇଛନ୍ତି । ଓଡିଶାର କେବିକେ ଅଞ୍ଚଳକୁ ବର୍ତ୍ତମାନ କେନ୍ଦ୍ରରାଜ୍ୟ ସହାୟତାହାର ୬୦ ; ୪୦ ରହିଛି ବୋଲି ତଥ୍ୟରେ କୁହାଯାଇଛି । ପୂର୍ବରୁ କେବିକେ ଅଞ୍ଚଳ ପାଇଁଏ ଆଇ ବି ପି ରେକେନ୍ଦ୍ର ରାଜ୍ୟସହାୟତା ହାର ଯଥାକ୍ରମେ୯୦ ; ୧୦ ଥିଲା ବୋଲି ପଣ୍ଡା କହିଛନ୍ତି । ଦେଶର ସତନ୍ତ୍ର ପାହ୍ୟାରାଜ୍ୟମାନଙ୍କ ସହିତ ଓଡିଶାର କେବିକେ ଅଞ୍ଚଳକୁ ଏଆଇବିପିରେ କେନ୍ଦ୍ର ରାଜ୍ୟସହାୟତା ହାର୯୦ ; ୧୦ ଥିଲା । ଏହା ଦ୍ୱାରା କେବିକେ ଅଞ୍ଚଳରେ ଜଳସଚେନର ବିକାଶକେବଳ ପ୍ରଭାବିତ ହେବ ଏହା ନୁହେଁ ଏକ ପଛୁଆ ଅଞ୍ଚଳ ଭାବେ କେନ୍ଦ୍ର ସରକାରଙ୍କ ଯେଉଁକେ ବିକେମାନ୍ୟତା ଥିଲା ତାହା ମଧ୍ୟ ଶେଷ ହେବ ବୋଲି ପଣ୍ଡା କହିଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାର ଏଥିପ୍ରତି ଧ୍ୟାନ ଦେବାକୁ ସୂଚନା କର୍ମୀ ପଣ୍ଡା ଅନୁରୋଧ କରିଛନ୍ତି । ସାଧାରଣ ପାହ୍ୟାରାଜ୍ୟଗୁଡିକ ପାଇଁ ଏହି ଅନୁଦାନ ହାର ଭିନ୍ନ ଥିଲା । ବର୍ତ୍ତମାନ ସାଧାରଣ ପାହ୍ୟା ରାଜ୍ୟମାନଙ୍କ ପାଇଁ କେନ୍ଦ୍ର ରାଜ୍ୟ ସହାୟତା ହାର ଯଥାକ୍ରମେ ୨୫ ; ୭୫ ରହିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, କୃଷି ଓ କୃଷକର ବିକାଶ ପାଇଁ ଜଳସେଚନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତତ୍କାଳୀନ ଭାରତ ସରକାର ୧୯୯୫-୯୬ ମସିହାରେ ଏଆଇବିପି ଯୋଜନା ଆରମ୍ଭ କରିଥିଲେ । ଜଳସେଚନ ରାଜ୍ୟର ବିଷୟବସ୍ତୁ ହୋଇଥିଲେ ମଧ୍ୟ ରଜ୍ୟମାନଙ୍କର ନିର୍ମାଣାଧିନ ଓ ପ୍ରସ୍ତାବିତଜଳସେଚନ ପ୍ରକଳ୍ପଗୁଡିକୁ କେନ୍ଦ୍ରସରକାର ଏହି ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଆଗେଇ ଆସିଥିଲେ । ସତନ୍ତ୍ର ପାହ୍ୟା ରାଜ୍ୟମାନଙ୍କୁ ଓ ଓଡିଶାର ଅବିଭକ୍ତ କେବିକେ ଅଞ୍ଚଳର ଜିଲ୍ଲମାନଙ୍କୁ ତଥା ବର୍ତ୍ତମାନର ୮ଟି ଜିଲ୍ଲାକୁ ସାଧାରଣ ପାହ୍ୟାରାଜ୍ୟ ଅପେକ୍ଷା ଅଧିକ କେନ୍ଦ୍ରୀୟ ଆର୍ଥିକ ସହାୟତାର ବ୍ୟବସ୍ଥା ଥିଲା ନୂଆପଡା ଜିଲ୍ଲାର ଲୋୟର ଇନ୍ଦ୍ର ଏହି ଯୋଜନାରେ ଅଧିକ ମାତ୍ରାରେ କେନ୍ଦ୍ରୀୟ ଅନୁଦାନ ପାଇଛି । ଏ ଆଇବିପି ଯୋଜନା ସଂଶୋଧିତ ହେବା ଫଳରେ ୨୦୨୧ ମାର୍ଚ୍ଚ ମାସରୁ କେବିକେ ଅଞ୍ଚଳର ଅନେକ ନିର୍ମାଣାଧିନ ଓ ପ୍ରସ୍ତାବିତଜଳସେଚନ ପ୍ରକଳ୍ପଗୁଡିକ ପୂର୍ବାପେକ୍ଷା କମ ଆର୍ଥିକ ସହାୟତା ପାଉଛନ୍ତି ଓ ଆଗକୁ ମଧ୍ୟ ଏହି ଧାରା ଜାରି ରହିବବୋଲି ଶ୍ରୀ ପଣ୍ଡା କହିଛନ୍ତି । ରାଜ୍ୟର ସମସ୍ତ ରାଜନୈତିକ ଦଳ ଓ ନେତୃବୃନ୍ଦ ଏହାକୁ ନେଇ ନିରବ ରହିବା, ସମଗ୍ର ଓଡିଶା ଓ ବିଶେଷକରି କେବିକେ ଅଞ୍ଚଳର ଚାଷ ଓ ଚାଷୀଙ୍କସମସ୍ୟା ପ୍ରତି ଉଦାସୀନତା ମନୋଭାବ ବୋଲି ପଣ୍ଡା କହିଛନ୍ତି ।

## ରାଜଧାନୀରେ ପୁଣି ବୋମାମାଡ଼

**ଭୁବନେଶ୍ୱର (ପିପିଏସ୍):** ଦୁଇ ଦିନ ତଳେ ଖାରବେଳ ନଗର ଥାନା ଅଞ୍ଚଳରେ ଥିବା ଏକ ସୁନା ଦୋକାନୀଙ୍କୁ ବୋମା ମାଡ଼ ହୋଇଥିଲା । ଏବେ ପୁଣି ଗତକାଲି ରାତିରେ ଲକ୍ଷ୍ମୀସାଗର ଥାନା ପ୍ରଧାନସାହିରେ ଜଣେ ଘର ଉପରକୁ ହୋଇଥିବା ଅଭିଯୋଗ ହୋଇଛି । ଏନେଇ ଉକ୍ତ ସାହିର ଏସ୍.ତେଲପତି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି । ମିଳିଥିବା ସୂଚନା ଅନୁସାରେ, ଗତକାଲି ରାତି ୧୨ଟା ସମୟରେ ଉକ୍ତ ବସ୍ତିରେ ହଠାତ୍ ଦୁଇ ଜଣ ଯୁବକ ବାଇକ୍‌ରେ ଆସି ୩ଟି ବୋମା ଫିଙ୍ଗିଥିଲେ । ଏଥିରେ କେହି ଆହତ ହୋଇ ନ ଥିବା ବେଳେ କିଛି ଧନ ସମ୍ପତ୍ତି ନଷ୍ଟ ହୋଇ ନ ଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ଶେଷହେଲା 'ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ'

**ଭୁବନେଶ୍ୱର (ପିପିଏସ୍):** ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ମାର୍ଚ୍ଚ ୧୩ ତାରିଖରୁ ଆରମ୍ଭ ହୋଇଥିବା 'ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ-୨୦୨୩' ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ଭାରତର ବିଭିନ୍ନ ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼, ଗୁଜରାଟ, ଝାଡ଼ଖଣ୍ଡ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ସମେତ ଓଡ଼ିଶାରୁ ଜନଜାତି କଳାବସ୍ତୁ କାରିଗରମାନେ ସେମାନଙ୍କ ପାରମ୍ପରିକ କଳାବସ୍ତୁ ପ୍ରଦର୍ଶନ କରିବା ସହ ବିକ୍ରିବଟା କରିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପ୍ରାୟୋଜିତ ଦୁରୁଆମାନଙ୍କ ବିର୍ଲି, ଓମାନାତ୍ୟମାନଙ୍କ ଡାଣ୍ଡା ହୁଲିଆ, ପରଜାମାନଙ୍କର ରିଞ୍ଜୋଡ଼ି ତଥା ଗଦବାମାନଙ୍କର ଢେମ୍‌ସା ନାଚ ଦର୍ଶକମାନଙ୍କୁ ମନୋରଞ୍ଜନ ଯୋଗାଇଥିଲା । ଏହି ଅବସରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ୬ଟି ନୃତ୍ୟଦଳ ଏବଂ କଳାବସ୍ତୁ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଓଡ଼ିଶା ତଥା ଅନ୍ୟ ରାଜ୍ୟର ସମସ୍ତ କାରିଗରଙ୍କୁ ପୁରସ୍କୃତ କରିଥିଲେ ।

## ନାବାଳିକାକୁ ଅସଦାଚରଣ, ଯୁବକ ଗିରଫ

**ଭୁବନେଶ୍ୱର (ପିପିଏସ୍):** ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଭରତପୁର ଥାନା ପୁଲିସ ପୁରୀ ଡେଲାଙ୍ଗ ଅଞ୍ଚଳର ସତ୍ୟବ୍ରତ ବେହେରା(୨୩)କୁ ଗିରଫ କରିଛି । ପୁଲିସ ସୂଚନାନୁସାରେ ଅଭିଯୁକ୍ତ ସତ୍ୟବ୍ରତ ପୂର୍ବରୁ ଅଭିଯୋଗକାରୀଙ୍କ ଘରେ ରଙ୍ଗମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲା । ଗତ ୮ତାରିଖ ଅପରାହ୍ ?ଣରେ ନାବାଳିକା ଘରେ ଏକୁଟିଆ ଥିବା ଦେଖି ତାକୁ ଅସଦାଚରଣ କରିଥିଲା । ତେବେ ନାବାଳିକାର ପାଟି ଶୁଣି ପଡ଼ୋଶୀମାନେ ସେଠାରେ ପହଞ୍ଚି ତାକୁ ଉଦ୍ଧାର କରିବା ସହିତ ଅଭିଯୁକ୍ତକୁ କାବୁ କରି ପୁଲିସ୍ ଜିମା ଦେଇଥିଲେ ।

## ବାଇକ୍ ଜବତ, ୨ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଚେକିଂ ବେଳେ ପୁଲିସକୁ ଚକ୍‌ମା ଦେଇ ଖସିଯିବାକୁ ବସିଥିବା ଜଣେ ବାଇକ୍ ଚୋରକୁ ଖଣ୍ଡଗିରି ଥାନା ପୁଲିସ୍ ଗିରଫ କରିଛି । ତା' ତଥ୍ୟ ଆଧାରରେ ପୁଲିସ୍ ଅନ୍ୟ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ମୋଟ ୨ଟି ଚୋରା ବାଇକ୍ ଜବତ କରିଛି । ଅଭିଯୁକ୍ତଦ୍ୱୟ ହେଲେ, କଟକ ଦରଘା ବଜାରର ଏମ୍‌ଡି ସାହିଲ୍(୩୮) ଓ ଭରତପୁର ହରପାର୍ବତୀ ସାହିର ରାକେଶ ନାୟକ(୨୬) । ପୁଲିସ୍ ସୂଚନାନୁସାରେ, ଗତ ୧୮ ତାରିଖ ସନ୍ଧ୍ୟାରେ ଖଣ୍ଡଗିରି ଥାନାର ଏକ ସ୍ପେସାଲ ଟିମ ଏମ୍‌ସ ଅଣ୍ଡରପାସ ନିକଟରେ ଗାଡ଼ି ଚେକିଂ କରୁଥିବା ବେଳେ ଏମ୍.ଡି ସାହିଲ ଏକ ପଲସରରେ ଆସି ଦ୍ରୁତ ଗତିରେ ଏମ୍ସ ଆଡ଼କୁ ପଳାଇବା ପାଇଁ ଚେଷ୍ଟା କରିଥିଲା । କିନ୍ତୁ ସେଠାରେ ଥିବା ପୁଲିସ୍ କର୍ମଚାରୀମାନେ ତାକୁ କାବୁ କରିନେଇଥିଲେ । ପଚରାଉଚରା ବେଳେ ଜଣାପଡ଼ିଥିଲା ଯେ, ସାହିଲର ଏମ୍‌ସ ରାସ୍ତାରେ ଏକ ଗ୍ୟାରେଜ ଅଛି ଏବଂ ରାକେଶ ତାକୁ ଏକ ଚୋରା ବାଇକ୍ ବିକ୍ରି କରିବା ପାଇଁ ଦେଇଥିଲା । ତା' ତଥ୍ୟ ଆଧାରରେ ପୁଲିସ୍ ହରପାର୍ବତୀ ସାହିରେ ଚଢ଼ଉ କରି ରାକେଶକୁ ଗିରଫ କରିଥିଲା ।

## ଟାଟା ପାୱାର ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଲା ନବ ନିର୍ମାଣ କୃଷକ ସଂଘ



**ଭୁବନେଶ୍ୱର (ପିପିଏସ୍):** ବିଦ୍ୟୁତ୍ ଯୋଗାଣରେ ଦୁର୍ନୀତି ତଥା ଉପଭୋକ୍ତାଙ୍କୁ ଟାଟା ପାୱାର ଶୋଷଣ କରୁଥିବା ଅଭିଯୋଗ କରି ଆନ୍ଦୋଳନକୁ ଓହ୍ଲାଇଛି ନବ ନର୍ମାଣ କୃଷକ ସଂଗଠନ । ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠୁ ବିଧାନସଭା ଅଭିମୁଖେ ନବ ନିର୍ମାଣ କୃଷକ ସଂଘର ବିଶାଳ ରାଲି ବାହାରିଥିଲା । ଟାଟା ପାୱାର ଲୋକଙ୍କୁ ଲୁଟୁଥିବା ନେଇ ସଙ୍ଗଠନର ଅଭିଯୋଗ । ଚାଷୀଙ୍କ ବିଜୁଳି ବିଲ ମୁକ୍ତ କରିବା ସହ ଟାଟା ପାୱାରକୁ ବିଦା କରିବାକୁ ଦାବି କରିଛି ସଙ୍ଗଠନ ।

## 'ଜଳ ପ୍ରକୃତିର ଶ୍ରେଷ୍ଠ ଦାନ'

**ଭୁବନେଶ୍ୱର (ପିପିଏସ୍):** ସ୍ୱେଚ୍ଛାସେବୀ ସଂଗଠନ କସ୍ତୁରୀ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ଜଳ ପ୍ରକୃତିର ଶ୍ରେଷ୍ଠ ଦାନ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜୟଦେବ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଯନ୍ତ୍ରୀ ଇଂ ହାଡ଼ିବନ୍ଧୁ ବେହେରା ଉଦ୍‌ଘାଟନ କରିଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ଡ. ବିଶ୍ୱନାଥ ପଟ୍ଟନାୟକ, ପ୍ରଫେସର ଶଶୀକାନ୍ତ ରାଉତ, ପ୍ରଫେସର ବୁଦ୍ଧଦେବ ସାଇଁ, ଶିକ୍ଷାବିତ୍ ସୁସ୍ମିତା ଶତପଥୀ, ସ୍ନେହଲତା ତ୍ରିପାଠୀ, ଶରତ କୁମାର ମଣ୍ଡଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଛାତ୍ରଛାତ୍ରୀମାନେ ଜଳର ସୁରକ୍ଷା ଜଳର ସଦୁପଯୋଗ ଓ ଜଳର ଅବକ୍ଷୟ ଉପରେ ଚିତ୍ରାଙ୍କନ ଅନୁଷ୍ଠିତ ହୋଇଥିଲା । ଏହାସହ ଜଳର ସଦୁପଯୋଗ କିଭଳି ହୋଇପାରିବ ସେ ପ୍ରତି ଯତ୍ନବାନ ହେବା ପାଇଁ ଛାତ୍ରଛାତ୍ରୀମାନେ ପ୍ରବନ୍ଧ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବା ସହ ଶପଥ ନେଇଥିଲେ । ଏହାପରେ ବକ୍ତୃତା ପ୍ରତିଯୋଗିତାରେ ଜଳର ଅଭାବ କ'ଣ ଓ ଅଙ୍ଗେ ନିଭାଇଥିବା ବିଭିନ୍ନ ଅନୁଭୂତି ସମ୍ପର୍କରେ ଛାତ୍ରଛାତ୍ରୀମାନେ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଙ୍କିତା ଓ ଅର୍ପିତା ପରିଚାଳନା କରିଥିଲେ । ଆସନ୍ତା ମଇ ମାସରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ପାଇଁ କସ୍ତୁରୀ ପକ୍ଷରୁ ୪ଦିନ ଧରି ପ୍ରତ୍ୟେକ ରବିବାର ଜୟଦେବ ଭବନଠାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ।

## ବରିଷ୍ଠ ନାଗରିକ ମହାସଂଘର ବସନ୍ତ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ବସନ୍ତ ଉତ୍ସବ ନୀଳାଦ୍ରି ବିହାର ସ୍ଥିତ ଗ୍ରାଣ୍ଡ ଲୁମ୍ବିନୀ କନ୍‌ଭେନସନ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ମହାସଂଘର ସଭାପତି ଡ. ମଧୁମାଧବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ପ୍ରଥମ ପଟ୍ଟନାୟକ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଡ. ହାସନ ଖାଁ, ଡ. କାର୍ତ୍ତିକ କୁମାର ଦାସ, ପୂର୍ବତନ ପ୍ରଶାସକ ଦୋଳଗୋବିନ୍ଦ ତ୍ରିପାଠୀ, ଶିକ୍ଷାବିତ୍ ପୁଷ୍ପଶ୍ରୀ ମହାପାତ୍ର ପ୍ରମୁଖ ଯୋଗଦେଇ ବସନ୍ତ ଆଗମନରେ ପ୍ରକୃତିର ହସ ଓ ମାନବ ସମାଜରେ ଏହାର ପ୍ରଭାବ ଉପରେ ଆଲୋକପାତ କରିଥିଲେ । ଡ. ଗୌରବ ନାୟକ ବରିଷ୍ଠ ନାଗରିକଙ୍କ ଫୁସଫୁସ୍ ଜନିତ ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ସଚେତନ କରାଇଥିଲେ । ସମ୍ପାଦକ ଡ. ଯୁଗଳ କିଶୋର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲା ବେଳେ ଆଶାଲତା ରାଉତରାୟ ଭାଗବତ ଗୀତା ପାଠ କରିଥିଲେ ।

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବରମୁଣ୍ଡା ବସ ଟର୍ମିନାଲ୍



**ଭୁବନେଶ୍ୱର (ପିପିଏସ୍):** ବରମୁଣ୍ଡା ଆନ୍ତର୍ଜାତୀୟ ବସ୍ ଟର୍ମିନାଲ୍ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ । ଇତି ମଧ୍ୟରେ ବସ୍ ଡିପୋ କାମ ସମ୍ପୂର୍ଣ୍ଣ ହୋଇଛି ଓ ଆଇଏସ୍‌ବିଟି କାମ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ବର୍ତ୍ତମାନ ବିଲ୍ଡି ରଙ୍ଗ କାମ ଶଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ବିଦ୍ୟୁତ ଓୟାରିଂ ଓ ଗ୍ଲାସ କାମ ମଧ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହି କାମ ତୁରନ୍ତ ଶେଷ ହେବା ସହ ରାଜ୍ୟବାସୀଙ୍କ ପାଇଁ ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲ ଖୁବ୍‌ଶୀଘ୍ର ଲୋକାର୍ପଣ ହେବ ବୋଲି ସୂଚନା ମିଳିଛି । ଅନ୍ୟପଟେ ଜାରି ରହିଥିବା ବାକି କାମ ତୁରନ୍ତ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ନିର୍ଦ୍ଦେଶ ଦେଇଛନ୍ତି । ରବିବାର ମୁଖ୍ୟ ସଚିବ ନିର୍ମାଣାଧୀନ ବସ୍ ଟର୍ମିନାଲକୁ ଯାଇ ଜାରି ରହିଥିବା କାର୍ଯ୍ୟର ସମୀକ୍ଷା କରିବା ସହିତ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । କେବେ କାମ ଶେଷ ହେବ ଓ ଯାତ୍ରୀଙ୍କୁ ମିଳିବାକୁ ଥିବା ସମସ୍ତ ସୁବିଧା ସମ୍ପର୍କରେ ମଧ୍ୟ ମୁଖ୍ୟ ସଚିବ ସମୀକ୍ଷା କରିଛନ୍ତି ।

ପ୍ରତିଦିନ ଏଠାରୁ ରାଜ୍ୟ ତଥା ରାଜ୍ୟ ବାହାରକୁ ଶତାଧିକ ବସ୍ ଚଳପ୍ରଚଳ କରୁଛି । ଯାତ୍ରୀଙ୍କ ସୁବିଧା, ନିରାପତ୍ତା ତଥା ଆବଶ୍ୟକତାକୁ ଦୃଷ୍ଟିରେ ରଖି '୫-ଟି' ଉପକ୍ରମରେ ଏହି ବସ ଟର୍ମିନାଲ୍ ନିର୍ମାଣ କରାଯାଉଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୨୦୨୦ ମସିହାରୁ ବସ୍ ଟର୍ମିନାଲ୍‌ର ନବକଳେବର ଆରମ୍ଭ ହୋଇଥିବା ବେଳେ ଏଥିପାଇଁ ୧୮୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୧୮୦ କୋଟି ଟଙ୍କା ବ୍ୟୟରେ ୧୫.୫ ଏକର ଜମି ଉପରେ ଏହି ଆନ୍ତଃରାଜ୍ୟ ବସ ଟର୍ମିନାଲ୍‌ର ନିର୍ମାଣ ଜାରି କରିଛି । ଏଠାରେ ପାର୍କିଂ, ଏଟିଏମ୍, ଫୁଡ୍‌କୋର୍ଟ, ରେଷ୍ଟୁରାଣ୍ଟ, ବ୍ୟବସାୟିକ ଅଞ୍ଚଳ ଆଦି ରଖାଯାଇଛି । ଗତ ୨୦୨୦ ଶେଷ ଆଡ଼କୁ ବରମୁଣ୍ଡା ବସ୍ ଟର୍ମିନାଲ୍ କାମ ଆରମ୍ଭ ହୋଇଥିଲା । ମୁଖ୍ୟମନ୍ତ୍ରୀ ନିଜେ ବରମୁଣ୍ଡା ଯାଇ ନିର୍ମାଣ କାମ ସମୀକ୍ଷା କରିଥିଲେ । ପ୍ରାୟ ୧୦ ବର୍ଷ ଧରି ବିଭିନ୍ନ ସମସ୍ୟା ପାଇଁ କାର୍ଯ୍ୟ ଅଟକିବା ପରେ ବସ୍‌ଟର୍ମିନାଲ୍ ସହିତ ବିଭିନ୍ନ ପ୍ରକାର ବ୍ୟବସାୟ ପ୍ରତିଷ୍ଠାନ ସାଙ୍ଗକୁ ଫୁଡ୍‌କୋର୍ଟର ବ୍ୟବସ୍ଥା କରିବା ପାଇଁ ଅନୁମିତି ମିଳିଥିଲା । ଏହି ନୂତନ ବସଷ୍ଟାଣ୍ଡ ଉନ୍ନତିକରଣ କାର୍ଯ୍ୟ ବ୍ରିଜ୍ ଆଣ୍ଡ୍ ରୁଫ୍ କମ୍ପାନୀକୁ ଦିଆଯାଇଛି । କୋଭିଡ୍ ଯୋଗୁଁ ବସ୍ ଟର୍ମିନାଲ୍ ନିର୍ମାଣରେ ସାମାନ୍ୟ ସମସ୍ୟା ସୃଷ୍ଟି ହୋଇଥିଲା । ହେଲେ ତୁରନ୍ତ ପ୍ରକଳ୍ପ କାମ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଏଥିପାଇଁ ନିୟମିତ ଭାବେ ସମୀକ୍ଷା କରାଯାଉଛି । ଏବେ ନିର୍ମାଣ କାମ ଦ୍ରୁତ ଗତିରେ ଚାଲୁଛି । ମୁଖ୍ୟ ଶାସନ ସଚିବଙ୍କ ଏହି ଗସ୍ତ ସମୟରେ ବିଡିଏ ଉପାଧ୍ୟକ୍ଷ, ଖୋର୍ଦ୍ଧା ଜିଲ୍ଲାପାଳ, ପରିବହନ କମିସନ, ଭୁବନେଶ୍ୱର ଡିସିପିଙ୍କ ସମେତ କ୍ରୁଟ୍‌ର ଜେନେରାଲ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ । ବସ୍ ଟର୍ମିନାଲ୍‌ର ବେସ୍‌ମେଣ୍ଟରେ ପ୍ରଥମ ମହଲାରେ ବାଇକ୍ ଓ କାର ପାର୍କିଂ ସହିତ ଟିକଟ୍ କାଉଣ୍ଟର ମଧ୍ୟ ରହିବ । ଏହାର ଉପରମହଲାରେ ବସ୍ ଚଳାଚଳ ପାଇଁ କଣ୍ଟ୍ରୋଲ୍‌ରୁମ୍ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ରହିବ । ଏହି ବସ୍ ଟର୍ମିନାଲରେ ୩୫ଟି ବସ୍ ବେ' ରହିବା ସହ ୨୦୦ଟି ବସ୍ ରହଣି ପାଇଁ ପାର୍କିଂ ସ୍ପେସ ମଧ୍ୟ କରାଯିବାର ବ୍ୟବସ୍ଥା ହୋଇଛି । ଏତଦ୍ ବ୍ୟତୀତ ଯାତ୍ରୀଙ୍କ ସୁବିଧା ପାଇଁ ୨୫୦ରୁ ଅଧିକ ଚାରି ଚକଆ ଓ ୧୭୫ଟି ଦୁଇଚକିଆ ଯାନର ପାର୍କିଂ ପାଇଁ ଏଠାରେ ବ୍ୟବସ୍ଥା କରାଯିବାକୁ ଯୋଜନା କରାଯାଇଛି ।

## ବାର୍ ଡ୍ୟାନସର୍ ଦଲାଲଙ୍କୁ ଅପହରଣ ଓ ଆକ୍ରମଣ ଘଟଣାରେ ୨ ଗିରଫ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀର ବିଭିନ୍ନ ବାର୍‌କୁ ଡ୍ୟାନସର ଯୋଗାଉଥିବା ଜଣେ ଅଣ-ଓଡ଼ିଆ ଦଲାଲଙ୍କୁ ଅପହରଣ କରିବା ସହ ଉଲଗ୍ନ କରି ମାଡ଼ ମାରିବା ଘଟଣାରେ ଧଉଳି ଥାନା ପୁଲିସ୍ ଦୁଇ ବଙ୍ଗୀୟ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ, କାଜଲ ଦାସ (୨୮) ଏବଂ କୌଶିକ ବାସୁ (୪୨) । ଏ ଦୁଇଜଣ ମଧ୍ୟ ବାର୍‌କୁ ଡ୍ୟାନସର ଯୋଗାଉଥିବା ଦଲାଲ । ଏମାନଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଥିବା ଯୁବକଜଣଙ୍କ ହେଲେ, ପ୍ରଦୀପ୍ତ କୁମାର ଗୁପ୍ତା । ପୁଲିସ୍‌ଠାରୁ ମିଳିଥିବା ସୂଚନାନୁଯାୟୀ, ଭୁବନେଶ୍ୱରରେ ଥିବା ଏକ ବାର୍‌ର ମ୍ୟାନେଜର୍ କେବଳ ତାଙ୍କ ବାରକୁ ଡ୍ୟାନସର୍ ଯୋଗାଇବା ଲାଗି ପ୍ରଦୀପ୍ତଙ୍କ ଉପରେ ଚାପ ପକାଇଥିଲେ । କିନ୍ତୁ ପ୍ରଦୀପ୍ତ ଏଥିରେ ରାଜି ନ ହେବାରୁ କାଜଲ ଓ କୌଶିକଙ୍କ ସହ ମିଶି ବାରର ମ୍ୟାନେଜର ଗତ ୧୩ ତାରିଖ ବିଳମ୍ବିତ ରାତିରେ ତାଙ୍କୁ ଅପହରଣ କରି ନେଇଥିଲେ । ସେମାନେ ପ୍ରଦୀପ୍ତଙ୍କୁ ଇନ୍ଦିରା କଲୋନି ଅଞ୍ଚଳରେ ଥିବା ଏକ ଘରେ ରଖି ନିର୍ଘାତ ମାଡ଼ ମାରିଥିଲେ । ସେମାନେ ପ୍ରଦୀପ୍ତଙ୍କୁ ଉଲଗ୍ନ କରି ଏକ ଲୁହା ପାଇପ୍‌ରେ ମାଡ଼ ମାରିବା ସହ ମୋବାଇଲ୍‌ରେ ଏହାର ଭିଡିଓ ଉତ୍ତୋଳନ କରିଥିଲେ । ପ୍ରଦୀପ୍ତ ନେହୁରା ହେବାରୁ ସେମାନେ ତାଙ୍କୁ ୧୩ ଲକ୍ଷ ଟଙ୍କା ବଦଳରେ ଛାଡ଼ିବାକୁ ରାଜି ହୋଇଥିଲେ । ପ୍ରଥମ ଦଫାରେ ସେମାନେ ପ୍ରଦୀପ୍ତଙ୍କଠାରୁ ୩ଲକ୍ଷ ଟଙ୍କା ନେଇଥିଲେ । ବାକି ୧୦ ଲକ୍ଷ ଟଙ୍କା ଶୀଘ୍ର ନ ଦେଲେ ତାଙ୍କ ଉଲଗ୍ନ ଭିଡିଓକୁ ଭାଇରାଲ କରିଦେବେ ବୋଲି ଅଭିଯୁକ୍ତମାନେ ଧମକ ଦେଇଥିଲେ । ତେବେ ଦାବି ମୁତାବକ ଟଙ୍କା ନପାଇବାରୁ ଅଭିଯୁକ୍ତମାନେ ଉକ୍ତ ଭିଡିଓକୁ ଭାଇରାଲ କରିଦେଇଥିଲେ । କିନ୍ତୁ ଏ ପଦକ୍ଷେପ ତାଙ୍କ ଉପରେ ଭାରି ପଡ଼ି ଯାଇଥିଲା ।ଏ ଘଟଣା ଲୋକଲୋଚନକୁ ଆସିବାରୁ ପ୍ରଦୀପ୍ତ ଧଉଳି ଥାନାରେ ଅଭିଯୋଗ କରିଥିଲେ । ପୁଲିସ୍ ଏନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା । ଏହି ଘଟଣାରେ ପୁଲିସ୍ କୌଶିକ ଓ କାଜଲଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ତନାଘନା ଚଳାଇଛି । ପୁଲିସ୍‌ର ଏକ ଟିମ୍ ରାତିଅଧିଆ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ଜଣାଯାଇଛି ।

# ନବ ଦାସ ହତ୍ୟା ପ୍ରସଙ୍ଗ ନେଇ ଛାତ୍ର କଂଗ୍ରେସ କର୍ମୀ ଓ ପୁଲିସ ଧସ୍ତାଧସ୍ତି



**ଭୁବନେଶ୍ୱର (ପିପିଏସ୍):** ମନ୍ତ୍ରୀ ନବ ଦାସ ହତ୍ୟା ମାମଲା ଓ ଏହାର ତଦନ୍ତ ପ୍ରକ୍ରିୟାକୁ ନେଇ ବିଧାନସଭା ଆଗରେ ପୁଲିସ ଓ ଛାତ୍ର କଂଗ୍ରେସ କର୍ମୀ ଧସ୍ତାଧସ୍ତି ହୋଇଛନ୍ତି । ବିଧାନସଭା ଘେରାଉ ପାଇଁ ଯିବା ବେଳେ ପୁଲିସ ସହ କିଛି ଛାତ୍ର କଂଗ୍ରେସ କର୍ମୀ ଧସ୍ତାଧସ୍ତି ହୋଇଥିଲେ । ନବ ଦାସ ହତ୍ୟା ପ୍ରସଙ୍ଗରେ ଭଟଲି ବିଧାୟକ ସୁଶାନ୍ତ ସିଂହଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରିଛି ଛାତ୍ର କଂଗ୍ରେସ । ଏହି ଆନ୍ଦୋଳନକୁ ଦମନ କରିବାକୁ ଯାଇ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ କେତେକ କର୍ମୀଙ୍କୁ ଉଠାଇନେଇଥିଲା । ଏହା ଆଗରୁ ବିଧାୟକ ସୁଶାନ୍ତ ସିଂହଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନ ଘେରିଥିଲା ଛାତ୍ର କଂଗ୍ରେସ । ନବ ଦାସ ହତ୍ୟା ମାମଲାରେ ସୁଶାନ୍ତଙ୍କୁ ତଦନ୍ତ ପରିସରଭୁକ୍ତ ଦାବି କରିବା ସହ ସୁଶାନ୍ତଙ୍କ ଘର ଉପରକୁ ଟମାଟୋ ମାଡ଼ କରିଥିଲେ ଛାତ୍ର କଂଗ୍ରେସର ସଦସ୍ୟ । ଫଳରେ ପୁଲିସ ଛାତ୍ର କଂଗ୍ରେସ କର୍ମୀଙ୍କୁ ଅଟକାଇବାକୁ ଯାଇ ଏଭଳି ମୁହାଁମୁହିଁ ହୋଇଥିଲା ।

ସୂଚନାଯୋଗ୍ୟ ରାଜ୍ୟର ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ହତ୍ୟାକୁ ପାଖାପାଖି ୨ମାସ ହୋଇଥିଲେ ବି ପୁଲିସ ହତ୍ୟାର କାରଣ ଖୋଜି ପାଉନି । ଯାହାକୁ ନେଇ ସାରା ରାଜ୍ୟରେ ସମାଲୋଚନାର ଶିକାର ହେଉଛନ୍ତି ରାଜ୍ୟ ସରକାର ଓ ପୁଲିସ ପ୍ରଶାସନ । ଅପର ପକ୍ଷରେ ବିରୋଧୀ ଦଳ ଏହି ହତ୍ୟା ଘଟଣାରେ ଶାସକ ଦଳର ନେତା ତଥା ରାଜ୍ୟ ସରକାର ଏହି ଘଟଣାରେ ସଂପୃକ୍ତ ଥିବା ଆରୋପ ଲଗାଉଛନ୍ତି । ଏପରିକି ବିଧାନସଭା ଭିତରେ ଓ ବାହାରେ ଆନ୍ଦୋଳନର ସ୍ୱର ତୀବ୍ର ହେଉଛି । ଯେଉଁଠି ଜଣେ କ୍ୟାବିନେଟ୍ ମନ୍ତ୍ରୀ ସୁରକ୍ଷିତ ନୁହନ୍ତି, ସେଠି ସାଧାରଣ ଜନତାଙ୍କୁ କିପରି ଏ ସରକାର ସୁରକ୍ଷା ଦେବ ବୋଲି ବିରୋଧୀ ପ୍ରଶ୍ନ କରୁଛନ୍ତି ।

## ଗୋପିକା ବର୍ମାଙ୍କୁ ମାହାରୀ ସମ୍ମାନ

**ଭୁବନେଶ୍ୱର (ପିପିଏସ୍):** ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ଜୟନ୍ତୀ ଅବସରରେ 'ଗୁରୁ ପଙ୍କଜ ଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ' ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ 'ଗୁରୁ ପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନ' ପ୍ରଦାନ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି । ସନ୍ଧ୍ୟାରେ ଅତିଥି ଭାବେ ପୂର୍ବତନ ପ୍ରଶାସକ ଆଶୋକ କୁମାର ତ୍ରିପାଠୀ ଓ ଷ୍ଟେଟ୍ ବ୍ୟାଙ୍କର ମହାପ୍ରବନ୍ଧକ ଉତ୍ତମ ହାଦରା ଚୌଧୁରୀ ଯୋଗ ଦେଇଥିଲେ । ଏହି ଅବସରରେ ନୃତ୍ୟଶିଳ୍ପୀ ଗୋପିକା ବର୍ମାଙ୍କୁ 'ମାହାରୀ ସମ୍ମାନ' ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଗୁରୁ ଶରତ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ବଟକୃଷ୍ଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ସାଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ଆରମ୍ଭ ହୋଇଥିଲା ସତ୍ୟାଭାମା ନୃତ୍ୟାଭିନୟରୁ । ଯାହାକୁ ପରିବେଷଣ କରିଥଲେ ଶିଳ୍ପୀ ଗୋପିକା ବର୍ମା । ପରବର୍ତ୍ତୀ ପ୍ରସ୍ତୁତିରେ ଶୁଭ୍ରା ମାଇଟି ଘୋଷ ଶୁଦ୍ଧ ନୃତ୍ୟ ପରିବେଷଣ କରିଥିଲେ । ଏହାପରେ ଶିଳ୍ପୀ ପୂଜା କାଲେଙ୍କ ପ୍ରସ୍ତୁତିରେ ଥିଲା ଶଙ୍କରାଭରଣ ପଲ୍ଲବୀ ଓ ଅଭିନୟରେ ଲୀଳାନିଧି ହେ... । ସେହିପରି ଶିଳ୍ପୀ ଡ. ଶୁଭଶ୍ରୀ ପଟ୍ଟନାୟକ ଶ୍ୟାମ ହେ ସତକୁହ... ନୃତ୍ୟାଭିନୟ ପରଷି ଦେଇଥିଲେ । ଶେଷ ପ୍ରସ୍ତୁତିରେ ଶିଳ୍ପୀ ସୋନାଲି ମହାନ୍ତିଙ୍କ ପ୍ରସ୍ତୁତିରେ ଥିଲା ରାଗେଶ୍ରୀ ପଲ୍ଲବୀ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ ।

# ଅଭିନବ ଉପାୟରେ ତଥ୍ୟ ହାସଲ କରୁଛନ୍ତି ସାଇବର ଠକ



ଭୁବନେଶ୍ୱର, (ପିପିଏସ) : ସର୍ବସାଧାରଣରେ ଫୋନ୍ ନମ୍ବର ଦେଉଥିଲେ ହୋଇଯାଆନ୍ତୁ ସତର୍କ । ନ ହେଲେ ଆପଣଙ୍କ ଆକାଉଣ୍ଟରୁ ଟଙ୍କା ସବୁ ଗୋଲ୍ ହୋଇଯିବ । ସାଇବର୍ ଠକ ଲୋକଙ୍କୁ ବିଭିନ୍ନ ଉପାୟରେ ଫୋନ୍ ନମ୍ବର ନେଇ ଠକେଇ କରୁଛନ୍ତି । ଏଭଳି ଘଟଣା ଓଡ଼ିଶାର ଅନ୍ୟ ଜିଲ୍ଲା ସହ ଭୁବନେଶ୍ୱରରେ ବହୁଳ ମାତ୍ରାରେ ଦେଖିବାକୁ ମିଳୁଛି । ଏ ନେଇ ପୁଲିସ ପକ୍ଷରୁ ସତର୍କ କରାଯାଇଛି । ଅନେକ ଲୋକେ ମଲ୍ ଯାଇ ସେଠାରୁ ପୋଷାକ ଏବଂ ଅନ୍ୟ ଘର କରଣା ସାମଗ୍ରୀ କିଣୁଛନ୍ତି । ହେଲେ ମଲରେ ଟଙ୍କା ପୈଠ କରିବା ସମୟରେ କାଉଣ୍ଟରେ ବସିଥିବା କର୍ମଚାରୀ ଫୋନ୍ ନମ୍ବର ମାଗୁଛନ୍ତି । ସେଠାରେ ଫୋନ୍ ନମ୍ବର ଦେବା ପରେ ତାହା ମଲ୍ ମାଲିକଙ୍କ ନିକଟରେ ତଥ୍ୟ ରହିଯାଉଛି । ହାତ ଗଣତି ଲୋକେ ନୁହେଁ ମଲ୍‌କୁ ଆସୁଥିବା ଶତାଧିକ ଲୋକଙ୍କ ତଥ୍ୟ ତାଙ୍କ ନିକଟରେ ରହୁଛି । ପରେ ଏହି ତଥ୍ୟକୁ ସେମାନେ ସାଇବର ଠକଙ୍କୁ ବିକ୍ରି କରୁଛନ୍ତି । ପ୍ରତି ଲୋକଙ୍କ ଡାଟା ୨ଶହ ଟଙ୍କାରେ ବିକ୍ରି କରାଯାଉଛି । ଫଳରେ ସାଇବର୍ ଠକ ଉକ୍ତ ନମ୍ବର ଆଧାରରେ ବ୍ୟକ୍ତିଙ୍କ ନାମ ଏବଂ ଠିକଣା ଜାଣି ଫୋନ୍‌ରେ ବିଭିନ୍ନ ଲୋଭ ଦେଖାଉଛନ୍ତି । ଏବେ ପେଟ୍ରୋଲ ପମ୍ପରେ କିଛି ଯୁବକ, ଯୁବତୀ ଛିଡ଼ା ହୋଇ ଫୋନ୍ ନମ୍ବର ମାଗୁଛନ୍ତି । ସେମାନେ ପ୍ରଥମେ ଅଟକାଇ ପୁରସ୍କାର ବିଜେତା ଲୋଭ ଦେଖାଇ ଫୋନ୍ ନମ୍ବର ନିଅନ୍ତି । ନମ୍ବର ନେବା ପରେ ବିଜେତା ହେଲେ ଫୋନ୍ ଯିବ ବୋଲି କହିଥାନ୍ତି । ଅନେକ ଲୋକେ ଲୋଭରେ ପଡ଼ି ସବୁ ତଥ୍ୟ ଦେଇଥାନ୍ତି । ଏହି ତଥ୍ୟ ନେବା ପରେ ସମସ୍ତଙ୍କୁ ଫୋନ୍ କରି ବିଜେତା ହୋଇଥିବା କହିଥାନ୍ତି । ଅଫିସ୍‌କୁ ଯାଇ ପରିବାର ସହ ପୁରସ୍କାର ନେବାକୁ କହିଥାନ୍ତି । ଆପଣ ସେମାନଙ୍କ ଅଫିସ୍‌କୁ ଯିବା ପରେ ସେମାନେ ଲୋଭରେ ପକାଇ ଇନ୍ସ୍ୟୁରାନ୍ସ କରି ନେଇଥାନ୍ତି । କେବଳ ଏତିକି ନୁହେଁ ସେମାନଙ୍କ କାମ ଶେଷ ହେବା ପରେ ଏହାକୁ ସାଇବର ଠକଙ୍କୁ ବିକ୍ରି କରି ଦେଇଥାନ୍ତି । ଏବେ ବ୍ୟାଙ୍କ୍‌ର କିଛି କର୍ମଚାରୀ ଟଙ୍କା ଲୋଭରେ ଉପଭୋକ୍ତାଙ୍କ ତଥ୍ୟକୁ ସାଇବର ଠକଙ୍କୁ ବିକ୍ରି କରୁଛନ୍ତି । ସାଇବର ଠକଙ୍କୁ ୧୦୦ ଜଣ ବ୍ୟକ୍ତିଙ୍କ ଡାଟାକୁ ୫ହଜାର ଟଙ୍କାରେ ବିକ୍ରି ହେଉଛି । ଗତ ବର୍ଷ ରସୁଲଗଡ଼ରୁ ୪ଜଣ ସାଇବର ଠକଙ୍କୁ ଗିରଫ କରାଯାଇଥିଲା । ପରେ ସେମାନଙ୍କୁ ପଚରାଉଚରା କରାଯିବା ପରେ ସେମାନେ ବ୍ୟାଙ୍କ୍‌ରୁ ଡାଟା କିଣି ନେଇଥିବା ସ୍ୱୀକାର କରିଥିଲେ । ଅନେକ ଘରୋଇ ସଂସ୍ଥା ସର୍ଭେ ଆଳରେ ଘରକୁ ଘରକୁ ଯାଇ ତଥ୍ୟ ମାଗୁଛନ୍ତି । ଲୋକେ ସରକାରୀ ସୁବିଧା ପାଇବା ଆଶାରେ ବ୍ୟକ୍ତିଗତ ତଥ୍ୟ ଦେଉଛନ୍ତି । ଏହି ତଥ୍ୟ ନେବା ପରେ ଘରୋଇ ସଂସ୍ଥା ସାଇବର ଠକଙ୍କୁ ତଥ୍ୟ ବିକ୍ରି କରୁଛନ୍ତି । ଏନେଇ ପୁଲିସ ଲୋକଙ୍କୁ ସଚେତନ କରିଛନ୍ତି ଯେ, କାହାରିକୁ ବ୍ୟକ୍ତିଗତ ତଥ୍ୟ ଦିଅନ୍ତୁ ନାହିଁ ।

## ସର୍ଗତ ପ୍ରଫେସର ଶଶୀମଣୀ ପଣ୍ଡାଙ୍କୁ ଶଦ୍ଧାଞ୍ଜଳୀ



କଣ୍ଟାପଡା(ପିପିଏସ): ଓମ୍‌ସାର ସଭାନେତ୍ରୀ ତଥା କଟକ ମେଡିକାଲ କଲେଜର ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଭାଗର ମୁଖ୍ୟ ସର୍ବୋପରି ରାଜ୍ୟ ସ୍ତରୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓମ୍ରାର ପ୍ରତିଷ୍ଠାତ୍ରୀ ସର୍ଗତ ପ୍ରଫେସର ଶଶୀମଣୀ ପଣ୍ଡାଙ୍କ ନବମ ଶ୍ରାଦ୍ଧ ବାର୍ଷିକୀରେ ନିଆଳୀ ସ୍ଥିତ ଚିତ୍ତରଞ୍ଜନ ସେବା ସଦନ ସଭାଗୃହରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ଓମ୍ରାର ସଭାପତି ଡାକ୍ତର ଚିତ୍ତରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ଓମ୍ରାର କର୍ମକର୍ତ୍ତା,ସେବା ସଦନର କର୍ମଚାରୀ ଓ ନିଆଳୀ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ମାନେ ଯୋଗଦେଇ ସର୍ଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜୀ ଅର୍ପଣ କରିଥିଲେ । ଏହି ଅବସରରେ ଆଜକୁ ୩୭ ବର୍ଷ ତଳେ ପ୍ରଫେସର ସର୍ଗତ ଶଶୀମଣୀ ନିଆଳୀ ପରି ଏକ ଗ୍ରାମାଞ୍ଚଳରେ ଚିତ୍ତରଞ୍ଜନ ସେବା ସଦନର ଶୁଭାରମ୍ଭ କରି କିପରି ଉତ୍ସାହ ପ୍ରଦାନ କରିଥିଲେ ତାହା ଡାକ୍ତର ମିଶ୍ର ବର୍ଣ୍ଣନା କରିଥିଲେ । ଶେଷରେ ଓମ୍ରାର ଯୁଗ୍ମ ସମ୍ପାଦକ ଅବିନାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚନ୍ଦ୍ର ଶେଖର ମହାଦେବଙ୍କ ପୀଠରେ ଗାୟତ୍ରୀ ମହାଯଜ୍ଞ

କଣ୍ଟାପଡା, (ପିପିଏସ) : କଣ୍ଟାପଡା ବ୍ଲକ ବ୍ରାହ୍ମଣବାଟୀ ପଞ୍ଚାୟତ ଅନ୍ତର୍ଗତ ସାଇଲୋ ବଡବିଲ ଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ପୀଠରେ ଏକ ଦିବସୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପାଞ୍ଚଟି ମହିଳା ମଣ୍ଡଳର ସଦସ୍ୟାଙ୍କ ସହ ଭୁବନେଶ୍ୱର ପାଣ୍ଡରା ଗାୟତ୍ରୀ ପ୍ରଜ୍ଞାପୀଠର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଶିଷ୍ଟ ଗାୟତ୍ରୀ ପ୍ରବଚକ ହୃଦାନନ୍ଦ ସାହୁ ଗାୟତ୍ରୀ ମନ୍ତ୍ରର ମହିମା ସମ୍ପର୍କରେ କହିବା ସହ ସଦସ୍ୟା ଲକ୍ଷ୍ମୀପ୍ରିୟା ବେହେରା, ନିରୁପମା ତ୍ରିପାଠୀ, ପୁଷ୍ପାଞ୍ଜଳୀ ଆଚାର୍ଯ୍ୟ, ଗୀତାରାଣୀ ଦାସ ଯଜ୍ଞବିଧି ପାଳନ ଶିକ୍ଷା ଦେଇଥିଲେ । ବିଭିନ୍ନ ମହିଳା ମଣ୍ଡଳ ମୁଖ୍ୟ ମନୋରମା ରାଉତ, ଟୁନୀଲତା ରାଉତ, ସରସତୀ ଆଚାର୍ଯ୍ୟ, ବନଲତା ମହାପାତ୍ର ଓ କାବେରୀ ନାୟକଙ୍କ ସହ ନୂତନ ମହିଳା ମଣ୍ଡଳ ଗଠନ ପାଇଁ ସବିତା ମହାରଣା ଶପଥ ପାଠ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ରାଉତ, ବିଶ୍ୱରଞ୍ଜନ ନାୟକ, ବସନ୍ତ କୁମାର ରାଉତ, ପୁନାନନ୍ଦ ପାତ୍ର, ସୁରେନ୍ଦ୍ର ମହାପାତ୍ର, ଗୋବିନ୍ଦ ରାଉତ ଓ ଅତିସକୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


GOVT. OF ODISHA
DEPARTMENT OF WATER RESOURCES
**E-PROCUREMENT NOTICE**
E-mail: hidirrigation@gmail.com
BID IDENTIFICATION NO- SE-HID(NSPR)-08/2022-23

1. The Superintending Engineer, Hadua Irrigation Division, Narasinghpur on behalf of Govt. of Odisha invites bid in Single Cover system in ONLINE MODE from eligible manpower service provider as detailed below :

| | | |
|---|---|---|
| 2. | Name of the Works | : Engagement of different categories of labour /Personnel on outsourcing basis for Hadua Irrigation Project Narasinghpur for the year 2023-24 (Period from April, 2023 to Mar, 2024) |
| 3 | Estimated Cost | : Rs. 8.88 Lakhs |
| 4 | Date & Time of availability of Bid Documents in the Portal | : 22.03.2023 from 10.00 Hrs to 28.03.2023 up to 18.00 Hrs |

5. The Bidders have to participate in ONLINE bidding only and required to send uploaded hard copy to this office after opening of bid. Further details can be seen from the website: https://tenderodisha.gov.in. Any addendum/ corrigendum/ cancellation of tender can also be seen in the said site.

Superintending Engineer
Hadua Irrigation Division, Narasinghpur

A – 1292 OIPR – 32243/11/0007/2223

# କଣ୍ଟାପଡାରେ ସ୍ୱଚ୍ଛ ପାନୀୟ ନାଁରେ ମହାଦୁର୍ନୀତିର ଗନ୍ଧ

## କେଉଁଠି ଟାଙ୍କିକୁ ପାଣି ଉଠୁନି ତ କେଉଁଠି ଟାଙ୍କିରେ ପାଣି ରହୁନି







### ବାଲିପଡା ଟାଙ୍କିରୁ ମାଙ୍କଡ କଙ୍କାଳ ମିଳିବା ପରେ ସାମ୍ନାକୁ ଆସିଲା ତଥ୍ୟ

କଣ୍ଟାପଡା(ପିପିଏସ): ସରକାରଙ୍କ ବିପୁଳ ରାଜସ୍ୱ ବ୍ୟୟରେ କଣ୍ଟାପଡା ବ୍ଲକର ୧୪ଟି ପଞ୍ଚାୟତରେ ନିର୍ମାଣ କରାଯାଇଥିବା ଓଭରହେଡ ପାଣିଟାଙ୍କିରୁ ଜଳ ଯୋଗାଣ ବ୍ୟବସ୍ଥାରେ ହୋଇଥିବା ବ୍ୟାପକ ହରିଲୁଟ୍ ଉପରୁ ପରଦା ହଟୁଛି । ଏହି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ବାଲିପଡା ବଜାର ନିକଟରେ ଥିବା ଓଭରହେଡ ପାଣିଟାଙ୍କିରୁ ୩ଟି ମଲା ମାଙ୍କଡଙ୍କ କଙ୍କାଳର ସନ୍ଧାନ ହେବା ପରେ ଏବେ ଏକ ବିରାଟ ଘୋଟାଲା ସମ୍ପର୍କରେ ତଥ୍ୟ ସାମ୍ନାକୁ ଆସୁଛି । ବିଗତ ପ୍ରାୟ ୭ବର୍ଷ ମଧ୍ୟରେ କଣ୍ଟାପଡା ବ୍ଲକର ୧୪ଟି ପଞ୍ଚାୟତରେ ପ୍ରାୟ ୧୫ଟି ଓଭର ହେଡ ପାଣିଟାଙ୍କି ନିର୍ମାଣ କରାଯାଇଛି । ଏହି ପାଣିଟାଙ୍କି ନିର୍ମାଣ ପାଇଁ ସରକାରଙ୍କ ରାଜକୋଷରୁ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ସବୁ ପରିବାରକୁ ସ୍ୱଚ୍ଛ ପାନୀୟଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ସରକାର ପ୍ରତ୍ୟେକ ପଞ୍ଚାୟତରେ ଓଭର ହେଡ ପାଣିଟାଙ୍କି ନିର୍ମାଣ କରିଛନ୍ତି । ଏହି ପାଣିଟାଙ୍କି ନିର୍ମାଣ ପାଇଁ ସରାକରଙ୍କ ରାଜକୋଷରୁ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି ପାଣିଟାଙ୍କି ଗୁଡିକ ଦୀର୍ଘ ଦିନ ହେବ ନିର୍ମାଣ ହୋଇ ଉଦ୍‌ଘାଟନ ହେବା ପରେ ଏହା ଲୋକଙ୍କ ପାଇଁ ବ୍ୟବହାର ହୋଇପାରୁ ନାହିଁ । ଏକାଧିକ ସ୍ଥାନରେ ଟାଙ୍କିକୁ କେବେବି ପାଣି ଉଠାଯାଇନାହିଁ । ବରଂ ପୂର୍ବପରି ସେହି ବୋରିଙ୍ଗ୍ ରୁ ପାଣି ଉଠାଯାଇ ପାଣି ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆ ଯାଉଛି । ଅନୁସନ୍ଧାନରୁ ଜଣାପଡିଛି କେଉଁଠି ଟାଙ୍କିକୁ ପାଣି ଉଠାଇବା ପାଇଁ ଲାଗିଥିବା ମୋଟର ଅସମର୍ଥତ ଆଉ କେଉଁଠି ଟାଙ୍କିରେ ପାଣି ରହୁନାହିଁ । ଏମିତି ଅବସ୍ଥାରେ ସବୁ ପାଣିଟାଙ୍କି ଅବ୍ୟବହୃତ ହୋଇପଡି ରହିଛି । ପାଣିଟାଙ୍କି ନିର୍ମାଣ କରି ଠିକାଦାର ତାଙ୍କ ପ୍ରାପ୍ୟ ପାଇ ସାରିଥିବା ବେଳେ ଗ୍ରାଉଣ୍ଡ ଜିରୋରେ କିନ୍ତୁ ବାସ୍ତବ ଚିତ୍ର ଏହିପରି । ଅନ୍ୟପଟେ ଏହି ଠିକାଦାର ମାନେ ୫ବର୍ଷ ପାଇଁ ପାଣିଟାଙ୍କିର ମରାମତି ଦାୟିତ୍ୱରେ ଥିଲେ ମଧ୍ୟ ତାହା କରାଯାଉନଥିବା ଜଣାପଡିଛି । ଏପରି ଏକ ତଥ୍ୟ ସାମ୍ନାକୁ ଆସିଛି ଗୋବିନ୍ଦପୁର ପଞ୍ଚାୟତର ବାଲିପଡା ବଜାର ନିକଟରେ ଥିବା ଏକ ପାଣିଟାଙ୍କିରୁ ୩ଟି ମାଙ୍କଡଙ୍କ କଙ୍କାଳ ମିଳିବା ପରେ । ଏହି ପାଣିଟାଙ୍କି ୨୦୧୮ ମସିହାରେ ନିର୍ମାଣ କରାଯାଇଥିବା ବେଳେ ଉଦ୍‌ଘାଟନ ଦିନଠାରୁ ଆଦୌ ବ୍ୟବହାର ହୋଇନଥିବା ସ୍ଥାନୀୟ ଲୋକେ କହିଛନ୍ତି । ସେହିପରି ବ୍ରାହ୍ମଣସାଇଲୋ, ବଡ ପାଟସୁନ୍ଦରପୁର, ବଡବିଲ, କଣ୍ଟାପଡା ଓ ଅନ୍ୟ ପଞ୍ଚାୟତରେ ନିର୍ମାଣ କରାଯାଇଥବବା ପାଣିଟାଙ୍କି କେବଳ ଠିକାଦାର ପୋଷାରେ ଶେଷ ହୋଇଛି । ବଡବିଲ ଠାରେ ନିର୍ମାଣ କରାଯାଇଥିବା ପାଣିଟାଙ୍କିକୁ ତତ୍କାଳୀନ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଥିଲେ । ହେଲେ ଉକ୍ତ ପାଣିଟାଙ୍କିକୁ ଦିନେ ହେଲେ ପାଣି ଉଠିପାରି ନାହିଁ ବୋଲି ବ୍ରାହ୍ମଣବାଟି ସରପଞ୍ଚ ସୟ ରାଉତରାୟ କହିଛନ୍ତି । ସେହିପରି କଣ୍ଟାପଡା ପଞ୍ଚାୟତର ଇଚ୍ଛାପୁର ଓ କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ପାଣିଟାଙ୍କିର ଅବସ୍ଥା ମଧ୍ୟ ତଦ୍ରୂପ । ଏହି ଦୁଇଟି ପାଣିଟାଙ୍କି ଦୀର୍ଘଦିନ ହେଲା ନିର୍ମାଣ କରାଯାଇଥିଲେ ମଧ୍ୟ ଦିନେହେଲେ କାମରେ ଲାଗିପାରିନି । ବୋରିଙ୍ଗ୍ ମାଧ୍ୟମରେ ଯେଉଁ ପାଣି ଯୋଗାଇ ଦିଆଯାଉଛି ତାହା ମଧ୍ୟ ଅସାସ୍ଥ୍ୟକର ବୋଲି କଣ୍ଟାପଡା ସରପଞ୍ଚ ନିର୍ମଳ ସାହୁ କହିଛନ୍ତି । ଏ ସମ୍ପର୍କରେ ସେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ । କଣ୍ଟାପଡା ବ୍ଲକରେ ସ୍ୱଚ୍ଛ ପାଣି ଯୋଗାଇବା ନାମରେ ହୋଇଥିବା ମହା ଦୁର୍ନୀତିର ଗୋଟିଏ ଗୋଟିଏ ସାଧାରଣ ନମୁନା ମାତ୍ର । ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଉଚ୍ଚସ୍ତରୀୟ ତଦନ୍ତ କଲେ ଏକ ମହାଦୁର୍ନୀତିର ପର୍ଦ୍ଦାଫାସ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

# ସର୍ପେଶ୍ୱରଙ୍କ ବାରୁଣୀ ସ୍ନାନ ଯାତ୍ରା : ବହୁ ଶ୍ରଦ୍ଧାଳୁଙ୍କ ସମାଗମ



ଚୌଦ୍ୱାର,(ପିପିଏସ୍) : ଆଠଗଡ଼ ନିର୍ବାଚନ ମଣ୍ଡଳୀ ଅନନ୍ତପୁର ପଞ୍ଚାୟତର ବ୍ରହ୍ମପୁରଠାରେ ମହାନଦୀରେ ପବିତ୍ର ବାରୁଣୀ ସ୍ନାନ ଯାତ୍ରା ସମାରୋହରେ ଅନୁଷ୍ଠିତ ହୋଇଛି । ବ୍ରହ୍ମପୁର ଗ୍ରାମସ୍ଥିତ ସିଦ୍ଧ ନାରାୟଣୀ ପୀଠ ସଂଲଗ୍ନ ପୂର୍ଣ୍ଣତୋୟା ମହାନଦୀର ବାରୁଣୀ ଘାଟରେ ରବିବାର ଦିନ ଅଞ୍ଚଳର ୧୪ ଦିଅଁ ବାରୁଣୀ ସ୍ନାନ କରିଥିଲେ । ସର୍ପେଶ୍ୱର ମହାଦେବଙ୍କ ନାମରେ ନାମିତ ଏହି ସ୍ନାନ ଯାତ୍ରାରେ ମୁଖ୍ୟ ଦେବତା ସର୍ପେଶ୍ୱର, ମଞ୍ଚେଶ୍ୱରର ଧବଳେଶ୍ୱର, ନୂଆ ଶାସନର ରାମେଶ୍ୱର, ବ୍ରହ୍ମପୁରର ଗୋପାଳଜୀଉ, କଖଡ଼ିର ଲକ୍ଷ୍ମୀ ନାରାୟଣ, ନାରଙ୍ଗବସ୍ତର ରାଧାକୃଷ୍ଣ, ମହାଲପଡ଼ାର ଗୋପାଳଜୀଉ, ଜଗମୋହନପୁର ଶାସନର ଗୋପିନାଥଜୀଉ, ଜେନାପୁରର ସପ୍ନେଶ୍ୱର, ଘଣ୍ଟିଖାଲର ବୃନ୍ଦାବନଚନ୍ଦ୍ର, ରାଧାଶ୍ୟାମପୁରର ରାଧାଶ୍ୟାମଜୀଉ, କାପ୍ତାବରାଇର ରାଧାକୃଷ୍ଣ, ପିଠାଖିଆର ରାଧାକୃଷ୍ଣ, ଅନନ୍ତପୁରର ଗୋପାଳଜୀଉ ପ୍ରମୁଖ ଠାକୁରଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ବାରୁଣୀ ଘଟକୁ ଅଣା ଯାଇଥିଲା ।ଯାତ୍ରା ପରମ୍ପରା ଅନୁସାରେ ଦିଅଁମାନଙ୍କ ମହାମିଳନ ଓ ହରିହର ଭେଟ ନୀତି କଖଡ଼ି ଠାରେ ଅନୁଷ୍ଠିତ ହୋଇଥିଲା । ସର୍ପେଶ୍ୱରଙ୍କ ନିମନ୍ତ୍ରଣ କ୍ରମେ ଦିଅଁମାନେ ବାରୁଣୀ ଯାତ୍ରା ପଡ଼ିଆରେ ପହଞ୍ଚି ମହାନଦୀରେ ମହାସ୍ନାନ କରିଥିଲେ । ପରେ ଉପସ୍ଥିତ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପବିତ୍ର ମହାନଦୀରେ ବୁଡ଼ ପକାଇଥିଲେ ।ପୌରାଣିକ ଓ ଲୋକକଥା ଅନୁଯାୟୀ ଦ୍ୱାପର ଯୁଗରେ ପାଣ୍ଡବ ମାନେ ଅଜ୍ଞାତ ବାସ ସମୟରେ ମହାନଦୀ କୂଳସ୍ଥିତ ସିଦ୍ଧେଶ୍ୱର ମୁଣ୍ଡିଆରେ ଅବସ୍ଥାନ କରୁଥିଲେ ।ସେମାନେ ଯଜ୍ଞ କରିବା ପାଇଁ ପବିତ୍ର ଜଳ ସନ୍ଧାନରେ ମହାନଦୀ କୁଳରେ ବୁଲୁଥିବାବେଳେ ଏହିଠାରେ ମହାନଦୀର ଜଳସ୍ରୋତ ଓଲଟା ପ୍ରବାହିତ ହେଉଥିବାଦେଖି ଏହା ଉତ୍ତରାବାହୀ ଗଙ୍ଗା ବୋଲି ଜାଣି ସେଠାରେ ବୁଡ଼ ପକାଇବା ସହିତ ପବିତ୍ର ଜଳ ସଂଗ୍ରହକରି ଯଜ୍ଞରେ ବ୍ୟବହାର କରିଥିଲେ । ରବିବାର ଠାରୁ ଆରମ୍ଭ ହୋଇ ୫ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ପ୍ରସିଦ୍ଧ ଯାତ୍ରାକୁ ବ୍ରହ୍ମପୁର ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ କମିଟି ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ପ୍ରମୋଦ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ସାହୁ, ବାଦଲ ସାମଲ, ଉମାକାନ୍ତ ସ୍ୱାଇଁ, ରତ୍ନାକର ସାମନ୍ତ, ଧୋବି ବିଶ୍ୱାଳ, ଧର୍ଯ୍ୟଧର ନାୟକ, କବିରାଜ ସାହୁ, ଚିନ୍ତାମଣୀ ମଲ୍ଲିକ, ମାନସ ମହାନ୍ତି, ରଞ୍ଜନ ସାମନ୍ତ, ମନୋହର ସାମନ୍ତ ପ୍ରମୁଖ ଯାତ୍ରା ପରିଚାଳନା କରୁଛନ୍ତି । ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ତହସିଲଦାର ପ୍ରିୟବ୍ରତ ଦାସ, ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ, ଦେବୋତ୍ତର ସୁପରଭାଇଜର ଭବାନୀ ଶଂକର ପଣ୍ଡା ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ ।ଚୌଦ୍ୱାର ଏସ୍‌ଡ଼ିପିଓ ସତ୍ୟବ୍ରତ ଲେଙ୍କା, ଖୁଣ୍ଟୁଣୀ ଆଇଆଇସି ଭବାନୀ ଶଂକର ଖୁଣ୍ଟିଆ, ଗୁରୁଡ଼ିଝାଟିଆ ଆଇଆଇସି ରଞ୍ଜନ ପ୍ରଧାନ ଆଦିଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ପୋର୍ସଙ୍କ ସମେତ ଅଗ୍ନିଶମବାହିନୀକୁ ଯାତ୍ରାରେ ମୁତୟନ କରାଯାଇଛି ।

### ବିରୁଡ଼ା ପଞ୍ଚାୟତ ଉନ୍ନତିର ଶିଖରରେ  କାଶ୍ମୀରୀରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି

## ଆର୍‌ଆଇ ସେଣ୍ଟର ଓ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଶିଳାନ୍ୟାସ



ନୟାଗଡ(ପିପିଏସ୍): ନୟାଗଡ଼ ଜିଲ୍ଲା ସଦରବ୍ଲକ ଅନ୍ତର୍ଗତ ବିରୁଡ଼ାରେ କୋଟିଏ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଦୁଇଟି ପ୍ରକଳ୍ପ ଶିଳାନ୍ୟାସ ପର୍ବ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଶିଳାନ୍ୟାସ କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୬୨ ଲକ୍ଷ ଟଙ୍କା ବ୍ୟୟରେ ବିରୁଡ଼ା ଆର୍‌ଆଇ ସେଣ୍ଟର ପାଇଁ ଶିଳାନ୍ୟାସ କରାଯାଇଥିବା ବେଳେ ପୂର୍ତ୍ତ ବିଭାଗ ୩୮ ଲକ୍ଷ ବ୍ୟୟରେ ନିର୍ମାଣ ହେବାକୁ ଥିବା ବିରୁଡ଼ା ସାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ବହୁ ଉପଯୋଗୀ ଗୃହକୁ ଶିଳାନ୍ୟାସ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର, ଆଶିଷ ଅଗ୍ରୱାଲ, ସରୋଜ ରଣସିଂ, କ୍ଷୀରୋଦ ମହାପାତ୍ର, ଗଙ୍ଗାଧର ପଣ୍ଡା, ତହସିଲଦାର ଭିକାରୀ ସାହୁ, ଆରଡି ଏସଡିଓ ସସ୍ମିତା ମୁଣ୍ଡରି, ଯନ୍ତ୍ରୀ ସଞ୍ଜୀବ କୁମାର ରଥ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅବସରରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକ ଡ. ସାହୁ ଏହାର ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଇଥିବା ବେଳେ ବିରୁଡ଼ା ବାସୀଙ୍କ ଭଲପାଇବା ପାଇଁ ଏହା ସମ୍ଭବ ହୋଇଥିବା କହିଥିଲେ । ମହିଳାଙ୍କ ହାତରେ ଶାସନ କ୍ଷମତା ଦେଇ ବିରୁଡ଼ା କାଶ୍ମୀରୀଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି । ନୟାଗଡ଼ ବିକାଶ ଓ ଶାନ୍ତି ପ୍ରତିଷ୍ଠା ପାଇଁ ଅହରହ ସଂଗ୍ରାମ ଜାରି ରହିବ ବୋଲି ବିଧାୟକ କହିଛନ୍ତି । ବିରୁଡ଼ା ସରପଞ୍ଚ ବିଷ୍ଣୁପ୍ରିୟା ସ୍ୱାଇଁ, ସମିତି ସଭ୍ୟା ଶୁଭଲକ୍ଷ୍ମୀ ସାହୁ, ନାଏବ ସରପଞ୍ଚ ସସ୍ମିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବିକାଶରେ ସମନ୍ୱୟ ରହିଲେ ଅଞ୍ଚଳର ଉନ୍ନତି ଘଟିବ



ବରୀ, (ପିପିଏସ୍): ଯାଜପୁର ଜିଲ୍ଲା ବରୀ ବ୍ଲକ ଅଧିନ ବରୀ ମାଉଣ୍ଟ ବଜାରସ୍ଥିତ ଜଳସମ୍ପଦ ବିଭାଗ ଡାକବଙ୍ଗଳା ପରିସରରେ ବରୀ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଗଣମାଧମ ପ୍ରତିନିଧି ଓ ପ୍ରଶାସନ ଅଧିକାରୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି । ଏନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ଗଣମାଧମ ପ୍ରତିନିଧି, ପ୍ରଶାସନ, ଓ ଲୋକ ପ୍ରତିନିଧି ମାନଙ୍କ ସମନ୍ୱୟ ରହିଲେ ଅଞ୍ଚଳ ର ବିକାଶ ହେବା ସହିତ ଉନ୍ନତି ଘଟିବ ବୋଲି ଉପସ୍ଥିତ ପ୍ରାଶାସନିକ ଅଧିକାରୀ, ସରପଞ୍ଚ, ଗଣମାଧମ ପ୍ରତିନିଧି ମାନେ ମତବ୍ୟକ୍ତ କରିଛନ୍ତି, ଉଦୟନାଥ ପୁର ପଞ୍ଚାୟତ ର ସରପଞ୍ଚଙ୍କ ପ୍ରତିନିଧି ପ୍ରସନ୍ନ କୁମାର ସାମଲ ଅୟୋଜିତ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ, ସରପଞ୍ଚ ମାନସ ଜେନା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବ ରେ ସରପଞ୍ଚ ଦେବୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ, ବିଡିଓ ନମିତା ବାରିକ, ତହସିଲଦାର ତିଲୋତ୍ତମା ପୃଷ୍ଟି, ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ, ଜିପିଓ, ଲକ୍ଷ୍ମୀକାନ୍ତ ମହାରଣା, ଏବିଡିଓ ମହେଶ୍ୱର ସେଠି ପ୍ରମୁଖ ଉପସ୍ଥିତ ରହି ଉତ୍ତମ୍ ଶାସନ, ଜନସାଧାରଣ ଙ୍କ ନିକଟରେ ସେବା ପହଁଞ୍ଚିବା ସହିତ ସୁସ୍ଥ ପରିବେଶ ସୁରକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ, ଗଣମାଧମ ପ୍ରତିନିଧିମାନଙ୍କ ମଧ ରୁ ପ୍ରତାପ ଦାସ, ମହେନ୍ଦ୍ର କୁମାର ସ୍ୱାଇଁ, ସଞ୍ଜୟ କୁମାର ବେହେରା ,ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ବ୍ଲକର ୨୯ ଗୋଟି ପଞ୍ଚାୟତର ସମସ୍ତ ସରପଞ୍ଚ ଓ ତାଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

### ବୀରେନ୍ଦ୍ର ପାଣ୍ଡେଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର: ପୂର୍ବତନ ବିଧାୟକ ବିରେନ୍ଦ୍ର ପାଣ୍ଡେଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ବିରେନ୍ଦ୍ର ପାଣ୍ଡେଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ସ୍ଥାନୀୟ ନିର୍ବାଚନମଣ୍ଡଳୀରେ ଲୋକକଲ୍ୟାଣ ଦିଗରେ ସେ କରିଥିବା କାର୍ଯ୍ୟ ଗୁଡିକ ସବୁ ଦିନ ପାଇଁ ମନେ ରହିବ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ।

## 'ସୁଦେଷ୍ଣା' ଉନ୍ମୋଚିତ



ଚୌଦ୍ୱାର,(ପିପିଏସ୍) : ଚୌଦ୍ୱାର ମହାବିଦ୍ୟାଳୟର ମୁଖପତ୍ର 'ସୁଦେଷ୍ଣା'ଉନ୍ମୋଚିତ ହୋଇଯାଇଛି । କଲେଜ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଡ.ଉମେଶ ଚନ୍ଦ୍ର ଦେବତା ମୁଖପତ୍ର ଉନ୍ମୋଚନ  କରିଥିଲେ । ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫୁଲ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ  ଅଧାପିକା ଡ.ହରପ୍ରୀୟା ମହାପାତ୍ର ସଂପାଦକୀୟ ପାଠ କରିଥିଲେ । ଅଧାପକ ସଞ୍ଜୟ ଧଳ, ଦୀପକ ମହାନ୍ତି, ପ୍ରଭାକର ମିଶ୍ର, ରଶ୍ମୀ ରାଉତରାୟ, କ୍ଷୀରାବ୍ଧୀ ଚୌଧୁରୀ, ମୋହିତ କର, ପ୍ରଭାବତୀ ପଡ଼ିହାରୀ, ମମତା ସାହୁ, ଚିତ୍ତ ରଞ୍ଜନ ଦାସ, ବସନ୍ତ କୁମାର ବିଶ୍ୱାଳ, ଦେବାଶୀଷ ସାହୁ, ଚନ୍ଦ୍ର ଶେଖର ପଣ୍ଡା, ସୁମନ ଚୌଧୁରୀ, ବିସ୍ମିତା ସାହୁ, ସବିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସରସସୁନ୍ଦର କରିଥିଲେ । ଅଧାପିକା ସସ୍ମିତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଗ୍ନିବିପିନ୍ନ ପରିବାରକୁ  ସହାୟତା

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ବ୍ଲକ ଅଧିନ ନିକିରାଇ ପଂଚାୟତର ହରିପୁର ଗ୍ରାମର କାର୍ତ୍ତିକ ଜେନାଙ୍କ ବାସ ଗୃହରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଘରଟି ପୋଡିଯିବା ସହିତ ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ଯାଇଥିଲା । ଖବରପାଇ ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ତଥା କେନ୍ଦ୍ରାପଡାର ପୂର୍ବତନ ସଂସଦ ବୈଜୟନ୍ତ ପଣ୍ଡା ସହାୟତାର ହାତ ବଢାଇଛନ୍ତି । ଜିଲ୍ଲା ବିଜେପି ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତଙ୍କ ସହିତ ଶଶାଙ୍କ ଶେଖର ଓଝା, ବାଦଲ ମଲିକ, ବଳରାମ ଶତପଥୀ, ଅଶୋକ ବେହେରା ପ୍ରମୁଖ ଅଗ୍ନିବିପିନ୍ନ ପରିବାରଙ୍କ ଘରେ ପହଁଚି ସହଯୋଗ କରିଥିବା ଜଣାପଡିଛି ।

## ଯାଜପୁର ଜିଲ୍ଲା ମଧୁ ବୈଶ୍ୟ ସମାଜର ପ୍ରଥମ ସାଧାରଣ ବୈଠକ



ବରୀ, (ପିପିଏସ୍): ଯାଜପୁର ଜିଲ୍ଲା ମଧୁ ବୈଶ୍ୟ ସମାଜ ର ପ୍ରଥମ ସାଧାରଣ ବୈଠକ ବ୍ୟାସନଗର ସ୍ଥିତ ନନ୍ଦିଘୋଷ ଟ୍ରେଡର ସ ପରିସରରେ ଅନୁଷ୍ଠିତ ହୋଇଯାଇଛି ,ଆରାଧ ଦେବତା ବିଘ୍ନ ବିନାଶକ ଗଣେଶଙ୍କ ନିକଟରେ ହୃଷୀକେଶ ପୃଷ୍ଟି ପ୍ରଦୀପ ପ୍ରଜ୍ୱଳନ କରି ଗଣେଶ ବନ୍ଦନା କରି ବୈଠକ କୁ ଉଦଘାଟନ କରିଥିଲେ, ସଂଘ ଗଠନ ର ଉଦ୍ଦେଶ୍ଯ, ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ବନ୍ଧରେ ପୃଷ୍ଟି ଉପସ୍ଥିତ ସମାଜର ସମସ୍ତ ବନ୍ଧୁ ବର୍ଗ ଙ୍କୁ ସୂଚନା ପ୍ରଦାନ କରିଥିଲେ, ବ୍ୟାସନଗର ର ବରିଷ୍ଠ ନାଗରିକ ବସନ୍ତ କୁମାର ପାତ୍ର ଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଏଥିରେ ଜାତି ଭାଇ ମାନଙ୍କ ମଧରେ ସୁସମ୍ପର୍କ, କୁସଂସ୍କାର, ଅନ୍ଧବିଶ୍ୱାସ ଓ ସଂକୀର୍ଣ୍ଣ ମନୋଭାବ ଦୂର କରି ସମାଜର ଉନ୍ନତି ଓ ଚଳଣି ରେ ପରିବର୍ତ୍ତନ, ଶିକ୍ଷା ର ସମ୍ପ୍ରସାରଣ, ନାରୀ ଶିକ୍ଷା ପ୍ରତି ଗୁରୁତ୍ୱ ,ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ,,ବାଣିଜ୍ଯ, ପରିବେଶ, ଆଦି ବିଭିନ୍ନ ସାମାଜିକ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା ,ଦଶ ଗୋଟି ବ୍ଲକ, ଦୁଇ ଗୋଟି ମୁନିସିପାଲିଟିରୁ ମଧୁ ବୈଶ୍ୟ ସମାଜ ର ପ୍ରାୟ ୮୦ ରୁ ଉର୍ଦ୍ଧ ବ୍ୟକ୍ତି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ, ନିଜ, ନିଜ ର ପରିଚୟ ପ୍ରଦାନ କରି ଭାବର ଆଦାନ ପ୍ରଦାନ କରିଥିଲେ, ଦାନଗଦି ରୁ ରଙ୍ଗବଲ୍ଲଭ ସାହୁ, ବ୍ୟାସନଗର ରୁ ଡ଼ାକ୍ତର, ଅନ୍ତର୍ଯ୍ୟାମି ସାହୁ, ଧର୍ମଶାଳା ରୁ ସୁନାକର ସାହୁ ,କବାଟ ବନ୍ଧ ରୁ କାହ୍ନୁଚରଣ ସାହୁ, ବରୀ ରୁ ବାଞ୍ଛାନିଧି ସାହୁ, ଯାଜପୁର ରୁ ଅଞ୍ଜନ ସାହୁ, ରସୁଲପୁର ରୁ ଜନାର୍ଦ୍ଦନ ସାହୁ, ବିଜୟ କୁମାର ସାହୁ, କୈଳାଶ ଚନ୍ଦ୍ର ସାହୁ, ମାର୍ଥାପୁର ରୁ ହୃଷୀକେଶ ପୃଷ୍ଟି, ଭୀମସେନ୍ ସାହୁ ସୁଶିଲ କୁମାର ବେହେରା, ବୀର କିଶୋର ସାହୁ, ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ, ଆସନ୍ତା ଏପ୍ରିଲ ୯ ତାରିଖ ରେ ଜାରକା ସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଦ୍ୱିତୀୟ ସାଧାରଣ ବୈଠକ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା ବୋଲି କୁହାଯାଉଛି, ଶେଷରେ ବୈରାଗୀ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦେଓଡା ହରିହର ଦୋଳ ମେଳଣ ଉଦ୍‌ଯାପିତ

ଧର୍ମଶାଳା:  ଦୋଳ ମେଳଣ ପାଇଁ ଗାଁ ଦାଣ୍ଡ ଉତ୍ସବ ମୁଖର ହୋଇ ଉଠିଛି । ଏହି ଅବସରରେ ଯାଜପୁର ଜିଲାରେ ଦୋଳ ମେଳଣ ପର୍ବ ଚାଲୁ ରହିଥିବା ବେଳେ ରାଧାକୃଷ୍ଣଙ୍କ ମେଳଣ ପାଇଁ ଧାର୍ମୀୟ ପରିବେଶ ସୃଷ୍ଟି ହୋଇଛି । ଏହି କ୍ରମରେ ଆଜି ଯାଜପୁର ଜିଲା  ଧର୍ମଶାଳା ବ୍ଲକ ଦେଓଡା ପଂଚାୟତର ୩ୟ ବାର୍ଷିକ ଦେଓଡା ହରିହର ମେଳଣ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଂଚଳରୁ ୨୦ରୁ ଉର୍ଦ୍ଧ ଛୋଟବଡ ବିମାନ ଯୋଗ ଦେଇ ପାରମ୍ପରିକ ରିତିରେ ଫଗୁ ଖେଳି ଥିଲେ । ବିମାନ ନିକଟରେ ବାଦ୍ୟ, ଘୋଡା ନାଚ, ଲୋକନୃତ୍ୟ ଓ ଘଂଟ ଶବ୍ଦରେ ମେଳଣ ପଡିଆ ପ୍ରକମ୍ପିତ ହୋଇଥିଲା । ସ୍ଥାନୀୟ ଦେଓଡା ମଠର ବଳଦେବ ଜୀଉ ବିମାନ  ଥାନପତି ଆସନ ଅଳଙ୍କୃତ କରିବା ପରେ ଅନ୍ୟ ସମସ୍ତ ବିମାନ ଏକତ୍ର ଫଗୁ ଖେଳି ଥିଲେ । ଏହି ମେଳଣରେ ସ୍ୱାଇଁସାହି ବିମାନ, ସୁନ୍ଦୁରିଆ ଠେଙ୍ଗିଆ ମଠ ବିମାନ, ରାଲପଡାସ୍ଥିତ ଶ୍ରୀଶ୍ରୀ ଗୋପାଳ ଜୀଉ ବିମାନ, ନାଉପାଳ ବିମାନ, ଦୁବଗାଡିଆ ଓ ବଳଦେବଜୀଉ ମଠ ବିମାନ ସମେତ ଅନ୍ୟ ଛୋଟ ବିମାନ ଯୋଗ ଦେଇଥିଲେ । ବିମାନ ନିକଟରେ ଅନୁଷ୍ଠାନ ପକ୍ଷରୁ ଭୋଗ କରାଯାଇଥିଲା । ଏହି ଅବସରରେ ମେଳଣ ପଡିଆରେ ବହୁ ଦୋକାନ ବଜାର ଲାଗିଥିଲା । ହଜାର ହଜାର ସଂଖ୍ୟାରେ ଜନସାଧାରଣ ଯୋଗ ଦେଇ ମେଳଣକୁ ଉପଭୋଗ କରିଥିଲେ । ଧର୍ମଶାଳା ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ବାଜାୟ ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଦେଓଡା ବଳଦେବ ଜୀଉ ମେଳଣ କମିଟିର ସମସ୍ତ ସଭ୍ୟ , ଗ୍ରାମମୁରବୀ ଓ ସ୍ଥାନୀୟ ଲୋକପ୍ରତିନିଧି ପ୍ରମୁଖ ମେଳଣ  ପରିଚାଳନାରେ ସହଯୋଗ କରିଥିଲେ ।

## ଶିଳ୍ପ ସଂଘର ନୂତନ ଅଧକ୍ଷ ସୁଶାନ୍ତ ପଣ୍ଡା ସମ୍ବର୍ଦ୍ଧିତ



କଟକ ସଦର,(ପିପିଏସ୍): କଟକ ସଦର ଅନ୍ତର୍ଗତ ପରମହଂସ ପଞ୍ଚାୟତର ରାଜହଂସସ୍ଥିତ ମା' ମଙ୍ଗଳା ୟୁଥ କ୍ଲବ୍ ପରିସରରେ କଟକ ସଦର ବିକାଶ ମଞ୍ଚ ତରଫରୁ ସଭାପତି ସୁବୋଧ ବେହେରାଙ୍କ ନେତୃତ୍ୱରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଶିଳ୍ପ ସଂଘର ନୂତନ ଅଧକ୍ଷ ତଥା ଭାରତ ମସଲାର ମୁଖ୍ୟ ପରିଚାଳକ ସୁଶାନ୍ତ କୁମରେ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ମଞ୍ଚର ଉପଦେଷ୍ଟା ବିଜେଡି ରାଜ୍ୟ ସମ୍ପାଦକ ପ୍ରଫୁଲ୍ଲ ସିଂହ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଚିତ୍ତ ରଂଜନ ମହାପାତ୍ର ସମ୍ପାଦକ, ଡଃ ଦେବଦତ୍ତ ନନ୍ଦ, ସ୍ଥାନୀୟ ସରପଞ୍ଚ, ଅଶୋକ ପାତ୍ର, ପୂର୍ବତନ ସରପଞ୍ଚ ଅକ୍ଷୟ ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ବସୁନ୍ଧରାର ଅଧିକ୍ଷକ ଅର୍ଚ୍ଚନା ମହାନ୍ତିଙ୍କ ସମେତ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ଓ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

## ବିଶିଷ୍ଟ ଆୟୁର୍ବେଦ ଡାକ୍ତରଙ୍କ ଦେହାନ୍ତ

ବୁଗୁଡ଼ା(ପିପିଏସ୍): ସ୍ଥାନୀୟ ଅରବିନ୍ଦ ନଗର ନିବାସୀ ବିଶିଷ୍ଟ ଆୟୁର୍ବେଦ ଡାକ୍ତର କିଶୋର ଚନ୍ଦ୍ର ପଣ୍ଡାଙ୍କ ଦେହାନ୍ତ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା । ତାଙ୍କର ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବ୍ରହ୍ମପୁର ବଡ ମେଡିକାଲରେ ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା ।  ତାଙ୍କର ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ସେ ବ୍ରହ୍ମପୁର ଆୟୁର୍ବେଦ ଚିକିତ୍ସା ବିଭାଗରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ । ସେ ଜଣେ ମେଳାପୀ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ । ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ବିନ୍ଧାଣ ଗ୍ରାମରେ କ୍ଲବଘର ନିର୍ମାଣ କଲେ ଯୁବନେତା



ଭଦ୍ରକ,(ପିପିଏସ୍):ଏହି ଜିଲ୍ଲାର ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ପଞ୍ଚାୟତ ଅନ୍ତର୍ଗତ ବିନ୍ଧାଣ ଗ୍ରାମରେ ଗୋଷ୍ଠୀକେନ୍ଦ୍ର ନଥିବା ବେଳେ ଏହି ସାମୁହିକ ଆବଶ୍ୟକତାକୁ ପୂରଣ କରିଛନ୍ତି ଯୁବନେତା ସୁରଥ ଦାସ ଓ ବିନ୍ଧାଣ ଗ୍ରାମର ଅରବିନ୍ଦ ସ୍ୱାଇଁ । ଗ୍ରାମର କେନ୍ଦ୍ରସ୍ଥାନରେ ଏଥିପାଇଁ ନିର୍ମାଣ କାର୍ଯ୍ୟ ରବିବାର ଚୂଡାନ୍ତ ହୋଇଛି । କ୍ଲବଘର ଛାତକାର୍ଯ୍ୟ ରବିବାର ମିଳିତ ଭାବେ ସମାପନ କରାଯାଇଛି । ଏଥିପାଇଁ ଆବଶ୍ୟକୀୟ ଅର୍ଥ ନିଜସ୍ୱ ସୂତ୍ରରୁ ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି । ଗ୍ରାମବାସୀଙ୍କ ପକ୍ଷରୁ ଏତଦ୍‌ପାଇଁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିଲା । ଏପରିକି ବିଗତ ପଞ୍ଚାୟତ ନିର୍ବାଚନ ସମୟରେ ପ୍ରାର୍ଥୀମାନେ ପ୍ରତିଶ୍ରୁତି ଦେବା ସହ ପରେ ଭୁଲିଯାଉଥିଲେ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ମାତ୍ର ଗତ ନିର୍ବାଚନରେ ପରାଜିତ ସରପଂଚ ପ୍ରାର୍ଥୀ ସୁରଥ ଗ୍ରାମର ଉତ୍ସାହୀ ଯୁବକ ଅରବିନ୍ଦଙ୍କ ସହ ଯୋଗଦେଇ କ୍ଲବଘର ନିର୍ମାଣ କରିଛନ୍ତି । ଗ୍ରାମବାସୀମାନେ ଗ୍ରାମର ଆବଶ୍ୟକତା ପାଇଁ ଏକତ୍ର ହେବା ସୁଯୋଗ ପାଇପାରିବେ ବୋଲି ଆଶା ପ୍ରକାଶ ପାଇଛି । ଖୁବ ଶିଘ୍ର ଆନୁସଙ୍ଗୀକ କାର୍ଯ୍ୟ ସମାପ୍ତ କରାଯାଇ କ୍ଲବଘର କାର୍ଯ୍ୟକ୍ଷମ ହେବ ବୋଲି ଉଦ୍ୟୋକ୍ତାମାନେ ପ୍ରକାଶ କରିଛନ୍ତି ।

## ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମ୍ ଓ ବାଙ୍କୀ କଲେଜର ନିର୍ମାଣଧିନ କାର୍ଯ୍ୟ ଅନୁଧାନ କଲେ ବିଧାୟକ



ବାଙ୍କୀ,(ପିପିଏସ୍): ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଆଜି ଉଦ୍‌ଘାଟନ ଅପେକ୍ଷାରେ ଥିବା ନିର୍ମାଣଧିନ ବହୁ ପ୍ରତିକ୍ଷିତ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟର ଅନୁଧାନ କରିବା ସହ ଇନ୍‌ଡୋର୍ ହଲ୍‌ରେ ଥିବା ସୁବିଧା କେନ୍ଦ୍ର, ଯୋଗରୁମ୍, ବ୍ୟାୟମ୍ ଶାଳା ଓ ହଲ୍ ଆଦି ପରିଦର୍ଶନ କରିଥିଲେ । ବାଙ୍କୀ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବିନୟ ରଞ୍ଜନ ପଣ୍ଡା ବିଧାୟକ ଶ୍ରୀ ତ୍ରିପାଠୀଙ୍କୁ ଷ୍ଟାଡିୟମ୍ ନିର୍ମାଣ ସଂପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ । ଇନ୍‌ଡୋର୍ ଷ୍ଟାଡିୟମ୍ ବାହାର ପାର୍ଶ୍ୱ ପରିସର ମଧ୍ୟରେ ଏକ ରନିଙ୍ଗ୍ ଟ୍ରାକ୍ କରିବାକୁ ବିଧାୟକ ଶ୍ରୀ ତ୍ରିପାଠୀ କନିଷ୍ଠଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଉପନଗରପାଳ ସନ୍ତୋଷ କୁମାର ରଣା, ନଗରପାଳଙ୍କ ପ୍ରତିନିଧି ତଥା କାଉନସିଲର ସନାତନ ବେହେରା ଉପସ୍ଥିତ ଥିଲେ । ସେହିଭଳି ଆସନ୍ତା ୨୩ତାରିଖ ଗୁରୁବାର ଦିନ ରାଜ୍ୟ ଉଚ୍ଚଶିକ୍ଷା ରାଷ୍ଟ୍ରମନ୍ତ୍ରୀ ରୋହିତ ପୁଜାରୀଙ୍କ ଦ୍ୱାରା ବାଙ୍କୀ କଲେଜ ପରିସରରେ ଉଦ୍‌ଘାଟିତ ହେବାକୁ ଥିବା ୪ମହଲା ଏଲ୍.ଏନ୍.ମୋଦି ପୁରୁଷ ହଷ୍ଟେଲ୍ , ଏକାଡେମିକ୍ ବ୍ଲକ, ଆଡ୍‌ମିନ୍ ଷ୍ଟ୍ରେଟିଭ୍ ବ୍ଲକ, ଲାଇବ୍ରେରୀ ହଲ୍, ଷ୍ଟାଡିୟମ୍ ତଥା ସୁଇମିଙ୍ଗ୍‌ପୁଲ୍ ଅଞ୍ଚଳ ବୁଲି ଦେଖିଥିଲେ । ସୁଇମିଙ୍ଗ୍‌ପୁଲ୍‌ର ଅନ୍ୟାନ୍ୟ ଆନୁସାଙ୍ଗିକ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ କ୍ୟାପଟେନ୍ ଭବାନୀ ଶଙ୍କର ହୋତାଙ୍କୁ ବିଧାୟକ ଶ୍ରୀ ତ୍ରିପାଠୀ ପରାମର୍ଶ ଦେଇଥିଲେ । ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପରେ ଏହା ଛାତ୍ରଛାତ୍ରୀଙ୍କ ବ୍ୟବହାରରେ ଆସିବ । ସେହିପରି କଲେଜ ପଡିଆର ଉନ୍ନତିକରଣ ସହ ଗୋଟିଏ ନୂତନ ପ୍ରବେଶ ଦ୍ୱାର ସୁନ୍ଦର ଭାବରେ କରାଇବାକୁ ବିଧାୟକ ଶ୍ରୀ ତ୍ରିପାଠୀ ପରାମର୍ଶ ଦେଇଥିଲେ । ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବିନୟ ରଞ୍ଜନ ପଣ୍ଡା , ଅଧାପକ ନିରଞ୍ଜନ ମହାନ୍ତି, ଅଧାପକ ଶୈଳେନ୍ଦ୍ର ଦେଓ, ଉପନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ସନାତନ ବେହେରା, କାଉନସିଲର ଜାମିନିକାନ୍ତ ମହାପାତ୍ର, ପୂର୍ବତନ ଉପନଗରପାଳ ଭାଗୀରଥି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ସୂର୍ଯ୍ୟକୁମାରଙ୍କୁ ବ୍ୟାଟିଂ କ୍ରମରେ ନିମ୍ନ ଅର୍ଡରରେ ବ୍ୟାଟିଂ କରିବା ଉଚିତ୍:ଦିନେଶ କାର୍ତ୍ତିକ



ନୂଆଦିଲ୍ଲୀ(ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ମଧ୍ୟକ୍ରମ ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କ ଦିନିକିଆ ଅନ୍ତର୍ଜାତୀୟରେ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ଏ ପର୍ଯ୍ୟନ୍ତ ତାଙ୍କୁ ୨୨ ଦିନିକିଆ ମ୍ୟାଚ୍ ଖେଳିବାକୁ ସୁଯୋଗ ମିଳିଥିଲେ ହେଁ ତାଙ୍କର ଖରାପ ଫର୍ମ ଦଳ ପାଇଁ ବର୍ତ୍ତମାନ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଆଇସିସି ଟି-୨୦ ଅନ୍ତର୍ଜାତୀୟ ବ୍ୟାଟର ରାଙ୍କିଙ୍ଗରେ ଶୀର୍ଷରେ ଥିବା ସୂର୍ଯ୍ୟକୁମାର ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦୁଇଟି ଦିନିକିଆରେ ପ୍ରଥମ ବଲ୍‌ରେ ହିଁ ଆଉଟ୍ ହୋଇଛନ୍ତି। ୨୨ ଦିନିକିଆ ମ୍ୟାଚ୍‌ରେ ୨୦ଟି ଇନିଂସରେ ସୂର୍ଯ୍ୟକୁମାର ୨୫.୪୭ ହାରରେ ମାତ୍ର ୪୩୩ ରନ କରିଛନ୍ତି। ଏଥିରେ କେବଳ ଦୁଇଟି ଅର୍ଦ୍ଧଶତକ ସାମିଲ୍। ଦଳରେ ସୂର୍ଯ୍ୟକୁମାର ଯାଦବଙ୍କୁ କେମିତି ଉପଯୋଗ କରାଯାଇ ପାରିବ ସେ ନେଇ ଭାରତୀୟ ଦଳର ବରିଷ୍ଠ ୱିକେଟ୍ କିପର ବ୍ୟାଟର ଦିନେଶ କାର୍ତ୍ତିକ ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ ଏବଂ ଅଧିନାୟକ ରୋହିତ ଶର୍ମାଙ୍କୁ ଖାସ୍ ଉପଦେଶ ଦେଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆରେ ଭାରତର ୧୦ ୱିକେଟ୍ ପରାଜୟ ପରେ କ୍ରିକବଜ୍ ସହ ଆଲୋଚନା ବେଳେ ଦିନେଶ କାର୍ତ୍ତି କହିଛନ୍ତି, ଏହି ଧରଣର ବଲ୍‌ରେ ବି ସେ ଟି-୨୦ ମୁକାବିଲାରେ ଆଉଟ୍ ହୋଇଥାନ୍ତେ। ଏମିତି ନାହିଁ ଯେ ଦିନିକିଆ ମ୍ୟାଚ୍‌ରେ ସେ ଏମିତି ଆଉଟ୍ ହେଉଛନ୍ତି। ସେ ଯେ କୌଣସି ଫର୍ମାଟ୍ ହେଉନା କାହିଁକି ଏହା ଉଚ୍ଚକୋଟୀର ବୋଲିଂ ପ୍ରଦର୍ଶନ ଥିଲା। ସୂର୍ଯ୍ୟ ଲଗାତାର ଦୁଇଟି ଦିନିକିଆ ଖେଳିଥିଲେ ହେଁ ପୂର୍ବରୁ ଚୂଡାନ୍ତ ଏକାଦଶରେ ସାମିଲ୍ ହୋଇଛନ୍ତି ଏବଂ ବାଦ୍ ବି ପଡିଛନ୍ତି। କାରଣ ନମ୍ବର ୪ରେ ବ୍ୟାଟର ଭାବେ ଶ୍ରେୟସ ଆୟର ଦଳର ପ୍ରଥମ ପସନ୍ଦ। ଆଉ ସୂର୍ଯ୍ୟ ତାଙ୍କର ବ୍ୟାକ୍ ଅପ୍ ଖେଳାଳି ଭାବେ ଖେଳୁଛନ୍ତି। ଦିନେଶ କାର୍ତ୍ତିକ କହିଛନ୍ତି, ମୁଁ ଦିନିକିଆରେ ସୂର୍ଯ୍ୟକୁମାରଙ୍କୁ ବ୍ୟାଟିଂ କ୍ରମରେ ନିମ୍ନ ଅର୍ଡରରେ ବ୍ୟାଟିଂ କରିବାକୁ ଦେଖିବାକୁ ଚାହିଁବି। ମୋ ମତରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଉପର ଅର୍ଡରରେ ଅର୍ଥାତ ନମ୍ବର ୪ରେ ବ୍ୟାଟିଂ ପାଇଁ ପଠାଯିବା ଉଚିତ୍। କେଏଲ ରାହୁଲ ନମ୍ବର ୫ ଏବଂ ପୁଣି ସୂର୍ଯ୍ୟକୁମାର ଯାଦବଙ୍କୁ ନମ୍ବର ୬ରେ ପଠାଯାଇ ପାରିବ। କାରଣ ଯେବେ ଆପଣ ସୂର୍ଯ୍ୟକୁମାରଙ୍କୁ ୧୫-୧୮ ଓଭର ବୋଲିଂ କରିବାକୁ ଦେବେ ତେବେ ଆପଣ ଜାଣିଛନ୍ତି ସେ କିଭଳି ମ୍ୟାଚ୍ ପଲଟାଇ ଦିଅନ୍ତି। ଯଦି ଆପଣ ସୂର୍ଯ୍ୟଙ୍କୁ କମ୍ ଓଭର ବୋଲିଂ କରିବାକୁ ଦେବେ ସେ ଅଧିକ ବିପଦଜନକ ସାବ୍ୟସ୍ତ ହୋଇ ପାରନ୍ତି।

# ବାଙ୍କୀ କ୍ରୀଡା ସଂସଦ ପକ୍ଷରୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବାଙ୍କୀ କ୍ରୀଡା ସଂସଦ ୫୧ରନ୍‌ରେ ବିଜୟୀ



ବାଙ୍କୀ(ପିପିଏସ୍):ଆଜି ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ କଚେରୀ ପଡିଆ ଠାରେ ୨୨ତମ ଜିଲ୍ଲାସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଘାଟନ ଉତ୍ସବରେ ବାଙ୍କୀ କ୍ରୀଡାସଂସଦ ସଂପାଦକ ସନ୍ତୋଷ କୁମାର ରଣା, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ନଗରପାଳଙ୍କ ପ୍ରତିନିଧି ସନାତନ ବେହେରା, କ୍ରୀଡାବିତ୍ ପ୍ରଶାନ୍ତ ଦାସ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ମ୍ୟାଚ୍ ବାଙ୍କୀ କ୍ରୀଡାସଂସଦ ଓ ଝାରପଡା ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଙ୍କୀ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୮ଓଭରରେ ୪ଗୋଟି ୱିକେଟ୍ ହରାଇ ବାଙ୍କୀ ୨୬୪ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳତରଫରୁ ଆଲୋକ ବେହେରା ୪୬ଟି ବଲ୍‌ରୁ ୧୦୮ରନ୍ ସଂଗ୍ରହ କରିଥିବା ବେଳେ ସାଗର ବେହେରା ୩୯ଟି ବଲ୍‌ରୁ ୭୯ରନ୍ ସଂଗ୍ରହ କରିଥିଲେ। ଜବାବରେ ଝାରପଡା ଦଳ ୨୧୪ରନ୍ ସଂଗ୍ରହ କରିଥିଲେ। ଦଳତରଫରୁ ରାଜା ଜେନା ୩୭ବଲ୍‌ରେ ୬୪ ଓ ଜାମିକିକାନ୍ତ ନାୟକ ୩୩ବଲ୍‌ରୁ ୮୦ରନ୍ ସଂଗ୍ରହ କରିଥିଲେ। ବାଙ୍କୀ କ୍ରୀଡା ସଂସଦ ୫୧ରନ୍‌ରେ ବିଜୟୀ ହୋଇ ସେମିଫାଇନାଲ୍‌କୁ ଉନ୍ନିତ ହୋଇଛି। ବାଙ୍କୀର ଆଲୋକ ବେହେରା ଆଜିର ଖେଳରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ବସନ୍ତ ଦାସ ଓ ରାଜକିଶୋର ମହାପାତ୍ର ଖେଳ ପରିଚାଳନା କରିଥିଲେ। ଆସନ୍ତା କାଲିର ଖେଳ ମାଜେଷ୍ଟିକ୍ ଆଠଗଡ଼ ଓ ବିନ୍ଧାଣିମା ସହିତ ଖେଳ ଅନୁଷ୍ଠିତ ହେବ ବୋଲି କ୍ରିକେଟ ସଂପାଦକ ସତ୍ୟରଞ୍ଜନ ସାହୁ ପ୍ରକାଶ କରିଛନ୍ତି।

# ଟିମ୍ ଇଣ୍ଡିଆରେ ନାହାନ୍ତି କେହି ସେହ୍ୱାଗଙ୍କ ବିକଳ୍ପ



ନୂଆଦିଲ୍ଲୀ(ଏଜେନ୍ସି):ଅବସର ନେବାର ୯ ବର୍ଷ ପରେ ବି ବିରେନ୍ଦ୍ର ସେହ୍ୱାଗଙ୍କର କୌଣସି ବିକଳ୍ପ ଟିମ୍ ଇଣ୍ଡିଆ ପାଇ ପାରିନାହିଁ। ଆଜି ବି ତାଙ୍କର ବେଫରୁଆ ବ୍ୟାଟିଂର ପ୍ରଶଂସା କରାଯାଏ। ପୂର୍ବତନ ଇଣ୍ଡିଆନ ଓପନର ନିଜର ସତନ୍ତ୍ର , ଧୂଆଁଦାର ଓ ଭୟଶୂନ୍ୟ ମନୋଭାବରେ ଟେଷ୍ଟ କ୍ରିକେଟରେ କ୍ରାନ୍ତି ଆଣି ଦେଇ ଥିଲେ , ଯେବେ କି ବେସ୍‌ବଲ ଭଳି କୌଣସି ଶବ୍ଦ ମଧ ବିଶ୍ୱ କ୍ରିକେଟରେ ଜଣାନଥିଲା। ଭୀରୁ ଟେଷ୍ଟ କ୍ରିକେଟରେ ଅନେକ ସ୍ମରଣୀୟ ଇଂନିସ ଖେଳିଛନ୍ତି । ୨ଟି ତ୍ରିପଲ ଶତକ, ଅନେକ ଡବଲ ଶତକ ସହ ତାଙ୍କର ଖେଳର ଅନ୍ଦାଜ ହିଁ ଅଲଗା ପ୍ରକାରର ଥିଲା । ଆଜି ବି ଯେବେ କେହି ଯୁବ ବ୍ୟାଟ୍ସମ୍ୟାନ ବିସ୍ଫୋରକ ବ୍ୟାଟିଂ କରିଥାନ୍ତି, ତାଙ୍କର ତୁଳନା ସେହ୍ୱାଗଙ୍କ ସହ କରାଯାଏ । ମଝି ମଝିରେ କେହି ନା କେହି ପୂର୍ବତନ କ୍ରିକେଟର ହି ରିମାଇଣ୍ଡସ ମି ଅଫ୍ ସେହ୍ୱାଗ କଥା କହିଥାନ୍ତି। ବର୍ତ୍ତମାନ ଭାରତୀୟ କ୍ରିକେଟରଙ୍କ ମଧ୍ୟରେ ଦୁଇ ଜଣ ପ୍ଲେୟାର ଅର୍ଥାତ୍ ପୃଥ୍ୱୀ ଶ ଓ ଋଷଭ ପନ୍ତଙ୍କର ହିଁ ସବୁଠୁ ଅଧିକ ସେହ୍ୱାଗଙ୍କ ସହ ତୁଳନା କରାଯାଏ । ହେଲେ ସେହ୍ୱାଗଙ୍କ ମତରେ ବର୍ତ୍ତମାନ ସମୟରେ ଭାରତୀୟ ସେଟ୍-ଅପ୍‌ରେ କେହି ବି ପ୍ଲେୟାର ଏମିତି ନାହାନ୍ତି , ଯାହାର ବ୍ୟାଟିଂ ଷ୍ଟାଇଲ୍ ତାଙ୍କ ପରି ହୋଇଥାଏ । ନ୍ୟୁଜ୍ ୧୮ ର ଏକ କାର୍ଯ୍ୟକ୍ରମରେ ସେହ୍ୱାଗ କହିଛନ୍ତି , ମୁଁ ଯେତେବେଳେ ଟେନିସ୍ ବଲ୍ କ୍ରିକେଟ ଖେଳୁଥିଲି , ମୋର ସେତେବେଳେ ମାନସିକତା ଥିଲା କେବଳ ବାଉଣ୍ଡରୀ ମାରି ରନ୍ କରିବି , ଆଉ ତାହା କରୁଥିଲି । ମୁଁ ଅନ୍ତରାଷ୍ଟ୍ରୀୟ କ୍ରିକେଟରେ ଗୋଟିଏ ହିଁ ଟେମ୍ପଲେଟ୍ ସହ ଖେଳୁଥିଲି ଏବଂ ଗଣତି କରୁଥିଲି କି ମୁଁ ଶତକ କରିବାକୁ କେତୋଟି ବାଉଣ୍ଡରୀ ମାରିଛି ବା ଆବଶ୍ୟକ ହୋଇଛି। ଯଦି ମୁଁ ୯୦ ରେ ଅଛି ଓ ଶତକ କରିବାକୁ ୧୦ଟି ବଲ୍ ନେଉଛି ତ ବିପକ୍ଷ ଦଳ ପାଖରେ ମୋକେ ଆଉଟ୍ କରିବାକୁ ୧୦ ଟି ବଲ୍ ଥାଏ , ଏହି କାରଣରୁ ମୁଁ ବାଉଣ୍ଡରୀ ମାରୁଥିଲି ଏବଂ ମୋତେ ତ୍ରିପଲ ଫିଗର-ମାର୍କ ଯାଏ ପହଞ୍ଚିବାରେ ରୋକିବାକୁ ତାଙ୍କୁ କେବଳ ଦୁଇଟି ବଲ ଦେଉଥିଲି।

# ଚମକ ହରାଉଛନ୍ତି ମିଷ୍ଟର ୩୬୦ ସୂର୍ଯ୍ୟ କୁମାର ଯାଦବ



ମୁମ୍ବାଇ(ଏଜେନ୍ସି): ଆସୁନି ସୂର୍ଯ୍ୟଙ୍କ ଚମକ । ଲଗାତର ଭାବେ ଫେଲ୍ ମାରୁଛି ମିଷ୍ଟର ୩୬୦ଙ୍କ ବ୍ୟାଟ । ଏକଦା ଟି-୨୦ ଗର୍ଜୁଥିବା ସୂର୍ଯ୍ୟଙ୍କ ବ୍ୟାଟ୍, ଏବେ ଦିନିକିଆରେ ଶାନ୍ତ ପଡିଛି । ଅଷ୍ଟ୍ରେଲିଆ ବିପକ୍ଷ ଶେଷ ଦୁଇଟି ଦିନିକିଆରେ ବିନା ଖାତା ଖୋଲି ପ୍ୟାଭିଲୟନ୍ ଫେରୁଛନ୍ତି । ସମାନ ବୋଲର ଏବଂ ସମାନ ଷ୍ଟାଇଲ୍ରେ ଆଉଟ୍ ହେଉଛନ୍ତି । ୩୨ ବର୍ଷୀୟ ସୂର୍ଯ୍ୟ ବଙ୍କୁ ଦିନିକିଆ କ୍ରିକେଟ୍ରେ କମ୍ ସୁଯୋଗ ମିଳୁଛି । ତଥାପି ସେ ସେହି ସୁଯୋଗର ଫାଇଦା ଉଠାଇପାରୁନାହାନ୍ତି । ସୂର୍ଯ୍ୟକୁମାର ଯାଦବ ଏବେ ୨୦ଟି ପାଳିରେ ୨୫.୪୭ ପ୍ରତିଶତରେ ୪୩୩ ରନ୍ କରିଛନ୍ତି । ଏହି ସମୟରେ ତାଙ୍କ ବ୍ୟାଟରୁ ଦୁଇଟି ଅର୍ଦ୍ଧଶତକ ବାହାରିଛି । ତେବେ ଶେଷ ୧୪ଟି ପାଳିରେ ସୂର୍ଯ୍ୟକୁମାର ଯାଦବ ଗୋଟିଏ ବି ଅର୍ଦ୍ଧଶତକ ମାରିନାହାନ୍ତି । ଏହି ସମୟରେ ମଧ୍ୟରେ ସେ କେବଳ ପାଞ୍ଚ ଥର ବ୍ୟକ୍ତିଗତ ଭାବେ ଦୁଇ ଅଙ୍କର ସ୍କୋର କରିପାରିଛନ୍ତି । ଏହା ତାଙ୍କ ଦିନିକିଆ କ୍ରିକେଟ୍‌ର ସବୁଠାରୁ ଖରାପ ସମୟ ବୋଲି କୁହାଯାଉଛି । ସୂର୍ଯ୍ୟ ୧୮ ଜୁଲାଇ ୨୦୨୧ରେ ଶ୍ରୀଲଙ୍କ ବିପକ୍ଷରେ ଦିନିକିଆ କ୍ରିକେଟ୍‌ରେ ଡେବ୍ୟୁ କରିଥିଲେ । ପ୍ରଥମ ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବ ମାତ୍ର ୩୧ ରନ୍ ହିଁ କରିଥିଲେ । ଏହାପରେ ଶ୍ରୀଲଙ୍କା ବିପକ୍ଷ ୨ୟ ଦିନିକିଆରେ ଏକ ଅର୍ଦ୍ଧଶତକ କରିଥିଲେ । ସେତେବେଳେ ଏମିତି ଲାଗୁଥିବା କି ଟିମ୍ ଇଣ୍ଡିଆର ମିଡିଲ୍ ଅର୍ଡର ଏକ ମଜ୍‌ବୁତ୍ ଖେଳାଳି ଭାବେ ବାହାରିବେ । କିନ୍ତୁ ୯ ଫେବୃଆରୀ ୨୦୨୨ରେ ୱେଷ୍ଟଇଣ୍ଡିଜ୍‌ବିରୋଧରେ ୬୪ ରନ୍ ପାରି ଖେଳିବା ପରଠାରୁ ହିଁ ଫର୍ମ ହରାଇଛନ୍ତି ସୂର୍ଯ୍ୟକୁମାର ଯାଦବ । ଶ୍ରେୟସ ଆୟରଙ୍କ ଅନୁପସ୍ଥିତିରେ ସୂର୍ଯ୍ୟକୁମାରଙ୍କ ପାଖରେ ଭଲ ସୁଯୋଗ ଥିଲା ଟିମ୍‌ରେ ନିଜ ସ୍ଥାନ ପକ୍କା କରିବାକୁ । କିନ୍ତୁ ସୂର୍ଯ୍ୟକୁମାର ଯାଦବ ଯେଉଁଭଳି ବ୍ୟାଟିଂ ଶୈଳୀରେ ଖେଳୁଛନ୍ତି । ତାହା ଆଗାମୀ ଦିନରେ ତାଙ୍କୁ ଭାରି ପଡିପାରେ । ଏପିରିକି ଆଗାମୀ ଦିନିକିଆ ବିଶ୍ୱକପ୍‌ରେ ଟିମ୍ ସଦସ୍ୟ ହେବା ବହୁ କଷ୍ଟକର ହୋଇପଡିବ ।

# ଅଧିନାୟକ ପଦରୁ ଇସ୍ତଫା ଦେଲେ ଶ୍ରୀଲଙ୍କାର ଦିମୁଥ କରୁଣାରତ୍ନେ

ନୂଆଦିଲ୍ଲୀ(ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଶୋଚନୀୟ ପରାଜୟ ବରଣ କରିଛି ଟିମ ଇଣ୍ଡିଆ । ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା ମଧ୍ୟରେ ଟେଷ୍ଟ ସିରିଜ ଶେଷ ହୋଇଛି । ଏପଟେ ଭାରତ ଏବଂ ସେପଟେ ଶ୍ରୀଲଙ୍କା ଉଭୟଙ୍କୁ ଶେଷ ମ୍ୟାଚରେ ପରାଜୟର ସ୍ୱାଦ ଚାଖିବାକୁ ପଡିଛି । ତେବେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟକୁ ପାଳି ଏବଂ ୫୮ ରନରେ ବିଜୟୀ ହୋଇଛି । ଏହା ସହିତ ସିରିଜକୁ ୨-୦ରେ କ୍ଲିନ ସ୍ୱିପ କରି ନେଇଛି ନ୍ୟୁଜିଲାଣ୍ଡ । ତେବେ ଏହି ଶୋଚନୀୟ ପରାଜୟ ପରେ ଅଧିନାୟକ ନେଇଛନ୍ତି ଏକ ବଡ ନିଷ୍ପତ୍ତି । ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ହାରିବା ପରେ ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି ଶ୍ରୀଲଙ୍କାର ଦିମୁଥ କରୁଣାରତ୍ନେ । ଆସନ୍ତା ଆୟରଲାଣ୍ଡ ସିରିଜ ପରେ ଟେଷ୍ଟ ଅଧିନାୟକ ପଦରୁ ଇସ୍ତଫା ଦେବେ ବୋଲି ଦଳର ଚୟନକର୍ତ୍ତାଙ୍କୁ ସେ ସୂଚନା ଦେଇଛନ୍ତି । ତେଣୁ ଆଗାମୀ ବିଶ୍ୱ ଟେଷ୍ଟ ଚମ୍ପିଆନସିପ ସାଇକେଲ ପାଇଁ ନୂଆ ଅଧିନାୟକ ନିଯୁକ୍ତ କରିବା ପାଇଁ କହିଛନ୍ତି କରୁଣାରତ୍ନେ । ଏହା ସହିତ ସେ କହିଛନ୍ତି ଯେ, ମୋ ବିଚାର ଅନୁସାରେ, ଶ୍ରୀଲଙ୍କାକୁ ଯଦି କୌଣସି ନୂଆ ଅଧିନାୟକ ମିଳିଲେ ଆସନ୍ତା ବିଶ୍ୱ ଟେଷ୍ଟ ଚମ୍ପିଆନସିପ ପାଇଁ ଏହା ଭଲ ହେବ । ତେବେ ଶେଷ ଟେଷ୍ଟ ମ୍ୟାଚରେ ଫଲୋ ଅନ୍ ପରେ ଶ୍ରୀଲଙ୍କା ୪୧୬ ରନ୍ ପଛରେ ରହିଥିଲା । ବିଜୟ ଶ୍ରୀଲଙ୍କାଠାରୁ ଖୁବ ଦୂରରେ ତିବା ଅନୁମାନ କରାଯାଉଥିଲା । କିନ୍ତୁ ସକାଳର ସେଶନ ଆରମ୍ଭ ହେବା ପରେ ମ୍ୟାଚ ବଞ୍ଚାଇବା ଆଶା ଅଧାରେ ରହିଯାଇଛି । ୪ ଜଣ କ୍ରିକେଟରଙ୍କ ଅର୍ଦ୍ଧଶତକ ପରେ ମଧ ଶ୍ରୀଲଙ୍କା ନିଜ ଲକ୍ଷ୍ୟରୁ ୫୮ ରନ୍ ପଛରେ ରହି ଯାଇଛି । ଏହାସହିତ ମ୍ୟାଚକୁ ପାଳି ସହ ୫୮ ରନରେ ପରାସ୍ତ ହୋଇଛି ଶ୍ରୀଲଙ୍କା ।

# ରିପୋର୍ଟସ ମୁହଁ ତୋଡ଼ ଜବାବ ଦେଲେ ସୁରେଶ ରାଇନା



ମୁମ୍ବାଇ(ଏଜେନ୍ସି) : ଟିମ୍ ଇଣ୍ଡିଆ ପୂର୍ବତନ ବ୍ୟାଟର ସାମ୍ବାଦିକଙ୍କ ଏକ ପ୍ରଶ୍ନରେ ମଜାକିଆ ଭାବେ ଉତ୍ତର ଦେଇଛନ୍ତି । ଯାହାକୁ ଶୁଣି ପ୍ରେସ୍‌ମିଟ୍‌ରେ ଉପସ୍ଥିତ ଥିବା ସମସ୍ତେ ହସିବାକୁ ଲାଗିଥିଲେ । ଯାହାର ଭିଡିଓ ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି । ଟିମ୍ ଇଣ୍ଡିଆର ମିଡିଲ୍ ଅର୍ଡର ବ୍ୟାଟସମ୍ୟାନ୍ ସୁରେଶ ରାଇନା ଏବେ ଲିଜେଣ୍ଡସ୍ କ୍ରିକେଟ୍ ଲିଗ୍ ଖେଳୁଛନ୍ତି । କତାରର ଦୋହାରେ ଚାଲିଛି ଏହି ଟୁର୍ଣ୍ଣାମେଣ୍ଟ । ଏଥିରେ ବିଶ୍ୱର ଅନେକ ଖେଳାଳି ଭାଗ ନେଉଛନ୍ତି । ଟୁର୍ଣ୍ଣାମେଣ୍ଟରେ ରାଇନା ଜବରଦସ୍ତ ଫର୍ମରେ ଅଛନ୍ତି । କିଛି ମ୍ୟାଚ୍‌ରେ ନିଜର ବ୍ୟାଟିଂ ଜରିଆରେ ବିରୋଧୀ ଟିମ୍‌ର ନିଦ ହଜାଇ ଦେଇଛନ୍ତି ରାଇନା । ତା ସାଙ୍ଗକୁ ତାଙ୍କର ଚମତ୍କାର ଫିଲ୍ଡିଂ । ଯାହାକି ଟିମ୍‌କୁ ଅନେକ ପରିମାଣରେ ସହାୟତା ହେଉଛି । ଦୋହାରେ ଖେଳାଯାଉଥିବା ଟି-୨୦ ଲିଗ୍‌ରେ ରାଇନା ବିଶ୍ୱ ଜାଏଣ୍ଟସ ବିରୋଧରେ ଜବରଦସ୍ତ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି । ସୁରେଶ ରାଇନାଙ୍କ ୪୯ ରନ୍‌ର ପାରିରେ ୨ଟି ଚୌକା ଓ ୩ଟି ଛକ୍କା ରହିଛି । ଏହାପରେ ବି ଇଣ୍ଡିଆ ମହାରାଜାକୁ ୩ ୱିକେଟ୍‌ରେ ପରାସ୍ତ ହେବାକୁ ପଡିଥିଲା । ମ୍ୟାଚ୍ ପରେ ଆୟୋଜିତ ପ୍ରେସ୍‌ମିଟ୍ ସୁରେଶ ରାଇନାଙ୍କୁ ସାମ୍ବାଦିକମାନେ ଏକ ମଜାକିଆ ପ୍ରଶ୍ନ ପଚାରିଥିଲେ । ରିପୋର୍ଟସ କହିଥିଲେ କି, ଆପଣ ତ ଏବେ ଚମତ୍କାର ଫର୍ମରେ ଅଛନ୍ତି । ତେଣୁ ଆଇପିଏଲ୍‌କୁ ରିଟର୍ଣ୍ଣ କରିପାରିବେ କି ? ଏହାର ଉତ୍ତର ଦେଇ ରାଇନା କହିଥିଲେ କି, ମୁଁ ସୁରେଶ ରାଇନା.. ସାହିଦ ଆଫ୍ରିଦି ନୁହେଁ । ମୁଁ କ୍ରିକେଟ୍‌ର ସମସ୍ତ ଫର୍ମାଟରୁ ଅବସର ନେଇସାରିଛି । ତେଣୁ ମୁଁ ଆଉ କଣ ଖେଳିପାରିବି ଯାହାକୁ ନେଇ ଉପସ୍ଥିତ ଥିବା ସାମ୍ବାଦିକମାନେ ହସିବାକୁ ଲାଗିଥିଲେ ।

# ୭ ଓଭର ବୋଲିଂ, ୭ ଓଭର ମେଡେନ୍ ଆଉ ୭ ୱିକେଟ୍ ନେଲେ ସୁନୀଲ



ନୂଆଦିଲ୍ଲୀ(ଏଜେନ୍ସି): ୭ ଓଭର ବୋଲିଂ, ୭ ଓଭର ମେଡେନ୍ ଆଉ ୭ ୱିକେଟ୍ । କ୍ରିକେଟ୍ ହେଉଛି ଅନିଶ୍ଚିତତାର ଖେଳ । କ୍ରିକେଟ୍‌ରେ ଅସମ୍ଭବ ବି ସମ୍ଭବ ହୋଇପାରେ । ଏହା କ୍ରିକେଟ୍ ପ୍ରେମୀଙ୍କୁ ବେଶ୍ ଜଣା। କିନ୍ତୁ ଜଣେ ବୋଲର ଏଭଳି କିଛି କାରନାମା କରି ଦେଖାଇବେ ତାହା କଳ୍ପନା ବାହାରେ । ଅବଶ୍ୟ ବୋଲର ବି ବିଶ୍ୱ କ୍ରିକେଟରେ ଜଣେ ପରିଚିତ ନାଁ । ସେ ଆଗରୁ ଏଭଳି ଅନେକ କାରନାମା କରି ଦେଖାଇଛନ୍ତି । ଯାହାକି କ୍ରିକେଟର ସର୍ଣ୍ଣିମ ଅଧ୍ୟାୟରେ ଲିପିବଦ୍ଧ ହୋଇ ରହିଛି । ଆମେ କହୁଛୁ ୱେଷ୍ଟଇଣ୍ଡିଜର ଷ୍ଟାର ସ୍ପିନର ସୁନୀଲ ନାରିନଙ୍କ କଥା । ଇଣ୍ଡିଆନ୍ ପ୍ରିମିୟର ଲିଗ୍ ହେଉ କିମ୍ବା ଅନ୍ତର୍ଜାତୀୟ କ୍ରିକେଟ ସବୁଥିରେ ପ୍ରଭାବ ବିସ୍ତାର କରିଛନ୍ତି ସୁନୀଲ ନାରିନ । ଆଇପିଏଲ୍ ଇତିହାସରେ ସବୁଠାରୁ ସଫଳ ବୋଲର ହେଉଛନ୍ତି ନାରିନ । ଏବେ ପୁଣି ଏକ ବିରଳ କାରନାମା କରି ଦେଖାଇଛନ୍ତି । ସ୍ଥାନୀୟ ଏକ ଲିଗ୍ ମ୍ୟାଚ୍‌ରେ ସେ ୭ ଓଭର ବୋଲିଂ କରିଥିବା ବେଳେ ୭ ଓଭର ଯାକ ମେଡେନ୍ ହୋଇଛି । କେବଳ ସେତିକି ନୁହେଁ ୭ ଓଭରରେ ନାରିନ୍ ୭ଟି ୱିକେଟ୍ ବି ନେଇଛନ୍ତି । ୱେଷ୍ଟଇଣ୍ଡିଜରେ ଖେଳାଯାଇଥିବା ଏକ ଟୁର୍ଣ୍ଣାମେଣ୍ଟରେ ସୁନୀଲ ନାରିନ୍ ଏହି ରେକର୍ଡ କରିଛନ୍ତି । କୁଇନ୍ସ ପାର୍କ କ୍ଲବ୍ ପକ୍ଷରୁ ଖେଳୁଥିବା ନାରିନ୍ କ୍ଲାର୍କ ରୋଡ୍ ୟୁନାଇଟେଡ୍ ବିପକ୍ଷରେ ଏହି ରେକର୍ଡ କରିଛନ୍ତି । ନାରିନଙ୍କ ଘାତକ ବୋଲିଂ ବଳରେ ବିପକ୍ଷ ଦଳ ମାତ୍ର ୭୬ ରନ୍‌ରେ ହିଁ ଅଲଆଉଟ୍ ହୋଇଯାଇଥିଲା । କୁଇନ୍ସ ପାର୍କ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୩ ୱିକେଟ୍ ହରାଇ ସଂଗ୍ରହ କରିଥିଲା ୨୬୮ ରନ୍ । ଜବାବର ପ୍ରତିପକ୍ଷ କ୍ଲାର୍କ ରୋଡ୍ ଟିମ୍ ୭୬ ରନରେ ଅଲଆଉଟ୍ ହୋଇଯିବାରୁ ନାରିନଙ୍କ ଟିମ୍ ୧୯୨ ରନରେ ଜିତିନେଇଥିଲା । ସୁନୀଲ ନାରିନଙ୍କ ଆଇପିଏଲ୍ କ୍ୟାରିୟର ଦମଦାର ରହିଛି । ସେ ବର୍ତ୍ତମାନ ସୁଦ୍ଧା ମୋଟ ୧୪୮ଟି ମ୍ୟାଚ୍ ଖେଳିଥିବା ବେଳେ ୧୫୨ଟି ୱିକେଟ ନେଇଛନ୍ତି । ଯେଉଁଥିରେ ସେ ୭ ଥର ୪ଟି ୱିକେଟ ନେଇଥିବା ବେଳେ ଥରେ ୫ ୱିକେଟ ନେଇଛନ୍ତି । ଅନ୍ତର୍ଜାତୀୟ କ୍ରିକେଟରେ ସେ ୬୫ ଦିନିକିଆରୁ ୯୨ ୱିକେଟ୍, ୫୧ ଟ୍ୱେଣ୍ଟି ଟ୍ୱେଣ୍ଟି ମ୍ୟାଚ୍ ଖେଳି ୫୨ ୱିକେଟ ଓ ୬ଟି ଟେଷ୍ଟ ମ୍ୟାଚ୍ ଖେଳି ୨୧ଟି ୱିକେଟ ନେଇଛନ୍ତି ।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧୯ମାର୍ଚ୍ଚ-୨୫ ମାର୍ଚ୍ଚ ୨୦୨୩




ଷଡ଼ଯନ୍ତ୍ର !

ପ୍ରାଚୀନକାଳ ରୁ ଇତିହାସ ରେ ବହୁ ଷଡଯନ୍ତ୍ର କଥା ଉଲ୍ଲେଖ ରହିଛି ।କିଏ ରାଜ୍ୟ ପାଇଁ ତ କିଏ ସମ୍ପତ୍ତି ପାଇଁ ତ କିଏ କ୍ଷମତା ପାଇଁ ତ କିଏ ନିଜ ପ୍ରେମକୁ ହାସଲ ପାଇଁ ବିଭିନ୍ନ ପ୍ରକାର କୁଟିଳ ବୁଦ୍ଧି ରେ ଷଡଯନ୍ତ୍ର କରି ନିଜ କାର୍ଯ୍ୟ ହାସଲ କରିଥିବା ନଜିର ଅଛି ।ବର୍ତ୍ତମାନ ସମୟରେ ଓଡିଶାରେ ନିକଟ ଅତୀତ ରେ ହୋଇଥିବା ଷଡଯନ୍ତ୍ର ହତ୍ୟାକାଣ୍ଡ ସର୍ବତ୍ର ଲୋକମୁଖ ରେ ଆଲୋଚ୍ୟ ।ରାଜ୍ୟରେ ବହୁ ଚର୍ଚ୍ଚିତ ପୂର୍ବତନ କ୍ୟାବିନେଟର ସାସ୍ଥ୍ୟ ମନ୍ତ୍ରୀ ନବ ଦାସ ଜାନୁଆରୀ ୨୯ତାରିଖରେ ଜଣେ ଏଏସଆଇ ଦିନ ଦ୍ୱିପହରେ ବିଜୁ ଜନତା ଦଳ କର୍ମୀ ଙ୍କ ଆଗରେ ଗୁଳି କରି ମାରିଦେବା ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର ବିଷୟ। କାହା ବଳରେ ଗୋପାଳ ପୂର୍ବତନ ସାସ୍ଥ୍ୟ ମନ୍ତ୍ରୀ ଙ୍କୁ ଗୁଳି କରି ମାରିଲା ଆଉ ଏତେ ସାହସ ପାଇଲା କେଉଁଠୁ ? ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ସାଧାରଣତଃ ଯିଏ ଯାହାକୁ ଗୁଳି କରେ ବା କୌଣସି ମରଣା ଅସ୍ତ୍ର ରେ କାହାକୁ ମାରିଦେଇଥାଏ ସେ ଘଟଣା ସ୍ଥାନରୁ ଫେରାର ହୋଇଯାଇ ଲୁଚିଯିବା କଥା ମାତ୍ର ଗୋପାଳ କ୍ଷେତ୍ରରେ ସେଇଆ ହେଲାନାହିଁ। ନବବାବୁଙ୍କୁ ମାରିଲା ପରେ ବି ତାର କୌଣସି ପଶ୍ଚାତାପ ନାହିଁ ବରଂ ସେ ହସୁଛି। ଏହା ବାସ୍ତବିକ ଇତିହାସରେ ପ୍ରଥମ ଆଶ୍ଚର୍ଯ୍ୟର ଘଟଣା।

**ଜାତୀୟ:** ଘଣ୍ଟା ବିକି ଫସିଲେ ଇମ୍ରାନ

**ସ୍ୱତନ୍ତ୍ର ପ୍ରସଙ୍ଗ:** ଅଡୁଆରେ କେ. କବିତା

**ନାରୀ:** ତ୍ୱଚାରୁ ଦାଗ ଦୂର କରେ ମହୁ

**କ୍ଷୁଦ୍ରଗଳ୍ପ:** ସଞ୍ଜ ବଳିତା

**ଚଳଚ୍ଚିତ୍ର:** ପୁଣିଥରେ ଚର୍ଚ୍ଚାକୁ ଆସିଲେ ଉର୍ଫି,ଆସୁଛି ଫିଲ୍ମ 'ଇଣ୍ଡିଆନ୍-୨',କାର କିଣିଲେ ଅଭିନେତ୍ରୀ ନୀତୁ କପୁର,କରଣଙ୍କ ଉପରେ ରାଗିଲେ କରୀନା-ରଣବୀର,'ପୁଷ୍ପା-୨'ରେ ଅଭିନୟ କରିବେ ସାଇ ପଲ୍ଲଭୀ,ପୁଣି ବିବାହ କଲେ ଅଭିନେତା ନରେଶ ବାବୁ ,ଅଲଗା ହେବେ ଭାବୀ ଅଙ୍ଗୁରୀ,ପରଲୋକରେ ବରିଷ୍ଠ ଫିଲ୍ମ ଅଭିନେତା ତଥା ନିର୍ଦ୍ଦେଶକ ସତୀଶ କୌଶିକ

**ଖେଳ:** ବିଳମ୍ବରେ ଆଇପିଏଲ୍‌ରେ ଯୋଗଦେବେ ଦକ୍ଷିଣ ଆଫ୍ରିକା ଖେଳାଳି,ଦ୍ୱିତୀୟ ଥର ବାପା ହେଲେ ଦ୍ରୁତ ବୋଲର ଉମେଶ ଯାଦବ,ଆମିରଙ୍କୁ ଚିହ୍ନି ପାରିଲେ ନାହିଁ ଗାଙ୍ଗୁଲିଙ୍କ ସିକ୍ୟୁରିଟି ଗାର୍ଡ,ସରିଲା ସାନିଆଙ୍କ ଟେନିସ୍ ଯାତ୍ରା,ବ୍ୟାଟ୍ସମ୍ୟାନ୍ ଜୋ ରୁଟ୍ ପ୍ରଥମ ଥର ପାଇଁ ଆଇପିଏଲ୍ ୨୦୨୩ ସିଜନରେ ସାମିଲ ହେଲେ,ହୋଟେଲରୁ ବରିଷ୍ଠ କ୍ରୀଡ଼ା ସାମ୍ବାଦିକଙ୍କ ମୃତ ଦେହ ଉଦ୍ଧାର,ଅଷ୍ଟ୍ରେଲିଆ ଟେଷ୍ଟ ଟିମ୍‌ର ଅଧିନାୟକ ପାଟ କମିନ୍ସଙ୍କ ମା'ଙ୍କ ଦେହାନ୍ତ ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ଡାକୋଟାର ଡାୟନସୋର, ଭୁବନେଶ୍ୱରର ଡାକୋଟା"

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ



ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583